# ବତିଘର

— ଜୁଲେ ଭାର୍ଣ୍ଣେ —

✵

ଅନୁବାଦ

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

[ ଅନ୍ତର୍ଜାତିକ ସାହିତ୍ୟ ସଂସଦର ସଦସ୍ୟ ]

✵

ପ୍ରକାଶକ

ପ୍ରଗତି ସାହିତ୍ୟ ମନ୍ଦିର—କଟକ—୧

—ପ୍ରଥମ ପ୍ରକାଶକ—
ଡେସେମ୍ବର, ୧୯୫୭

✱

—ପ୍ରକାଶକ—
ଶ୍ରୀ ଚନ୍ଦ୍ରମଣି ଦାସ,
ପ୍ରଗତି ସାହିତ୍ୟ ମନ୍ଦିର,
ଦେଉଳ ସାହି,
କଟକ—୧

✱

ମୂଲ୍ୟ ଟ୨୳

✱

—ମୁଦ୍ରାକର—
ଶ୍ରୀ ଚନ୍ଦ୍ରମଣି ଦାସ,
ପ୍ରଗତି ପ୍ରେସ,
କଟକ—୧

ଉପହାର



ଶ୍ରୀ ____________________________________

____________________________________

ପୂଜନୀୟ

ଶ୍ରୀଯୁକ୍ତ ଭାସ୍କରଚନ୍ଦ୍ର ମହାନ୍ତଙ୍କ

# ଆଭାସ

ଯେଉଁ କତିପୟ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ କୃତୀ ସାହିତ୍ୟିକ ପାଠକଙ୍କୁ ମନ-ପବନ ଘୋଡ଼ାରେ ବସାଇ କଳ୍ପଲୋକଙ୍କୁ ଘେନି ଯାଆନ୍ତି, ଅସାଧାରଣ ପ୍ରତିଭାଶାଳୀ ସିଦ୍ଧହସ୍ତ କଳ୍ପନାବିଳାସୀ ଜୁଲେ ଭାର୍ଣ୍ଣେ ହେଉଛନ୍ତି ସେମାନଙ୍କ ଭିତରେ ଅଗ୍ରଣୀ । ତାଙ୍କର ଅଧିକାଂଶ ଗ୍ରନ୍ଥ ଅମୂଳଚୂଳ ଅଭୂତପୂର୍ବ ରୋମାଞ୍ଚକର ଦୁଃସାହାସିକ ଓ ରହସ୍ୟ-ମୟ ଅଭିଯାନମୂଳକ ସରସ କଥାବସ୍ତୁରେ ପରିପୂର୍ଣ୍ଣ । ତାଙ୍କ ରଚିତ ସର୍ବଜନାଦୃତ ଉପନ୍ୟାସଗୁଡ଼ିକ ଭିତରୁ 'ଅଶୀ ଦିନରେ ପୃଥିବୀ ପର୍ଯ୍ୟଟନ', 'ବେଲୁନରେ ପାଞ୍ଚ ସପ୍ତାହ', 'ଭୂଲୋକରୁ ଚନ୍ଦ୍ରାଲୋକ ଯାତ୍ରା', 'ଅତଳ ସାଗର ତଳେ', 'ବତିଘର', ପ୍ରଭୃତି ବିଶ୍ୱ-ସାହିତ୍ୟରେ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଅମୂଲ୍ୟ ରତ୍ନ ବୋଲି କହିଲେ ତିଳେ ମାତ୍ର ଅତ୍ୟୁକ୍ତି ହେବ ନାହିଁ । ତନ୍ମଧ୍ୟରୁ 'ବତିଘର' ( ଦି ଲାଇଟ୍ ହାଉସ ଆଟ୍ ଦି ଏଣ୍ଡ ଅଫ ଦି ୱାର୍ଲ୍ଡ'ର ଅନୁବାଦ ) ପୁସ୍ତକଟି ସଂକ୍ଷିପ୍ତାକାରରେ ଓଡ଼ିଆ ଭାଷାରେ ଆଜି ପରିବେଷିତ ହେଲା । ଆମର ଦୃଢ଼ ଆଶା ଓ ବିଶ୍ୱାସ, ଏହି ଅସୀମ ସାହସିକ କୌତୂହଳପ୍ରଦ କାହାଣୀଟି ଉତ୍କଳର ଜାତୀୟ ସାହିତ୍ୟକୁ ସମୃଦ୍ଧ ଓ ବିକାଶିତ କରିବାରେ ନିଶ୍ଚୟ ସହାୟକ ହେବ । ତାଙ୍କର ଅନ୍ୟ ବିଖ୍ୟାତ କୃତୀଗୁଡ଼ିକ କ୍ରମେ କ୍ରମେ ଆଲୋକକୁ ଆଣିବାର ବାସନା ରଖି ରହିଲୁ । ଏହାର ପ୍ରଚାର ତଥା ପ୍ରସାର ଉପରେ ଭବିଷ୍ୟତ ଯୋଜନା ଏକାନ୍ତ ନିର୍ଭର କରେ ।

**ପ୍ରକାଶକ**

ଜୁଲି
୧ ୯ର ୨ର

## କଥାକାର ଲକ୍ଷ୍ମୀନାରାୟଣଙ୍କର
## ସୁପାଠ୍ୟ ଅପୂର୍ବ-ଗ୍ରନ୍ଥରାଜି

---

ଅଙ୍କୁର

ସଙ୍ଗମ

ଜବାବ

ପତିତା

ବାତୋୟାଲ୍

ନଗ୍ନ ସତ୍ୟ

ଶେଷ ଦିନ

ଆନନ୍ଦ କୁମାର

ମାଆ ଓ ପୁଅ

ବିଦାୟ, ଗୁରୁଦେବ

ଅପରିଚିତାର ପତ୍ର

ପାଗଳର ଦିନଲିପି

ଦେଶ ବିଦେଶର କାହାଣୀ

ଦୁଇଟି ନଗରର କାହାଣୀ

# ଏକ

ପଶ୍ଚିମ ଦିଗରେ ଅଗଣିତ ପାହାଡ଼ପୁଞ୍ଜଙ୍କର ଅନ୍ତରାଳରେ ଆକାଶ ପ୍ରାୟ ଲୁଚି ଯାଉଛି । ସୂର୍ଯ୍ୟ ଅସ୍ତ ଯାଉଥାନ୍ତି । ଧୀରେ ଧୀରେ ଦିନର ଶେଷ ସୁନେଲି ଆଲୁଅ ଟିକକ ସେହି ପାହାଡ଼ ଆଢୁଆଳରେ ମିଳେଇ ଯାଉଥିଲା । ଚମତ୍କାର ଶାନ୍ତ ବାତାବରଣ ! ଏଠାରେ ସବୁ ସ୍ଥାନରେ ଏପରି ବାତାବରଣ ପ୍ରାୟ ଦେଖାଯାଏ ନାହିଁ । ପୂର୍ବ ଓ ଉତ୍ତର-ପୂର୍ବ ଦିଗକୁ ଚାହିଁଲେ, ଆକାଶ ଓ ସାଗରକୁ ଅଲଗା ଅଲଗା କରି ବୁଝିବାର ବାଟ ପ୍ରାୟ ନାହିଁ କହିଲେ ଚଳେ । ଆକାଶରେ ଖଣ୍ଡ ଖଣ୍ଡ ବାଦଲମାଳା ଭିତରେ ସରନ୍ତି ଦିନର ଯେଉଁ ଶେଷ ଆଭା ଟିକକ ଝଲମଲ ହେଉଥିଲା, ସୁନୀଳ ନିର୍ଜନ ସାଗର ଜଳରେ ଝଲସି ଉଠେ ତାହା ସେତେବେଳେ ଏକ ଅପୂର୍ବ ମାୟାଜାଲ ରଚନା କରୁଥିଲା ।

ସେତିକିବେଳେ ଶାନ୍ତା-ମେ ଜାହାଜ ନଙ୍ଗର ପକାଇ ଇଟୋ ଉପସାଗରରେ ଠିଆ ହୋଇଥିଲା । ହଠାତ ଜାହାଜର ଡେକ୍ ଉପରୁ ଗୋଟାଏ କମାଣ ଗର୍ଜି ଉଠିଲା । ତହିଁ ସଙ୍ଗେ ସଙ୍ଗେ ଆର୍ଜେଣ୍ଟିନ ସାଧାରଣତନ୍ତ୍ରର ଜାତୀୟ-ପତାକା ଅତି କ୍ଷିପ୍ର ଗତିରେ ମାସ୍ତୁଲ ଉପରକୁ ଉଠିଗଲା ଏବଂ ସାଗରର ମନ୍ଦ-ମଧୁର ପବନରେ ଫର ଫର ହୋଇ ଉଡ଼ିବାକୁ ଲାଗିଲା ।

ଠିକ୍ ସେତିକିବେଳେ ବଡଘର ଅଡ଼ୁ ଗୋଟାଏ ବନ୍ଧୁକର ଗର୍ଜନ ଶୁଣାଗଲା ଏବଂ ଉରୋ ଜପସାଗରର ଜଳରେ ଝଲକାଏ ତୀବ୍ର ଆଲୋକ ରେଖା ଆସି ପଡ଼ିଲା । ଦୁଇ ଜଣ ଆଲୋକ-ରକ୍ଷୀ ଆସି ସାଗର ବେଳାରେ ଠିଆ ହେଲେ । ତାହାଙ୍କର ସାମନା ପଟରେ ଯେଉଁ ନାବଟି ଠିଆ ହୋଇଥିଲା, ସେ ଆନନ୍ଦରେ ଗଦ୍‌ଗଦ ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇଲା ।

ତା'ପରେ ଆଉ ଦୁଇଟି ବନ୍ଧୁକର ଆବାଜରେ ଷ୍ଟେନ ଦ୍ୱୀପର ନୀରବତା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା ଏବଂ ତା'ର ପ୍ରତିଧ୍ୱନି ବାରମ୍ବାର ଆଖପାଖର ପାହାଡ଼ ଗୁଡ଼ାକରେ ପ୍ରତିହତ ହୋଇ ଗର୍ଜନ କରିବାକୁ ଲାଗିଲା ।

ଆଟଲାଣ୍ଟିକ ମହାସାଗର ଓ ପ୍ରଶାନ୍ତ ମହାସାଗରର ଜଳୋଚ୍ଛ୍ୱାସ ଯେଉଁଠି ପରସ୍ପରକୁ ଆଲିଙ୍ଗନ କରୁଛନ୍ତି, ସେଠାରେ ସବୁଜ ବନ-ଆଚ୍ଛାଦିତ ମସ୍ତକ ଟେକି ଠିଆ ହୋଇଥିବା ଷ୍ଟେନ ଦ୍ୱୀପ ନୂଆ-ଦେବଙ୍କୁ ଅଭିନନ୍ଦନ ଜଣାଉଥିଲା ।

ପୁଣି ଷ୍ଟେନ ଦ୍ୱୀପ ଉପରେ ଏକ ଅଖଣ୍ଡ ନୀରବତା ବିରାଜିତ କରିବାକୁ ଲାଗିଲା ।

ସେହି ଦ୍ୱୀପଟିରେ କେବଳ ମାତ୍ର ତିନି ଜଣ ଆଲୋକ-ରକ୍ଷୀ ଥାଆନ୍ତି । ଜଣେ ବଡଘରର ମିନାରରେ ତାର କାମରେ ବ୍ୟସ୍ତ ଥିଲା, ଏବଂ ବାକି ଦୁଇ ଜଣ ହାତରେ ଧନୁଶର ଧରି ବୁଲି ବୁଲି ନିଜ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ ।

ଦୁହିଁଙ୍କ ଭିତରୁ ଯାହାର ବୟସ ଟିକିଏ କମ, ସେ କହିଲା—ହଁ, ଭଲ କଥା, ଭାସକୁଏଜ, ଶାନ୍ତା-ଫି କାଲି ଛାଡିବ ।

ଭିସ୍କୁଏଙ୍କ ଜବାବ ଦେଲ—ଜାଣେ ଫିଲିପ । ମୋର ଆଶା ଓ ବିଶ୍ୱାସ, ଶାନ୍ତା-ଫି ନିର୍ବିଘ୍ନରେ ଦେଶକୁ ଫେରିଯାଇ ପାରିବ ।

ଏହା ଅବଶ୍ୟ ସେମାନଙ୍କର ଆଶା । ମାତ୍ର ପ୍ରକୃତରେ ଶାନ୍ତା-ଫି ବୁଏନୋସ ଆୟାର୍ସକୁ ଫେରିଆସି ପାରିବ କି ନା, ସେହିକଥା ଭିସ୍କୁଏଙ୍କ ବା ଫିଲିପ କେହି ନିଶ୍ଚିତ ଭାବରେ କହି ପାରିବେ ନାହିଁ ।

କିପରି ବା ପାରିବେ ? ଟିର-ଦେଲ୍-ଫୁଏଗୋ କିମ୍ବା ପାଟା-ଗନିଆ ଭିତରେ ଆଉ ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠି ପ୍ରଶାନ୍ତ ସାଗରରେ ଝଡ଼ ଦେଖାଦେଲେ ଶାନ୍ତା-ଫି ନଙ୍ଗର ପକାଇ ଆତ୍ମରକ୍ଷା କରି ପାରିବ । ଏହି ଅଞ୍ଚଳରେ ନାବିକ ମହଲରେ ଝଡ଼ ତା'ର ଭୟଙ୍କରତା ପାଇଁ ଅତି ବିଖ୍ୟାତ । ଏଠାରେ ସାଗର ଭୟାନକ ଭାବରେ ଉଗ୍ର । ପ୍ରାୟ ଅଧିକାଂଶ ସମୟରେ ହର୍ଣ୍ଣ ଅନ୍ତରୀପର ପ୍ରସ୍ତରମୟ ପ୍ରାଚୀରରେ ସଂଘର୍ଷ ଘଟି ଜାହାଜ ସବୁ ସାଗରର ଅତଳ ଜଳରେ ବୁଡ଼ି ଯାଆନ୍ତି । ଏହି ଷ୍ଟାଟେନ ଦ୍ୱୀପ ସାଙ୍ଗରେ ଧକ୍କା ଲାଗି କେତେ ଯେ ଜାହାଜ ସିଧା ପାତାଳକୁ ଚାଲି ଯାଇଛନ୍ତି, ତା'ର ହିସାବ ନାହିଁ । କିନ୍ତୁ ସେହି ଅବସ୍ଥା ଏକ୍ଷଣି ବଦଳିବାକୁ ବସିଛି । କାରଣ ଷ୍ଟାଟେନ ଦ୍ୱୀପରେ ଏକ୍ଷଣି ବତିଘରଟିଏ ବସା ଯାଇଛି । ତେଣୁ ଆଶା ହେଉଛି, ଏଣିକି ଆଉ ଯେତେ ବଡ଼ ଝଡ଼ ହେଲେ ସୁଦ୍ଧା ତା'ର ଆଲୁଅ ଲିଭିବ ନାହିଁ । ଜାହାଜଗୁଡ଼ିକ ଠିକ୍ ସମୟରେ ଏହି ବତିଘରର ଆଲୁଅରେ ନିଜର ରାସ୍ତା ଦେଖି ପାରିବେ ଏବଂ ଗାଢ଼ ଅନ୍ଧକାରମୟ ରାତିରେ ବି ସେଣ୍ଟ-ଜାଁ ଅନ୍ତରୀପ କିମ୍ବା ସେଣ୍ଟ—ଦିଗମ ଅନ୍ତରୀପ କିମ୍ବା ଫାଲେସ ଅନ୍ତରୀପର ପ୍ରସ୍ତରମୟ ପ୍ରାଚୀର ସହିତ ସଂଘର୍ଷରୁ, ଅର୍ଥାତ ନିଶ୍ଚିତ ମୃତ୍ୟୁ ହାତରୁ, ନିଶ୍ଚୟ ରକ୍ଷା ପାଇ ପାରିବେ ।

ଏହି ଜନହୀନ ଦ୍ୱୀପରେ ଫିଲିପଙ୍କୁ କିଛି ଦିନ କଟାଇବାକୁ ପଡ଼ିବ ବୋଲି ତାର ମନ ଆଦୌ ଭଲ ନ ଥିଲା । ଅବଶ୍ୟ ସେଥିପାଇଁ ତାଙ୍କୁ ଦୋଷ ଦେଇ ହେବ ନାହିଁ । କାରଣ, ଯେତେ ଦିନ ଯାଏ ଆଉ ତିନି ଜଣ ନୂଆ ଆଲୋକ-ରକ୍ଷୀ ଆସି ସେମାନଙ୍କ ଠାରୁ ଦାୟିତ୍ୱ ବୁଝି ନ ନେଇଛନ୍ତି, ସେତେ ଦିନ ଯାଏ ସେମାନଙ୍କୁ ସଭ୍ୟ ଜଗତ ଠାରୁ ବିଚ୍ଛିନ୍ନ ହୋଇ ଏହି ନିର୍ଜନ ଦ୍ୱୀପରେ ଦିନାତିପାତ କରିବାକୁ ପଡ଼ିବ ।

ଭାସିଲିଏଭ କହିଲା—ଆଜକୁ ତିରିଶ ବର୍ଷ ହେଲା ମୁଁ ସମୁଦ୍ରକୁ ମୋର ଘର କରି ନେଇଛି । ମୁଁ ଖାନସାମା, ନାବିକ ଓ ଅଫିସର ଭାବରେ ଅନେକ ଜାହାଜରେ ଘୂରି ବୁଲିଛି । କହିବାକୁ ଗଲେ ପ୍ରାୟ ସମଗ୍ର ପୃଥିବୀଟା ମୁଁ ପ୍ରଦକ୍ଷିଣ କରି ସାରିଛି । ଏଥର ମୋର ଅବସର ନେବାର ବେଳ ଆସିଛି । ବତିଘରେ ଆଲୋକ-ରକ୍ଷୀ ହେବା ଛଡ଼ା ମୋତେ ଆଉ କିଛି କାମ ପୋଷେଇବ ନାହିଁ । ଆଉ ଏହି ବତିଘରଟା ତ ଯେମିତି ସେମିତି ବତିଘର ନୁହେଁ । ପୃଥିବୀରେ ଏକବାର ଶେଷ ସୀମାରେ ଏହି ବତିଘରଟା ଅବସ୍ଥିତ ।

ଫିଲିପଙ୍କୁ ଉତ୍ସାହ ଦେବା ପାଇଁ ଏହିପରି ନାନା ପ୍ରକାର କଥା କହୁଁ କହୁଁ, ଭାସିଲିଏଭ ବତିଘରେ ଯାଇ ପ୍ରବେଶ କଲା ।

ପ୍ରଶାନ୍ତ ମହାସାଗରର ଜୁଆରରେ ସେମିତି ବିଶେଷ ଶକ୍ତି ନାହିଁ ବୋଲି ଗୋଟାଏ କଥା ଶୁଣାଯାଏ । କିନ୍ତୁ ଆଟଲାଣ୍ଟିକ ମହାସାଗରର ସଙ୍ଗମ ସ୍ଥଳରେ ପ୍ରଶାନ୍ତ ମହାସାଗର ଠିକ୍ ତାର ବିପରୀତ । ସେଠାରେ ତାର କି ଉନ୍ମାଦ ଗର୍ଜନ, ଆଉ ତା ଜଳର ଗତିବେଗ କି ପ୍ରଚଣ୍ଡ ! ତାର ତୀବ୍ର ପ୍ରଭାବ ଅନେକ ଦୂର ଯାଏ ଜଳରେ ବି ଅନୁଭୂତ ହୁଏ ।

ଶାନ୍ତା-ଫି ଆର୍ଜେଣ୍ଟିନ ନୌ-ବାହିନୀର ଜଳପୋତ । ଶହେ ଷାଠିଏ ଅଶ୍ୱଶକ୍ତି ବିଶିଷ୍ଟ ଏହି ଶକ୍ତିଶାଳୀ ଜାହାଜଟି ଦୁଇ ଶହ ଟନ ଭାର ବହନ କରିବାକୁ ସମର୍ଥ । ଏଥିରେ କପ୍ତାନ ଲାଫାୟେତ ଓ ଲେଫ୍‌ଟେନାଣ୍ଟ ରିଗାଲଙ୍କ ଛଡ଼ା ଆଉ ପଚାଶ ଜଣ ନାବିକ ରହିଛନ୍ତି । ଏହାର କାମ ହେଲା ଲ-ଦ୍ୟ-ଲା-ପ୍ଲାତାର ଦକ୍ଷିଣରୁ ଲେମାୟର ପ୍ରଣାଳୀ ଯାଏ ଆଟଲାଣ୍ଟିକ ମହାସାଗର ଅଞ୍ଚଳରେ ପହରା ଦେବା ।

ଆର୍ଜେଣ୍ଟିନ ସରକାର ଏହି ଜାହାଜ ହାତରେ ଲେମାୟର ପ୍ରଣାଳୀର ପ୍ରବେଶ ଦ୍ୱାରରେ ନିର୍ମିତ ହେଉଥିବା ବତିଘରର ତତ୍ତ୍ୱାବଧାନ କାର୍ଯ୍ୟ ସମର୍ପଣ କରିଥିଲେ । ଲୋକବଳ, ଯନ୍ତ୍ରପାତି, ମାଲମସଲା ପ୍ରଭୃତି ଯାହା ଯାହା ବତିଘର ପାଇଁ ଦରକାର, ସେ ସବୁ ଧରି ଏହି ଜାହାଜଟି ଷ୍ଟାଟେନ ଦ୍ୱୀପକୁ ଯାତାୟାତ କରୁଥିଲା । ବ୍ୟୁଏନସ ଆୟାର୍ସର ଜଣେ ସୁଦକ୍ଷ ଇଞ୍ଜିନିୟରଙ୍କ ନକ୍‌ସା ଅନୁଯାୟୀ ବତିଘରର କାମ ଡ଼ିସେମ୍ବର ମାସରେ ସମାପ୍ତ ହେଲା । ତିନି ସପ୍ତାହ ହେଲା ଶାନ୍ତା-ଫି ଜାହାଜ ଇଗୋ ଉପସାଗରରେ ନଙ୍ଗର ପକାଇଛି । ଚାରି ମାସ ପାଇଁ ଯାବତୀୟ ଦରକାରୀ ଜିନିଷପତ୍ର ବତିଘରର ଭଣ୍ଡାରରେ ରଖିଦେଇ, ବତିଘରର ତିନି ଜଣ ରକ୍ଷୀଙ୍କର ତିନି ମାସ ଭିତରେ ଯେମିତି କୌଣସି ଜିନିଷର ଅଭାବ ନ ହୁଏ ସେ ବିଷୟରେ ନିଶ୍ଚିତ ହୋଇ, କପ୍ତାନ ଲାଫାୟେତ ଷ୍ଟାଟେନ ଦ୍ୱୀପରୁ ବିଦାୟ ନେବା ଲାଗି ପ୍ରସ୍ତୁତ ହେଉଥିଲେ ।

ବହୁ ଆବେଦନକାରୀଙ୍କ ଭିତରୁ କର୍ତ୍ତୃପକ୍ଷ ଭାସ୍‌କୁଏଜ, ଫିଲିପ ଓ ମରିସ୍‌କୁ ପୃଥିବୀର ଶେଷ ସୀମାରେ ଅବସ୍ଥିତ ଏହି ବତିଘରର ଆଲୋକ-ରକ୍ଷୀ ଭାବରେ ମନୋନୀତ କରିଛନ୍ତି । ଡ଼ିସେମ୍ବର, ଜାନୁଆରୀ ଓ ଫେବୃଆରୀ ଏହି ତିନୋଟି ମାସ ସେମାନେ ବତିଘରର ଦାୟିତ୍ୱ

ନେଇ ରହିବେ । ତା'ପରେ ମାର୍ଚ୍ଚ ମାସରେ ପୁଣି ନୂଆ ଆଲୋକ-ରକ୍ଷୀ ଦଳ ଆସି ସେମାନଙ୍କ ଠାରୁ ଦାୟିତ୍ୱ ବୁଝି ନେବେ ।

ମିନାର ତଳେ ଆଲୋକ-ରକ୍ଷୀମାନଙ୍କର ବାସସ୍ଥାନ । ଝଡ଼ର ତୀବ୍ରତା ପ୍ରତିହତ ଉଦ୍ଦେଶ୍ୟରେ ଉଚ୍ଚ କାନ୍ଥ ଦିଆ ଯାଇଛି । ଘରଟିକୁ ମିନାରର ପାହାଚ ଠାରୁ ଗୋଟିଏ ବାରନ୍ଦା ଦେଇ ଅଲଗା କରା ଯାଇଛି । ବାରନ୍ଦାଟିର ଶେଷ ପ୍ରାନ୍ତରେ ଆଲୋକସ୍ତମ୍ଭର ସିଡ଼ିକୁ ଉଠିବା ପାଇଁ ଦୁଆର ଅଛି ।

ସରୁ ଓ ଘୁରା ସିଡ଼ି । କାନ୍ଥର ଥାକ ଥାକରେ ପଥର ଗାନ୍ଥନି ହୋଇ ସିଡ଼ିର ପାହାଚ ତିଆରି ହୋଇଛି । ସିଡ଼ିର ବାଟଟା ଅନ୍ଧାର ନୁହେଁ । ଦଶଟା ଯାଏ ଫାଙ୍କ ବାଟେ ଆଲୁଅ ଆସିବା ପାଇଁ ବ୍ୟବସ୍ଥା କରା ଯାଇଛି । ବତିଘରର ପହରୀ-କୋଠରୀରେ ଲଣ୍ଠନର ଆତସ-କାଚ ଓ ଅନ୍ୟାନ୍ୟ ଯନ୍ତ୍ରପାତି ସମ୍ପୂର୍ଣ୍ଣ ନୂଆ ବୋଲି, ସେ ସବୁ ଝଟକୁଛି । କାନ୍ଥକୁ ଲାଗି ଗାଲେରୀ । ଗାଲେରୀରେ ବସି ସାଗରର ଦୂରଆଡ଼େ ଦୃଷ୍ଟିପାତ କରିବାକୁ କୌଣସି ଅସୁବିଧା ହୁଏ ନାହିଁ ।

ତା'ପର ଦିନ ସକାଳୁ ଶାନ୍ତା-ଫି ଜାହାଜରେ ଗୋଟାଏ କର୍ମ ଚାଞ୍ଚଲ୍ୟ ଖେଳିଗଲା । ଦି'ପହରେ ଜାହାଜ ଛାଡ଼ିବ । ସେଥିପାଇଁ ଆବଶ୍ୟକୀୟ ପ୍ରସ୍ତୁତିର ପ୍ରୟୋଜନ । କାପ୍ତାନ ଲାକାୟେତ ଓ ଲେଫ୍‌ଟେନାଣ୍ଟ ଗାଡାଲ କୂଳରେ ଓହ୍ଲାଇ ଶେଷ ଥର ଲାଗି ସବୁ କିଛି ପରିଦର୍ଶନ କରି ଆସିଲେ । ଗତ କାଲି ଶାନ୍ତା-ଫିର ଡେକ୍‌ରୁ କମାଣ ଗର୍ଜନ କରିବା ସଙ୍ଗେ ସଙ୍ଗେ ବତିଘରର ଲଣ୍ଠନରେ ପ୍ରଥମେ ଆଲୁଅ ଜଳି ଉଠିଲା । କାପ୍ତାନ ଲାକାୟେତ ତନ୍ନ ତନ୍ନ କରି ଭାସକୁଏଜ ଠାରୁ ସବୁ ଖବର ବୁଝି ନେଲେ । ଲଣ୍ଠନ ଭଲ ଭାବରେ ଜଳୁଥିବାରୁ ତାଙ୍କର ଆଉ କୌଣସି ବିଷୟ ଚିନ୍ତା କରିବାକୁ ବାକି ରହିଲା ନାହିଁ ।

ଆଲୋକ-ରକ୍ଷୀମାନଙ୍କର କାମ ଖୁବ୍ କଠିନ । ଗୋଟାଏ ନିର୍ଜନ ଓ ପରିତ୍ୟକ୍ତ ଦ୍ୱୀପରେ ଦିନ କଟାଇବା ଆଦୌ ସୁଖକର ବ୍ୟାପାର ନୁହେଁ । ତଥାପି ଭାସକୁଏଜ, ଫିଲିପ ଓ ମରିସ୍ ପ୍ରତ୍ୟେକେ ସହନଶୀଳ ଓ ଦକ୍ଷ ବ୍ୟକ୍ତି ଏବଂ ସାଗର ସମ୍ବନ୍ଧରେ ସେମାନଙ୍କର ପ୍ରଚୁର ଅଭିଜ୍ଞତା ଅଛି । ଜାହାଜରେ କାମ କରି କରି ଟିକିଏ କ୍ଲାନ୍ତ ହୋଇ ପଡ଼ିଥିବା ସେମାନଙ୍କ ପକ୍ଷରେ କିଛି ବିଚିତ୍ର ନୁହେଁ । ତେଣୁ ସେମାନଙ୍କ ପକ୍ଷରେ ବାତିଘରର କାମଟା ଗୋଟାଏ ପରିପୂର୍ଣ୍ଣ ବିଶ୍ରାମ ବୋଲି ମନେ ହେବା ସ୍ୱାଭାବିକ । ମୋଟେ ତିନିଟା ମାସର କଥା ତ । ଆଖି-କାନ ବୁଜି ତିନିଟା ମାସ କଟାଇ ଦେଲେ ହେଲା ।

କାପ୍ତାନ ଲାଫାୟେତ ଆଲୋକ-ରକ୍ଷୀ ତିନି ଜଣଙ୍କୁ ଉତ୍ସାହ ଦେଇ ଜାହାଜକୁ ଫେରିଗଲେ ।

ଦ୍ୱି'ପହରେ ଆଲୋକ-ରକ୍ଷୀ ତିନିଜଣ ସାଗର ବେଳାରେ ଯାଇ ଠିଆ ହେଲେ । କିଛି କ୍ଷଣ ପରେ ଶାନ୍ତା-ଫି ଜାହାଜ ଏଠାରୁ ଯାତ୍ରା କରିବ । ତା'ପରେ ଷ୍ଟାଟେନ ଦ୍ୱୀପରେ ଭାସକୁଏଜ, ଫିଲିପ ମରିସ ଛଡ଼ା ଆଉ କାହାରି ଦେଖା ମିଳିବ ନାହିଁ । ସେମାନେ ଜାହାଜର ଡେକ୍‌ରେ ଥିବା କର୍ମଚଞ୍ଚଳ ନାବିକମାନଙ୍କ ଆଡକୁ ଏକ ଦୃଷ୍ଟିରେ ଚାହିଁ ରହିଲେ ।

ପାଞ୍ଚଟା ବେଳେ ଶାନ୍ତା-ଫି ଜାହାଜର ବଏଲର ଗର୍ଜନ କରି ଉଠିଲା । ତାର ଚିମିଣି ବାଟେ ଭକ୍ ଭକ୍ ହୋଇ ମେଞ୍ଚାଏ କଳା ଧୂଆଁ ବାହାରିବାକୁ ଲାଗିଲା । ସିଟିର ଆବାଜ ତୀକ୍ଷ୍ଣ ସ୍ୱରରେ ଆକାଶ ପବନ ପ୍ରତିଧ୍ୱନିତ କରିଦେବାକୁ ଲାଗିଲା । ଏତେବେଳେ ଜୁଆରର ବେଗ ଟିକିଏ ଶିଥିଳ ଥାଏ । ଯେତେବେଳେ ଜୁଆରର ତୋଡ଼ରେ କୂଳର

ପାଣି ଫୁଲି ଉଠିଲା; ସେତେବେଳେ ଜାହାଜର ନଙ୍ଗର ଘଡ଼ ଘଡ ଶବ୍ଦରେ ଉଠାଗଲା ।

ଛଅଟା ବେଳେ କପ୍ତାନ ଇଞ୍ଜିନ-ରୁମକୁ ପ୍ରସ୍ତୁତ ହେବା ପାଇଁ ହୁକୁମ ଦେଲେ । ଇଞ୍ଜିନରୁ ସଁ ସଁ କରି ତୀବ୍ର ଶବ୍ଦ ଉଠିଲା । ଲେଫ୍‌ଟେନାଣ୍ଟ ପଣି ଆସି ଅପରେଟର ପ୍ରସ୍ତୁତ ହେଲା କି ନା ଦେଖିଗଲା ।

ଶାନ୍ତା-ଫି ଜାହାଜ ଯାତ୍ରା ଆରମ୍ଭ କଲା ।

ଆଲୋକ-ରକ୍ଷୀ ତିନି ଜଣ ତୀରରୁ ବିଦାୟ ଅଭିନନ୍ଦନ ଜଣାଇଲେ । ଭାସକୁଏଜର ମନୋଭାବ କ'ଣ, ଏଥିରୁ ତାହା ଠିକ ପ୍ରକାଶ କରିବା କଠିନ । ମାତ୍ର ତା'ର ଅପର ଦୁଇ ଜଣ ସହକର୍ମୀ ଟିକିଏ ବିଚଳିତ ହୋଇ ପଡିଲେ । ଶାନ୍ତା-ଫି ଜାହାଜର ଲୋକମାନେ ବି ଅନେକ ଦୂରରେ, ପୃଥିବୀର ଶେଷ ସୀମାରେ, ଏହି ଜନଶୂନ୍ୟ ଦ୍ୱୀପରେ ଏମାନଙ୍କୁ ଏକା ଛାଡ଼ି ଯାଉଥିବା ହେତୁ ଟିକିଏ ମୁହ୍ୟମାନ ହୋଇ ପଡିଲେ ।

ଇଗୋ ଉପସାଗରର ଉତ୍ତର-ପଶ୍ଚିମ ଉପକୂଳ ବାଟେ ସାଧାରଣ ଗତିରେ ଜଳ କାଟି କାଟି ଫେଁଫେଁ ହୋଇ ଶାନ୍ତା-ଫି ଅଗ୍ରସର ହେବାକୁ ଲାଗିଲା । ଆଠଟା ବେଳେ ଯାଇ ସେ ବିଶାଳ ସମୁଦ୍ରରେ ପଡ଼ିଲା । ସାଁ ଜୁଆଁ ଅନ୍ତରୀପ ଧରି, ପଶ୍ଚିମରେ ପ୍ରଣାଳୀଟିକୁ ଛାଡିଦେଇ ସେ ପୂର୍ଣ୍ଣ ଗତିରେ ଆଗକୁ ମାଡ଼ି ଚାଲିଲା । ଯେତେବେଳେ ରାତି ଘୋରତର ହେଲା, ସେତେବେଳେ ଶାନ୍ତା-ଫିର ଡେକରୁ ପୃଥିବୀର ଶେଷ ସୀମାରେ ଅବସ୍ଥିତ ବଡଘରର ଉଜ୍ଜ୍ୱଳ ଆଲୁଅ ଖାଲି ଦେଖା ଯାଉଥିଲା ।

ଦିଗ୍‌ବଳୟୂରେ ବଢ଼ଘରର ଆଲୁଅଟା ଗୋଟାଏ ଛୋଟ ତାରା ଭଳି ମିଞ୍ଜି ମିଞ୍ଜି ହେବାକୁ ଲାଗିଲା ।

ସେତେବେଳେ ଆଲୋକ-ରକ୍ଷୀମାନେ କଳ୍ପନା କରି ପାରି ନଥିଲେ, କି ଭୀଷଣ ବିପଦର କଳା ମେଘ ସେମାନଙ୍କ ଭାଗ୍ୟାକାଶରେ ଘୋଟି ଆସୁଛି ।

## ଦୁଇ

ଷ୍ଟାଟେନ ଦ୍ୱୀପକୁ କେହି କେହି 'ଷ୍ଟାଟେନ ଦେଶ' ବୋଲି ମଧ୍ୟ କହନ୍ତି । ଆମେରିକାର ଏକବାରେ ଦକ୍ଷିଣ-ପଶ୍ଚିମ ଖଣ୍ଡରେ ଏହି ଦ୍ୱୀପଟି ଅବସ୍ଥିତ । ଉଚ୍ଛ୍ୱସିତ ନୀଳାଞ୍ଜିତ ସମୁଦ୍ରର ଜଳ ଦ୍ୱାରା ଆବୃତ ଏହି ଦ୍ୱୀପଟି ପ୍ରତିଦିନ ଦୁଇଟି ମହାସାଗରର ଜଳରେ ଅବଗାହନ କରେ । ହର୍ଣ୍ଣ ଅନ୍ତରୀପ ବାଟେ ଯାଉଥିବା ଜାହାଜଗୁଡ଼ିକ ଉପରୁ ଏହି ଦ୍ୱୀପଟି ଗୋଟିଏ ଶ୍ଳେଟ ବନ୍ଧ ଭଳି ଦେଖାଯାଏ ।

ଏହି ଅଞ୍ଚଳରେ ଲେମସ୍ ପ୍ରଣାଳୀ ନାମରେ ଗୋଟିଏ ପ୍ରଣାଳୀ ଅଛି । ଏହି ପ୍ରଣାଳୀ ଦ୍ୱାରା ଷ୍ଟାଟେନ ଦ୍ୱୀପ ଟିଅର୍-ଦେଲ-ଫୁଏଗୋ ଠାରୁ ବିଚ୍ଛିନ୍ନ । ପରସ୍ପରର ବ୍ୟବଧାନ ପ୍ରାୟ ପନ୍ଦର କୋଡ଼ିଏ ମାଇଲ ହେବ । ଦ୍ୱୀପଟିର ପୂର୍ବ ଦିଗରେ ସେଣ୍ଟ ଆନ୍ଥନି ଓ କେମ୍ପ ଅନ୍ତରୀପ ।

ଷ୍ଟାଟେନ ଦ୍ୱୀପର ଆୟତନ ପୂର୍ବରୁ ପଶ୍ଚିମ ଅଣଚାଳିଶ ମାଇଲ ଏବଂ ଉତ୍ତରରୁ ଦକ୍ଷିଣ ଏଗାର ମାଇଲ । ଏହାର ଉପକୂଳ ଭାଗ ଅତ୍ୟନ୍ତ ବଙ୍କା ଟେଢ଼ା । କେଉଁଠି ତୀକ୍ଷ୍ଣ ପାହାଡ଼ ଆକାଶକୁ ମଥା ଟେକି ଠିଆ ହୋଇଛି ତ କେଉଁଠି ପଥରର ଫାଙ୍କ ଭିତରେ ସମୁଦ୍ରର ଉଚ୍ଛ୍ୱାସ ପ୍ରବଳ ଭାବରେ ଉଠୁଛି । ଏହି ଅଞ୍ଚଳରେ ଅନେକ ପାହାଡ଼ ଜଳ ଭିତରେ ବୁଡ଼ି ରହିଛି । ସେଥିପାଇଁ ଏହି ଅଞ୍ଚଳରେ ପ୍ରାୟ ଅଧିକାଂଶ ବେଳେ ଜାହାଜ ଡୁବି ହୁଏ । ତା'ର ସଂଖ୍ୟା ବି ଗଣି କରି ହେବ

ନାହିଁ । ଉପକୂଳସ୍ଥ ସମୁଦ୍ର ଭଳେ ବି ବହୁତ ପାହାଡ଼ ଓ ପର୍ବତ ଅଛି ବୋଲି ସବୁଠାରୁ ଶାନ୍ତ ଅବସ୍ଥାରେ ମଧ୍ୟ ଏଠାକାର ସମୁଦ୍ର ଅସହ୍ୟ କୋପରେ ଭୟଙ୍କର ଢେଉଉଚ୍ଛ୍ୱାସରେ ଫାଟି ପଡ଼େ ।

ଦ୍ୱୀପଟି ଜନମାନବ ହୀନ । ଅବଶ୍ୟ ସବୁଠାରୁ ଭଲ ଋତୁରେ—ଅର୍ଥାତ ନଭେମ୍ବରରୁ ଫେବୃୟାରୀ ମାସ ଯାଏ – ଏଠାରେ କୌଣସି ପ୍ରକାରେ ବାସ କରି ହୁଏ । ଏହି ସମୟଟା ଏଠାରେ ଗ୍ରୀଷ୍ମ ଋତୁ । ସେତେବେଳେ ବି ପ୍ରଚଣ୍ଡ ଶୀତ ହେଉଥାଏ ।

ଦ୍ୱୀପର ଘଣ ଜଙ୍ଗଲରେ ବେଳେ ବେଳେ ଗୁଆନାକୋ ଦେଖାଯାନ୍ତି । ଗୁଆନାକୋ ହେଉଛି ଏକ ପ୍ରକାର ଅଦ୍ଭୁତ ଜାତର ହରିଣ । ଏହାର ମାଂସ ଖାଇବାକୁ ଖୁବ ସୁଆଦ ଲଗେ । ଶୀତ ଋତୁରେ ଯେତେବେଳେ ଦ୍ୱୀପଟାରେ ଘନ ବରଫର ଗୋଟାଏ ସ୍ତରର ବିଛଣା ହୋଇଯାଏ, ସେତେବେଳେ ଏହି ହରିଣଗୁଡ଼ାକ ଖାଦ୍ୟ ଅଭାବରେ ମରି ଯାଆନ୍ତି ନାହିଁ, କାରଣ ସେମାନେ ବରଫ ତଳୁ ଗଛ—ଲତାର ଚେର ମୂଳ ବାହାର କରି ଖାଇ ପକାନ୍ତି ।

ସତକଥା କହିବାକୁ ଗଲେ, ଦ୍ୱୀପଟିକୁ ଗୋଟିଏ ପ୍ରକାଣ୍ଡ ପଥୁରିଆ ମୁଣ୍ଡିଆ ଛଡ଼ା ଆଉ କିଛି କହି ହେବ ନାହିଁ । ସମଗ୍ର ଦ୍ୱୀପଟା ପ୍ରାଣହୀନ ଓ ନିର୍ଜନ । ସେହି ଅଞ୍ଚଳର କେତେକ ବିଶେଷ ଧରଣର ପକ୍ଷୀ ଏବଂ ଉପକୂଳ ଭାଗରେ ନାନାପ୍ରକାର ମାଛ ଛଡ଼ା ଆଉ କୌଣସି ଜୀବଜନ୍ତୁ ଏଠାରେ ଦେଖିବାକୁ ମିଳେ ନାହିଁ । ଆର୍ଜେଣ୍ଟିନ ଓ ଚିଲିର ସାଧାରଣ ତନ୍ତ୍ର ହେଉଛି ଏହି ଦ୍ୱୀପଟିର ମାଲିକ । ଆର୍ଜେଣ୍ଟିନ ସରକାର ପୃଥିବୀର ଏହି ଶେଷ ସୀମାରେ ଗୋଟିଏ ବଡ଼ଘର ବସାଇ ସମସ୍ତ ଜାତର କୃତଜ୍ଞତା ଅର୍ଜନ

କରିଛନ୍ତି । ଏଠାରେ ସମୁଦ୍ର ଜାହାଜରେ ଭର୍ତ୍ତି;—ଏଣେ ଝଡ ବି ସେମିତି ଭୟାବହ । ଏଠାକାର ଭୟଙ୍କର ସମୁଦ୍ରରେ ଷ୍ଟେଟେନ ଦ୍ୱୀପର ବତିଘର ନିଃସ୍ୱ ଦେବତାଙ୍କର ଆଶୀର୍ବାଦ ଭଳି କାମ କରିବ । ସେଥିପାଇଁ ଆର୍ଜେଣ୍ଟିନା ସରକାରଙ୍କ ଉଦ୍ୟମରେ ୧୮୫୯ ମସିହା ଡିସେମ୍ବର ୯ ତାରିଖରେ ପୁରା ବର୍ଷକର ଅକ୍ଲାନ୍ତ ପ୍ରଚେଷ୍ଟା ଫଳରେ ଗୋଟିଏ ବତିଘର ଅତି କଷ୍ଟରେ ଏଠାରେ ତିଆରି ହୋଇ ପାରିଲା ।

ଦ୍ୱୀପଟାର ମଝିରୁ କିଛି ଦୂର ଯାଏ ପୂର୍ବଆଡ଼କୁ ମରୁଭୂମି ଖେଳେଇ ହୋଇ ରହିଛି । ବାକି ଅଂଶଟା ପଥୁରିଆ ଜମି—ଅବୁଡ଼ା ଖାବୁଡ଼ା, ଉଚାନୀଚୁ, ମଝିରେ ମଝିରେ ବିରାଟ ବିରାଟ ଗହ୍ୱର ପାତାଳର ଅନ୍ଧକାର ଧରି ମୁଖ ବ୍ୟାଦାନ କରି ଚାହିଁ ରହିଛନ୍ତି, କିମ୍ବା ଉଚା-ନୀଚୁ ମୁଣ୍ଡିଆ ସବୁ ଆକାଶରେ ମଥା ଟେକି ଠିଆ ହୋଇ ଆକାଶକୁ ବନ୍ଦୀ କରିବାକୁ ଚେଷ୍ଟା କରୁଛନ୍ତି । ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ ଫଳରେ ଦ୍ୱୀପଟି ସୃଷ୍ଟି ହୋଇଛି । ଦ୍ୱୀପଟିର ପୂର୍ବ ଦିଗଟି ଅନ୍ତରୀପ ପରି ପ୍ରକ୍ଷିପ୍ତ । ପଶ୍ଚିମ ଦିଗଟା ବି ସେହିଭଳି ଉଚ୍ଚ ପର୍ବତ ବହୁଳ ଏବଂ ନିବିଡ଼ ଅରଣ୍ୟ ଆଣ୍ଟାର୍କଟିକ ଅଞ୍ଚଳର ବିଶେଷ ଧରଣର ବୃକ୍ଷ-ଲତାରେ ପରିପୂର୍ଣ୍ଣ । ଦ୍ୱୀପର ସମତଳ ଅଂଶ ଟିକକ କେତେକ ପରିମାଣରେ ତୁନ୍ଦ୍ରା ଅଞ୍ଚଳ ଭଳି ଦିଶେ—ଶୀତ କାଳରେ ତାହା ବି ବରଫରେ ଆଚ୍ଛାଦିତ ହୋଇଯାଏ ।

ବର୍ଷର ସବୁବେଳେ ଦ୍ୱୀପରେ ଝଡ଼, ବୃଷ୍ଟି ଓ ବଜ୍ରପାତ ଲାଗି ରହିଛି ।

ସମୁଦ୍ର ବେଳାକୁ ଲାଗି ତୀଖ ପାହାଡ଼ । ଦ୍ୱୀପରେ କୌଣସି ନଦୀ କି ଝରଣା ନାହିଁ । ଖରା ଦିନେ ସୂର୍ଯ୍ୟଙ୍କ ପ୍ରଚଣ୍ଡ କିରଣ

ଯୋଗୁଁ ବରଫ ତରଳିଲେ ଏଠାରେ ସେଠାରେ ଛୋଟ ବଡ ଗାଡ଼ିଆ ପୋଖରୀ ଗୁଡ଼ାଏ ହୋଇଯାଏ, ଏବଂ ପ୍ରବଳ ଶୀତର ଆଗମନ ଯାଏ ସୂର୍ଯ୍ୟାଲୋକରେ ସେଗୁଡ଼ିକ ଝଲମଲ ହେଉଥାଏ ।

ଠିକ୍ ଯେତେବେଳେ ସେହିସବୁ ଜଳାଧାରର ଜଳୋଚ୍ଛ୍ୱାସ ମୂର୍ଚ୍ଛିଆ—ପାହାଡ଼ର କୋଳ ଦେଇ ବହି ଆସି ଇଗୋ ଉପସାଗରର ସୁନୀଳ ଜଳରାଶିକୁ ଆଲିଙ୍ଗନ କରୁଥିଲା, ସେତିକିବେଳେ ଏହି ଘଟନାର ଆରମ୍ଭ ।

କିନ୍ତୁ, କିଏ ଜାଣିଥିଲା, ଏହି ନିର୍ଜନ ଦ୍ୱୀପଟିରେ ବି ଦଳେ ଡାକୁ ଆସି ଡେରା ପକାଇଛନ୍ତି ?

# ତିନି

ଦିନ ସରି ଆସିଲାଣି । ବତିଘରେ ଆଲୁଅ ଜାଳିବାର ବେଳ ହୋଇ ଗଲାଣି । ବତିଘରେ ବତି ସାମନାରେ ବୃତ୍ତାକାର ଗ୍ୟାଲେରୀରେ ବସି ଆଲୋକ-ରକ୍ଷୀ ଭାସକୁଏଜ, ଫିଲିପ ଓ ମରିସ ନିଜ ଭିତରେ ଆଲାପ କରୁଥିଲେ ।

ଥଳିରୁ ଦୋକତା କାଢ଼ି ପାଇପରେ ଭରୁଁ ଭରୁଁ ଭାସକୁଏଜ କହିଲା—ଆରେ, ଏହି ନୂଆ ଜୀବନ ତୁମ୍ଭମାନଙ୍କୁ କେମିତିକା ଲାଗୁଛି ? କ୍ରମେ କ୍ରମେ ତୁମର ଧାତସହା ହୋଇ ଯାଉଛି ତ ?

ଫିଲିପ ଜବାବ ଦେଲା—ନିଃସନ୍ଦେହରେ । ଏକ୍ଷଣି ଅସହ୍ୟ ହେବାର ବା କ୍ଳାନ୍ତିକର ମନେ ହେବାର ସମୟ ଆସି ନାହିଁ ।

ମରିସ ସମ୍ମତି ଜଣାଇଲା—ହଁ ଠିକ୍ କହୁଛୁ । ଅନଉଁ ଅନଉଁ ମାସ ତିନିଟା କୁଆଡ଼େ କଟିଯିବ ବୋଲି ତ ମୋର ମନେ ହେଉଛି ।

ଭାସକୁଏଜ ଟିପଣି କାଟିଲା—ଯେମିତି ଦିଗନ୍ତରେ ଅଦୃଶ୍ୟ ହୋଇଯାଏ ଜାହାଜର ପାଲ । ନୁହେଁ ?

ଫିଲିପ କହିଲା—ଏହି କେତେ ଦିନ ଭିତରେ ଦିଗନ୍ତ-ସୀମାରେ ଗୋଟିଏ ହେଲେ ଜାହାଜର ଚିହ୍ନ ସୁଦ୍ଧା ନଜରକୁ ଆସିଲା ନାହିଁ । ବ୍ୟାପାରଟା ଟିକିଏ ଆଶ୍ଚର୍ଯ୍ୟଜନକ ନୁହେଁ କି ?

ଭାସକୁଏଜ କହିଲା—ଧୈର୍ଯ୍ୟ ଧର, ବନ୍ଧୁ ! ନିଶ୍ଚୟ ସଂଘ ଜାହାଜ ଦେଖିବାକୁ ପାଇବା ଯଦି ଏହି ଅଞ୍ଚଳରେ ଜାହାଜ ଚଳାଚଳ କରୁ ନ ଥାଆନ୍ତା, ତାହାହେଲେ ସମୁଦ୍ର ଭିତରେ ଦଶ ମାଇଲ ଆୟତନରେ ଆଲୋକିତ କରି ଦେବା ଲାଗି ଏହି ବତଘରଟା ତିଆରି କରିବାକୁ ଆଦୌ ଦରକାର ପଡ଼ି ନ ଥାନ୍ତା । ଏକ୍ଷଣି ଏଟା ନୂଆ ନା ! ରହ, କିଛି ଦିନ ଯାଉ, ଏଠାରେ ନୂଆ ବତଘର ତିଆରି ହୋଇଛି ବୋଲି ସମସ୍ତେ ଜାଣି ପାରନ୍ତୁ । ତା'ପରେ ଦେଖିବୁ, ଏହି ସିଧା ସଳଖ ବାଟରେ, ଦ୍ୱୀପ ପାଖ ଦେଇ ସବୁବେଳେ ଜାହାଜ ପରେ ଜାହାଜ ଚଳାଚଳ କରିବ । ତା'ଛଡ଼ା, ଏଠାରେ ଯେଉଁ ବତଘରଟି ଅଛି, ସେଟା ବି ତ ଯଥେଷ୍ଟ ନୁହେଁ । ଆଗେ ଜାଣିବାକୁ ହେବ, ସନ୍ଧ୍ୟାରୁ ଭୋର ଯାଏ ଏହାର ଆଲୁଅ ଠିକ୍ ଭାବରେ ଜଳୁଛି କି ନା ।

ଫିଲିପ କହିଲା—ଯେତେ ଦିନଯାଏ ଶାନ୍ତା-ଫି ଜାହାଜ ବୁଏନୋସ ଅୟାର୍ସରେ ନ ପହଞ୍ଚିଛି, ସେତେଦିନଯାଏ ସେ ବିଷୟ କେହି ଜାଣି ପାରିବେ ନାହିଁ ।

ଭାସକୁଏଜ, ମଥା ହଲାଇ କହିଲା— ଠିକ୍ କହୁଛୁ । କପ୍ତାନ ଲାଫାୟେତ ରିପୋର୍ଟ ଦାଖଲ କଲାକ୍ଷଣି କର୍ତ୍ତୃପକ୍ଷ ଜାହାଜ-ଜଗତରେ ଏ ଖବରଟା ପ୍ରଚାର କରିଦେବା ଲାଗି ଡେରି ହେଲେ ହେଲେ ଦେରି କରିବେ ନାହିଁ ।

ମରିସ କହିବାକୁ ଲାଗିଲା—ମୋଟେ ପାଞ୍ଚ ଦିନ ହେଲା ତ ଶାନ୍ତା-ଫି ଏଠାରୁ ଯାଇଛି । ସେଠାରେ ପହଞ୍ଚିବାକୁ ତାକୁ ତ ପୁଣି କିଛି ସମୟ ଲାଗିବ ।

ଭାସକୁଏଜ କହିଲା—ମୋର ମନେ ହେଉଛି, ଆଜି ଗୋଟାଏ ସୁସ୍ବାଦ । ପାଗ ତ ଏବେ ଗୋଳମାଳିଆ ନାହିଁ । ସମୁଦ୍ର ଶାନ୍ତ ଅଛି । ଆଜି ପବନର ବେଗ ବି ଭଲ ଅଛି । ପାଲ ଓ ଇଞ୍ଜିନରେ ଜାହାଜ ନିଶ୍ଚୟ ଦିନ ରାତି ପୂରା ଦମରେ ଚାଲିଥିବ । ଏହି ସମୟ ଭିତରେ ତା'ର ପହଞ୍ଚିବା ଦରକାର ।

ଫିଲିପ କହିଲା—ଏତେ ବେଳକୁ ଶାନ୍ତା-ଫି ନିଶ୍ଚୟ ମାଗେଲାନ ପ୍ରଣାଳୀ ଟପି ଯିବଣି ।

ଭାସକୁଏଜ କହିଲା—ନିସନ୍ଦେହରେ ଏକ୍ଷଣି ଜାହାଜ ନିଶ୍ଚୟ ପାତା-ଗନିଆର କୂଳେ କୂଳେ ଦ୍ରୁତ ବେଗରେ ଧାଇଁ ଚାଲିଥିବ ।

ଏକ୍ଷଣି ଶାନ୍ତା-ଫି ଜାହାଜ ବିଷୟରେ ସେମାନଙ୍କ ମନରେ ସବୁବେଳେ ସନ୍ଦେହ ଲାଗି ରହିଛି । ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ସେମାନଙ୍କ ନିଜ ଦେଶର ଜାହାଜ ସେମାନଙ୍କୁ ଏଠାରେ ଏକା ଛାଡ଼ି ଦେଇ ସ୍ବଦେଶକୁ ବାହୁଡ଼ି ଗଲା । ସେଥିପାଇଁ ଏହି ଅଖଣ୍ଡ ନିର୍ଜନତା ଭିତରେ ସେମାନେ ଶାନ୍ତା-ଫି ଜାହାଜର କଥା ବା କିପରି ଭୁଲି ପାରନ୍ତେ !

ହଠାତ ଭାସକୁଏଜ ଅନ୍ୟ କଥା ପକାଇଲା—ଫିଲିପ, ଆଜି କି ମାଛ ଧରିଲ ?

ଫିଲିପ ଜବାବ ଦେଲା—ଆଜି ଖୁବ୍ ଗୁଡ଼ାଏ ଧରିଛି । ସବୁଠାରୁ ବଡ଼ କଥା କଣ ଜାଣିଛ ? ଖାଲି ହାତରେ ଆଜି ଦେଡ ସେର ଓଜନର ଗୋଟାଏ ଟାଉଲ ମାଛ ମୁଁ ଏକା ଧରିଛି, ଏକବାରେ ଖାଲି ହାତରେ । ସେତିକି ବେଳେ ମାଛଟା ଅସି ପ୍ରାୟ କୂଳରେ କଚ୍ଛିଡ଼ି ହୋଇ ପଡ଼ିଲା ।

ଭାସକୁଏଙ୍କ ଭେକ୍ଷଣାତ୍ କହି ପକାଇଲା—ଧନ୍ୟବାଦ ! କିନ୍ତୁ ସମୁଦ୍ରରୁ ମାଛ ସରିଯିବେ ବୋଲି ତୁ ଭାବ ନା । ତୁ ଯେତେ ମାଛ ଧରିଲେ ବି ସମୁଦ୍ରରୁ କେବେ ଶେଷ ହୋଇଯିବ ନାହିଁ । ଚିଣ-ମାଂସ ଆମକୁ ଖୁବ୍ କମ ଖରଚ କରିବାକୁ ହେବ । ସେଥିପାଇଁ ଯେତେ ଇଚ୍ଛା ସେତେ ମାଛ ଧରି ଖାଇ ପାର । କିନ୍ତୁ ପନି-ପରିବା ପାଇଁ କିଛି ବ୍ୟବସ୍ଥା ହେବା ତ ଦରକାର ।

ମଙ୍ଗସ କହିଲା—ମୁଁ ଆଜି ବଣକୁ ଯାଇଥିଲି । କିଛି ମୂଳ ଚଖୋଲି ଆଣିଛି । ପ୍ଲେଟ ଭର୍ତ୍ତି କରି ଖାଇବାକୁ ଦେବି । ଖାଇ ସାରିଲେ ମୋତେ ବକସିସ ଦେବାକୁ ନିଶ୍ଚୟ ତୁମମାନଙ୍କର ଇଚ୍ଛା ହେବ ।

ଭାସକୁଏଙ୍କ ଖୁସିରେ କହିଲା—ସେଠା ତ ତାହାହେଲେ ଅତି ଆନନ୍ଦର କଥା । ଟଙ୍କା ଜିନିଷ ଛାଡ଼ି ଦେଇ ଚିଣ-ଜିନିଷ ଖାଇବାକୁ କଣ ଆଉ ଭଲ ଲାଗୁଛିରେ ଭାଇ ?

ଫିଲିପ ଅବଶୋଷ କରି କହିଲା—ଯଦି ଗୋଟାଏ କି ଦୁଇଟା ହରିଣ ଶିକାର କରି ହୁଅନ୍ତା ।

ଜିଭରୁ ଲାଳ ବୋହିଲା ଭଳି ଗୋଟାଏ ଶବ୍ଦ କରି ଭାସକୁଏଙ୍କ କହିଲା—ହରିଣ ଶିକାର ନ କର, କି ତାର ମାଂସ ନ ରାନ୍ଧି ବାଡ଼ି, ସେ କଥା ମୋ ପାଖରେ କୁହ ନାହିଁ ବାବା ! ତା ନାଁ ଶୁଣିଲା ମାତ୍ରେ ମୋ ପାଟିରୁ ଲାଳ ଗଡ଼ିଲାଣି, ଆଉ ଭୋକ ଲାଗିଲାଣି । କିନ୍ତୁ ମନେ ରଖିଥିବ, ଯେତେ ବଡ଼ ଶିକାରୀ ହୋଇଥାଅ ପଛକେ, ନିଜର ଘରଦ୍ୱାର ଓ ଇଲାକା ଛାଡ଼ି ବେଶି ଦୂରକୁ କେବେ ଗ୍ଲୁଲିଯିବ ନାହିଁ ।

ଆମ କାମ ଦୂରରେ ଘୁରି ବୁଲିବା ନୁହେଁ । ଆମ କାମ ହେଲା ବତି-ଘରର ଆଲୁଅ ଜଳାଇ ରଖିବା ଓ ଚାରି ପଟର ସମୁଦ୍ର ଉପରେ ସଜାଗ ସତର୍କ ଦୃଷ୍ଟି ରଖିବା ।

ଶିକାର ଲୋଲୁପୀ ମରିସ କହିଲା—ମାନି ନେଲି କଥା; ମନେ କର; ବନ୍ଧୁକର ରେଞ୍ଜ ଭିତରେ ଗୋଟାଏ ଖାସା ହରିଣର ମଥା ଦିଶିଲା, ତାହାହେଲେ କଣ କରିବ ?

ଭାସକୁଏଜ ଜବାବ ଦେଲା—ମୁଁ ତ ସେ କଥା କହୁ ନାହିଁ । କିନ୍ତୁ ଗୁଅନାକୋ ଗୁଡ଼ାକ ବଡ଼ ହିଂସ୍ର ହୋଇ ରହିଥାନ୍ତି । ଆଉ ସେ ଗୁଡ଼ାକର ଯେଉଁ ବଡ଼ ବଡ଼ ମୁନିଆ ଶିଙ୍ଗ !

ଡିସେମ୍ବର ଷୋଳ ତାରିଖ ସନ୍ଧ ଛଅଟା ଠାରୁ ଦଶଟା ଯାଏ ମରିସ ଉପରେ ବତିଘରର ଆଲୁଅ ଜଳାଇ ରଖିବାର ଭାର ଥିଲା । ହଠାତ୍ ସମୁଦ୍ରର ପୂର୍ବ ଭାଗରେ ପ୍ରାୟ ପାଞ୍ଚ ଛ ମାଇଲ ଦୁରରେ ତା ଆଖି ସାମନାରେ ହଠାତ୍ ଗୋଟାଏ ଆଲୁଅ ଜଳି ଉଠିଲା । କହିବା ବାହୁଲ୍ୟ, ସେଟା କୌଣସି ଜାହାଜର ଆଲୁଅ ହେବ । ବତିଘରର ସମ୍ପୂର୍ଣ୍ଣ ନିର୍ମାଣ ପରେ ଏହି ପ୍ରଥମ ଜାହାଜଟି ଦ୍ୱୀପରୁ ଦେଖାଗଲା ।

ସେତେବେଳେ ଭାସକୁଏଜ ଓ ଫିଲିପ ଶୋଇ ପଡ଼ି ନ ଥିଲେ । ମରିସ ଭାବିଲା, ଏହି ଜାହାଜଟିର ଖବର ସେମାନଙ୍କୁ ଜଣାଇ ଦେବା ଉଚିତ । କାରଣ ସେମାନଙ୍କ ଦ୍ୱୀପ-ଜୀବନରେ ଏଟା ହେଲା ପ୍ରଥମ ଜାହାଜ । ସେଥିପାଇଁ ସେ ସେମାନଙ୍କୁ ଯାଇ ଡାକି ଆଣିଲା । ତତ୍କ୍ଷଣାତ୍ ଭାସକୁଏଜ ଓ ଫିଲିପି ତା ସାଙ୍ଗରେ ଚାଲି ଆସିଲେ । ପୂର୍ବ ଦିଗର ଝରକା ବାଟେ ଆଖିରେ ଟେଲିସ୍କୋପ ଦେଇ ତିନିହେଁ ସମୁଦ୍ର ଆଡ଼କୁ ଅନାଇଲେ ।

ଭାସକୁଏଜ କହିଲା—ଧଳା ରଙ୍ଗର ଆଲୁଅ, ତାର ମାନେ ଗୋଟାଏ ଷ୍ଟିମାରର ସାମନା ଆଲୁଅ ।

କହିବା ବାହୁଲ୍ୟ, ଷ୍ଟିମାରଟି ସାଁ-ସାଁ ଅନ୍ତରୀପ ଅଭିମୁଖରେ ଦ୍ରୁତ ଗତିରେ ଆଗେଇ ଆସୁଥିଲା । ଅଧ ଘଣ୍ଟାକ ଭିତରେ ସେମାନେ ଷ୍ଟିମାରଟିର ଲକ୍ଷ ସ୍ଥଳ ସମ୍ବନ୍ଧରେ ନିଶ୍ଚିତ ହୋଇଗଲେ । ବଡଘରକୁ ଦକ୍ଷିଣ-ପଶ୍ଚିମ ଦିଗରେ ରଖି ଦେଇ ଷ୍ଟିମାରଟି ଦ୍ରୁତ ଗତିରେ ଲେମସ୍ଥ ପ୍ରଣାଳୀରେ ଧାଇଁବାକୁ ଲାଗିଲା । କ୍ରମେ କ୍ରମେ ତାର ନାଲି ଆଲୁଅ ସେମାନଙ୍କ ଆଖିରେ ପଡ଼ିଲା । ତା'ପରେ ଅନ୍ଧକାର ଭିତରେ ଷ୍ଟିମାରଟି ଦ୍ରୁତ ବେଗରେ ଅଦୃଶ୍ୟ ହୋଇଗଲା ।

ଫିଲିପ କହିଲା—ପୃଥିବୀର ଶେଷ ସୀମାରେ ଅବସ୍ଥିତ ବଡଘରର ଇଲାକା ଭିତରେ ପ୍ରଥମେ ଏହି ଜାହାଜଟା ପଡ଼ିଲା ।

ଭାସକୁଏଜ ମନ୍ତବ୍ୟ କଲା—କିନ୍ତୁ ନିଃସନ୍ଦେହରେ ଏହା ଶେଷ ଜାହାଜ ନୁହେଁ ।

ତହିଁ ପର ଦିନ ଦି'ପହରେ ଫିଲିପ ଦିଗ ଚକ୍ରବାଳରେ ଗୋଟାଏ ବଡ ପାଲ-ଟଙ୍ଗା ଜାହାଜ ଦେଖିବାକୁ ପାଇଲା । ନିର୍ମଳ ପାଗ । ଅନାବିଲ ଆକାଶ । ଦକ୍ଷିଣ-ପୂର୍ବ ଦିଗ ଆଡୁ, ଗୋଟାଏ ମଧୁର ପବନ ବହୁଥିଲା । ତାର ତାଡ଼ନାରେ କୁହୁଡ଼ି ଧୀରେ ଧୀରେ ଦ୍ୱୀପରୁ ଅଦୃଶ୍ୟ ହୋଇ ଯାଇଥିଲା । ଦଶ ମାଇଲ ଦୂରରୁ ବି ସେହି ଜାହାଜଟି ଦେଖା ଯାଉଥିଲା ।

ଫିଲିପ ତତକ୍ଷଣାତ ଭାସକୁଏଜ ଓ ମରିସଙ୍କୁ ଡାକ ଛାଡ଼ିଲା । ତାପରେ ସମସ୍ତ ମିଶି ବଡଘରକୁ ଯାଇ ଉଙ୍କି ମାରିଲେ । ଜାହାଜଟି ପୂର୍ଣ୍ଣ ଦମରେ ଆଗେଇ ଆସୁଥିଲା । କିନ୍ତୁ ସେଟା ଯେ କେଉଁ ଦିଗକୁ

ଯିବ, ଉତ୍ତରକୁ କି ଦକ୍ଷିଣକୁ, ସେ କଥା ସେତେବେଳେ ଠିକ୍ ଭାବରେ ବୁଝା ପଡ଼ୁ ନ ଥିଲା । ସେମାନେ ତନ୍ନାହେଁ ତାକୁ ଦେଖି ତର୍କ ଆରମ୍ଭ କରିଦେଲେ । ଅବଶେଷରେ ଦେଖାଗଲା ଯେ ମରିସର କଥା ହିଁ ଠିକ୍ ।

ମରିସ କହୁଥିଲା—ଏହି ପାଲ-ଟଙ୍ଗା ଜାହାଜଟା ପ୍ରଣାଳୀ ଅଭିମୁଖରେ ଆସିବ ନାହିଁ । ଜାହାଜଟା ଅବଶ୍ୟ ବଷ୍ଟନ୍‌ବାୟୁ । ନିହାତି କମରେ ଅଠର ଶହ ଟନର ମାଲ ବୋହି ନେଇ ପାରିବ । ଆମେରିକାରେ ନିର୍ମିତ ଦ୍ରୁତଗତି-ସମ୍ପନ୍ନ ଜାହାଜଗୁଡ଼ାକ ଭିତରୁ ଏଟା ନିଶ୍ଚୟ ଗୋଟାଏ ହେବ ।

ଭାସକୁଏଜ କହିଲା—ଯଦି ଜାହାଜଟା ନିଉ-ଇଂଲଣ୍ଡର ନ ହୋଇଥିବ, ତାହାହେଲେ ମୋର ଟେଲିସ୍କୋପଟା ମୁଁ ଫିଙ୍ଗି ଦେବ ।

ମରିସ ପଚାରିଲା—ଜାହାଜଟା କ'ଣ ଆମକୁ ତା'ର ନମ୍ବର ଦେବ ? ତୁମର କ'ଣ ମନେ ହେଉଛି ?

ପ୍ରଧାନ ଆଲୋକ-ରକ୍ଷୀର କଣ୍ଠସ୍ୱର ଶୁଣାଗଲା—ନମ୍ବର ଦେବା ତ ତାର କର୍ତ୍ତବ୍ୟ ।

ଶେଷରେ ତାହାହିଁ ହେଲା । ଟିକିଏ ପରେ ଜାହାଜଟି ଉପରେ ସଙ୍କେତ ପତାକା ଫର ଫର ହୋଇ ଉଡ଼ିଲା ।

ଜଣା ପଡ଼ିଲା, ତା'ର ନାମ ମଣ୍ଟ୍ରାଙ୍କ ଓ ସେ ଆମେରିକାର ନିଉ-ଇଂଲଣ୍ଡସ୍ଥ ବୋଷ୍ଟନ ବନ୍ଦରରୁ ଯାତ୍ରା ଆରମ୍ଭ କରିଛି ।

ଆଲୋକ-ରକ୍ଷୀମାନେ ଆର୍ଜେଣ୍ଟିନାର ପତାକା ଉଡ଼ାଇ ଜବାବ ଦେଲେ ଏବଂ ଯେତେବେଳ ଯାଏ ଦ୍ୱୀପର ଦକ୍ଷିଣ ଦଗରେ

ଥିବା ୱେଷ୍ଟବଷ୍ଟର ଅନ୍ତରୀପ ଅନ୍ତରାଳରେ ତାର ମାସ୍ତୁଲ ଅଦୃଶ୍ୟ ହୋଇ ନ ଗଲା, ସେତେବେଳ ଯାଏ ସେମାନେ ତା ଆଡ଼କୁ ଏକ ଦୃଷ୍ଟିରେ ଅନାଇ ରହିଲେ ।

ତା'ପରେ ଭ୍ରସକ୍ରୁଏଜ ତାକୁ ବଦାୟ ଅଭିନନ୍ଦନ ଜଣାଇବା ପାଇଁ କହିଲା—ମନ୍ତ୍ରୀଙ୍କର ଯାତ୍ରା ଶୁଭ ହେଉ । ଭଗବାନ ଆଶୀର୍ବାଦ କରନ୍ତୁ, ତାଙ୍କୁ ଯେମିତି ହର୍ଣ୍ଣ ଅନ୍ତରୀପର ଦୁର୍ଦ୍ଦାନ୍ତ ଝଡ଼ର କବଳରେ ପଡ଼ିବାକୁ ନ ହେଉ ।

ଏହା ପରେ ପୁଣି କିଛି ଦିନ ସମୁଦ୍ର ନିର୍ଜନ ହୋଇଗଲା । ଖାଲି କେବେ କେବେ ପୂର୍ବ ଦିଗନ୍ତରେ ଗୋଟାଏ ଦୁଇଟା ପାଲର ଚିହ୍ନ ଦେଖା ଗଲା । ଯେଉଁ ଜାହାଜଗୁଡ଼ିକ ଷ୍ଟେଟେନ ଦ୍ୱୀପ ଠାରୁ ଦଶ ମାଇଲ ଦୂରରେ ଗଲେ, ସେମାନଙ୍କର ଆମେରିକାର ବନ୍ଦରରେ ଜାହାଜ ରଖିବାର କଥା ନୁହେଁ ।

ଭ୍ରସକ୍ରୁଏଜର ମତରେ ଏମାନେ ଅଣ୍ଟାର୍କଟିକରେ ମାଛ ଧରିବାକୁ ଯାଉଛନ୍ତି । ଅକ୍ଷରେଖା ଆଡ଼ୁ ଆସୁଥିବା ଛୋଟ ଛୋଟ ଜାହାଜ ସବୁ ଦେଖାଗଲା । ସେଗୁଡ଼ିକ ସେଣ୍ଟ୍ ସେଭିରେଲ୍ ଠାରୁ କିଛି ଦୂର ବାଟେ ପ୍ରଶାନ୍ତ ମହାସାଗର ଆଡ଼କୁ ଚାଲି ଯିବାକୁ ଲାଗିଲେ ।

ଡିସେମ୍ବର କୋଡ଼ିଏ ତାରିଖ ଯାଏ ଖାତାରେ ଟିପି ରଖିବା ଭଳି କିଛି ଉଲ୍ଲେଖଯୋଗ୍ୟ ଘଟଣା ଘଟିଲା ନାହିଁ । କ୍ରମେ ପାଗଟା ଟିକିଏ ଟିକିଏ ବଦଳିବାକୁ ଆରମ୍ଭ କଲା । ଉତ୍ତର-ପୂର୍ବ ଆଡ଼ୁ ପବନ ଦକ୍ଷିଣ-ପଶ୍ଚିମ ଦିଗକୁ ବହିବାକୁ ଲାଗିଲା । କେତେ ଅସହ୍ୟ

ବର୍ଷା ବ ହୋଇଗଲା । ହଠାତ୍ ଏ ସାଗାନ୍ୟ ଅବାରରେ ଉଠାଇ ଅସି ଚାଲିଗଲା ।

ଡିସେମ୍ବର ଏଗାରଣ ତାରିଖ ସକାଳେ ଫିଲିପ ମୁହଁରେ ସାଇପ ଧରାଇ ବୁଲି ବୁଲି ସମୁଦ୍ର କୂଳ ନିକଟସ୍ଥ ଅରଣ୍ୟରେ ହଠାତ୍ ଗୋଟାଏ ଜନ୍ତୁର ମୁହଁ ଦେଖି ପାଇଲା । ସତର୍କ ଦୃଷ୍ଟିରେ ସେ କେତେ ମିନିଟି ସେହି ଆଡକୁ ଚାହିଁ ରହିଲା । ମାତ୍ର ବିଶେଷ କିଛି ଦେଖା ନ ଯିବାରୁ, ସେ ଟେଲିସ୍କୋପ ଘରକୁ ଚାଲି ଆସିଲା । ତା'ପରେ ସେହି ଜନ୍ତୁଟାକୁ ଚିହ୍ନିବା ତା ପକ୍ଷରେ ଆଉ କଷ୍ଟକର ହେଲ ନାହିଁ । ସେଟା ଗୋଟାଏ ଗୁଅନାକୋ । ଥରେ ତା ଆଡକୁ ଚାଲି ଯାଇ ହାତର ଟିପ ପରୀକ୍ଷା କରିବା ପାଇଁ ତାର ମନ ଛାକୁ ଛାକୁ ହେଲା ।

ତତ୍କ୍ଷଣାତ୍ ସେ ଭାସକୁଏଜ ଓ ମରିସକୁ ଡାକ ପକାଇଲା । ସାଙ୍ଗେ ସାଙ୍ଗେ ଦୁହେଁ ଦ୍ରୁତ ପଦରେ ଅସି ତା ପାଖରେ ଠିଆ ହୋଇଗଲେ । ଗୋଟାଏ ସୁଯୋଗ ଯେ ନେବା ପ୍ରୟୋଜନ, ସେ ବିଷୟରେ ସେମାନଙ୍କ ଭିତରେ କୌଣସି ମତଭେଦ ଘଟିଲା ନାହିଁ । ଗୁଅନାକୋଟାକୁ ଶିକାର କରି ପାରିଲେ, ପାଟିର ସୁଆଦଟା ଟିକିଏ ବଦଳାଇ ହେବ । ନିତ ଟିଣ-ଖାଦ୍ୟ ଖାଇ ଖାଇ ସେମାନଙ୍କୁ ଅରୁଚି ଧରି ଯାଇଥିଲା ।

ସ୍ଥିର ହେଲା, ଉପସାଗର ଆଡକୁ ଯିବା ବାଟରେ ଫିଲିପ ପ୍ରସ୍ତୁତ ହୋଇ ଠିଆ ହୋଇଥିବ ଏବଂ ମରିସ ଗୋଟାଏ ବନ୍ଧୁକ ଧରି ସେହି ଗୁଅନାକୋର ପଛେ ପଛେ ଯିବ । ଅବଶ୍ୟ ଗୁଅନାକୋଟା ଯେମିତ ତାକୁ ଦେଖି ନ ପକାଏ, ସେଥିପାଇଁ ତାକୁ ଖୁବ୍ ସତର୍କ

ହୋଇ ଯିବାକୁ ପଡ଼ିବ । ଏବଂ ଏମିତି ଭାବରେ ସେ ତାକୁ ଘଉଡ଼ାଇବ ଯେ ଗୁଅନାକୋଠା ଯେମିତି ଫିଲ୍ପ ଆଡ଼କୁ ଚାଲିଯିବ ।

ଭାସ୍କୁଏଜ ସେମାନଙ୍କୁ ସତର୍କ କରି ଦେଇ କହିଲା—ଖୁବ ସାବଧାନ ! ସବୁବେଳେ ମନେ ରଖିଥିବ, ଏହି ଜାନୁଆରଗୁଡ଼ାକର ଇନ୍ଦ୍ରିୟ ସବୁ ଖୁବ ଶକ୍ତିଶାଳୀ । ଯଦି କୌଣସି ଉପାୟରେ ସେ ଥରେ ଦେଖି ପକାଏ କିମ୍ବା ଶୁଙ୍ଘି ଶୁଙ୍ଘି ଜାଣିପାରେ, ତାହାହେଲେ ସେ ଏମିତି କ୍ଷିପ୍ର ଗତିରେ ଦୌଡ଼ି ପଳାଇବ ଯେ କାହାର ସାଧ୍ୟ ନାହିଁ ସେତେବେଳେ ତା' ପଛେ ପଛେ ଦୌଡ଼ି ପାରିବ କି ତାକୁ ଗୁଳି କରି ପାରିବ ।

ମରସ ଜବାବ ଦେଲା—ହେଉ ।

ଭାସ୍କୁଏଜ ଓ ଫିଲ୍ପ ପୁଣି ଆଖିରେ ଟେଲିସ୍କୋପ ଲଗାଇଲେ । ସେମାନେ ଦେଖି ପାରିଲେ, ଗୁଅନାକୋଠା ସେହିଭଳି ସେଠାରେ ରହିଛି । ତା'ପରେ ସେମାନେ ମରସ ଆଡ଼କୁ ମନଯୋଗ ଦେଇ ଅନାଇ ରହିଲେ ।

ମରସ ଜଙ୍ଗଲ ଆଡ଼କୁ ଚାଲିଲା । ଛପି ଛପି ଯାଇ ସେ ହରିଣର ଅଜାଣତରେ ପଛରେ ପହଞ୍ଚିଯିବ ଏବଂ ତାକୁ ଘଉଡ଼ାଇ ପାରିବ ବୋଲି ସେମାନଙ୍କର ଆଶା ହେଲା । କିନ୍ତୁ ବେଶୀ ବେଳ ଯାଏ ସେମାନେ ଆଉ ମରସ ଉପରେ ଦୃଷ୍ଟି ରଖି ପାରିଲେ ନାହିଁ । କିଛି କ୍ଷଣ ପରେ ଅରଣ୍ୟର ଅନ୍ଧକାରରେ ସେ ଅଦୃଶ୍ୟ ହୋଇଗଲା ।

ପ୍ରାୟ ଅଧ ଘଣ୍ଟେ କଟିଗଲା । ସେତେବେଳେ ଯାଏ ବି ଗୁଅନା-କୋଠା ସ୍ଥିର ହୋଇ ରହିଥାଏ । ତାହାହେଲେ ବିଚରାର ବରାତଟା ନିଶ୍ଚୟ ଖୁବ୍ ଖରାପ ।

କିନ୍ତୁ ଏଯାଏ ମରସ କାହିଁକି ଗୁଳି କରୁ ନାହିଁ ?

ଭୂସକୁଏଜ ଓ ଫିଲିପ ଗୋଟାଏ ଗୁଳିର ଶବ୍ଦ ପାଇଁ ପ୍ରତୀକ୍ଷା କରିବାକୁ ଲାଗିଲେ ।

କିନ୍ତୁ ଆଶ୍ଚର୍ଯ୍ୟ ! କୌଣସି ଗୁଳିର ଶବ୍ଦ ଶୁଭିଲା ନାହିଁ । ଆହୁରି ଆଶ୍ଚର୍ଯ୍ୟ ହୋଇ ଯିବାର କଥା ! ମାଜ ଅକସ୍ମାତ୍ ଗୁଅନାକୋଠା ଖଣ୍ଡିଏ ପଥର ଉପରେ ପଡ଼ିଗଲା ।

ଠିକ୍ ସେତିକି ବେଳେ ମରସ ପଥରର ଆଢୁଆଳରୁ ଦ୍ରୁତ ପଦରେ ଆଗକୁ ଦୌଡ଼ିଗଲା । ତା'ପରେ କିଛିକ୍ଷଣ ସ୍ଥିର ଓ ନିଶ୍ଚଳ ଗୁଅନାକୋଠା ଅଢ଼ିକୁ ଅନାଇ ରହି, ସେ ହଠାତ୍ ଦୌଡ଼ିବାକୁ ଲାଗିଲା ।

ଧଇଁସଇଁ ହୋଇ ଦୌଡ଼ି ଦୌଡ଼ି ଆସି ସେ ବଡ଼ଘର ପାଖରେ ପହଞ୍ଚିଗଲା ଏବଂ ଅସ୍ୱାଭାବିକ କଣ୍ଠରେ ତାର ବନ୍ଧୁମାନଙ୍କୁ ଡାକ ଛାଡ଼ିଲା ।

ଭୂସକୁଏଜ ହଡ଼ବଡ଼େଇ ଯାଇ କହିଲା—ନିଶ୍ଚୟ କିଛି ଅସ୍ୱାଭାବିକ ଘଟଣା ଘଟିଛି । ଆ, ଫିଲିପ; ଦୌଡ଼ିଆ ।

ଧାଇଁ ଧାଇଁ ଆସି ଦୁହେଁ ମରସ ପାଖରେ ତୁରନ୍ତ ହାଜର ହୋଇଗଲେ ।

ଭୂସକୁଏଜ ବ୍ୟଗ୍ର କଣ୍ଠରେ ପଚାରିଲା—ଘଟଣା କ'ଣ ? କ'ଣ ହୋଇଛି ? ଗୁଅନାକୋଠା କୁଆଡ଼େ ଗଲା ?

ମରସ ଉତ୍ତର ଦେଲା—ସେଠାକୁ ଗଲେ ବଲେ ଦେଖି ପାରିବ । ଆଶ୍ଚର୍ଯ୍ୟ ଘଟଣା !

ତା'ପରେ ତନିହେଁ ଯାଇ ସେହି ଗୁଅନାକୋଠା ପାଖରେ ପହଞ୍ଚିଲେ ।

ମରେସ ତାଙ୍କୁ ଅଙ୍ଗୁଳି ଦେଖାଇ କହିଲା—ଏହି ଦେଖ ।

ଫିଲିପ କହିଲା—ମୃତ ନିଶ୍ଚୟ ।

ମରେସର ତୁଣ୍ଡରୁ ବାହାରିଗଲା—ହିଁ ।

ଭାସକୁଏଜ ପଚାରିଲା—ତାହାହେଲେ ବୁଡା ହୋଇ ଯାଇଥିଲା ବୋଧହୁଏ ?

ମରେସ ଜବାବ ଦେଲା—ନା, ନିହତ ହୋଇଛି ।

ଭାସକୁଏଜ ବିସ୍ମିତ ହୋଇ କହିଲା—ଏଁ, ନିହତ ! କ'ଣ କହୁଛ ?

ମରେସ ଗୁଳିର ଦାଗ ଦେଖାଇ ଦେଇ ପୁଣି କହିଲା—ହିଁ, ଏହି ଦେଖ, ଗୁଳିର ଦାଗ ।

ଭାସକୁଏଜ ଅବାକ ହୋଇ ଯାଇ ଫେର୍ ଚିତ୍କାର କଲା—ଏଁ ଗୁଳି !

ମରେସ ପୁଣି କହିଲା—ହିଁ, ତାଙ୍କୁ ଗୁଳି କରି ମରା ଯାଇଛି । ଏଥିରେ କିଛି ସନ୍ଦେହ ନାହିଁ ।

ସେମାନେ ତା' ଦେହରେ ସ୍ପଷ୍ଟ ଭାବରେ ଗୁଳିର ଦାଗ ଦେଖି ପାରିଲେ ।

ଭାସ୍କୁଏଜ ଗୋଟାଏ ଅଦ୍ଭୁତ ସ୍ୱରରେ କହିଲା—ତାହାହେଲେ ଏହି ଦ୍ୱୀପରେ ଆହୁରି ଶିକାରୀ ଅଛନ୍ତି !

ଏହା କହି ସେ ଉଦ୍‌ବିଗ୍ନ ଭଙ୍ଗୀରେ ଚାରିଆଡ଼େ ନିରୀକ୍ଷଣ କରିବାକୁ ଲାଗିଲା ।

# ଗୁହା

ଯଦି ଭ୍ରମଣକାରୀ, ଫିଲିପ ଓ ମରିସ କେବେ ଷ୍ଟେନ ଦ୍ୱୀପର ପଶ୍ଚିମ ପ୍ରାନ୍ତରେ ଥରେ ଭ୍ରମଣ କରିଥାନ୍ତେ, ତାହାହେଲେ ସେମାନେ ଦେଖିପାରି ଥାନ୍ତେ ଯେ, ଏଠାକାର ଉପକୂଳ ରେଖା ଟିକିଏ ଭିନ୍ନ ଧରଣର । ତୀକ୍ଷ୍ଣ ତୀକ୍ଷ୍ଣ ପାହାଡ଼ରେ ଆବୃତ ଏହି ଭୂଭାଗ ଯେମିତି ଅତର୍କିତରେ ସମୁଦ୍ରର ଅତଳ ତଳୁ ମଥା ଟେକି ଠିଆ ହୋଇ ପଡ଼ିଛି । ଯେତେବେଳେ ଅନ୍ୟଠି ଏକବାରେ ଶାନ୍ତ ବାୟୁମଣ୍ଡଳ, ସେତେବେଳେ ଏଠାରେ ତା'ର ବିପରୀତ ।

ଏହିସବୁ ପାହାଡ ଦେହରେ ଅଜସ୍ର ଗୁହା ପାତାଳ ଅନ୍ଧକୁ ମୁହଁ ମେଲି କରି ଠିଆ ହୋଇଛି—ସଙ୍କୀର୍ଣ୍ଣ, ଗଭୀର; ସନ୍ତସନ୍ତିଆ ଓ ଅନ୍ଧକାର । ଗୁହା ପାଖରେ ଛୋଟ ବଡ଼ ପଥରର ସ୍ତୂପଗୁଡ଼ାକ ଢଙ୍ଗ ବେଢ଼ଙ୍ଗା ଭଳି ଦିଶୁଛି । ଦ୍ୱୀପର ମଧ୍ୟ ଭାଗରେ ଅବସ୍ଥିତ ସମତଳ ଭୂମିକୁ ଏଠାରୁ ଯିବାକୁ ହେଲେ ଅନ୍ତତଃ ଦୁଇ ହଜାର ଫୁଟ ଉଚ୍ଚ ପାହାଡ଼ର ଚୂଡ଼ା ଓ ପ୍ରାୟ ପନ୍ଦର ମାଇଲ ରାସ୍ତା ଅତିକ୍ରମ କରିବାକୁ ହୁଏ । ଏଠାରେ ସମୁଦ୍ର ଅତିଶୟ ଭୟଙ୍କର । ଦ୍ୱୀପର ଏହି ଅଂଶଟିରେ ବି ଗୋଟିଏ ବନ୍ଦର ନିର୍ମାଣ କରିବା ଯେ ଏକାନ୍ତ ପ୍ରୟୋଜନୀୟ, ଏହା କେହି ମନା କରିବେ ନାହିଁ । ଆଶା କରା ଯାଉଛି, ଆର୍ଜେଣ୍ଟିନା ସାଧାରଣତନ୍ତ୍ରର ପଥ ଅନୁସରଣ କରି ହୁଏତ ଚିଲି ସରକାର ଏଠାରେ ସେଥିପାଇଁ ଚେଷ୍ଟା କରି ପାରନ୍ତି ।

କିନ୍ତୁ ଅସଲ କଥା ହେଉଛି, ସ୍ପଟେନ ଦ୍ୱୀପର ଦୁଇ ସୀମାନ୍ତରେ ଦୁଇଟି ବନ୍ଧଘର ନିର୍ମାଣ କରାଗଲେ ଏହି ଅଞ୍ଚଳର ଦଲେ ଦସ୍ୟୁଙ୍କ ପକ୍ଷରେ ଘୋର ଅସୁବିଧା ହେବ । ଏହି ଅଞ୍ଚଳରେ ଜଳଦସ୍ୟୁମାନଙ୍କର ଉତ୍ପାତ ଅତୀବ ଭୟାବହ ।

କେତେ ବର୍ଷ ତଳେ ଇଗୋ ଉପସାଗରର ପ୍ରବେଶ ପଥରେ ଏହି ଜଳଦସ୍ୟୁମାନେ ଗୋଟିଏ ଘାଟି ତିଆରି କରିଥିଲେ । ଦ୍ୱୀପର ପଶ୍ଚିମ ଭାଗରେ ଆତ୍ମ ଗୋପନ କରିବା ଲାଗି ସେମାନେ ଗୋଟିଏ ଗଭୀର ଗୁହା ଆବିଷ୍କାର କରିଥିଲେ । ସ୍ପଟେନ ଦ୍ୱୀପରେ କୌଣସି ଜାହାଜ ନଙ୍ଗର ନ ପକାଉଥିବାରୁ, ସେହା ସେମାନଙ୍କର ଗୋଟିଏ ନିରାପଦ ଆଶ୍ରୟ ହୋଇଥିଲା । ଏହି ଦସ୍ୟୁମାନଙ୍କ ଦଳରେ ବାର ଜଣ ଯାଏ ଲୋକ ଥିଲେ । ସେମାନଙ୍କ ସର୍ଦ୍ଦାରର ନାମ କଙ୍ଗ୍ରେ । ସର୍ଦ୍ଦାରର ପ୍ରଧାନ ଅନୁଚର ହେଲା ସାରସାନ୍ତେ ।

ସମସ୍ତେ ହେଉଛନ୍ତି ଦକ୍ଷିଣ ଆମେରିକାର ଲୋକ । ହୁଏତ ପାଞ୍ଚ ଜଣ ଯାଏ ଆର୍ଜେଣ୍ଟିନ କି ଚିଲିର ଲୋକ, ଆଉ ସମସ୍ତେ ଟାରା-ଦେଲ୍-ଫୁଗୋର ଅଧିବାସୀ । ଏମାନେ ସମସ୍ତେ କଙ୍ଗ୍ରେର କବଳରେ ପଡି ଜଳଦସ୍ୟୁ ହୋଇ ଯାଇଥିଲେ ।

ସାରସାନ୍ତେ ଚିଲିର ଲୋକ । ଚିଲିର କେଉଁ ଗ୍ରାମରେ ତା'ର ଜନ୍ମ କି ସେ କେଉଁ ପରିବାରର ଲୋକ, ତାହା କେହି ଜାଣନ୍ତି ନାହିଁ । ତା'ର ବୟସ ପ୍ରାୟ ଚାଳିଶ ବର୍ଷ ହେବ । ମଧ୍ୟଭଳି ଚେହେରା ହେଲେ କଣ ହେବ, ସେ ପ୍ରବଳ ଶକ୍ତିଶାଳୀ ଓ ପରିଶ୍ରମୀ, ପୃଥିବୀରେ ଏମିତି କୌଣସି ଅପରାଧ ନାହିଁ, ଯାହା ସେ କରି ନ ପାରେ ।

ଜଳଦସ୍ୟୁ ସର୍ଦ୍ଦାରର ଜୀବନର କିଛି ହେଲେ କଥା କେହି ଜାଣେନି ନାହିଁ । କେଉଁଠାକାର ଲୋକ, ତାହା ସେ କେବେ କାହାକୁ କହି ନାହିଁ । ପ୍ରକୃତରେ ତାର ନାମ କଙ୍ଗ୍ରୀ କି ନା, ତାହା ବି କାହାରିକୁ ମାଲୁମ ନ ଥିଲା ।

ଏହି ଅଞ୍ଚଳରେ କଙ୍ଗ୍ରୀର ଦଳ ସୁପରିଚିତ । ଅସୀମ ସାହାସୀ ଓ ଅପରିସୀମ ପରିଶ୍ରମୀ ବୋଲି କଙ୍ଗ୍ରୀ ବିଖ୍ୟାତ । ଜଳଦସ୍ୟୁ କହିଲେ ଯାହା ବୁଝାଏ, ପ୍ରକୃତରେ ସେ ହେଲା ସେୟା । ସବୁ ରକମ କୁକାର୍ଯ୍ୟରେ ସେ ଗୋଟାଏ ପୁରା ଓସ୍ତାଦ ।

କିପରି ଭାବରେ କଙ୍ଗ୍ରୀ ଓ ତାର ଦଳ ଆସି ଏହି ଦ୍ୱୀପରେ ଆଶ୍ରୟ ନେଇଥିଲେ, ପ୍ରଥମେ ତାହା ଜାଣିବା ଏକାନ୍ତ ଦରକାର । ଫାଶି କାଠରେ ଝୁଲିବା ଉପଯୋଗୀ ଯଥେଷ୍ଟ କୁକାର୍ଯ୍ୟ କରି, ମାଗେଲନ ପ୍ରଣାଳୀର ପ୍ରଧାନ ବନ୍ଦରରୁ ପଳାୟନ କରି, କଙ୍ଗ୍ରୀ ଓ ସାରସାନ୍ତେ ଟୀରା-ଦେଲ-ଫୁଗୋରେ ଆଶ୍ରୟ ନେଇଥିଲେ । ସେଠାରେ ରହିଥିବା ବେଳେ ଏହି ଅଞ୍ଚଳର ଜାହାଜ-ଡୁବିର କଥା ସେମାନଙ୍କ କାନରେ ପଡ଼ିଗଲା । ଷ୍ଟେନ ଦ୍ୱୀପର ଆଖପାଖ ଅଞ୍ଚଳରେ ଏହିଭଳି ଜାହାଜ-ଡୁବିର ଦାମିକା ମାଲପତ୍ର ନିଶ୍ଚୟ ରହିଥିବ ଭାବି, ଟୀରା-ଦେଲ-ଫୁଗୋର ବାର ଜଣ ଯାଏ ଭୀଷଣ ବଦମାସ ଲୋକଙ୍କୁ ଧରି କଙ୍ଗ୍ରୀ ଓ ସାରସାନ୍ତେ ଗୋଟିଏ ଡକାୟତ ଦଳ ଗଢ଼ିଥିଲେ ।

ଖଣ୍ଡିଏ ମାଛଧରା ନୌକାରେ ଲେମେୟୁ ପ୍ରଣାଳୀ ପାରହେବା ବେଳେ କଲ୍‌ନେଟ ଅନ୍ତରୀପର ପାହାଡ଼ରେ ଧକ୍‌କା ଖାଇ, ସେମାନଙ୍କ ନୌକା ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା । ସେଥିର ଅନେକ କଷ୍ଟରେ ସେମାନେ ନିଜର ଜୀବନ ଲାଭ କରିଥିଲେ । ତା'ପରେ ପାଦରେ

ବୁଲି ବୁଲି ଆସି ସେମାନେ ଇଗୋ ଉପସାଗର କୂଳରେ ପହଞ୍ଚିଲେ । ସେଠାରେ ସେମାନଙ୍କୁ ନିରାଶ ହେବାକୁ ପଡ଼ି ନ ଥିଲା । ସାଁ ଜୁଆଁ ଅନ୍ତରୀପରୁ ସେଭ୍ରେଲ ପର୍ଯ୍ୟନ୍ତ ଯାଏ ଅଗଣିତ ଜାହାଜ-ଡୁବିର ମାଲ ସେମାନଙ୍କ ଦଖଲକୁ ଆସିଗଲା । ବଡ଼ ବଡ଼ ମାଲପତ୍ର ଥିବା ବାକ୍ସରୁ ସେମାନେ ଅଜସ୍ର ସୁନା-ରୁପାର ମୁଦ୍ରା, ଅସ୍ତ୍ରଶସ୍ତ୍ର, ରିଭଲଭର, ବନ୍ଧୁକ ଓ ଗୁଳି ବାରୁଦ ଲାଭ କଲେ । ନାବିକମାନଙ୍କୁ ଏହି ଭୟାବହ ହ୍ଲାଟେନ ଦ୍ୱୀପର କଥା ଅଜଣା ନ ଥିଲା । ଯେତେ ଗୁଡ଼ିଏ ଜାହାଜ ଝଡ଼ର ଦାଉରେ ପଡ଼ି ଏଆଡ଼କୁ ଆସିଛନ୍ତି, ତା ଭିତରୁ ଗୋଟିଏ ହେଲେ ବି ଉପକୂଳର ପାହାଡ଼ ସହିତ ସଂଘର୍ଷରୁ ରକ୍ଷା ପାଇ ନାହିଁ । ଲଙ୍ଗ୍ରୀ ଓ ତାର ଜନବଳ ଉପସାଗରର ମଝି ଜାଗାରେ ଆଶ୍ରୟ ନ ନେଇ ସାଁ ଜୁଆଁ ଅନ୍ତରୀପ ଉପରେ ନଜର ରଖିବା ଉଦ୍ଦେଶ୍ୟରେ ଏହାର ପ୍ରବେଶ-ପଥର ଡାହାଣ ପଟରେ ଆଶ୍ରୟ ନେଇଥିଲେ । ସମଗ୍ର ଦଳର ବାସୋପଯୋଗୀ ଗୋଟାଏ ବିରାଟକାୟ ଗୁହା ବି ସେମାନଙ୍କ ଆଖିରେ ପଡ଼ିଲା । ଉପସାଗରର ଉତ୍ତର ପଟରେ ଗୋଟାଏ ମୁଣ୍ଡିଆ ପଛରେ ଗୁହାଟିର ଅବସ୍ଥିତି ଥିବାରୁ, ଝଡ଼ର ଦାଉରୁ ରକ୍ଷା ପାଇବାର ବି ଯଥେଷ୍ଟ ସୁବିଧା ଥିଲା । ସେମାନେ ସେମାନଙ୍କର ସବୁ ମାଲ ପତ୍ର ନେଇ ସେହି ଗୁହାଟି ଭିତରେ ଭର୍ତ୍ତି କରିଦେଲେ, ଏପରିକି ସେଠାରେ ଖାଇବା ପିଇବା ଓ ଶୋଇବାର ବ୍ୟବସ୍ଥା କରିବାକୁ ବି ସେମାନେ ଭୁଲିଲେ ନାହିଁ । ଏହି ଗୁହା କଡ଼ରେ ଆଉ ଗୋଟାଏ ଗୁହା ଭିତରେ ସେମାନେ ସୁନା, ରୁପା, ଧନରତ୍ନ ଇତ୍ୟାଦି ବେଶୀ ଦାମିକା ମାଲପତ୍ର ସବୁ ରଖି, ତାକୁ ସେମାନଙ୍କର ରତ୍ନ-ଭଣ୍ଡାର କରିଦେଲେ । ଲଙ୍ଗ୍ରୀର ମତଲବ ଥିଲା, କୌଣସି ଜାହାଜ ଦଖଲ କରି ପାରିଲେ ତାର ସବୁ ମାଲପତ୍ର ଧରି ସେ ପ୍ରଶାନ୍ତ ମହାସାଗରର ଗୋଟାଏ

ଦ୍ୱୀପକୁ ଉଠିଯିବ । ଏହି ଅଞ୍ଚଳରେ ତାର ଦସ୍ୟୁ-ଜୀବନ ଆରମ୍ଭ ହୋଇ ଥିବାରୁ, ଏହା ଉପରେ ତାର ଗୋଟାଏ ଅଦ୍ଭୁତ ମମତା ଥିଲା । କିନ୍ତୁ ଏପର୍ଯ୍ୟନ୍ତ, କୌଣସି ସୁଯୋଗ ନ ମିଳିବାରୁ, ଏହି ଦଳ ଦସ୍ୟୁମାନେ ଷ୍ଟାଟେନ ଦ୍ୱୀପ. ଛାଡ଼ି ଆଉ କେଉଁଠାକୁ ଯାଇ ପାରି ନ ଥିଲେ ।

ଦୁଇ ବର୍ଷ ଧରି କ୍ରମାଗତ ଲୁଟତରାଜ ଚଳାଇ ପାରିଥିବା ଯୋଗୁଁ, ସେମାନଙ୍କର ଧନ ଭଣ୍ଡାର କ୍ରମେ କ୍ରମେ ବଢ଼ିବାକୁ ଲାଗିଲା । ତା' ଛଡ଼ା ଜାହାଜଡୁବିରୁ ବି ସେମାନେ ପ୍ରଭୂତ ଲାଭବାନ ହୋଇଥିଲେ । ଜଳଦସ୍ୟୁଙ୍କ ଭଳି ହିଂସ୍ର ଲୁଟତରାଜ ଚଳାଇବାରେ ସେମାନେ ବର୍ତ୍ତମାନ ପଶ୍ଚାତ୍‌ପଦ ହୋଇ ନ ଥିଲେ । ତଥାପି ଏହି ଦ୍ୱୀପଟି ଭିତରେ ସେମାନେ ପ୍ରାୟ ବନ୍ଦୀଙ୍କ ଭଳି ରହି ଯାଇଥିଲେ । ଅନ୍ତତଃ ସେମାନେ ଗୋଟିଏ ହେଲେ ଜାହାଜ ଦଖଲ କରି ପାରି ନ ଥିଲେ ।

ଦିନ ପରେ ଦିନ ଗଡ଼ି ଯାଉଥିଲା । ସେମାନେ ଲୁଟତରାଜ କରି ଯାହା ମାଲପତ୍ର ଆଣୁଥିଲେ, ସେମାନେ ରନ୍ଧ୍ର-ଗୁହାରେ ତାହା ସାଇତି ରଖି ଦେଉଥିଲେ । କ୍ରମେ କ୍ରମେ କଙ୍ଗ୍ରେର ଐଶ୍ୱର୍ଯ୍ୟ-ସମ୍ଭାର ବଢ଼ିବାକୁ ଲାଗିଲା । କଙ୍ଗ୍ରେ ଓ ତାର ପ୍ରଧାନ ଅନୁଚର ସାରସାନ୍ତେକୁ କେତେ କେତେବେଳେ ଫୁରସତ ମିଳିଲେ ନିଜ ନିଜର ଦୁର୍ଭାଗ୍ୟ ବିଷୟରେ ଆଲୋଚନା କରୁଥିଲେ ।

ନିତିକା ଭଳି ସେ ଦିନ ବି ସାରସାନ୍ତେ କହିଲା—ଯଦି ଗୋଟାଏ ଜାହାଜ ଏହି ଦ୍ୱୀପରେ ନଙ୍ଗର ପକାନ୍ତା, ଆଉ ଆମେ ତାକୁ ଦଖଲ କରି ପାରନ୍ତେ, ଆମର କି ମଜା ନ ହୁଅନ୍ତା । କିନ୍ତୁ ହାୟ ! ଆମେ ତ ଏମିତି ଭାଗ୍ୟ ନେଇ ଏଠାକୁ ଆସି ନାହାନ୍ତି !

ଲଙ୍ଗ୍ରୀ ଦୃଢ଼ କଣ୍ଠରେ କହିଲା—ଯେ କୌଣସି ଉପାୟରେ ହେଉ ପଛକେ, ଆମକୁ ଏଠାରୁ ଟିବାକୁ ପଡ଼ିବ ।

ସାରସାନ୍ତ୍ରେ ପଚାରିଲା—କିନ୍ତୁ କିପରି ?

ଏହି ପ୍ରଶ୍ନଟିର ଜବାବ ଆଉ ମିଳିଲା ନାହିଁ ।

ସାରସାନ୍ତ୍ରେ ପୁଣି କହିଲା—ଦିନେ ନା ଦିନେ ଆମର ରସଦ ତ ଖତମ ହୋଇଯିବ । ଯେତେ ଦିନ ଯାଏ ଦ୍ୱୀପର ମାଛ ସରି ନ ଯାଉଛି ଓ ଶିକାର ଆମ କପାଳରେ ଜୁଟୁଥିବ, ସେତେ ଦିନ ଯାଏ ଅବଶ୍ୟ ଆମର ଭରସା ଅଛି । ତା'ପରେ ଶୀତ କଥା ଥରେ ଭାବି ଦେଖ ତ ! ଶୀତ କଥା ଭାବିଲା ମାତ୍ରେ ମୋ ଦେହର ଲୋମ ଠିଆ ହୋଇ ଯାଉଛି ।

ଲଙ୍ଗ୍ରୀ କିଛି ଜବାବ ଦେଲା ନାହିଁ । ତାର ଅସଲ ମନୋଭାବଟା ଗୁପ୍ତି ରଖିଲା । ମାତ୍ର ମଝିରେ ମଝିରେ ତାର ଅସହାୟତାର କଥା ମନେ ପଡ଼ିଲେ, ସେ କ୍ରୋଧରେ ପାଗଳ ହୋଇଯାଏ । କପାଳ ଉପରେ ତ କାହାରି ହାତ ନାହିଁ !

ହଠାତ୍ ଦିନେ ଅବସ୍ଥା ବଦଳି ଗଲା ।

୧୮୮୯ ମସିହା ଅକ୍ଟୋବର ମାସର ଠିକ ଆରମ୍ଭରେ ଗୋଟିଏ ଜାହାଜ ଆସି ଦ୍ୱୀପରେ ନଙ୍ଗର ପକାଇଲା । ତାର ମାସ୍ତୁଲରେ ଆର୍ଜେଣ୍ଟିନାର ପତାକା ଫରଫର ହୋଇ ଉଡୁଥିଲା । ସଙ୍ଗେ ସଙ୍ଗେ ଲଙ୍ଗ୍ରୀ ଓ ତାର ଦଳବଳ ଏହାକୁ ଗୋଟିଏ ଯୁଦ୍ଧ ଜାହାଜ ବୋଲି ଚିହ୍ନି ପାରିଲେ । ତେଣୁ ତା ପାଖକୁ ଯିବାକୁ ଦୁଃସାହସ ନ କରି, ସେମାନଙ୍କ ଉପସ୍ଥିତିର ସମସ୍ତ ଚିହ୍ନ ବର୍ତ୍ତ ଲୋପ କରି ଦେଇ ସେମାନେ ତୁରନ୍ତ ଯାଇ ଗୁହା ଭିତରେ ଲୁଚିଗଲେ ଏବଂ ଜାହାଜଟିର

ପେଦର ପିତା ଦିନକୁ ପ୍ରତୀକ୍ଷା କରିବାକୁ ଲାଗିଲେ । କହିବା ବାହୁଲ୍ୟ, ଜାହାଜଟି ହେଉଛି ସାନ୍ତା-ପି । ଏହି ଦ୍ୱୀପରେ ବତୀଘର ନିର୍ମାଣ ସମ୍ପର୍କରେ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ସାନ୍ତା-ପି ଏଠାକୁ ଆସିଥିଲା । କିଛି ଦିନ ପରେ ପ୍ରାଥମିକ କାମସବୁ ଶେଷ କରିଦେଇ ସାନ୍ତା-ପି ଦ୍ୱୀପ ଛାଡ଼ି ଚାଲିଗଲା । ଏବେ ଦସ୍ୟୁ ଦଳଟା ବି ଧରା ପଡ଼ିଲା ନାହିଁ । କିନ୍ତୁ ଗୋଟିଏ ଅନ୍ଧକାର ରାତିରେ ସାନ୍ତା-ପିର ଆଖପାଖରେ ଘୂରିବୁଲି ଓ ତା ଭିତରର କିଛି କଥାବାର୍ତ୍ତା ଶୁଣି ପାରସାଙ୍କେ ଜାହାଜଟିର ଏଠାରେ ଆବିର୍ଭାବର ଉଦ୍ଦେଶ୍ୟ ଜାଣି ପାରିଲା ।

ଇଟେଗୋ ଉପସାଗରରେ ଗୋଟିଏ ବତୀଘର ତିଆରି ହେବ ?

କିନ୍ତୁ ଏହି ଦ୍ୱୀପ ଛାଡ଼ି ଅନ୍ୟଠି ଆତ୍ମଗୋପନ କରିବାକୁ ବା ସୁଯୋଗ କେଉଁଠି ଅଛି ।

ଏଠାରେ ତ ଆଉ ରହି ହେବ ନାହିଁ । ତେଣୁ କଙ୍ଗ୍ରୀ ତନ ତନ କରି ଆଉ ଗୋଟିଏ ଭଲ ବାସସ୍ଥାନ ଖୋଜିବାକୁ ଲାଗିଲା । ଶେଷରେ ସେ ସ୍ଥଟେନ ଦ୍ୱୀପର ପଶ୍ଚିମ ଦିଗରେ ପୂର୍ବ ବର୍ଣ୍ଣିତ ଗୁହାର ସନ୍ଧାନ ପାଇଲା ଏବଂ ଦିନେ ସୁବିଧା ଦେଖି ଜା ଭରି ମାଲ-ପତ୍ରସବୁ ଧରି ସେଠାରେ ହାଜର ହୋଇଗଲା । ବର୍ଷେ ଯାଏ ଚଳିବା ପ୍ରୟୋଜନୀୟ ଜିନିଷପତ୍ର ଓ ଖାଦ୍ୟ ସାମଗ୍ରୀସବୁ ଧରି ସେମାନେ ସେଠାକୁ ଉଠିଗଲେ । କାରଣ ବତୀଘର ତିଆରି କରିବା ପାଇଁ ଲୋକମାନେ ଶୀଘ୍ର ଏହି ଦ୍ୱୀପରେ ଆସି ପହଞ୍ଚିବେ ! କିନ୍ତୁ ଉଭୟ ଗୁହାର ଜିନିଷପତ୍ର ସବୁ ସ୍ଥାନାନ୍ତରିତ କରିବା ପାଇଁ ସମସ୍ତ

ନଥିଲା ବୋଲି ଅଧିକାଂଶ ଜିନିଷପତ୍ର ଜାହାଜରେ, ଭଲ ଭାବରେ ଗୁମ୍ଫା ମୁହଁରେ ପଥର ଲଗାଇ ଦେଇ ବନ୍ଦ କରିଦେଲେ, ବାକି ଜିନିଷପତ୍ର ସବୁ ଲୁଚାଇଦେଇ ସେମାନେ ଦ୍ୱୀପର ପଶ୍ଚିମ ଦିଗକୁ ଚାଲିଗଲେ ।

ଜଳଦସ୍ୟୁ ଦଳଟି ଅନ୍ୟ ସ୍ଥାନକୁ ଚାଲିଯିବାର ଠିକ ପାଞ୍ଚ ଦିନ ପରେ ଗାନ୍ଧାରୀ ଆଦି ବଉଘର ତିଆରି କରିବା ଲାଗି ଲୋକ, ଖାଦ୍ୟସାମଗ୍ରୀ ଓ ଦରକାରୀ ସବୁ ଜିନିଷ ଦ୍ୱୀପରେ ମହଜୁଦ ହୋଇଗଲା । ବଉଘର କେଉଁଠି ନିର୍ମାଣ କରାଯିବ, ସେଥିପାଇଁ ସ୍ଥାନଟି ଠିକ ହେଲା ଏବଂ କାମ ବି ପୂରା ଦମ୍ଭରେ ଆରମ୍ଭ ହୋଇଗଲା ।

ଦ୍ୱୀପର ପଶ୍ଚିମ ଭାଗରେ ଅବସ୍ଥିତ ଗୁମ୍ଫାରେ ଆଶ୍ରୟ ନେଇ ଦସ୍ୟୁମାନେ ସନ୍ତୁଷ୍ଟ ହୋଇ ରହିଲେ । ସେଠିଏ ଝରଣାରୁ ପିଇବା ପାଣି ଆଣିବା ପାଇଁ ସେମାନେ ବ୍ୟବସ୍ଥା କଲେ । ମାଛ ଧରି ଓ କାଠି କାଠି ଶିକାର କରି ଏବଂ ନିଜର ମହଜୁଦ ଖାଦ୍ୟ ସାମଗ୍ରୀରୁ କମ ଖର୍ଚ୍ଚ କରି ସେମାନେ ଚଳିବାକୁ ଲାଗିଲେ । କେବେ ବଉଘର ତିଆରି ଶେଷ ହୋଇଯିବ ଏବଂ ଗାନ୍ଧାରୀ ତାହାକୁ ଛାଡ଼ିଯିବ, ସେଥିପାଇଁ ସେମାନେ ଖାଲି ଅପେକ୍ଷା କରିବାକୁ ଲାଗିଲେ । ତା'ପରେ ଯାଇ କଙ୍କାଳର ବାଦ୍ୟ ନିନାଦରେ ଆକାଶ ପବନ କମ୍ପିବ ।

କର୍ତ୍ତା ଓ ଜ୍ୟାକସନ୍ ଦ୍ୱୀପରେ ଘଟୁଥିବା ଘଟଣାବଳୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଲାଗିଲେ । ବଉଘର ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ତାର ଗୋଟାଏ ମୋଟାମୋଟି ଧାରଣା କରିସାରି କର୍ତ୍ତା ତା' ମନେ ମନେ ଗୋଟାଏ ଫନ୍ଦି ପାଞ୍ଚିଲା ।

ଡିସେମ୍ବର ମାସ ପାଇଁ ସେ ଅଧୀର ଭାବରେ ପ୍ରତୀକ୍ଷା କରିବାକୁ ଲାଗିଲା । କାରଣ ସେତିକିବେଳକୁ ବାତିଘର ତିଆରି କାମ ସରି ଯାଇଥିବ । ସେତେବେଳେ ଆଲୋକ-ରଶ୍ମିମାନେ ପୁଣି ଏଠା ଦେଖାଇଯିବେ । ସେଥିପାଇଁ ତା କେତେ ସପ୍ତାହ ହେଲା ଜଳଦସ୍ୟୁ-ମାନଙ୍କ ଅତ୍ୟାଚାର ଦେଖି ନା ଦେଖି ଆଠ ମାଇଲ ଦୂରବର୍ତ୍ତୀ ଜାହାଜର ନାବିକମାନେ ସେ ବାତିଘରର ଆଲୋକ-ରଶ୍ମି କେବେ ଦେଖିବାକୁ ମିଳିବ, ତାହା ଜାଣିବା ମନରେ ପ୍ରତୀକ୍ଷା କରିବାକୁ ଲାଗିଲେ । ଡିସେମ୍ବର [illegible] ମଧ୍ୟରେ ଷାରସ୍ୱାଟେ ଜାହାଜ [illegible] ଫେରି ଆସିବ ।

[illegible] ସହିତ ଦିନ ଗୋଟି ଗୋଟି ଗଡ଼ିଗଲା । ତା'ପରେ [illegible] ଦେଖିଲା ସେତେବେଳେ ଷାରସ୍ୱାଟେ [illegible] ଗୁଳି [illegible] ତାଙ୍କୁ ଅନ୍ଧାର [illegible] ସେତେବେଳେ [illegible] ଦୌଡ଼ିଆସି ସଙ୍ଗେ ସଙ୍ଗେ ମାଟି [illegible] ଚଢ଼ିଲେ । ତା'ପରେ [illegible] ତାଙ୍କୁ ଅଦୃଶ୍ୟ କଲା । ଏବେ [illegible] ବି ଜାଣି ପାରିଲା ଯେ ଦ୍ୱୀପରେ ସେମାନଙ୍କ [illegible] ଆଉ କେତେଦିନ ବାକି ଅଛନ୍ତି ।

ଡିସେମ୍ବର ମାସର [illegible] ବାହାରି ଗଲା । ତା'ର [illegible] ଡିସେମ୍ବର ମାସର [illegible] ବହିଯାଉଥିଲେ [illegible] ସମ୍ପୂର୍ଣ୍ଣ ବୋଲି [illegible] ପାରିଲା । ବାତିଘରଟା [illegible] କରିବାକୁ ବା ତାଙ୍କୁ କେତେ ସମୟ ଲାଗିବ ? [illegible] ପୁଣି ପୂର୍ବ [illegible] କରିବାକୁ [illegible] ।

କିନ୍ତୁ ଶାନ୍ତା-ଫି ଫେରି ଯାଇ ନିଷ୍ଠୁର ନର ନିର୍ମିତ ବନ୍ଦରର ବିଷୟରେ ପ୍ରଚାର କରିବ। ସେଥିପାଇଁ କୌଣସି ଗୋଟାଏ ଜାହାଜ, ଅନ୍ତତଃ ମଧ୍ୟମ ଶ୍ରେଣୀର ଗୋଟାଏ ଜାହାଜ, ତା ପୂର୍ବରୁ ଯୋଗାଡ଼ କରିବାକୁ ହେବ। କଙ୍ଗ୍ରୀ ଠିକ କରି ପକାଇଲା, ଏଥର କୌଣସି ଜାହାଜ ଦେଖିଲା ମାତ୍ରେ ତାକୁ ଦଖଲ କରି ନେଇ ପ୍ରଶାନ୍ତ ମହାସାଗରରେ ନୂଆ ଅଭିଯାନରେ ବାହାରିବ। ତାହାହେଲେ ତାର ପୂର୍ବ ସଙ୍କଳ୍ପ ଅନୁଯାୟୀ କାମ ହୋଇ ପାରିବ। କିନ୍ତୁ ଯଦି କୌଣସି ଜାହାଜ ଏଠାରେ ନଙ୍ଗର ନ ପକାଏ, ତାହାହେଲେ ? ଶାନ୍ତା-ଫି ଫେରି ଆସିଲେ, ସବୁ ଚକ୍ରାନ୍ତ ଭଣ୍ଡୁର ହୋଇଯିବ ଏବଂ ପୁଣି ମର ଫଉଜ ଏଠାକୁ ଧାଇଁ ଆସିବାକୁ ପଡ଼ିବ।

ଡିସେମ୍ବର ବାଇଶି ତାରିଖ। ସନ୍ଧ୍ୟା ବେଳେ କଙ୍ଗ୍ରୀ ଓ ପାରସାଣ୍ଟ୍ରେ, ସେମାନଙ୍କ ଗୁହା ନିକଟରେ ଦ୍ୱୀପର ଗୋଟାଏ ଦିଗରେ ବୁଲି ବୁଲି ନାବିକ-ସୁଲଭ ଦୃଷ୍ଟିରେ ସମୁଦ୍ର ପର୍ଯ୍ୟବେକ୍ଷଣ କରୁଥିଲେ। ପାଗଟା ଖୁବ୍ ଚମତ୍କାର ଥିଲା। ଦିଗ ଚକ୍ରବାଳରେ ମେଘମାଳା ଘୋଟି ଆସିଥିଲା। ଉତ୍ତର-ପୂର୍ବ ଦିଗରୁ ଗୋଟାଏ ଥଣ୍ଡା ପବନ ବହୁଥିଲା। ସେତେବେଳେ ସମୟ ସନ୍ଧ୍ୟା ସାତେ ଛଅଟା। କଙ୍ଗ୍ରୀ ଓ ତାର ଅନୁଚରମାନେ ପୂର୍ବ ବ୍ୟବସ୍ଥା ଅନୁସାରେ ଚାଲିଯିବା ପାଇଁ ତିଆରି ହୋଇ ସାରିଥିଲେ, ଏହି ସମୟରେ ପାରସାଣ୍ଟ୍ରେ କହିଲା— ତାହାହେଲେ ଆମର ଜିନିଷପତ୍ର ସବୁ ଏଠାରେ ଛାଡ଼ିଦେଇ ଆମକୁ ଚାଲି ଯିବାକୁ ପଡ଼ୁଛି, ନା ?

କଙ୍ଗ୍ରୀ ଜବାବ ଦେଲା—ହଁ, ସେଗୁଡ଼ାକୁ ପରେ ନେଇଯିବାଟା ସୁବିଧାଜନକ। ଯେତେବେଳେ ସେ ଜାହାଜଟା ଆମେ ଦଖଲ କରିବା ସେତେବେଳେ—

ତା ତୁଣ୍ଡର କଥା ତୁଣ୍ଡରେ ରହିଗଲା । ଖୋଲା ସମୁଦ୍ର, ଆଡ଼େ ଦୃଷ୍ଟି ପକାଇବା ମାତ୍ରେ, ସେ ରହିଯାଇ ଚିତ୍କାର କଲା--ସାରସାହେବ, ଦେଖ, ସେ ଅଡ଼କୁ ଅନାଇ ଦେଖ ତ, ସେଇ ଯେ ଦୂରରେ— ।

ଜାଢେ ଶୀତ ଦଗରୁ ଗୁହାଁ ସାରସାହେବ ପାଟିକଲେ—କୌଣସି ଭୁଲ୍ ନାହିଁ । ଗୋଟାଏ ଜାହାଜ !

ଭଙ୍ଗ୍ରୀ କହିଲା—ଜାହାଜଟା ଏ ଅଡ଼କୁ ଆଗେଇ ଆସୁଛି ନା ?

ସାରସାହେବ ଜବାବ ଦେଲେ—ହଁ, ଗୋଟାଏ ସ୍କୁନାର ଭଳି ତ ଦିଶୁଛି ।

ଭଙ୍ଗ୍ରୀ ପୁଣି କହିଲା—ହଁ, ଠିକ୍ କହୁଛୁ । ଗୋଟାଏ ଦେଢ଼ ଶହ କି ଦୁଇ ଶହ ଟନର ସ୍କୁନାର । ଦଲଟାଯାକର ଜଳଦସ୍ୟୁମାନେ ତତ୍କ୍ଷଣାତ ବାହାରି ଆସି ଗୁହା ସାମନାରେ ଠିଆହେଲେ । ଭଙ୍ଗ୍ରୀ ସେମାନଙ୍କୁ ଲକ୍ଷ୍ୟକରି କହିଲା—କୌଣସିମତେ ଆମର ଏ ସୁଯୋଗଟା ହରାଇଲେ ଚଳିବ ନାହିଁ । ଏଟାକୁ ଦଖଲ କରିବା ପାଇଁ ଆମକୁ ପ୍ରାଣପଣେ ଚେଷ୍ଟା କରିବାକୁ ହେବ । ହେଇ ଦେଖ, ଜାହାଜଟାକୁ ପବନ ଓ ଜୁଆର ବିରୁଦ୍ଧରେ କେମିତି ଲଢ଼ିବାକୁ ହେଉଛି

ସ୍ରୋତ ବେଶୀ ହେବାକୁ ଲାଗିଲା । ପ୍ରଣାଳୀ ଭିତରେ ପ୍ରବେଶ କରିବା ଏକ୍ଷଣି ତା' ପକ୍ଷରେ ସମ୍ଭବପର ନୁହେଁ । କାଲି ବା ଏହି ଅନ୍ତରୀପ ଠାରୁ ଦୂରରେ ତାକୁ ଦେଖିବାକୁ ମିଳିବ । ଏଥର ଦେଖାଯାଉ, ଆମେ କିଛି କରି ପାରୁଛେ କି ନା ।

ପ୍ରାୟ ଘଣ୍ଟାକ ଭିତରେ ଜାହାଜଟି ଅନ୍ଧାରରେ ଲୁପ୍ତ ହୋଇ ଗଲା । ଏପରିକି ତା'ର କୌଣସି ଅଂଶ ବି ଆଖିରେ ପଡ଼ିଲା ନାହିଁ ।

ତହିଁ ଆର ଦିନ । ଭୋର ବେଳେ ବର୍ଟି ଓ ତା'ର ସାଙ୍ଗମାନେ ଯେମିତି ଗୁମ୍ଫା ଭିତରୁ ପଦାକୁ ବାହାରି ଆସିଛନ୍ତି, ସେମାନେ ଦେଖିବାକୁ ପାଇଲେ ଯେ, ସେଣ୍ଟ ଘା' ଲେମ୍ବ ଅନ୍ତରୀପର ପାହାଡ ଛଳେ ସେହି କୁନାଟି ସ୍ଥିର ହୋଇ ଛିଡ଼ା ହୋଇଛନ୍ତି ।

# ପାଞ୍ଚ

ନାବିକମାନଙ୍କ କାହିଁବା ସମ୍ବନ୍ଧରେ ଅବଗତ ହେବାକୁ ଡଙ୍କ୍ଲିର କିଛି ବାକି ନ ଥିଲା । କେଉଁ ଜାହାଜ କାହା ଦଖଲରେ ଥିଲା ଏବଂ କେଉଁ କେଉଁ ସାଗରରେ ସେଠାକାର ମାଲିକ, ତାରି ଭଳି ଜଣେ ପକ୍କା ଜାହାଜୀ ଓ ତା ଦସ୍ୟୁ ଜୀବନର ଆଖାଡ଼ି ହାତ ସାରସାତ୍ରେ କେବଳ ସେ ସବୁ ବିଷୟ କହିପାରେ । କିନ୍ତୁ ସେ ତାହାକୁ କେବେ ସେ ବିଷୟରେ ପଚାରି ହେଲେ କିଛି କହୁ ନାହିଁ ।

ଯେତେବେଳେ ସଲୋମନ ଦ୍ୱୀପ ଓ ନିଉଁ ହେବ୍ରାଇଡ଼ସ ଅଞ୍ଚଳରେ ଦସ୍ୟୁମାନଙ୍କର ଉତ୍ପାତ ବଡ଼ ସାଂଘାତିକ ଥିଲା । ଏହି ଅଞ୍ଚଳରେ ଦୁଇ ଜଣ ଯାକ ଜଳଦସ୍ୟୁ ଦ୍ୱୀପାବଳରେ ସେମାନଙ୍କ ପ୍ରଥମ ସ୍ଥାଠ ଆରମ୍ଭ କରିଥିଲେ । ତାଙ୍କ ଦଳର ଅନ୍ୟ ଲୋକମାନେ ବି ନାବିକ ବା ସଉଦାଗର ହିସାବରେ ସାଗର ଯାତ୍ରା କରିଛନ୍ତି ବୋଲି ସମୁଦ୍ରର ହାଲଚାଲ ସମ୍ବନ୍ଧରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ଅଛି । ସ୍କୁନାରଟି ଦଖଲ କଲେ, ସେମାନଙ୍କ ଦ୍ୱାରା ଖଲାସୀ କାମ ଚଳାଇ ନେଇହେବ । ସ୍କୁନାରଟିକୁ ଦେଖି ଜଣା ଯାଉଥିଲା ଯେ ଆସନ୍ତା ଝଡ଼ରେ ପବନର ଗତି ବଦଳି ଗଲେ ସେ ପୁଣି ଖୋଲା

ସମୁଦ୍ରରେ ଯାତ୍ରା କରିବା । ଅଦମ୍ୟ ଚେଷ୍ଟା କଲେ ମଧ୍ୟ ସ୍କୁନାରଟି ବାଲିର ଚଡ଼ାରେ ଅଟକି ରହିଲା ।

ଜାହାଜର କପ୍ତାନ ଓ ନାବିକମାନଙ୍କର ଅବସ୍ଥା କ'ଣ ହେଲା ସେ ବିଷୟରେ ଖାଲି ଅନୁମାନ କରିବା ଛଡ଼ା ଆଉ କୌଣସି ଉପାୟ ନ ଥିଲା । ବୋଧହୁଏ ପବନର ପ୍ରଚଣ୍ଡ ଧାକ୍କାରେ ଜାହାଜଟିକୁ ଶୀଘ୍ର ପାହାଡ଼ ଅଭିମୁଖରେ ଧାଇଁବାର ଦେଖି, ନିଶ୍ଚିତ ଧ୍ୱଂସର ହାତରୁ ନିଜକୁ ରକ୍ଷା କରିବା ଲାଗି ସେମାନେ ନୌକାରେ ପଳାଇଯିବା ପାଇଁ ଚେଷ୍ଟା କରୁଛନ୍ତି । ଯଦି ତାହା ହୋଇଥାଏ, ତାହାହେଲେ ତାଙ୍କୁ ଭାଗ୍ୟର ପରିହାସ ଛଡ଼ା ଆଉ କ'ଣ ବା କୁହାଯାଇ ପାରେ ? ଯଦି ସେମାନେ ଜାହାଜରେ ଥାଆନ୍ତେ, ତାହାହେଲେ ସବୁ କିଛି ନିରାପଦରେ ଓ ଭଲ ଅବସ୍ଥାରେ ରହି ଥାଆନ୍ତା । ମାତ୍ର ଉତ୍ତର-ପୂର୍ବ ଦିଗରେ ଦୁଇ ମାଇଲ ଦୂରରେ ସେମାନଙ୍କ ନୌକାକୁ ସମୁଦ୍ରର ଉତ୍ତାଳ ତରଙ୍ଗ ସହିତ ଯୁଝିବାର ଦେଖାଗଲା । ପବନର ଧାକ୍କାରେ ନୌକାଟି ବ୍ରାଙ୍କଲିନ ଉପସାଗର ଅଭିମୁଖରେ ଧାଇଁ ଚାଲିଥିଲା । ସୁତରାଂ ଏକ୍ଷଣି ଯେ ସେମାନେ ମୃତ୍ୟୁର କବଳରେ ଆତ୍ମ-ସମର୍ପଣ କରି ନାହାନ୍ତି, ତାହା ସ୍ପଷ୍ଟ ଭାବରେ ଜଣା ଯାଉଥିଲା ।

ପୂର୍ଣ୍ଣ ଜୁଆରରେ ସ୍କୁନାର ପାଖରେ ପହଞ୍ଚିବା କଙ୍ଗ୍ରୀର ଦଳ ପକ୍ଷରେ କିଛି କଷ୍ଟକର କାମ ନ ଥିଲା । ଅଧ ମାଇଲ ଦୂରରେ ଥିବା ସେହି ସ୍କୁନାର ନିକଟରେ ପହଞ୍ଚିବା ଲାଗି ସେମାନଙ୍କୁ ଖାଲି କେତୋଟି ମୁଣ୍ଡିଆ ଡେପି ଯିବାକୁ ହେବ । କଙ୍ଗ୍ରୀର ଦଳ ସେଥିକୁ ଚେଷ୍ଟା କଲେ ।

କଙ୍ଗ୍ରୀ ତା'ର ଦଳବଳ ଧରି ବେଳାଭୂମିରେ ପହଞ୍ଚି ସ୍କୁନାରଟିକୁ ଗୋଟିଏ ବାଲିର ଚଡ଼ାରେ ଅଟକି ରହିଥିବାର

ଦେଖିଲେ । ଜୁଆର ବେଳେ ସମୁଦ୍ରର ଜଳ ସାତ ଆଠ ଫୁଟ୍ ଉପରକୁ ଫୁଲି ଉଠିବ—ସେତେବେଳେ ଜାହାଜଟିକୁ ଚଳାଇ ଆଣିବା ପାଇଁ ତିଳେହେଲେ କଷ୍ଟ ହେବନାହିଁ । ସ୍କୁନାରଟି ପ୍ରକୃତରେ ଶହେ ଷାଠିଏ ଟନର । ତେଣୁ ଭଙ୍ଗ୍ରୀର ଅନୁମାନ ଆଦୌ ଭୁଲ ହୋଇ ନାହିଁ । ଭଙ୍ଗ୍ରୀ ସ୍କୁନାରଟିର ଚାରି ପାଖରେ ବୁଲି ଦେଖିଲା ଏବଂ ତା'ପରେ ତାର ନାମ-ଫଳକ ଆଡ଼ ଅନାଇକି ଉଚ୍ଚାରଣ କଲା— ମଙ୍ଗଲ, ଭାଲ୍‌ପରସିଓ ।

ଡିସେମ୍ବର ବାଇଶ ତାରିଖ ରାତିରେ ଚିଲିର ଗୋଟିଏ ଜାହାଜ ସ୍ଲୁଟେନ ଦ୍ୱୀପରେ ଭିଡ଼ିଲା ।

ସାରସାନ୍ତେ କହିଲା– ଏଥିରେ ଆମର କାମ ଚଳିଯିବ ।

ଆଉ ଜଣେ କଥା ପକାଇଲା—ଯଦି ତା' ତଳେ ଏଷଣି କୌଣସି ଫାଟ ହୋଇ ନ ଯାଇଥାଏ, ତାହାହେଲେ ଅବଶ୍ୟ ।

ଭଙ୍ଗ୍ରୀର କଣ୍ଠସ୍ୱର ଶୁଣାଗଲା—ଗୋଟେ ଅଧେ ଫାଟ ହୋଇ ଯାଇଥିଲେ, ମରାମତି କରାଯାଇ ପାରିବ । ଏହା କହି ସେ ଜାହାଜ-ଟିକୁ ଭଲ ଭାବରେ ଦେଖିବାକୁ ଲାଗିଲା । କୌଣସି ଆଘାତର ଚିହ୍ନ ତା' ଆଖିରେ ପଡ଼ିଲା ନାହିଁ ।

ନାନା ଭାବରେ କଷ୍ଟ ଓ କସରତ କରି ସେମାନେ ସେହି କାତ୍ ହୋଇ ପଡ଼ିଥିବା ଜାହାଜଟିର ଉପରକୁ ଚଢ଼ିଗଲେ । ତା ଭିତରେ ସବୁ କିଛି ପରିଷ୍କାର ଦେଖାଗଲା । ଭଙ୍ଗ୍ରୀ କାପ୍ତାନର କାମରାରେ ପଶିଯାଇ ଗୁହିଆଡ଼େ ଅଣ୍ଡାଳି ପକାଇ ଜାହାଜ ସମ୍ପର୍କୀୟ କାଗଜପତ୍ର ସବୁ କାଢ଼ି ଆଣିଲା । ତା'ପରେ ସେ ଓ ସାରସାନ୍ତେ ଜାହାଜ ବିଷୟରେ ସବୁ କିଛି ଜାଣି ପାରିଲେ ।

ମଉଲ୍ ହେଲା ଶାଲର ଭୂଲପର୍ଗପ୍ରୋର ଗୋଟିଏ ସ୍କୁନାର । ଶହେ ସତ୍ତରଟନ ଓଜନ ତା'ର ଆୟତ୍ତାଧୀନ । ନଭେମ୍ବର ତେଇଶ ତାରିଖରେ କପ୍ତାନ, ପାଇଲଟ ଓ ଦୁଇ ଜଣ ନାବିକ ଫକ୍‌ଲାଣ୍ଡ ଦ୍ୱୀପ ଅଭିମୁଖରେ ଯାତ୍ରା କରିଥିଲେ । ହର୍ଣ୍ଣ ଅନ୍ତରୀପର ବାଙ୍କଟା ଭଲ ଭାବରେ କଟାଇ ନେଇ ଲେମ୍ବୁର ପ୍ରଣାଳୀରେ ପ୍ରବେଶ କରିବା ସମୟରେ ଷ୍ଟାଟେନ ଦ୍ୱୀପର ବାଲି ଚଡ଼ାରେ ଧକ୍କା ବାଜି ଯିବାରୁ ଜାହାଜଟି ସେମାନଙ୍କ କବଳରୁ ବାହାରକୁ ଚାଲିଗଲା ।

ଜାହାଜରେ କିଛି ମାଲପତ୍ର ଥିଲା ନାହିଁ । କଙ୍ଗ୍ରୀ ବି ତା ଚାହୁଁ ନଥିଲା ! ଏହି ଦ୍ୱୀପରୁ ଖସିଯିବା ପାଇଁ ଖଣ୍ଡିଏ ଜାହାଜ ହେଲେ ସେମାନଙ୍କର କାମ ଚଳିଯିବ । ମଉଲ୍‌କୁ କାମରେ ଲଗାଇ ପାରିଲେ କଙ୍ଗ୍ରୀର ଦୀର୍ଘ ଦିନର ବାସନା ଚରିତାର୍ଥ ହେବ । ବର୍ତ୍ତମାନ ତା'ର ପ୍ରଥମ କାମ ହେଉଛି, ଏହି ବାଲିଚଡ଼ାରୁ ଜାହାଜଟିକୁ ଉଦ୍ଧାର କରି ସମୁଦ୍ରକୁ ନେଇଯିବା । ଜୁଆର ଶୀଘ୍ର ଆରମ୍ଭ ହୋଇ ଯିବ । ସେଥିପାଇଁ କଙ୍ଗ୍ରୀ, ଭାରଗାସ୍‌କୁ କହିଲା—ଜୁଆର ଆସିବା ଆଗରୁ ଏଟାକୁ ସାଗର ଭିତରୁ ନେଇଯିବା ଲାଗି ତିଆରି କରିବାକୁ ହେବ । ମନେ ହେଉଛି, ଏଟାର ସେମିତି କୌଣସି ଆଘାତ ଲାଗି ନାହିଁ । ସୁତରାଂ ବୁଡ଼ି ମରି ଯିବାର କୌଣସି ସମ୍ଭାବନା ନାହିଁ ।

ଭାରଗାସ୍ ଜବାବ ଦେଲା—ଶୀଘ୍ର ତାହା ଜଣା ଯିବ, ଓସ୍ତାଦ । ଏହି ତ ଜୁଆର ଆରମ୍ଭ ହେବା ଉପରେ । ତାପରେ ଆମକୁ କ'ଣ କରିବାକୁ ହେବ ?

ଲଙ୍ଗ୍ରୀ କହିଲା—ପ୍ରଥମେ ଏଠାକୁ ଗୁହା ପାଖକୁ ନେଇ ଯିବାକୁ ହେବ । ସେଠାରେ ଜଳ ଖୁବ ଗଭୀର ତେଣୁ ତାର ଅବ ଅଟକି ଯିବାର ସମ୍ଭାବନା ନାହିଁ ; କାରଣ ଜାହାଜଟି ଛଅଫୁଟ ମାତ୍ର ଜଳରେ ବି ଭାସି ରହିପାରେ ।

ସାରସନ୍ତେ ପଚାରିଲା—ତା'ପରେ ?

ଲଙ୍ଗ୍ରୀ ଜବାବ ଦେଲା—ତାପରେ ଆମେ ଏତେ ଦିନ ହେଲା ଯେଉଁ ଧନରତ୍ନ ସବୁ ସାଇତି ରଖିଛନ୍ତି, ସେସବୁ ଜାହାଜରେ ଲଦା ହେବ ।

ସାରସାନ୍ତେ ପୁଣି ପଚାରିଲା—ଲଦା ସରିଲେ ?

ଲଙ୍ଗ୍ରୀ ସିଧା ଜବାବ ଦେଲା—ତା'ପରେ କ'ଣ କରଯିବ, ସେଇଟା ପରେ ଦେଖାଯିବ ।

ଜୁଆର ଆରମ୍ଭ ହେବା ଆଗରୁ ଜାହାଜଟିକୁ ସମୁଦ୍ରରେ ଚଳାଇବା ଉପଯୋଗୀ କରିବା ପାଇଁ ସେମାନେ ଦ୍ରୁତ ବ୍ୟସ୍ତତାରେ ଓ କର୍ମ-ଶୃଙ୍ଖଳରେ ମାତିଗଲେ । ପ୍ରଥମେ ବନ୍ୟାର ତୋଡ଼ ଆସିବା ଆଗରୁ ସେମାନେ ସବୁ କାମ ସାରିଦେଲେ । କେତୋଟି ମୁହୂର୍ତ୍ତ ପରେ ବାଲିଚଡ଼ାଟା ପାଣି ତଳେ ବୁଡ଼ିଯିବ । ଲଙ୍ଗ୍ରୀ, ସାରସାନ୍ତେ ଓ ଆଉ ଛଅ ଜଣ ଜାହାଜରେ ରହିଲେ ଏବଂ ବାକି ସମସ୍ତେ ସ୍ଥଳ ପଥରେ ଗୁହା ଅଭିମୁଖରେ ଦୌଡ଼ିବାକୁ ଲାଗିଲେ ।

ଏଖଣି ଅପେକ୍ଷା କରି ରହିବା ଛଡ଼ା ସେମାନଙ୍କର ଆଉ କୌଣସି ଗତି ନ ଥିଲା । ଘଟଣାଚକ୍ରଟା ଲଙ୍ଗ୍ରୀର ସୌଭାଗ୍ୟ-ସୂଚକ ଥିଲା । ତାର ଫନ୍ଦୀ ଅନୁଯାୟୀ କାମ ବି ଶେଷ ହେବାକୁ ଲାଗିଲା ।

ବାଲ୍‌ଡଡ଼ାର ବରଫରୁ ମୁକ୍ତ ପାଇବା ପାଇଁ ହଠାତ ମଙ୍ଗଳର ଦେହରେ ଯେମିତ ଦକ୍ଷିଣା ପବନ ଆସି ବାଜିଲା । ସମୁଦ୍ରର ଜଳ କ୍ରମେ କ୍ରମେ ଫୁଲି ଉଠିବାକୁ ଲାଗିଲା । ଏହାଠାରୁ ଅଧିକ ଭଲ ଅବସ୍ଥା କଳ୍ପନା କରାଯାଇ ନ ପାରେ ।

ତଥାପି କଙ୍ଗ୍ରୀର ଉଦ୍‌ବେଗରେ ସୀମା ନ ଥାଏ । ଯଦି ଷ୍ଟୁନାର ତଳେ କୌଣସି ଫାଟ ହୋଇଯାଇ ଥାଏ, ତାହାହେଲେ ସାଗର-ଯାତ୍ରା ତ ଦୂରର କଥା, ଏଠାରେହିଁ ବୁଡ଼ି ମରିବାକୁ ହେବ । ତେଣୁ ଅଧୈର୍ଯ୍ୟ ମନରେ କଙ୍ଗ୍ରୀ ଓ ତାର ଅନୁଚର ମାନେ କମରଭିଦ ନଶାଲ ଓ ଉଲ୍ଲସିତ ଜୁଆର ଆଡ଼କୁ ଚାହିଁ ରହିଲେ । କ୍ରମେ କ୍ରମେ ସେମାନଙ୍କର ଆତ୍ମବିଶ୍ୱାସ ଫେରି ଆସିବାକୁ ଲାଗିଲା । ଜୁଆରରେ ଜୋର୍ କ୍ରମେ ବଢ଼ିବାକୁ ଲାଗିଲା । ସାଗରର ଜଳ ଫୁଲି, ଫାମ୍ପି, ନାଚି କୁଦି ଧାଇଁବାକୁ ଲାଗିଲା । କାତ୍ ହୋଇ ପଡ଼ିଥିବା ଜାହାଜଟି ଧୀରେ ଧୀରେ ସିଧା ହୋଇ ଠିଆ ହେବାକୁ ଲାଗିଲା ।

ସାରସାନ୍ତେ ଆନନ୍ଦରେ ପାଟି କରି ଉଠିଲା—ଜାହାଜରେ କୌଣସି ଫାଟ ନାହିଁ ।

କଙ୍ଗ୍ରୀ ସମସ୍ତଙ୍କୁ ପ୍ରସ୍ତୁତ ହୋଇ ଯିବାକୁ ଆଦେଶ ଦେଲା । ତକ୍ଷଣାତ୍ ସବୁ ଠିକ୍‌ଠାକ୍ ହୋଇଗଲା । ସେମାନେ ସମସ୍ତେ ଅନ୍ୟ ଆଦେଶକୁ ଅପେକ୍ଷା କରିବାକୁ ଲାଗିଲେ ।

ଅଢ଼ାଇ ଘଣ୍ଟା ହେଲା ଜୁଆର ଆରମ୍ଭ ହୋଇଛି । ରେଲିଂ ଧରି କଙ୍ଗ୍ରୀ ପାଣି ଆଡ଼କୁ ନଇଁ ପଡ଼ି ଜୁଆରର ଗତି ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲା । ଅଧ ଘଣ୍ଟାକ ଭିତରେ ଜାହାଜଟି ବାଲିକା ଶଯ୍ୟାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଗଲା ।

ସେତେବେଳେ ତନ୍ତ୍ରୀ ନଙ୍ଗର ଉଠାଇବା ପାଇଁ ତାଙ୍କ ସ୍ୱରରେ ହୁକୁମ ଦେଲା । ନଙ୍ଗର ଉଠଗଲା ସତ, କିନ୍ତୁ ଜାହାଜ ହଲଚଲ ହେଲା ନାହିଁ । ତେଣୁ ସାରସାଲ୍ତେ ଖୁବ୍ ଭଲ ଭାବରେ ଗୁରଅଡ଼କୁ ଅନାଇ ଦେଖିବାକୁ ଲାଗଲା, ବ୍ୟାପାରଟା କ'ଣ । ସେତେ-ବେଳେ ଜାହାଜଟି ସମ୍ପୂର୍ଣ୍ଣ ଭାବରେ ଜଳରେ ଭାସି ନ ଥିଲା । ଦେଖାଗଲା, ତାର କିଛି ଅଂଶ ବାଲି ଚଡ଼ାରେ ଅଟକି ଯାଇଛି । କିଛି ସମୟ ପରେ ଯେତେବେଳେ ସେହି ଅଂଶ ଟିକକ ଜଳରେ ଭାସି ଉଠିଲା, ସେତେବେଳେ ହଠାତ୍ ଗୋଟାଏ ଘୂର୍ଣ୍ଣନରେ ପଞ୍ଚି ଜାହାଜର ମୁହଁ ସମୁଦ୍ର ଆଡ଼କୁ ହୋଇଗଲା । ତନ୍ତ୍ରୀର ହୁକୁମରେ ସମସ୍ତେ ତତ୍‌କ୍ଷଣାତ୍ କ୍ଷିପ୍ର ଗତିରେ କାମରେ ଲାଗିଗଲେ । ଏପରିକି ସାରସାଲ୍ତେ ବି ବାଦ ପଡ଼ିଲା ନାହିଁ । ଖାଲି ତନ୍ତ୍ରୀ ଗୁରଅଡ଼େ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲା ।

ସେମାନେ ପ୍ରାଣ ପଣେ ଚେଷ୍ଟା କରିବାକୁ ଲାଗିଲେ । ପୃଥିବୀର କୌଣସି କୁ-କାର୍ଯ୍ୟ କରିବାକୁ ଯେଉଁମାନେ ପଶ୍ଚାତ୍‌ପଦ ନୁହନ୍ତି, ସାମାନ୍ୟ ଗୋଟାଏ ବାଲିଚଡ଼ାକୁ ସେମାନେ ଜାହାଜଟାକୁ ଖସାଇ ପାରିବେ ନାହିଁ, ଏହା କ'ଣ ଗୋଟାଏ କଥାର କଥା ! ସୁତରାଂ ସେମାନେ ଭଗବାନଙ୍କ ନାମ ନେଇ ହେଇ-ହେଲା ପାଟିଗୋଳ କରି କାମରେ ଲାଗିଗଲେ ।

ସେତେବେଳେ ଉତ୍ତର-ପୂର୍ବ ଦିଗରେ ଧୀରେ ଧୀରେ କଳାହାଣ୍ଡିଆ ମେଘ ଘୋଟି ଆସୁଥିଲା । ଯଦି ଜାହାଜକୁ ତଳିଲା ଚଳାଇ ନ ନିଆଯାଏ, ତାହାହେଲେ ସେମାନଙ୍କୁ ଗୋଟାଏ ସାଙ୍ଘାତିକ ପରିସ୍ଥିତିର କବଳରେ ପଡ଼ିବାକୁ ହେବ । ତା'ଛଡ଼ା ଯଦି ସେହି

ବାଟରୁ ପବନ ଖୁବ୍ ଜୋରରେ ବହିବାକୁ ଲଗିବ, ତାହାହେଲେ କୌଣସି ମତେ ପ୍ରଣାଳୀ ଭିତରେ ଜାହାଜ ଚଳାଇ ହେବ ନାହିଁ । ଫଳରେ ସେମାନଙ୍କର ସବୁ ଆଶା ଭରସା ଲୁଆଡେ ଉଭେଇଯିବ ।

ଟିକିଏ ପରେ ଭଟ୍ଟା ଆରମ୍ଭ ହେବ । ପୁଣି ବାଲିଚଡା ଦିଶିବ ଏବଂ ମଙ୍ଗଲ ଫେର୍ ପିଞ୍ଜରା ଭିତରେ ବନ୍ଦୀ ହୋଇଯିବ ।

ଅକ୍ଳାନ୍ତ ପରିଶ୍ରମରେ ସେମାନେ ଝାଳନାଳ ହୋଇ ଯାଇଥିଲେ ଏବଂ ସେମାନଙ୍କର ସବୁ ଚେଷ୍ଟା ବ୍ୟର୍ଥ ହୋଇଚିବ ବୋଲି ମନେ ହେଉଥିଲା ।

ଏତିକିବେଳେ ଜର୍ଜ୍ୟୀ ତୀବ୍ର ଗତିରେ ସେମାନଙ୍କ ପାଖକୁ ଦୌଡ଼ି ଆସିଲା । ଭୟଙ୍କର କ୍ରୋଧ ଓ ଉତ୍ତେଜନାରେ ତାର ମୁଖ ବିଭତ୍ସ ଦିଶୁଥିଲା। ରାଗରେ ତା'ର ଆଖି ଦୁଇଟା ଜଳୁଥିଲା । ଗୋଟାଏ ଲୁରଚି ଉଞ୍ଚାଇ ସେ କ୍ରୁଦ୍ଧ କଣ୍ଠରେ ଚିତ୍କାର କଲା, ଯିଏ କାମରେ ଟିକିଏ ଢିଲ କରିବ, ଆଜି ତାର ନିସ୍ତାର ନାହିଁ ।

ସେମାନେ ବି ଭଲ ଭାବରେ ଜାଣିଥିଲେ; ଜର୍ଜ୍ୟୀ ତାର କଥା ରଖିବାକୁ ଟିକିଏ ହେଲେ ଇତସ୍ତତ କରିବ ନାହିଁ । ସେଥିପାଇଁ ସେମାନେ ସବୁ ଶକ୍ତି ଖଟାଇ ପ୍ରାଣପଣେ କାର୍ଯ୍ୟ କରିବାରେ ଲାଗି ପଡ଼ିଲେ । ଶେଷରେ ସମ୍ମିଳିତ ପ୍ରଚେଷ୍ଟା ଫଳରେ ଜାହାଜ ଟିକିଏ ହଟିଲା । କ୍ରମେ କ୍ରମେ ଜାହାଜ ବାଲିଚଡାରୁ ବାହାରି ଆସିଲା ।

ଆନନ୍ଦରେ ସମସ୍ତେ ଚିତ୍କାର କଲେ । ବର୍ତ୍ତମାନ ଜାହାଜଟିକୁ ଗୁମ୍ଫା ପାଖକୁ ନେଇ ଯିବାକୁ ହେବ ।

ଏଥର କଙ୍କ୍ରୀ ନିଜେ ଜାହାଜର ପରିଚାଳନା ଭାର ଗ୍ରହଣ କଲା ।

ଅଧ ଘଣ୍ଟାକ ଭିତରେ ମଙ୍ଗଲ ତାଙ୍କ ଗୁହା ସାମନାରେ ପେଙ୍ଗ ଇନ ମୁଣ୍ଡିଆ ଭିତରେ ନଙ୍ଗର ପକାଇଲା ।

0/133
16th March 1959.

0
133 16.3.59.

## ଛଅ

ମଝିକ ଜାହାଜ ଫେଙ୍ଗ ଛନ ମୁଣ୍ଡିଆ ନିକଟରେ ନଙ୍ଗର ପକାଇଲା ସତ । କିନ୍ତୁ ମୁକ୍ତ ଓ ଉନ୍ମାଦ ସାଗର-ତରଙ୍ଗର ହାତରୁ ସେ ପୁରାପୁରି ମୁକୁଳିଲା ନାହିଁ । ଉତ୍ତର-ପଶ୍ଚିମ ଦିଗରୁ ଝଡ଼ ଆସିଲେ ମଝିକ ଆଉ ରକ୍ଷା ପାଇବ ନାହିଁ । କଙ୍ଗ୍ରୀଙ୍କୁ ଏହା ବେଶ୍ ମାଲୁମ ଥିଲା । ତେଣୁ ତହିଁ ଦରଦନ ଭଙ୍ଗା ପଞ୍ଜରା ମାନେ ସେ ଏହି ସ୍ଥାନ ତ୍ୟାଗ କରିବାକୁ ମନସ୍ଥ କଲେ । କିନ୍ତୁ ତା' ଆଗରୁ ଠିକଣାଣି ଦେଖିବାକୁ ହେବ, ସେଥିରେ ମରାମତି ଦରକାରୁ କିଛି ଅଛି, କି ନା । ସମୁଦ୍ର-ଯାତ୍ରା ଆଗରୁ ତାହା ଏକାନ୍ତ ପ୍ରୟୋଜନୀୟ ।

ଚଙ୍ଗ୍ରୀ ଓ ସାରସାନ୍ତେ ତନ୍ନ ତନ୍ନ କରି ସବୁ କିଛି ପରୀକ୍ଷା କରିବାକୁ ଲଗିଲେ । ଏ କାର୍ଯ୍ୟରେ ସେମାନଙ୍କୁ ଭ୍ରୁଗସି ନାମରେ ଚାଲିର ଜଣେ ଲୋକ ସାହାଯ୍ୟ କଲା । ଭ୍ଲାପରହିଯ୍ରୋର ଜାହାଜ ତିଆରି କାରଖାନାରେ ସେ ଆଗରୁ ମିସ୍ତ୍ରୀ କାମ କରୁଥିଲା ବୋଲି ଜାହାଜ ସମ୍ବନ୍ଧରେ ତାର ପ୍ରଚୁର ଅଭିଜ୍ଞତା ଥିଲା ।

ଜାହାଜର ଅବସ୍ଥା ମୋଟ ଉପରେ ଭଲ ଥିଲା । ତଥାପି ଯାହା କିଛି ସାମାନ୍ୟ ତ୍ରୁଟି ଥିଲା, ତାର ସଂଖ୍ୟା ବି କମ ନ ଥିଲା ।

ପୁରେ ଇଂରାଜ ହେଲ—ନା ହେଲେ ଇଉରୋ
ହେବ ।

ରିର ଇଚ୍ଛା ଅନୁସାରେ କାର୍ଯ୍ୟ ହୁଏ, ତାହାହେଲେ
ର ପହଞ୍ଚିବାକୁ ଅନ୍ତତଃ ଅଢ଼ଚାଳିଶ ଘଣ୍ଟା ଲାଗିବ ।
ମିସ୍ତ୍ରଙ୍କ ମନରେ ଆସ୍ଥା ଫେରି ଆସିଲା । ତହୁଁ ପର ଦିନ
ର ବେଳେ ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ପହଞ୍ଚିବା ଲାଗି ସବୁ ପ୍ରକାର ବ୍ୟବସ୍ଥା ଲାଗିଲା ।

ଆଲେକ-ରକ୍ଷୀମାନଙ୍କ ଉପସ୍ଥିତ ଷଡ଼ଯନ୍ତ୍ରରେ ସେମାନେ ଆଦୌ ମଥା ଖେଳାଇଲେ ନାହିଁ । ଅତି ଅଳ୍ପ କଥାରେ କର୍ଣ୍ଣୀ ତାର ସାଥୀମାନଙ୍କୁ ବୁଝାଇ ଦେଲ—ସ୍କୁନାରଟି ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଯାତ୍ରାର ଆରମ୍ଭରେ ମୁଁ ବୁଝି ଇଉରୋ ଉପସାଗରେ ଭିଡ଼ ନେବି ବୋଲି ସ୍ଥିର କରିଛି ।

ସାରସାନ୍ତେଙ୍କୁ ଗୋଟାଏ ନିଶ୍ବାସ ଯାତ୍ରାକୁ ଡାକି ନେଇ ସେ କହିଲ—ମୁଁ ମୋ ମନ ବଦଳାଇ ନାହିଁ । ଖାଲି ଦ୍ୱୀପ ଭିତରେ ଲୁଚି ରହିବା ଅପେକ୍ଷା ଆମର ସିଧା ସମୁଦ୍ର-ପଥରେ ଯାତ୍ରା କରିବା ବରଂ ଢେର ଭଲ । ସ୍କୁନାରଟି ଯଥାସ୍ଥିତ ନଙ୍ଗର ପକାଇବ । ତାହାହେଲେ କୌଣସି ସନ୍ଦେହ ଜାତ ହେବ ନାହିଁ, ବରଂ ସେମାନେ ଆମକୁ ଅଭ୍ୟର୍ଥନା କରିବେ । ଆଉ ତା'ପରେ— ।

କର୍ଣ୍ଣୀର ମତଲବ ବୁଝିବାକୁ ସାରସାନ୍ତେ ପକ୍ଷରେ କୌଣସି ଅସୁବିଧା ହେଲ ନାହିଁ ।

ବରଂ ଏହି ଜାଅନ୍ତା ସଇତାନ ଦୁଇଟିଙ୍କର ଷଡ଼ଯନ୍ତ୍ର ସଫଳ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଦେଖାଗଲ ।

ଦୁ'ପହରଟା ସାରା ସମୁଦ୍ର-ଯାତ୍ରାର ପ୍ରସ୍ତୁତିରେହିଁ କଟିଗଲା । ପ୍ରୟୋଜନୀୟ ରସଦ ନେଇ ଜାହାଜରେ ଭର୍ତ୍ତି କରାଗଲା । ତା'ପରେ ଏ ହାଟରେ ପ୍ରଚୁର ସମୟ ଅଛି ବୋଲି ଦେଖିଗଲା, ଏଠାକାର ଗୁଡ଼ାକୁ ନେଇ ଆସିଥିବା ସବୁ ଜିନିଷପତ୍ର ମଧ୍ୟ ଜାହାଜରେ ଲଦାଗଲା । ଅତି ଶୀଘ୍ର ବୋଝାଇ କରିବା କାମ ଶେଷ ହୋଇଗଲା । ଚାରିଟା ବେଳକୁ ମାଲ—ବୋଝାଇ ଜାହାଜଟି ଲଙ୍ଗର ଉଠାଇବା ପାଇଁ ପ୍ରସ୍ତୁତ ହୋଇଗଲା ।

ସେତେବେଳେ ଯେ ଯାତ୍ରା କରି ହୋଇ ନ ଥାଆନ୍ତା, ତାହା ନୁହେଁ । କିନ୍ତୁ ରାତିରେ ଏହି ଅଞ୍ଚଳରେ ଜାହାଜ ଚଳାଇବା ପାଇଁ କଙ୍ଗ୍ରୀ ମଥା ଘୁରାଇଲା ନାହିଁ । ସେ ଭଲ ଭାବରେ ହିସାବ କରି ଦେଖିଲା ଯେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାକୁ ସେମାନଙ୍କୁ ତିରିଶ ଘଣ୍ଟାରୁ ଅଧିକ ସମୟ ଲାଗିବ ନାହିଁ ।

ଧୀରେ ଧୀରେ ସନ୍ଧ୍ୟା ନଇଁ ଆସିଲା । ପାଗଟା ପୂର୍ବପରି ଶାନ୍ତ ଥିଲା । ସୂର୍ଯ୍ୟାସ୍ତ ହେଲା ସତ, କିନ୍ତୁ କୁହୁଡ଼ି ନ ପଡ଼ିବାରୁ ଆକାଶ ଓ ସମୁଦ୍ର ଆଡ଼କୁ ଚାହିଁବା ପାଇଁ କୌଣସି ଅସୁବିଧା ନଥିଲା । ଦିକ-ଚକ୍ରବାଳରେ, ଯେଉଁଠି ଆକାଶ ସମୁଦ୍ର ସାଙ୍ଗରେ ଯାଇ ମିଶିଛି, ସୂର୍ଯ୍ୟାସ୍ତର ଶେଷ ରଶ୍ମି ଟିକକ ସେଠାରେ ଏକ ଅପୂର୍ବ ଆଲୋକ-ଚିତ୍ର ରଚନା କରୁଥିଲା । ରାତିଟା ଯେ ଶାନ୍ତିରେ କଟିଯିବ, ଏହା ବୁଝିବାକୁ ଆଉ କୌଣସି ଅସୁବିଧା ରହିଲା ନାହିଁ । ଅଧିକାଂଶ ଲୋକ ରାତିଟା ଜାହାଜର ଡେକ୍‌ରେ କଟାଇଲେ, ଆଉ କେହି କେହି ବା କୋଠରିରେ । କଙ୍ଗ୍ରୀ କପ୍ତାନର କୋଠରିଟା ଦଖଲ କରି ବସିଲା, ଆଉ ସାରଜାନ୍ତ ଲେଫ୍‌ଟେନାଣ୍ଟର । ରାତିରେ କଙ୍ଗ୍ରୀ

ଏଥର ଡେକ୍ ଉପରକୁ ଆସି ସାଟେ ଚେଷ୍ଟା ଲକ୍ଷ୍ୟ କଲା ଏବଂ ସବୁ ଠିକ୍ ଅଛି ବୋଲି ଜାଣିଲା ।

ଅପୂର୍ବ ସୂର୍ଯ୍ୟୋଦୟ ! ଏହି ଅଞ୍ଚଳରେ ଏପରି ସୂର୍ଯ୍ୟୋଦୟର ଦର୍ଶନ ବିରଳ । ଦିକ-ଚକ୍ରବାଳ ପରିପୂର୍ଣ୍ଣ ନିର୍ମଳ ।

ଜଙ୍ଗ୍ରୀ ଖଣ୍ଡିଏ ନୌକାରେ ଚଢ଼ି କୂଳକୁ ଆସିଲା । ମୁଣ୍ଡିଆ ଉପରେ ଚଢ଼ି ସେ ସମୁଦ୍ର ଆଡ଼କୁ ଦୃଷ୍ଟି ନିକ୍ଷେପ କଲା । ପ୍ରଭାତୀ ସୂର୍ଯ୍ୟର ସୁନେଲି ଅଲୋକରେ ସୁନୀଳ ନିର୍ଜନ ପ୍ରଶାନ୍ତ ସମୁଦ୍ର ଝଲମଲ ହେଉଥିଲା । ଦକ୍ଷିଣ ଦିଗରେ ସମୁଦ୍ର ଯୋଗୁଁ ଅନାବିଳ ପ୍ରଶାନ୍ତିରେ ପରିପୂର୍ଣ୍ଣ ତଥାପି ପ୍ରଣାଳୀର ପ୍ରବେଶ ପଥରେ ସେ ଟିକିଏ ଉଦ୍ଦାମ ଜଣା ଯାଉଥିଲା । କାରଣ ସେତେବେଳକୁ ଜୁଆରର ଉଚ୍ଚ ସତେଜ ପବନ ଦ୍ରୁତ ବେଗରେ ବହିବାକୁ ଲାଗି ଗଲାଣି । କୌଣସି ଜଳପୋତର ଚିହ୍ନ ଦେଖାଗଲା ନାହିଁ । ତେଣୁ ନିଶ୍ଚିତ ଭାବରେ ବୁଝାଗଲା, ମଜଲର ଏହି ସ୍ୱଳ୍ପକାଳୀନ ଯାତ୍ରାରେ ଅନ୍ୟ କୌଣସି ଜାହାଜ ସହିତ ସାକ୍ଷାତ ହେବାର ସମ୍ଭାବନା ନାହିଁ ।

13 ସବୁ ବିଷୟରେ ଦେଖାଶୁଣା କରି ଜଙ୍ଗ୍ରୀ ସ୍ଥିର କଲା, ଦ୍ୱୀପର ପଶ୍ଚିମ ଉପକୂଳ ଦେଇ କେମ୍ପ, ଓ୍ୱେବଷ୍ଟାର, ସେଭ୍ରେଲ ପ୍ରଭୃତି ଅନ୍ତରୀପ ଘୂରି ତାର ନିର୍ଦ୍ଦିଷ୍ଟ ସ୍ଥାନ ଅଭିମୁଖରେ ଯାତ୍ରା କରିବ । ତା'ପରେ ସେ ମୁଣ୍ଡିଆରୁ ଓହ୍ଲାଇ ଆସି ପ୍ରତ୍ୟେକ ଗୁହା ଭିତରେ ପ୍ରବେଶ କରି ତୀକ୍ଷ୍ଣ ଦୃଷ୍ଟିରେ ଦେଖିବାକୁ ଲାଗିଲା, କୌଣସି ଜିନିଷ ସେମାନଙ୍କ ନଜରରୁ ବାହାରକୁ ଚାଲି ଯାଉଛି କି ନା !

ସେତେବେଳେ ସାତଟାରୁ କିଛି ଟିକିଏ ବେଶୀ ସମୟ ହେବ । ଭଟ୍ଟାର ସୁଅ ଆରମ୍ଭ ହୋଇ ଗଲାଣି । ମଜଲ ନଙ୍ଗର ଉଠାଇଲା

ଏବଂ ଜାହାଜରେ ଉତ୍ତର-ପୂର୍ବ ଦିଗରୁ ବହୁଥିବା ଅନୁକୂଳ ପବନ ଉପରେ ନିର୍ଭର କରି ଅଗ୍ରସର ହେବା ପାଇଁ ଉଦ୍ୟମ କରିବାକୁ ଲାଗିଲା । ଦଶ ମିନିଟ ଭିତରେ ଜାହାଜ ଆସି ବାହାର ସମୁଦ୍ରରେ ପଡ଼ିଲା । ଜାହାଜର ସେ ଦ୍ରୁତ ଗତିରେ ପୂର୍ଣ୍ଣ ବେଗରେ ଆଗେଇ ଚାଲିଲା ।

ଅଧ ଘଣ୍ଟାକ ଭିତରେ ସେ ସେଣ୍ଟ ବାର୍ଥୋଲେମିଉ ପାହାଡ଼ ଘୁରି ଅନୁକୂଳ ପବନରେ ନିଜକୁ ଭସାଇ ଦେଇ ପୂର୍ବ ଦିଗ ଆଡ଼କୁ ଚାଲିବାକୁ ଲାଗିଲା ।

ଇତି ମଧ୍ୟରେ ଇଙ୍ଗ୍ରୀ ଓ ସାରସାଦ୍ରୋ ମଉଲର ହାଲଚାଲ ଦେଖି ସନ୍ତୁଷ୍ଟ ହୋଇ ଯାଉଥିଲେ । ହୁଏତ ଇଙ୍ଗ୍ରୀ ଅନାୟାସରେ ସନ୍ଧ୍ୟା ପୂର୍ବରୁ ଇଗୋ ଉପସାଗରର ପ୍ରବେଶ ପଥରେ ପହଞ୍ଚିଯାଇ ପାରିଥାନ୍ତା କିନ୍ତୁ ଉପକୂଳର କୌଣସି ଏକ ସ୍ଥାନରେ ରହିଯାଇ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ତାର ଇଚ୍ଛା ଥିଲା । ସୁତରାଂ ସେମିତି ଠେଲାଠେଲି ନ ଥିବାରୁ ଘଣ୍ଟାରେ ପାଞ୍ଚ-ଛଅ ମାଇଲ ବେଗରେ ସେ ଜାହାଜ ଚଳାଇବାକୁ ଲାଗିଲା ।

ଦିନ ଗୋଟାକ ଭିତରେ ସେ କୌଣସି ଜାହାଜ ଦେଖିବାକୁ ପାଇଲା ନାହିଁ . ଏବଂ ସନ୍ଧ୍ୟା ବେଳକୁ ସେ ଜେଓ୍ୟବନ୍ଦରର ଅନ୍ତରୀପର ପୂର୍ବ ଦିଗରେ ଆସି ପହଞ୍ଚିଗଲା । ଏଠାରେ ସାବଲୀଳ ଭାବରେ ଯାତ୍ରାର ପ୍ରଥମାର୍ଦ୍ଧ ସମାପ୍ତ ହେଲା । କୂଳ ଠାରୁ ଠିକଏ ଦୂରରେ ସ୍କୁନାରଟି ନଙ୍ଗର ପକାଇଲା ।

ସାଗଟା ପୂର୍ବ ପରି ଶାନ୍ତ ଥିବାରୁ ଦସ୍ୟୁମାନଙ୍କର ଉଦ୍ଦେଶ୍ୟ ସଫଳ ହେବାର ପୂର୍ଣ୍ଣ ସମ୍ଭାବନା ଦେଖାଗଲା । ରାତି ଦଶଟା

ପବନର ବେଗ କମିଗଲା । ଭୋର ନ ହେଉଣୁ ସତେଜ ତୋମ ଦ୍ରୁତ ଗତିରେ ପୁଣି ନୂତନ ଦିନର ବାର୍ତ୍ତା ବହନ କରି ଆଣିଲା । ସୂର୍ଯ୍ୟଦେବଙ୍କର ପ୍ରଥମ ଆଲୋକ ରଶ୍ମି ଦୃଷ୍ଟିଗୋଚର ହେବା ମାତ୍ରେ କାଙ୍ଗ୍ରୀ ନଙ୍ଗର ଉଠାଇବା ପାଇଁ ବ୍ୟବସ୍ଥା କଲା । ପୁଣି ମଉଲ ତାର ଯାତ୍ରା ଆରମ୍ଭ କଲା ।

କୂଳ ଠାରୁ ପ୍ରାୟ ତିନି ମାଇଲ ବ୍ୟବଧାନରେ ସ୍କୁନାରଟି ଅଢ଼ି ଗତିରେ ଚାଲିବାକୁ ଲାଗିଲା । ଏହି ଅଞ୍ଚଳଠାରୁ ଉପକୂଳ ଭାଗ କେଉଁ ଧରଣର, କାଙ୍ଗ୍ରୀ ତାହା ଜାଣି ନଥିବାରୁ କୂଳ ନିକଟରେ ଯିବା ପାଇଁ ତା'ର ସାହାସ ହେଲା ନାହିଁ ।

ଦଶଟା ସମୟ । ସେମାନେ ବ୍ରଜ୍‌ମ ଉପସାଗରର ମୁହଁରେ ଯାଇ ପଡ଼ିଲେ । ଏଥର ଜଳର ସ୍ରୋତରେ ଆତ୍ମ-ସମର୍ପଣ କରିବା ଛଡ଼ା ସେମାନଙ୍କର ଅନ୍ୟ ଗତି ନ ଥିଲା । ଫୁଲି ଉଠୁଥିବା ସମୁଦ୍ରରେ ସେମାନେ ଅତି ସାବଧାନରେ ଜାହାଜ ଚଳାଇବାକୁ ଲାଗିଲେ । ଅପରାହ୍ନରେ ଚାରିଟା ବେଳେ କାଙ୍ଗ୍ରୀ ହିସାବ କରି ଦେଖିଲା ଯେ ଅନୁକୂଳ ପବନ ପାଇବା ଉଦ୍ଦେଶ୍ୟରେ ସେମାନେ ନିଜ ଲକ୍ଷ୍ୟସ୍ଥଳରୁ ଟିକିଏ ବେଶୀ ଦୂରକୁ ଚାଲି ଆସିଛନ୍ତି । ତତ୍‌କ୍ଷଣାତ ସେ ଜାହାଜର ମୁହଁ ବୁଲାଇ ଦେଇ ସିଧା ଇଗୋ-ଉପସାଗର ଅଭିମୁଖରେ ଚଳାଇବା ପାଇଁ ଆଦେଶ ଦେଲା । ସେତେବେଳେ ପଏଣ୍ଟ ସେଭରେଲ, ଜାହାଜ ଠାରୁ ଦୁଇ ମାଇଲ ଉତ୍ତର-ପଶ୍ଚିମ ଦିଗରେ ରହିଥିଲା ଏବଂ ସାଁ-କୁଅଁ ଅନ୍ତରୀପର ଉପକୂଳ ରେଖା ଦେଖା ଯାଉଥିଲା ।

ଏଠାରୁ ପୃଥିବୀର ଶେଷ ସୀମାରେ ଅବସ୍ଥିତ ବତିଘରର ଆଲୋକ-ସ୍ତମ୍ଭର ଚୂଡ଼ା ଉପରେ ଯାଇ କାଙ୍ଗ୍ରୀର ଦୃଷ୍ଟି ପଡ଼ିଲା ।

ଉପର

ସେ ... ପାଇଲଟର ଭୋଓଙ୍କୁ ଟୋଟାଏ ...
...ବିଥିଲା । ତାର ସାହାଯ୍ୟରେ ସେ ବଡଘର ଉପରେ ... ପା...
... । ସେ ବଡଘରର ଜଣେ ଅଲୋକ-ରଷୀଙ୍କୁ ଦେଖିବାକୁ
...ଲା । ସେତେବେଳେ ଅଲୋକ-ରଷୀ ... ଲଣ୍ଡନ ଘରେ ବସି
... ଆଡ଼କୁ ଅନାଇ ରହିଥିଲା । ଦ୍ରୁତ ବେଗୀ ହୋଇଯିବା ପୂର୍ବରୁ
...ୟ ସ୍ଥାନରେ ପହଞ୍ଚିବା ପାଇଁ କଙ୍ଗ୍ରୀ ସବୁ ବ୍ୟବସ୍ଥା କରିବାକୁ
ଲାଗିଲା । ସେତେବେଳେ ସୂର୍ଯ୍ୟାସ୍ତ ହେବାକୁ ପ୍ରାୟ ତିନି ଘଣ୍ଟା
ବାକି ଥିଲା ।

କହିବା ବାହୁଲ୍ୟ, ଅଲୋକ-ରଷୀମାନେ ମଧ୍ୟ ମଣ୍ଡଳକୁ ଦେଖି
ପାରିଥିଲେ । ପ୍ରଥମେ ଯେତେବେଳେ ଭ୍ରସକ୍ଲ୍ୟଙ୍କ, ମିଲପ ଓ ମରି
ଏହାକୁ ଦେଖିବାକୁ ପାଇଲେ, ସେତେବେଳେ ସେମାନଙ୍କର
ଧାରଣା ହେଲା ଯେ ଏହା ଫକ୍ଲାଣ୍ଡ ଦ୍ୱୀପ ଅଭିମୁଖେ ଗୃଲିଛି । କିନ୍ତୁ
ଟିକିଏ ପରେ ପରିଷ୍କାର ଭାବରେ ଜଣାଗଲା ଯେ ସେ ଷ୍ଟକେମ
ଦ୍ୱୀପହିଁ ଏହାର ଗନ୍ତବ୍ୟ ସ୍ଥଳ ।

ଅବଶ୍ୟ ଅଲୋକ-ରଷୀମାନେ ମଣ୍ଡଳକୁ ଦେଖି ପାରିଲେ
କି ନ ପାରିଲେ, ସେ ବିଷୟରେ କଙ୍ଗ୍ରୀ ତାର ମଥା ଖେଲାଇଲା
ନାହିଁ । ସେମାନେ ଦେଖି ପାରିଲେ ସୁଦ୍ଧା ତା' ମଣ୍ଡଳର କୌଣସି
ପ୍ରକାର କ୍ଷତି ହେବ ନାହିଁ ।

ସେ ଯାତ୍ରାର ଶେଷ ପର୍ବର ନମୁନା ଦେଖି ସନ୍ତୁଷ୍ଟ ହେଲା ।
...ମାତ୍ର ଏଥର ଯାତ୍ରା ପଥ ବିପଦ ସଙ୍କୁଳ । ଯେ କୌଣସି ସମୟରେ
...ଏଣେ ତେଣେ ବିକ୍ଷିପ୍ତ ହୋଇ ରହିଥିବା ବୁଲନ୍ତା ପାହାଡ଼ର
ଚୂଡ଼ାରେ ସଂଘର୍ଷ ଘଟି ମଣ୍ଡଳ-ଭାଙ୍ଗି ଖଣ୍ଡ ବିଖଣ୍ଡ ହୋଇଯାଇ
ପାରେ ।

ଘର
ବର୍ଷ

କଙ୍ଗ୍ରୀ ଗୋଟାଏ କୁତ୍ସିତ ହସ ହସି କହିଲା—ବାକି ସବ-ସେ କ ଆଡୁର ଭଲ ଭାବରେ ଶେଷ ହେବ । କିଛି ଚିନ୍ତା କର ନାହିଁ ।

ପ୍ରାୟ ଗୋଟିଏ ମିନିଟ ପରେ କୂଳ ନିକଟରେ ପହଞ୍ଚି ମଡେଲ ନଙ୍ଗର ପକାଇବା ପାଇଁ ଉଦ୍ୟମ କରିବାକୁ ଗିଲା ।

ଠିକ ସେତିକିବେଳେ ସମୁଦ୍ର କୂଳର ବାଲିଚଢ଼ାରେ ଠିଆ ହୋଇଥିବା ଦୁଇ ଜଣ ଲୋକ ମଡେଲକୁ ଅଭିନନ୍ଦନ ଜଣାଇଲେ ।

ଫିଲିପ ଓ ମରିସ୍ ଦୁହେଁ ମଡେଲ ପାଖକୁ ଯିବାଲାଗି ଦଉଡ଼ିରେ ବନ୍ଧା ହୋଇଥିବା ନୌକାଟି ଖୋଲି ଜଳରେ ଭସାଇ ଦେଲେ ।

ସେତେବେଳେ ଭାସକୁଏଜ ଲଣ୍ଠନ ଧରେ ତା' କାମରେ ବ୍ୟସ୍ତ ଥିଲା ।

ଯେତେବେଳେ ଘଡଘଡ ଶବ୍ଦ କରି ମଡେଲର ନଙ୍ଗର ପଡୁଥିଲା, ଠିକ୍ ସେତିକିବେଳେ ଫିଲିପ ଓ ମରିସ କୁଦାପଡି ଡେଲର ଡେକ୍ ଉପରକୁ ଚଢିଗଲେ ।

କଙ୍ଗ୍ରୀ ଗୋଟାଏ ସଙ୍କେତ ଦେଲା । ତତ୍‌କ୍ଷଣାତ ଗୋଟାଏ ଚକଚକିଆ ଧାରୁଆ କୁରାଢ଼ି ମରିସର ବେକ ଉପରେ ଖସି ପଡିଗଲା । ଏ ଚିତ୍କାର କରିବାକୁ ବି ସେ ଅବସର ପାଇଲା ନାହିଁ । ସଙ୍ଗେ ଙ୍ଗେ ସେ ଡେକ ଉପରେ ଲୁଟିକି ପଡ଼ିଗଲା । ଠିକ୍ ସେତିକିବେଳେ ଇଟି ରିଭଲଭର ଗର୍ଜନ କଲା ଏବଂ ଫିଲିପ ତା' ବନ୍ଧୁ ପାଖରେ ଲି ପଡ଼ିଲା । ମୁହୂର୍ତ୍ତକ ଭିତରେ ଦୁଇ ଜଣ ଯାକ ମରିଗଲେ ।

ଭ୍ରାସକୁଏଙ୍କ ସେତେବେଳେ ଲଣ୍ଠନ-ଘରର ଚଂଇଶା କଡରେ ଠିଆ ହୋଇଥିଲା । ଆକସ୍ମିକ ବଜ୍ରପାତର ଭୟଙ୍କରତା ଭଳି ଟର୍ଜି ଉଠିଥିବା ଭଉରଭ୍ରାରର ଶବ୍ଦ ସେ ଅନାୟାସରେ ଶୁଣିବାକୁ ପାଇଲା, ଆଉ ତା' ବନ୍ଧୁମାନଙ୍କର ମୃତ୍ୟୁ-ଦୃଶ୍ୟ ବି ତାର ଦୃଷ୍ଟି ଏଡ଼ି ପାରିଲା ନାହିଁ । ଯଦି ଥରେ ଏହି ଦସ୍ୟୁମାନେ ତାର ସନ୍ଧାନ ପାଆନ୍ତି, ତାହାହେଲେ ତା' କପାଳରେ ମଧ୍ୟ ଏହିପରି ମୃତ୍ୟୁ ସୁନିଶ୍ଚିତ । ଏହି ଗୁଣ୍ଡାମାନଙ୍କ ହୃଦୟରେ ତିଳେହେଲେ ଦୟା ନାହିଁ । ହତଭାଗ୍ୟ ଫିଲିପ ଓ ମରିସଙ୍କୁ ବଞ୍ଚାଇବା ପାଇଁ ସେ କିଛି କରି ପାରିଲା ନାହିଁ । କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ କିଛିକ୍ଷଣ ସେଠାରେ ମୂକ ଭଳି ଠିଆହୋଇ ରହିଲା ।

ଚେତନା ଫେରି ଆସିବା ମାତ୍ରେ ସେ ମନ ଭିତରେ ତା'ର କର୍ତ୍ତବ୍ୟ ସ୍ଥିରକରି ପକାଇଲା । ସେ କୌଣସି ପ୍ରକାରେ ଏହି ଖୁନୀ ଦସ୍ୟୁମାନଙ୍କ ହାତରୁ ତାକୁ ଆତ୍ମରକ୍ଷା କରିବାକୁ ହେବ । ହୁଏତ ସେମାନେ ତାର ଉପସ୍ଥିତି ବିଷୟ ଏବେ ସୁଦ୍ଧା ଜାଣିପାରି ନାହାନ୍ତି । କିନ୍ତୁ ଜାହାଜଟି କୂଳରେ ଲାଗିବା ମାତ୍ରେ ସେମାନେ ବଡ଼ଘର ଆଡ଼କୁ ଧାଇଁ ଆସିବେ, ବଡ଼ଘରର ଆଲୁଅ ଲିଭାଇ ଦେବେ ଏବଂ ସମୁଦ୍ରକୁ ଅନ୍ଧକାରର ଅଭିଶାପରେ ବୁଡ଼ାଇ ଦେବେ ।

ସେଥିପାଇଁ ସେ ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ଲଣ୍ଠନ ଘରୁ ତଳକୁ ଓହ୍ଲାଇ ଆସିଲା ।

ନଷ୍ଟ କରିବା ଭଳି ମୁହୂର୍ତ୍ତେ ସମୟ ବି ତା' ହାତରେ ନ ଥିଲା । ସେତେବେଳେ ସ୍କୁନାରଟିରୁ ନୌକା ଓହ୍ଲାଇବା ଶବ୍ଦ ଅସ୍ପଷ୍ଟ ତା' କାନରେ ବାଜୁଥିଲା ।

ତାହାହେଲେ ନିଶ୍ଚିତ ମୃତ୍ୟୁ ଆଗେଇ ଆସୁଛି !

ଭାସ୍କୁଏଜ ତତ୍ପଶ୍ଚାତ କେତୋଟି ରିଭଲଭର ତା' କମରର ବେଲ୍ଟରେ ବାନ୍ଧିଦେଲା ଏବଂ ତା'ପରେ ଗୋଟାଏ ଥଳିରେ ପ୍ରଚୁର ଗୁଳି-ବାରୁଦ, କିଛି ଖାଦ୍ୟ ପଦାର୍ଥ ଓ ଗୋଟାଏ ଦୁର୍ବିଣ ଦରକାରୀ ଜିନିଷପତ୍ର ପୂରାଇ ଦେଇ ବନ୍ଦଘରକୁ ଲଗି ରହିଥିବା ଢାଲୁ ଭୂମିରେ ପାଦ ପକାଇଲା ।

ଯେ କୌଣସି ପ୍ରକାରେ ତାକୁ ଅନ୍ଧକାରରେ ଆତ୍ମଗୋପନ କରିବାକୁ ହେବ ।

# ସାତ

ଦିନର ଆଲୁଅ ଲିଭି ଯାଆନ୍ତେ, ଷ୍ଟେନ ଦ୍ୱୀପ ଉପରେ
ଗୋଟାଏ ଶୀତ ରାତର ଭୟଙ୍କର ଅନ୍ଧକାର ଓହ୍ଲାଇ ପଡ଼ିଲା ।
ତାହାଁ ସଙ୍ଗେ ସଙ୍ଗେ ଯେମିତି ଗୋଟାଏ ବିଷାକ୍ତ ଦୈତ୍ୟର ଭ୍ରୂକୁଟି-
କୁଞ୍ଚିତ କୁହେଳିକାର ଭୌତିକ ଅଟ୍ଟହାସ୍ୟ ହା ହା କରି ହସି
ଉଠିଲା । ପ୍ରେତାତ୍ମାର ସ୍ୱର ବିଷାଦ ଯେମିତି ଶକୁନିର ପକ୍ଷ ବିସ୍ତାର
କରି ତାର ତୀକ୍ଷ୍ଣ ଲୋଲୁପ ଦୃଷ୍ଟିରେ ଚାହିଁ ରହିଲା । ସ୍ରୋତର ତରଙ୍ଗ
ଖେଳାଇ ମୃତ୍ୟୁର ଆଦିମ ନିକଷ କାଳିମା ଭ୍ରୁସଲ୍ଏଲର ଆଖି
ଆଗରେ ଯବନିକା ଟାଣି ଦେଲା । ତା ଜୀବନର ସବୁଜିମାକୁ ଗୋଟାଏ
ହିଂସ୍ର ତୂଳିକା ସାହାଯ୍ୟରେ କଳା ରଙ୍ଗର ସ୍ପର୍ଶ ବୁଲାଇ ଦେଲା ।

ରାତି । ଅନ୍ଧକାର ଶୀତ ରାତି । ପ୍ରାଣୀର ସାମ୍ରାଜ୍ୟରେ
ଯେମିତି ରାତର ଭ୍ରୂକୁଟି-ପୂର୍ଣ୍ଣ ଦୁଃସହ ଶାସନ । ଗାଢ଼ ଅନ୍ଧକାର ।
ଅସହ୍ୟ ହେମାଳ ଓ ଶଙ୍କାତୁର ଧୂଆଁଳିଆ କୁହୁଡ଼ି । ଭ୍ରୁସଲ୍ଏଲର
ଚାରିଆଡ଼ୁ ଗୋଟାଏ ଭୟଙ୍କର ରାତି ମାଡ଼ି ଆସିଲା । ତାର ହତଭାଗ୍ୟ
ବନ୍ଧୁମାନଙ୍କର ରକ୍ତାକ୍ତ ମୃତଦେହ ଏକ୍ଷଣି ସମୁଦ୍ରର ଜଳରେ
ଭାସୁଛି ।

ତାʼ ମନର ଆକାଶରେ ଗୋଟାଏ ବିଷାଦର କଳା ମେଘ ଘୋଟିଗଲା । ପ୍ରକୃତରେ ସେ ମନପ୍ରାଣ ଦେଇ ବନ୍ଧୁମାନଙ୍କୁ ଭଲ ପାଉଥିଲା । ଅନେକ ବର୍ଷ ହେଲା ସେମାନେ ଏକା ସାଙ୍ଗରେ କାମ କରୁଛନ୍ତି । ଏକା ସାଙ୍ଗରେ ବଡଘରର କାମ ପାଇଁ ଆବେଦନ କରିଥିଲେ ଏବଂ ଏକା ସାଙ୍ଗରେ ବି ବଡଘରର କାମ ବୁଝି ନେଇ-ଥିଲେ । କିନ୍ତୁ ଏକ୍ଷଣି ଏହି ବିଶାଳ ପୃଥିବୀରେ ସେ ଏକା—ବିଲକୁଲ ଏକା । ସାଙ୍ଗ ନାହିଁ କି ସାଥି ନାହିଁ !

କିନ୍ତୁ ସ୍କୁନାରଟି କାହାର ? ସ୍କାଟେନ ଦ୍ୱୀପରେ ତା ସେ କାହିଁକି ନଙ୍ଗର ପକାଇଲା ? ସେହି ଜଳଦସ୍ୟୁ-ମାନଙ୍କର ଉଦ୍ଦେଶ୍ୟ କଣ ? କିଏ ତା ତାହା ଜାଣି ପାରିବ ? ଦସ୍ୟୁମାନେ ଯେ ଏହି ଦ୍ୱୀପକୁ ନୂଆ ହୋଇ ଆସି ନାହାନ୍ତି, ସେମାନଙ୍କର ଢଙ୍ଗରଙ୍ଗ ଦେଖି ଭାସକୁଏଜ ତାହା ବୁଝି ପାରିଥିଲା । କିନ୍ତୁ ସୟତାନଗୁଡ଼ାକ କ'ଣ କରିବାକୁ ଏଠାକୁ ଆସିଛନ୍ତି ? ଦ୍ୱୀପରେ ଓହ୍ଲାଇବା ମାତ୍ରେ କାହିଁକି ବା ସେମାନେ ବଡଘରର ଆଲୁଅ ଲିଭାଇ ଦେଲେ ? କୌଣସି ଜାହାଜ ଯେମିତି ସେମାନଙ୍କୁ ଅନୁସରଣ କରି ଏଠାକୁ ଆସି ନ ପାରେ, ସେଥିପାଇଁ କ'ଣ ସେମାନେ ଏହି ପନ୍ଥା ଧରିଛନ୍ତି ?

ଏସବୁ ବିଷୟରେ ଭାସକୁଏଜ କିଛି ହେଲେ ଜାଣି ନଥିଲା । ସେମାନଙ୍କ ନିକଟରେ କିମ୍ବା ଆଗରେ ଠିଆ ହୋଇ ଏ ସବୁ ପ୍ରଶ୍ନର ଜବାବ ଖୋଜି ବସିଲେ, ତାର ପରିଣାମ ହେବ ନିଶ୍ଚିତ ମୃତ୍ୟୁକୁ ଜାଣି ଜାଣି ଡାକି ଆଣିବା । ସେ ତାହା କରିବ ନାହିଁ । ଚଞ୍ଚଳ ହୋଇ ସେ ଗୋଟାଏ ବଡ ଭୁଲ କରି ପକାଇଛି । ବଡଘରୁ ପଳାଇ ଆସିବା ବେଳେ ସେ ତା ସାଙ୍ଗରେ କୌଣସି କାଗଜପତ୍ର ଆଣି

ପାରିଲା ନାହିଁ । ଦସ୍ୟୁମାନେ ନିଶ୍ଚୟ ସେଥିରୁ ଅନାୟାସରେ ତାର ଉପସ୍ଥିତିର କଥା ଜାଣି ପାରିବେ । ତାହା ହେଲେ ତା'ପରେ କ'ଣ ହେବ ?

ଭାସ୍କୁଏଜ ଆଉ ଲୁଚି ପାରିଲା ନାହିଁ । କୂଳ ଠାରୁ ଦୁଇ ଶହ ଗଜ ଦୂରରେ ଗୋଟାଏ ପଥୁରିଆ ଖାଲ ଭିତରେ ସେ ଲୁଚି ରହିଲା । ସେଠାରୁ ସେ ଜାହାଜର ଡେକରେ, କୂଳର ବାଲିଚଡାରେ ଓ ବଡଘରର ଦସ୍ୟୁମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲା । ମଝିରେ ମଝିରେ ସେମାନଙ୍କର ପାଟିଗୋଳ ଓ ଉଚ୍ଚ କଣ୍ଠରେ ଡାକହାକ ବି ସେ ଶୁଣି ପାରୁଥିଲା ।

ସେତେବେଳେ ରାତି ପ୍ରାୟ ଦଶଟା । ଆସ୍ତେ ଆସ୍ତେ ସବୁ ଆଲୁଅ ଲିଭିଗଲା । ଷ୍ଟେଟେନ ଦ୍ୱୀପର ବକ୍ଷ ଉପରେ ସୁଷୁପ୍ତି ମାଡ଼ି ବସିଲା ।

ଏକ୍ଷଣି ସେ ଯେଉଁଠି ଅଛି, ସେଠାରେ ଆଉ କୌଣସି ମତେ ସେ ରହି ପାରିବ ନାହିଁ । ଦିନର ଆଲୁଅ ଖେଳିଗଲେ, ତାର ଉପସ୍ଥିତି ନିଶ୍ଚୟ ପ୍ରକଟିତ ହୋଇଯିବ । ଆଉ ସେତେବେଳେ ଏହି ସୟତାନମାନଙ୍କ ପାଖରୁ ସେ ତିଳେ ହେଲେ ଦୟା ଲାଭ କରି ପାରିବ ନାହିଁ । ଯେ କୌଣସି ମତେ ତାକୁ ସେମାନଙ୍କ ହାତରୁ ମୁକ୍ତ ହେବାକୁ ପଡ଼ିବ । କିନ୍ତୁ ସେ କେଉଁଠାକୁ ଯିବ ? ଦ୍ୱୀପର ଖୁବ ଭିତର ଭାଗକୁ ? ଉପସାଗରର ପ୍ରବେଶ-ମୁଖକୁ ? ନା, ଆଉ ଭାବି କିଛି ଲାଭ ନାହିଁ । ତାକୁ ନିଶ୍ଚୟ ପଳାଇବାକୁ ହେବ, ଏବଂ ଯେ କୌଣସି ପ୍ରକାରେ ସାନ୍ତା-ଫିର ପୁନରାଗମନ ଯାଏ ତାକୁ ଲୁଚି ରହିବାକୁ ହେବ । କିନ୍ତୁ ତା କଡରେ ଯେତିକି ଖାଦ୍ୟ ପଦାର୍ଥ

ଅସ୍ତୁ, ସେଥିରେ ତ ତିନି ଦିନରୁ ବେଶୀ ଚଳି ହେବ ନାହିଁ ତା'ପରେ ସେ କ'ଣ କରିବ ? କେଉଁଠୁ ଆଉ ସେ ଖାଦ୍ୟ ପାଇବ ଏହି ଅବସ୍ଥାରେ ତ ଆଉ ସହଜରେ ମାଛ ଧରି ହେବ ନାହିଁ ଧରିଲେ ବି, ନିଆଁ କିପରି ଜଳାଇବ ?

ଭାବି ଭାବି ଶେଷକୁ ସେ ମନ ଭିତରେ ସାହାସ ସଞ୍ଚୟ କଲା । ସେ ସ୍ଥିର କଲା—ରାତିଟା ସାଁ-କୁଅଁ ଅନ୍ତରୀପର ବେଳାଭୂମିରେ କଟାଇବ ଏବଂ ତା'ପରେ ଭାବି ଚିନ୍ତି ଯାହା ହେଲେ ଗୋଟାଏ କିଛି ଠିକ୍ କରିବ ।

ଏହା ସ୍ଥିର କରି ସେ ସ୍କୁନାରଟି ଅଡ଼କୁ ଦୃଷ୍ଟି ନିକ୍ଷେପ କଲା । ନା, ସେଠାରୁ ତ ଆଲୁଅ କି ଶବ୍ଦ କିଛି ଆସୁନାହିଁ । ସମ୍ଭବତଃ ଗୁଣ୍ଡାମାନେ ନିଜକୁ ନିରାପଦ ମନେ କରି ଏବେଣି ଖୁବ୍ ଆରାମରେ ଘୁଙ୍ଗୁଡ଼ି ମାରୁଛନ୍ତି ।

ଭାବୁ ଭାବୁ ମୁଣ୍ଡିଆ ତଳେ ତଳେ ଉତ୍ତର ଆସିବାକୁ ଲାଗିଲା ।

ନିଶାଧ୍ୟ, ନିଥର ରାତି । ଯେତେବେଳେ ସେ ଅନ୍ତରୀପର ଶେଷ ପ୍ରାନ୍ତରେ ଆସି ପହଞ୍ଚିଲା, ସେତେବେଳେ ରାତି ପ୍ରାୟ ଏଗାରଟା । ସେଠାରେ ଖଣ୍ଡିଏ ଜାଗା ବାଛିନେଇ ମାଟିରେ ଶୋଇ ପଡ଼ି ସେ ରାତିଟା କଟାଇ ଦେଲା । ତା'ପର ଦିନ ସୂର୍ଯ୍ୟୋଦୟ ପୂର୍ବରୁ ସେ ଉଠି ପଡ଼ିଲା ଏବଂ ଥରେ ଚାରିଆଡେ ଭଲ କରି ଆଖି ବୁଲେଇ ଆଣିଲା । କେଉଁଠି ଜାହାଜକୁ ସେ ଦେଖି ପାରିଲା ନାହିଁ । ସମୁଦ୍ର କୂଳରେ ବି କୌଣସି ନୌକା ଦେଖିଲା ନାହିଁ । ମଜଲର ନିଜ

ନୌକା ଖଣ୍ଡିକ ଓ ଆଲୋକ-ରକ୍ଷୀମାନଙ୍କର ଝାଙ୍ଗି, ଦୁଇଟାଯାକ ଦସ୍ୟୁମାନଙ୍କ ହାତରେ ଏକ୍ଷଣି ପଡ଼ନ୍ତି । ଦୂର ସମୁଦ୍ରରେ ବି କୌଣସି ଜାହାଜର ଚିହ୍ନ ବର୍ତ୍ତି ତା'ର ଆଖିରେ ପଡ଼ିଲା ନାହିଁ ।

ବତିଘର ତିଆରି ହେବା ପୂର୍ବରୁ ଏହି ଅଞ୍ଚଳରେ ନୌ-ଚାଳନ ବି ଭୟାବହ ଥିଲା, ତାହା ଭାସକୁଏଜର ମନେ ପଡ଼ିଲା । ସେ କ୍ଷୁବ୍ଧ କଣ୍ଠରେ ନିଜ ମନେ ମନେ କହିଲା—ସୟତାନଗୁଡ଼ାକ ବତିଘରର ଆଲୁଅ ଲିଭାଇ ଦେଇଛନ୍ତି । ନିଜର ଦରକାର ନ ପଡ଼ିଲେ ସେମାନେ କେବେହେଲେ ଆଲୁଅ ଜଳାଇବେ ନାହିଁ ।

ପ୍ରକୃତରେ ଆଲୁଅ ଲିଭାଇ ଦେବାର ପରିଣାମ ଅତି ଭୟଙ୍କର । ଖଣ୍ଡିଏ ପଥର ଉପରେ ବସିପଡ଼ି ଭାସକୁଏଜ ପୁଣି ପୂର୍ବାପର ଘଟଣାଗୁଡ଼ିକ ଭାବିବାକୁ ଲାଗିଲା । ସେତେବେଳେ ପୁଣି ତା'ର ମନେ ପଡ଼ିଲା, କି ଭୟାବହ ପରିବେଶ ଭିତରେ ସେ ଆସି ପଡ଼ିଗଲା । କିନ୍ତୁ ସେ ଆଉ କ'ଣ କରିପାରେ !

କିଛି ନା । ଶାନ୍ତା-ଫିର ପୁନରାଗମନ ପାଇଁ ପ୍ରତୀକ୍ଷା କରିବା ଛଡ଼ା ତା'ର ଆଉ କିଛି ଗତି ନ ଥିଲା । କିନ୍ତୁ ତାର ତ ଏବେ ଦୀର୍ଘ ଦୁଇ ମାସ ବାକି ଅଛି । ଯଦି ଏତେ ଦିନ ଭିତରେ ସେ ଦସ୍ୟୁମାନଙ୍କ ହାତରେ ଧରା ନ ପଡେ, ତାହାହେଲେ ସେ କିପରି ଭାବରେ ଏଠାରେ ପ୍ରାଣ ଧାରଣ କରି ରହିବ ।

ଗୋଟାଏ ଆଶ୍ରୟ ଖୋଜିନେବା ତା'ର ଦରକାର । ବତିଘରର ସବୁ କିଛି ଦେଖି ଶୁଣି ଦସ୍ୟୁଗୁଡ଼ାକ ନିଶ୍ଚିତ ଭାବରେ ବୁଝି ପାରିଥିବେ ଯେ ସେଠାରେ ତିନି ଜଣ ଆଲୋକ-ରକ୍ଷୀ ଥିଲେ ।

ସୁତରାଂ ସେମାନେ ଭୂଷଣ ବାବୁଙ୍କୁ ଖୋଜି ବାହାର କରିବା ପାଇଁ ନିଶ୍ଚୟ ଚେଷ୍ଟା କରିବେ ।

କ୍ରମେ କ୍ରମେ ତା'ର ସ୍ୱାଭାବିକ ଶକ୍ତି ଫେରି ଆସିଲା । ଆସନ୍ତା ଏକ ସପ୍ତାହରେ ଧରା ପଡ଼ିବାର ଆଶଙ୍କା ନାହିଁ ।

କିଛିକ୍ଷଣ ଅନ୍ୱେଷଣ କଲା ପରେ ସେ ପାହାଡ଼ ଦେହରେ ଗୋଟାଏ ସଙ୍କୀର୍ଣ୍ଣ ଗୁହା ଆବିଷ୍କାର କଲା । ଗୁହାଟିର ଗଭୀର ଦଶ ଫୁଟ ଓ ଓସାର ପାଞ୍ଚ-ଛଅ ଫୁଟ ହେବ । ତା' ଭିତରେ ବାଲିର କିଛିଟା ପଡ଼ିଛି । ଭଲ ଭାବରେ ଲକ୍ଷ୍ୟ କରିବାରୁ ଦେଖାଗଲା, ଜୁଆରର ଜଳ କିମ୍ବା ଝଡ଼ର ଆକ୍ରମଣ ସେଠାରେ ପହଞ୍ଚି ପାରେ ନାହିଁ । ଗୁହାର ସଙ୍କୀର୍ଣ୍ଣ ମୁହଁବାଟେ ସେ ତା' ଭିତରକୁ ପଶିଗଲା ଏବଂ ବତଘରୁ ଆଣିଥିବା ସାମାନ୍ୟ କିଛି ଜିନିଷପତ୍ର ଭରି ଅଲାଟା ଥୋଇଦେଲା । ଗୁହା କଡ଼ରେ ବରଫ ତରଳି ସେହି ପାଣିରେ ହୋଇଥିବା ଗୋଟାଏ କୁଣ୍ଡ କ ସେ ଦେଖି ପାରିଲା । ସୁତରାଂ ପାନୀୟ ଜଳର ଅଭାବରେ ତା'ର ଏକ୍ଷଣି ମରିଯିବାର ସମ୍ଭାବନା ନଥିଲା ।

କିନ୍ତୁ ଶୁଖିଲା ମାଂସ ଓ କେତେଖଣ୍ଡ ବିସ୍କୁଟ ମୁହଁରେ ଦେବାକ୍ଷଣି ସେ ଟିକିଏ ତାଜା ହୋଇଗଲା । ତା'ପରେ ପାଣି ପିଇବା ପାଇଁ ବାହାରକୁ ଗୋଡ଼ ପକାଇବା ମାତ୍ରେ ଗୋଟାଏ ଶବ୍ଦ ଶୁଣି ସେ ଅଟକି ଗଲା । ତା'ର ଗୋଡ଼ ଚଳିଲା ନାହିଁ । ତାହାହେଲେ ବଦମାସଗୁଡ଼ାକ ତାକୁ ଖୋଜିବାରେ ଲାଗିଛନ୍ତି । ଗୁହାର କାନ୍ଥର ଅନ୍ତରାଳରେ ଲୁଚିରହି ସେ ବାହାରକୁ ଅନାଇବାକୁ ଲାଗିଲା । ସେ ଦେଖିବାକୁ ପାଇଲା, ଚାରି ଜଣ ଲୋକ ଗୋଟାଏ ନୌକାରେ

ଚଢି ଦ୍ୱୀପ ଅଡ଼କୁ ଆସୁଛନ୍ତି । ଦୁଇ ଜଣ ନୌକାରେ ବସିଛନ୍ତି ଏବଂ ଆଉ ଦୁଇ ଜଣ ନୌକା ଚଳାଉଛନ୍ତି । ନୌକା ଖଣ୍ଡିକ ବଡ଼ଘରର ନୁହେଁ, ସ୍କୁନାଟିର ନିଜ ଡଙ୍ଗା ।

ସେମାନେ ଏହି ଦ୍ୱୀପରେ ନବାଗତ ନୁହଁନ୍ତି । ତାହା ସେମାନଙ୍କ ନୌକା ଚାଳନାର ବାଗରୁ ଠିକ୍ ଜଣା ପଡ଼ି ଯାଉ-ଥିଲା ।

ଭାସକୁଏଜ ଜଙ୍ଗଲରୁ ଲୋକମାନଙ୍କୁ ଲକ୍ଷ୍ୟ କରିବାକୁ ଲାଗିଲା । ଯେଉଁ ଲୋକଟା ନୌକାର ମଙ୍ଗ ଧରିଥିଲା, ସେ ସର୍ଦ୍ଦାର ବୋଲି ମନେ ହେଉଥିଲା । ସେ ନିଶ୍ଚୟ ସ୍କୁନାଟିର କପ୍ତାନ ହେବ । ସେତେବେଳକୁ ନୌକାଟା ଭାସକୁଏଜର ପ୍ରାୟ ଶହେ ଗଜ ତଳକୁ ଚାଲି ଆସିଥିଲା । ସେ ତୀକ୍ଷ୍ଣ ଦୃଷ୍ଟିରେ ଲୋକଗୁଡ଼ାକ ଆଡ଼କୁ ଅନାଇ ରହିଲା । ସର୍ଦ୍ଦାର ଇଙ୍ଗିତ ଦେବା ମାତ୍ରେ ନୌକାଟି କୂଳକୁ ଚାଲି ଆସିଲା । ବେଳାଭୂମିରେ ନୌକାଟା ବନ୍ଧାଗଲା ଏବଂ ସେମାନେ ଧୀରେ ଧୀରେ ଓହ୍ଲାଇ ଆସିଲେ ।

ଏଥର ସେମାନଙ୍କ କଥାବାର୍ତ୍ତା ଭାସକୁଏଜର କାନରେ ଆସି ବାଜିଲା ।

—ଏହି ଜାଗାଟା ତ ?

—ହଁ, ପାହାଡ଼ଟାର ବାଙ୍କରେ, ଏଠାରୁ ପ୍ରାୟ କୋଡ଼ିଏ ଗଜ ଦୂର ହେବ ।

—ଆଲୋକ-ରକ୍ଷୀମାନେ ଯେ ଗୁହାଟି ଆବିଷ୍କାର କରି ପାରି ନାହାନ୍ତି, ତାହା ଆମ୍ଭମାନଙ୍କର ପରମ ସୌଭାଗ୍ୟ ।

—ଏପରିକି ସେଇମାନେ ଦେଢ଼ ବର୍ଷକାଳ ଲାଗି ବନ୍ଦଘର ତିଆରି କଲେ, ସେମାନେ କ'ଣ ସେଥି ଆବିଷ୍କାର କରି ପାରି ନାହାନ୍ତି ।

—ସେମାନେ ସବୁବେଳେ ନିଜ ନିଜ କାମରେ ବ୍ୟସ୍ତ ଥିଲେ ।

—ଗୁମ୍ଫାର ମୁହଁଟା ଯେମିତି ଭାବରେ ବନ୍ଦ କରି ଦିଆ ଯାଇଛି, ସେଥିରୁ ମନେ ହେଉଛି, ସେଟା ଆବିଷ୍କାର କରିବା ଏତେ ସହଜ କଥା ନୁହେଁ ।

—ଚାଲ ଆସ ।

ସର୍ଦ୍ଦାରର ଗଳା ଶୁଭିଗଲା ।

ବାଲିଟା ପାର ହୋଇ ସର୍ଦ୍ଦାର ଦୁଇଜଣ ସଙ୍ଗୀଙ୍କୁ ଧରି ଚାଲିବାକୁ ଲାଗିଲା । ବସନ୍ତ ଏକ ଗୁପ୍ତ ଜାଗାଟିରୁ ସେମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଲା । ସେମାନଙ୍କ କଥାବାର୍ତ୍ତା ଶୁଣିବାରେ ତାର କୌଣସି ଅସୁବିଧା ହେଉ ନାହିଁ । କିଛି କ୍ଷଣ ପରେ ସେମାନଙ୍କ ପଦ-ଧ୍ୱନି ମିଳାଇଗଲା । ଖାଲି ଦେଖାଗଲା, ନୌକାଟିର ଆଖପାଖରେ ଜଣେ ଲୋକ ଯିବା ଆସିବା କରୁଛି ।

ତାହାହେଲେ ନିକଟରେ ସେମାନଙ୍କର ଗୋଟାଏ ଗୁମ୍ଫା ଅଛି ! ଏଖଣି ତାର ଆଉ ବୁଝିବାରେ କୌଣସି ଅସୁବିଧା ରହିଲା ନାହିଁ ଯେ ସେମାନେ ଦଳେ ଜଳଦସ୍ୟୁ ଏବଂ ବନ୍ଦଘରର କାମ ଆରମ୍ଭ ହେବା ଆଗରୁ ସେମାନେ ବୁଢେନ ଦ୍ୱୀପରେ ଥିଲେ । ତାହାହେଲେ ସେହି ଗୁମ୍ଫା ଭିତରେ ବଦମାସଗୁଡ଼ାକ ଲୁଟପାଟ କରି

ଆଣିଥିବା ମାଲପତ୍ର ସବୁ ଲୁଗୁଇ ରଖିଛନ୍ତି । ଏବେ କ'ଣ ତାହା-ହେଲେ ସ୍କୁନାରରେ ଲୁଟି ମାଲସବୁ ନେଇଯିବା ମତଲବରେ ସେମାନେ ଏଠାକୁ ଆସିଛନ୍ତି ?

ହଠାତ୍ ଭାସ୍କୁଏଜର ମନେ ହେଲା, ସେ ଗୁହାରେ ସଞ୍ଚିତ ଏମାନଙ୍କ ରସଦର ସୁଯୋଗ ନେଇପାରିବ । ନେବା ବି ତାର ଏକାନ୍ତ ପ୍ରୟୋଜନ । ତା ମନର ଆକାଶରେ ଝଲକାଏ ଆଶାର ଆଲୋକ ଫୁଟି ଉଠିଲା । ନୌକାଟା ଚାଲିଗଲେ ସେ ସେମାନଙ୍କ ଗୁହାରୁ କିଛି ଖାଦ୍ୟ ସାମଗ୍ରୀ ଏହି ଗୁହାକୁ ନେଇ ଆସିବ । ତାହା-ହେଲେ ଶାନ୍ତା-ଫି ଜାହାଜ ଏହି ଦ୍ୱୀପକୁ ଫେରି ଆସିବା ଯାଏ ତାର ଜୀବନ ଧାରଣରେ ଆଉ ସେମିତି କିଛି ଅସୁବିଧା ହେବ ନାହିଁ । ତେଣୁ ସେ ମନେ ମନେ ପ୍ରାର୍ଥନା କଲା, ଶାନ୍ତା-ଫିର ପୁନରାଗମନ ଯାଏ ଏହି ଦସ୍ୟୁମାନେ ଯେମିତି ଏ ଦ୍ୱୀପ ପରିତ୍ୟାଗ ନ କରନ୍ତୁ । ତା'ପରେ ଦେଖାଯିବ, ସେମାନେ କେତେ ଦୂର ଶକ୍ତିଶାଳୀ । ତା'ର ବନ୍ଧୁମାନଙ୍କର ହତ୍ୟାକାଣ୍ଡ କୌଣସି ମତେ ବିନା ମୂଲ୍ୟରେ ଛାଡ଼ି ଦେଲେ ଚଳିବ ନାହିଁ ।

ଶାନ୍ତା-ଫିର ଆଗମନ ପର୍ଯ୍ୟନ୍ତ ବଦମାସଗୁଡ଼ାକ ଏହି ଦ୍ୱୀପରେ ରହିବେ କି ନା, ସେ ବିଷୟରେ ଖବର ନେବ ବୋଲି ଭାସ୍କୁଏଜ ସ୍ଥିର କଲା ।

ପ୍ରାୟ ଘଣ୍ଟାଏ ପରେ ତିନି ଜଣ ଯାକ ସେହି ଗୁହାରୁ ବାହାରି ଆସି ନୌକା ଆଡ଼କୁ ଯିବାକୁ ଲାଗିଲେ । ଲୁଚିଥିବା ସ୍ଥାନରୁ ସେମାନଙ୍କ କଥାବାର୍ତ୍ତା ଶୁଣି ଭାସ୍କୁଏଜ ମନେ ମନେ ଆନନ୍ଦରେ ଅଧୀର ହୋଇଗଲା ।

—ଅଲୋକ-ରକ୍ଷୀମାନେ ବଡ଼ ଭଲ ଲୋକ ଥିଲେ । ଆମ ଜାହାଜପତ୍ର ସବୁ ଠିକ ଅଛି ।

—ତାହାହେଲେ ମଙ୍ଗଲ ଏକାଥରେ ବୋଝେଇ ହୋଇଯିବ ?

—ପ୍ରଚୁର ରସଦ ସଞ୍ଚିତ ଥିବାରୁ ଆମର ଗୋଟାଏ ଲାଭ ବରଂ ହୋଇଗଲା ।

—ପ୍ରଶାନ୍ତ ମହାସାଗରର ଦ୍ୱୀପରେ ପହଞ୍ଚିବା ଆଗରୁ ଆମର ବେଶୀ ଖରଚ କରିବା ଉଚିତ ନୁହେଁ ।

ଏହିପରି ଭାବରେ ପ୍ରାଣ ଖୋଲି କଥାବାର୍ତ୍ତା ହେଉ ହେଉ ଦସ୍ୟୁଗୁଡ଼ାକ ହସି ହସି ଗଡ଼ି ଯାଉଥିଲେ । ସେମାନଙ୍କର ହସର ଶବ୍ଦ ଶୁଣି ଭାସ୍କୁଏଜ ରାଗରେ ଉନ୍ମାଦଙ୍କ ପରି ହୋଇଗଲା । ପିସ୍ତଲ ଫୁଟାଇ ସେମାନଙ୍କ ହସ ବନ୍ଦ କରି ଦେବା ପାଇଁ ତା'ର ଇଚ୍ଛା ହେଲା ।

କିନ୍ତୁ ତାର ଉତ୍ତେଜନା ଟିକିଏ କମି ଯିବାରୁ ସେ ବୁଝି ପାରିଲା ଯେ ସେପରି ଭାବରେ ପାଗଳାମି ନ କରି ସେ ବରଂ ଭଲ କରିଛି ।

ପୃଥିବୀର ଶେଷ ସୀମାରେ ଏହି ବଡ଼ଘରଟା ଏଥର ଅନ୍ଧ ହୋଇଗଲା । ଏହା କହି ଜଣେ ଦସ୍ୟୁ ହୋ-ହୋ କରି ହସି ପକାଇଲା ।

ମଙ୍ଗଲ ଏଠାରୁ ଯାତ୍ରା କରିବା ଆଗରୁ ଆଖପାଖର ପାହାଡ଼-ଗୁଡ଼ିକରେ ଧକ୍କା ବାଜି ଗୋଟାଏ ଦୁଇଟା ଜାହାଜ ବୁଡ଼ି ହୋଇ ପାରେ ବୋଲି ମୋର ମନେ ହେଉଛି । ତାହାହେଲେ ମାଲପତ୍ର ସବୁ ବି ଆମ ଦଖଲକୁ ଆସିବ ।

ଏଥର ଭାଗ୍ୟଲକ୍ଷ୍ମୀ ଆମ ପ୍ରତି ସୁପ୍ରସନ୍ନ । ଗୋଟାଏ ସ୍କୁନାର ସେଣ୍ଟ ବାର୍ଥୋଲମିଉର କୂଳରେ ନଙ୍ଗର ପକାଇଲା । ମାତ୍ର ସେଥିରେ କୌଣସି ଲୋକ ବାକ ନାହାନ୍ତି । ସମସ୍ତ ବ୍ୟାପାରଟା ଏକ୍ଷଣି ମୋ ନିକଟରେ ସ୍ୱପ୍ନପରି ମନେ ହେଉଛି ।

ଭାସକୁଏଜ ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ କିପରି ଭାବରେ ମଣ୍ଡଲ ଯାଇ ଏହି ବଦମାସମାନଙ୍କ ହାତରେ ପଡ଼ିଛି ।

—ଏଥର ତାହାହେଲେ କ'ଣ କରାଯିବ, କର୍ତ୍ତା ? ଜଣେ ଲୋକ ପଚାରିଲା ।

ଯାହାକୁ ସର୍ଦ୍ଦାର ବୋଲି ଭାସକୁଏଜର ଧାରଣା ହୋଇଥିଲା, ସେହି ଲୋକଟି ଜବାବ ଦେଲା—ମଣ୍ଡଲରେ ଫେରିଯିବା ଛଡ଼ା ଆଉ ଆମର କ'ଣ କରିବାର ଅଛି ?

—ତାହାହେଲେ ଏକ୍ଷଣି ଗୁହା ସଫା କାମ ଆରମ୍ଭ କରିବା ?

—ନା, ମରାମତି ଶେଷ ନ ହେଲେ ଜାହାଜ ବୋଝାଇ କରି ହେବ ନାହିଁ । ମରାମତି ଶେଷ ହେବାକୁ କେତେ ସପ୍ତାହ ଲାଗିଯିବ ବୋଲି ମୋର ମନେ ହେଉଛି ।

—ତାହାହେଲେ କିଛି କିଛି ଦାମିକା ନୌକାରେ ଲଦି ଦେବା ଉଚିତ, କ'ଣ କହୁଛ ? ଆଉ ଜଣେ ପଚାରିଲା ।

—ହଁ, ମରାମତି କରିବା ପାଇଁ ଯାହା ଲାଗିବ ସବୁ କିଛି ନେଇ ଯିବାକୁ ହେବ ।

—ତାହାହେଲେ ଆଉ ସମୟ ନଷ୍ଟ କରିବା ଅଧୌ ଠିକ ହେବ ନାହିଁ । ଜୁଆର ଶୀଘ୍ର ଆସିଯିବ । ସେହି ସୁଯୋଗଟା ଆମର ନେବା ଉଚିତ ।

—ହଁ ତାହା ଭଲ । ସ୍କୁନାରଟି ଠିକ ହୋଇଗଲେ ମାଲପତ୍ର ସବୁ ବୋଝାଇ କରିଦେବା । ଏଖଣି ତ ଆଉ ଶତ୍ରୁଙ୍କର ଭୟ ନାହିଁ । କର୍ଣ୍ଣେଲ ଜବାବ ଦେଲା ।

—କିନ୍ତୁ ଗୋଟିଏ କଥା ଭୁଲିଗଲେ ଚଳିବ ନାହିଁ, ଓସ୍ତାଦ ! ବଡଘରେ ତିନି ଜଣ ଲୋକ ଅଛନ୍ତି । କଣେ ଆମ ହାତରୁ ଖସି ପଳାଇଛି ।

—ତା ବିଷୟରେ ମଥା ନ ଖେଳାଇଲେ ବି ଚଳିବ, ସାରସାନ୍ତେ । ସେ ଲୋକଟା ଖାଇବା ପିଇବାକୁ ନ ପାଇ ଆପେ ଆପେ ତା' ରାସ୍ତା ଧରିବ । ତା'ଛଡ଼ା ଅମେ ସବୁତ ଗୁହାର ଆଖ-ଆଖରେ ରହୁଛୁ ।

କିଛି ସମୟ ପରେ ସେହି ଲୋକମାନେ ଗୁଡ଼ାଏ ଯନ୍ତ୍ରପାତି ନେଇ ନୌକାରେ ବୋଝାଇ କଲେ । ତାର ଟିକଏ ପରେ ନୌକାଟି ସେମାନଙ୍କୁ ଧରି ମୁଣ୍ଡିଆର ଅନ୍ତରାଳରେ ଅଦୃଶ୍ୟ ହୋଇଗଲା ।

ଯେତେବେଳେ ଭ୍ରାସକୁଏଜ ବୁଝି ପାରିଲା ଯେ ବର୍ତ୍ତମାନ ଆଉ ଧରା ପଡ଼ିବାର କୌଣସି ସମ୍ଭାବନା ନାହିଁ, ସେତେବେଳେ ସେ ଗୁହାରୁ ବାହାରି ଆସି ବେଳା ଭୂମିରେ ଠିଆ ହେଲା । ତା' ଆଗରେ ବର୍ତ୍ତମାନ ଦୁଇଟି ପ୍ରଧାନ କର୍ତ୍ତବ୍ୟ ଅଛି । ପ୍ରଥମଟି ହେଉଛି କେତୋଟି ସପ୍ତାହ କଟାଇବା ପାଇଁ ଅବଶ୍ୟକୀୟ ଖାଦ୍ୟ ପଦାର୍ଥ ଯୋଗାଡ଼

କରିବା ଏବଂ ଦ୍ୱିତୀୟଟି ହେଉଛି ଯେ କୌଣସି ଉପାୟରେ ମହଲର ଯାତ୍ରାପଥରେ ବାଧା ସୃଷ୍ଟି କରିବା । ହୁଏତ ପ୍ରଥମଟି ହୋଇଗଲା, ମାତ୍ର ଦ୍ୱିତୀୟଟି କିପରି ସମ୍ଭବପର ହେବ ? କେଉଁ ଉପାୟରେ ଶାନ୍ତ୍ରାଫିର ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ମହଲକୁ ଅଧିକାର ରଖି ହେବ ? ସେ ସମ୍ପର୍କରେ ତା' ମଥାରେ କୌଣସି ଫନ୍ଦି-ଫିକର ପଶିଲା ନାହିଁ । ହଁ, ସେ ଆଉ ଗୋଟାଏ କାମ କରିପାରେ । ଯଦି କେବେ କୌଣସି ଜାହାଜ ସାଁ-ଜୁଆଁ ଅନ୍ତରୀପ ପାଖ ଦେଇ ଯାଏ, ତାହାହେଲେ ସେ ସଙ୍କେତ ଦେଇ ତାକୁ ଅଟକାଇବାକୁ କହିବ କିମ୍ବା ସମୁଦ୍ରରେ ପହଁରି ପହଁରି ଯାଇ ସେହି ଜାହାଜରେ ଚଢ଼ି ବିସ୍ତୃତ ଭାବରେ ସବୁ କଥା ଖୋଲି କହି ପ୍ରତିଶୋଧ ନେବା ପାଇଁ ବ୍ୟବସ୍ଥା କରିବ । କିନ୍ତୁ ତାହା ତ ଢେର ଦୂରର କଥା । କୌଣସି ଜାହାଜ ଏହି ବାଟେ ଯିବ କି ନା, ତାହା କିଏ ଜାଣେ ? ଆଉ ଗଲେ ବି ଭାସ୍କୁଏଜର ସଙ୍କେତ ବୁଝିପାରି ସେ ଏଠାରେ ଠିଆ ହେବ, ଏଥିରେ କୌଣସି ନିଶ୍ଚୟତା ନାହିଁ ।

ଆପଣାର ନିରାପତ୍ତା ପାଇଁ ଭାସ୍କୁଏଜ ସେତେ ଉଦ୍‌ବିଗ୍ନ ହେଲା ନାହିଁ । ସେମାନଙ୍କ ହାତରେ ନ ପଡ଼ିବାକୁ ସେ ଯଥାସାଧ୍ୟ ଚେଷ୍ଟା କରିବ ! କିନ୍ତୁ ଏକ୍ଷଣି ତା'ର ପ୍ରଧାନ କର୍ତ୍ତବ୍ୟ ହେଲା ରସଦ ସଂଗ୍ରହ କରିବା । ସେଥିପାଇଁ 'ଦସ୍ୟୁଙ୍କ ଗୁହା ଅଭିମୁଖରେ ପାଦ ବଢ଼ାଇଲା ।

କଙ୍ଗ୍ରେ ଓ ତା ଦଳର ଲୋକମାନେ ସମସ୍ତେ ମହଲକୁ ମରାମତି କରିବାରେ ଲାଗି ପଡ଼ିଲେ । କାମଟା ଅବଶ୍ୟ ଟିକିଏ କଠିନ, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ମିସ୍ତ୍ରୀ ହିସାବରେ ଭାର୍ଗାସର ଦକ୍ଷତା ଥିବାରୁ ଏବଂ ଏଣେ ଯନ୍ତ୍ରପାତିର ପ୍ରାଚୁର୍ଯ୍ୟ ଥିବାରୁ

କାମଟା ଚମତ୍କାର ଭାବରେ ଆଗେଇବାକୁ ଲାଗିଲା । ପ୍ରଥମେ ସମସ୍ତ ଜାହାଜଟାକୁ ଖାଲି କରାଗଲା । ଏଥିରେ କିଛି ସମୟ ନଷ୍ଟ ହୋଇ ଗଲା ସତ, କିନ୍ତୁ କ'ଣ ଆଉ କରାଯିବ ? ହାତରେ ଅବଶ୍ୟ ଯଥେଷ୍ଟ ସମୟ ଥିଲା । ସେଥିପାଇଁ କଙ୍ଗ୍ରୀ ଟିକିଏ ହେଲେ ଉଦ୍‌ବିଗ୍ନ ହେଲା ନାହିଁ । ବଡଘରର ସାହାଯ୍ୟ ଆସିବାକୁ ଏକ୍ଷଣି ପ୍ରାୟ ଦୁଇ ମାସ ବାକି । ତେଣୁ ଅଯଥା ଭାବିଚିନ୍ତି କିଛି ଫଳ ନାହିଁ ।

ବଡଘରର କାଗଜପତ୍ରରୁ କଙ୍ଗ୍ରୀ ସେହି ସମ୍ପର୍କରେ ସବୁ ବିଷୟ ଜାଣି ପାରିଲା । ଖାତାରେ ଲେଖାଥିଲା, ପ୍ରତି ତିନି ମାସରେ ଥରେ ଲେଖାଏଁ ବଡଘରକୁ ସାହାଯ୍ୟ କରିବାର କଥା ।

ଶାନ୍ତା-ପି ମାର୍ଚ୍ଚ ମାସରେ ଆସି ଏଠାରେ ପହଞ୍ଚିବ । ଏବେ ଡିସେମ୍ବର ମାସ ଶେଷ ହେଇଁ ମାତ୍ର । ସେହି ଖାତାରୁ ସେ ଅଲେକ-ରଷୀ ତିନି ଜଣଙ୍କର ନାମ ବି ଜାଣି ପାରିଲା । ଫିଲିପ, ମରିସ ଓ ଭାସକ୍ରୁଏଭ । ସୁତରାଂ ଜଣେ ଯେ ପଳାଇ ଆତ୍ମରକ୍ଷା କରିଛି, ତାହା ବୁଝିବାକୁ ଆଉ ବାକି ରହିଲା ନାହିଁ । କିନ୍ତୁ ଲୋକଟା କୁଆଡେ ପଳାଇ ଗଲା ସେ ବିଷୟରେ କଙ୍ଗ୍ରୀ ମଥା ଖେଳାଇଲା ନାହିଁ, କାରଣ ସେ ଏକା ସେମାନଙ୍କର ଆଉ କି କ୍ଷତି କରି ପାରିବ ? ତାହାଛଡା ଖାଇବା ପିଇବାକୁ ନ ପାଇ ସେ ବେଶୀ ଦିନ ତ ବଞ୍ଚି ପାରିବ ନାହିଁ ।

କିନ୍ତୁ ତାହାହେଲେ ସୁଦ୍ଧା ମରାମତି କାମ ଯେତେ ଶୀଘ୍ର ସମ୍ଭବ ଶେଷ କରିବାକୁ ହେବ । ସେଥିପାଇଁ ସେମାନେ ଶୀଘ୍ର ଶୀଘ୍ର ଜାହାଜ ଖାଲି କରିବାକୁ ଲାଗିଲେ । ଏପରି ସମୟରେ ଜାନୁଆରୀ ତିନି ତାରିଖ ରାତିରେ ପାଗଟା ଆକସ୍ମିକ ଭାବରେ ବଦଳି ଗଲା ।

ଆକାଶର ଦକ୍ଷିଣ ଦିଗନ୍ତରେ ଖଣ୍ଡ ଖଣ୍ଡ ହୋଇ ଘନ କଳା ମେଘ ଘୋଟିଗଲା । ଝଡ଼ ଆରମ୍ଭ ହୋଇଗଲା । ତାପ-ମାତ୍ରା ଖୋଲ ବଢ଼ିଗଲା । କ୍ଷଣ କ୍ଷଣକେ ବିଜୁଳିର ଚମକରେ ଆକାଶ ଛିଣ୍ଡି ପଡ଼ିବାକୁ ଲାଗିଲା । ଘଡ଼ି ଘଡ଼ି ରାଗରେ ଗର୍ଜନ କରିବାକୁ ଲାଗିଲା । ସମୁଦ୍ର ବି ଉନ୍ମାଦ ହୋଇଗଲା ।

ସେମାନଙ୍କ ଭାଗ୍ୟ ଖୁବ ଟାଣ ନ ଥିଲେ, ଏହି ଝଡ଼ର ଆଘାତରେ ମଙ୍ଗଲ କୂଳରେ ବାଜି ଖଣ୍ଡ ଖଣ୍ଡ ହୋଇ ଯାଇ ଥାଆନ୍ତା । କିନ୍ତୁ ମଙ୍ଗଲ ଯେଉଁ ସ୍ଥାନରେ ନଙ୍ଗର ପକାଇଥିଲା, ସେଠାରେ ଝଡ଼ର ପ୍ରକୋପଟା ସେତେ ବେଶୀ ନ ଥିଲା । ତଥାପି ତାହା ଉପେକ୍ଷା କରିବାର କଥା ନୁହେଁ ବୋଲି କର୍ଣ୍ଣୀ ଆଉ ଗୋଟାଏ ନଙ୍ଗର ପକାଇ ମଙ୍ଗଲକୁ ରକ୍ଷା କରିବା ପାଇଁ ବ୍ୟବସ୍ଥା କଲା । ସେମାନେ ନିଜେ ବଡଘରେ ଆଶ୍ରୟ ନେଇଥିଲେ ବୋଲି ନିରାପତ୍ତା ସମ୍ପର୍କରେ ଭୟ କରିବାର ସେମାନଙ୍କର କିଛି ନ ଥିଲା । ରସଦ ସମ୍ପର୍କରେ ବି ସେମାନଙ୍କର କିଛି ଭାବନା ନ ଥିଲା । ବଡଘରର ଭଣ୍ଡାରରେ ସେମାନେ ପ୍ରଚୁର ଖାଦ୍ୟ ସାମଗ୍ରୀ ପାଇଲେ । ଯେତେବେଳେ ନିତାନ୍ତ ଅଭାବ ପଡ଼ିବ, ସେତେବେଳକୁ ତ ଗୁହାଟା ଅଛି ।

ଜାନୁଆରୀ ବାର ତାରିଖ ଯାଏ ପାଗଟା ଏମିତି ଖରାପ ରହିଲା । ପୁରା ଗୋଟାଏ ସପ୍ତାହ କିଛି କାମ ହୋଇ ପାରିଲା ନାହିଁ ।

ଜାନୁଆରୀ ବାର ତାରିଖ ରାତିରେ ହଠାତ୍ ପବନର ଗତି ଦକ୍ଷିଣ-ପଶ୍ଚିମ ଦିଗରୁ ପରିବର୍ତ୍ତିତ ହେଲା । ଏଥର ଦ୍ୱୀପର ଅପର ପ୍ରାନ୍ତରେ ଝଡ଼ର ଆକ୍ରମଣ ଆରମ୍ଭ ହୋଇଗଲା ।

ଏହି ସପ୍ତାହକ ଭିତରେ କେବଳ ଗୋଟିଏ ଜାହାଜ ସ୍ଲଟେନ ଦ୍ୱୀପ ମାଝ ଦେଇ ଚାଲିଗଲା । ତାହା ବି ଫେର୍ ଦିନ ବେଳେ । ସୁତରାଂ ବତିଘରର କାମ ଠିକ୍ ଭାବରେ ଚାଲିଛି କି ନା, ତାର ତାହା ବୁଝିବାର କୌଣସି ଉପାୟ ନ ଥିଲା । ତିନି ମାଇଲ ଦୂରରେ ଜାହାଜଟି ଚାଲିଯାଉଥିଲା ବୋଲି ଜାସକୁଏଙ୍କର ସଙ୍କେତ ବି ସେ ବୁଝି ପାରିଲା ନାହିଁ ।

# ଆଠ

ଜାନୁଆରୀ ତେର ତାରିଖ । ସକାଳେ ଭାର୍ଗାସ ମଡ଼ଲ୍‌କୁ ପରୀକ୍ଷା କରି ଘୋଷଣା କଲା ଯେ, ଏହି ଝଡରେ ସ୍କୁନାରଟିର ଯାହା କ୍ଷତ ହୋଇଛି, ତାହା ଅତ୍ୟନ୍ତ ଗୁରୁତର । ଏହାକୁ ମରାମତି କରିବା ପାଇଁ ସେମାନଙ୍କୁ ପ୍ରଚଣ୍ଡ ପରିଶ୍ରମ କରିବାକୁ ପଡ଼ିବ ।

ଗୁହାରେ ଯନ୍ତ୍ରପାତିର କୌଣସି ଅଭାବ ନ ଥିବାରୁ ମିସ୍ତ୍ରୀ ଭାର୍ଗାସ ଘୋଷଣା କଲା ଯେ, ଜାହାଜଟିର କ୍ଷୟକ୍ଷତି ଏକ୍ଷଣି ଦୂର କରିବା ସମ୍ଭବ । ଯଦି ତାହା ନ ହୋଇପାରେ, ତାହାହେଲେ ଏହି ଜାହାଜଟି ନେଇ ସାଗର ଯାତ୍ରା କରିବା ଅସମ୍ଭବ ।

ଏକ୍ଷଣି ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ସ୍କୁନାରଟିକୁ ଚଡ଼ାରେ ଲଗାଇବା । ଭଟ୍ଟ ଜୁଆର ସମୟ ଛଡ଼ା ଆଉ କେତେ-ବେଳେ ତାହା କରିବାର କୌଣସି ସୁବିଧା ନ ଥିଲା । ତେଣୁ ବିନା କାମରେ ଆଉ ଦୁଇଟା ଦିନ କଟିଗଲା । ଏହି ସୁଯୋଗରେ ବର୍ଣ୍ଣୀ ଓ ସାରସାନ୍ତେ ସେମାନଙ୍କ ପୁରୁଣା ଗୁହାକୁ ଥରେ ବୁଲିବାକୁ ଗଲେ ।

ବଡଘରର ଡ଼ଙ୍ଗୀଟା ଟିକିଏ ବଡ ବୋଲି ସେମାନେ ଏଥର ସେଥିରେ ଚଢ଼ିଗଲେ । ସୁନା ରୁପା, ଧନରତ୍ନ ଓ ଅନ୍ୟାନ୍ୟ ଦରକାରୀ ଜିନିଷପତ୍ର ଏଥର ନୌକାରେ ବୋଝାଇ କରି ଆଣି ଜାହାଜର ଭଣ୍ଡାରରେ ରଖିଦେବେ ବୋଲି ସେମାନଙ୍କର ମତଲବ ଥିଲା ।

ସେହି ଉଦ୍ଦେଶ୍ୟରେ ସେମାନେ ଜାନୁଆରୀ ଚଉଦ ତାରିଖ ସକାଳ ବେଳେ ନୌକା ଛାଡିଲେ ।

ସେତେବେଳେ ବାୟୁମଣ୍ଡଳ ପ୍ରଶାନ୍ତ ଥିଲା । ଆକାଶ ନିର୍ମଳ । ସାଗରର ସୁନୀଳ ଜଳରେ ସୂର୍ଯ୍ୟଙ୍କର ସୁନେଲି ଆଲୁଅ ଝିଲମିଲି ହେଉଥିଲା ।

ଠିକ୍ ଯିବା ପୂର୍ବରୁ ସାରସାନ୍ତେ ଆଲେକଜାଣ୍ଡ୍ରର ଲଣ୍ଠନ ଘରେ ପ୍ରବେଶ କରି ଚାରିଆଡ଼କୁ ଦୃଷ୍ଟି ନିକ୍ଷେପ କଲା । କୌଣସି ଭୟ ନ ଥିଲା କି କେଉଁଠି ହେଲେ ଜନମାନବର କୌଣସି ଚିହ୍ନବର୍ଣ୍ଣ ବି ଜଣାଯାଉ ନ ଥିଲା ।

ସୁଅ ମୁହଁରେ ନୌକା ଛାଡ଼ିଦେଇ ସେମାନେ ଯାତ୍ରା କଲେ । କଙ୍ଗ୍ରୀ ସତର୍କ ଦୃଷ୍ଟିରେ ସମୁଦ୍ରର ଦୁଇ ପାଖକୁ ଅନାଇ ଦେଖିବାକୁ ଲାଗିଲା । ତୃତୀୟ ଆଲେକ-ରକ୍ଷୀଟି ବୋଧହୁଏ କେଉଁଠି ଲୁଚି ରହିଛି । ତାକୁ ଖୋଜିବା ପାଇଁ ସେ ଚେଷ୍ଟା କରୁଥିଲା । ଯଦିଓ ତା ପାଇଁ କଙ୍ଗ୍ରୀ ମନ୍ଦା ସେମିତି ବଥଉ ନ ଥିଲା, ତଥାପି ତା ସାଙ୍ଗରେ ଆକସ୍ମିକ ଭାବରେ ସାକ୍ଷାତ ଘଟିଲେ ବା ଫଳ କ'ଣ ହେବ ?

ଦୁଇ କୂଳରେ ଜନ ମାନବର କୌଣସି ଚିହ୍ନବର୍ଣ୍ଣ ନ ଥିଲା । ଖାଲି କୀଟ-ପତଙ୍ଗ ଓ ପଶୁ-ପକ୍ଷୀଙ୍କର କଳରବ ମଝିରେ ମଝିରେ ଆସି ତା କାନରେ ବାଜୁଥିଲା ।

ପ୍ରାୟ ଏଗାରଟା ବେଳେ ସେମାନେ ଗୁହା ନିକଟରେ ଆସି ପହଞ୍ଚିଲେ । କୂଳରେ ନୌକାଟି ବାନ୍ଧି ଦେଇ ତାକୁ ଜଗିବା ପାଇଁ ଦୁଇ ଜଣ ଲୋକଙ୍କ ଉପରେ ଭାର ଦେଇ, କଙ୍ଗ୍ରୀ ଓ ସାରସାନ୍ତେ ଗୁହା ଆଡ଼କୁ ଚାଲିଗଲେ ।

ଗୁମ୍ଫା ଭିତରଟା ଆଗରୁ ଯେମିତି ଥିଲା, ଏବେଣି ସେମିତି ଅଛି । ଗୋଟାଏ ହେଲେ ଜିନିଷ ବି ତା ଭିତରେ ଏପାଖ ସେପାଖ ହୋଇ ନାହିଁ । ବତିଘରର ଲଣ୍ଠନ ଆଲୁଅ ଲଗାଇଲେ ସୁଦ୍ଧା ତାଙ୍କୁ ପାଇବା ପାଇଁ କୌଣସି ବାଟ ଦିଶୁ ନ ଥିଲା ।

ପ୍ରୟୋଜନୀୟ ଜିନିଷପତ୍ର ସବୁ ଡଙ୍ଗିରେ ଲଦା ସାରି ଯେତେବେଳେ ସେମାନେ ପ୍ରସ୍ଥାନ କରିବାକୁ ବସୁଛନ୍ତି, ଠିକ ସେତିକିବେଳେ କଙ୍ଗ୍ରୀ ଜଣାଇଲା ଯେ ସେ ଥରେ ଗୁହାଅଞ୍ଚଳଟା ଟିକିଏ ଦେଖି ଆସିବାକୁ ଚାହେଁ ।

ସାରସାନ୍ତେ ବି ଅନ୍ତରୀପର ଗୋଟାଏ ମୁଣ୍ଡକୁ ଚାଲିଗଲା । ଗୋଟାଏ ପାହାଡ଼ ଉପରକୁ ଚଢି ଯାଇ କଙ୍ଗ୍ରୀ ଭଲ ଭାବରେ ଚାରିଆଡ଼େ ନିରୀକ୍ଷଣ କରିବାକୁ ଲାଗିଲା । ଅନେକ ଦୂର ଯାଏ ତା ଆଖି ପାଉଥିଲା । ସେ ଦେଖି ପାରିଲା—ଚାରିଆଡ଼େ ନିର୍ଜନ ଓ ନିଷ୍ପ୍ରାଣ ।

ସେଇଁଠି କିଛି ସନ୍ଦେହଜନକ ଦେଖିବାକୁ ନ ପାଇ, ସେମାନେ ପୁଣି ନୌକା ପାଖକୁ ଫେରି ଆସିଲେ । ଗନ୍ତବ୍ୟ ସ୍ଥାନରେ ପହଞ୍ଚିଲା ବେଳକୁ ପ୍ରାୟ ଛଅଟା ବାଜି ଗଲାଣି ।

ଦୁଇଦିନ ପରେ ଭରା ଜୁଆର ବେଳେ ସେମାନେ ମଉଲକୁ ଆଣି ଚଡ଼ାରେ ଲଗାଇଦେଲେ । ଅବଶ୍ୟ ଏଥିପାଇଁ ସେମାନଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା ।

ଏହା ଜାନୁଆରୀ ଷୋଳ ତାରିଖର କଥା ।

ଭାର୍ଗାସ ତା କାମରେ ତୁରନ୍ତ ଲାଗିଗଲା । କିନ୍ତୁ ପ୍ରତିଦିନ କେତୋଟି ଘଣ୍ଟା ଅକାରଣରେ ନଷ୍ଟ ହୋଇ ଯାଉଥିଲା । ଜୁଆର

ବେଳେ ଚଢ଼ା ବୃଷ୍ଟି ଯାଉ ଥିବାରୁ, ସେତେବେଳେ କୌଣସି କାମ କରି ହେଉ ନ ଥିଲା । କିନ୍ତୁ ସେଥିପାଇଁ ଆଉ କ'ଣ କରି ଯାଇପାରେ ? ପ୍ରାକୃତିକ ବିଧାନକୁ ମୁଣ୍ଡ ନୁଆଁଇ ମାନି ନେବା ଛଡ଼ା ଆଉ କିଛି ଗତି ସେମାନଙ୍କର ତ ନ ଥିଲା । ସେମାନେ ବା ଆଉ କ'ଣ କରନ୍ତେ ?

ତା'ପରେ ଏକ ପକ୍ଷ ଯାଏ କାମ ଚମତ୍କାର ଭାବରେ ହେବାକୁ ଲାଗିଲା । ବାୟୁମଣ୍ଡଳ ଶାନ୍ତ ଥିବା ଯୋଗୁଁ କାମ କରିବାରେ କିଛି ଅସୁବିଧା ହେଲା ନାହିଁ । ଭର୍ଗାସ ଅନାୟାସରେ ତା କାର୍ଯ୍ୟର ପ୍ରଥମ ପର୍ବ ନିପୁଣ ଭାବରେ ଶେଷ କରିଦେଲା । କୌଣସି ବାଧାବିଘ୍ନ ନ ଘଟିବାରୁ ଜାନୁଆରିର ଶେଷ ଯାଏ କାମଟା ପୁରା ଦମରେ ଚାଲିଲା । ପାଗଟା ସେତେବେଳେ ପ୍ରାୟ ପ୍ରସନ୍ନ ଥିଲା । ମଝିରେ ମଝିରେ ଅବଶ୍ୟ ସାମାନ୍ୟ କେତେ ଅସରା ବୃଷ୍ଟି ହେଉଥିଲା, କିନ୍ତୁ ତାହା ବି ଖୁବ ଅଳ୍ପ ସମୟ ପାଇଁ ।

ଏହି ସମୟ ଭିତରେ ଷ୍ଟାଟେନ ଦ୍ୱୀପକୁ ଦୁଇଟି ଜାହାଜ ଦେଖିବାକୁ ମିଳିଲା । ପ୍ରଥମଟି ଇଂରେଜମାନଙ୍କର । ଦି'ପହର ବେଳେ ସେ ଷ୍ଟାଟେନ ଦ୍ୱୀପ ପାଖ ଦେଇ ସନ୍ଧ୍ୟା ବେଳକୁ ଦିଗ ଚକ୍ରବାଳରେ ମିଳେଇ ଗଲା । ସୁତରାଂ ସ୍ୱାଭାବିକ ଭାବରେ କଡ଼ଘର ଆଡ଼େ ତାର କୌଣସି ନଜର ନ ଥିଲା । ଦ୍ୱିତୀୟଟି ଗୋଟିଏ ବାଷ୍ପୀୟ ଜାହାଜ । ସନ୍ଧ୍ୟା ଅନ୍ଧକାର ହେତୁ ସେଟା କେଉଁ ଦେଶର ଜାହାଜ କିଛି ଜଣା ପଡ଼ିଲା ନାହିଁ । ସାରସାନ୍ତେ ଲଣ୍ଠନ ଘରୁ ଖାଲି ତାର ସବୁଜ ଆଲୁଅଟି ଦେଖି ପାରିଲେ । ହୁଏତ ଜାହାଜଟି କେତେ ମାସ ହେଲା ସମୁଦ୍ର-ଭ୍ରମଣରେ ବ୍ୟସ୍ତ ଥିଲା । ତେଣୁ

ବନ୍ଦଘର ଭିଆର ଶେଷ ହୋଇଛି କି ନା; ସେ ବୋଧହୁଏ ଜାଣେ ନା । ଉପକୂଳର ଖୁବ ନିକଟରେ ଜାହାଜଟି ଯାଉଥିଲା ସୁତରାଂ ଭ୍ରସକୁଏଙ୍କ ତାର ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଶେଷ ଚେଷ୍ଟା କରୁଥିଲେ, ଜାହାଜର ଲୋକମାନେ ନିଶ୍ଚୟ ଦେଖି ପାରୁଥାନ୍ତେ । କିନ୍ତୁ ଭ୍ରସକୁଏଙ୍କ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଆଦୌ କୌଣସି ଚେଷ୍ଟା କଲା ନାହିଁ । ସୂର୍ଯ୍ୟୋଦୟ ପୂର୍ବରୁ ଜାହାଜଟି ଦିଗନ୍ତରେ ଅଦୃଶ୍ୟ ହୋଇଗଲା

ସୁଦୂର ଦିଗନ୍ତରେ ଆଉ ଯେ କେତୋଟି ଜାହାଜ ଦେଖା ଯାଉ ନ ଥିଲା; ତାହା ନୁହେଁ । କିନ୍ତୁ ସେଗୁଡ଼ିକ ଏତେ ଦୂରରେ ଯାଉଥିଲା ଯେ ସେମାନଙ୍କ କଥା ଉଲ୍ଲେଖ କରି କିଛି ଫଳ ନାହିଁ ।

ଜାନୁଆରୀ ଏକତିରିଶ ତାରିଖରେ ପାଗଟା ପୁଣି ଖରାପ ହୋଇ ଗଲା । ଦୈବ ଯୋଗକୁ ସେତେବେଳକୁ ସ୍କୁନାରର ମରାମତି କାମ ମୋଟାମୋଟି ଭାବରେ ଶେଷ ହୋଇ ଯାଇଥିଲା ।

କଙ୍ଗ୍ରୀ ଓ ତା' ଦଳର ଲୋକମାନଙ୍କ ବିଶେଷ ଚେଷ୍ଟା ହେତୁ ମଉଲର ଆଉ କୌଣସି କ୍ଷତି ହୋଇ ପାରିଲା ନାହିଁ । ତା ଛଡ଼ା ଫେବୃୟାରୀ ଦୁଇ ତାରିଖଠାରୁ ବାୟୁମଣ୍ଡଳ ଟିକିଏ ଶାନ୍ତ ହୋଇ ଯିବାରୁ, ସେମିତି କିଛି ଭୟ ଦେଖାଗଲା ନାହିଁ ।

ଏଥର ମାଲପତ୍ର ସବୁ ଗୋଟି ଗୋଟି ହୋଇ ଜାହାଜରେ ଲଦା ହେବାକୁ ଲାଗିଲା । ଭ୍ରୁଗାସ ଯେଉଁ ଲୋକମାନଙ୍କୁ ଜାହାଜର କାମରେ ଲଗାଇ ନ ଥିଲା, ସେମାନେ ପୁରୁଣା ଗୁହାକୁ ବାରମ୍ବାର

ଯିବା-ଆସିବା କଲେ । କେତେ କେତେ ବେଳେ ଲଙ୍ଗ୍ରୀ ଲିଙ୍କେ ଆଉ କେତେବେଳେ ବା ସାରସାନ୍ତେ ସେମାନଙ୍କ ସାଙ୍ଗରେ ଯାଉଥିଲା । ପ୍ରତିଥର ସେମାନେ ଅନେକ କିଛି ମାଲପତ୍ର ନେଇ ଆସୁଥିଲେ ଏବଂ ଜଡଘରର ଭଣ୍ଡାରରେ ଜମା କରି ରଖୁଥିଲେ । କାରଣ ସିଧା ଜାହାଜରେ ଲଦି ଦେବାରେ କିଛି ଅସୁବିଧା ଥିଲା । ସେହି ଦିଗରୁ ବଡଘରର ଭଣ୍ଡାରଟାକୁ କାମରେ ଲଗାଇବା ସୁବିଧାଜନକ ବୋଲି ସେମାନେ ବୋଧ କଲେ ।

କିଛିଦିନ ପରେ ମଙ୍ଗଲର ମରାମତି କାମ ଶେଷ ହୋଇଗଲା । ଏଥର ସମୁଦ୍ର ଯାତ୍ରା କରିବା ସମ୍ଭବ ବୋଲି ସେମାନଙ୍କର ମନେ ହେଉଥିଲା । ସେଥିପାଇଁ ମାଲପତ୍ର ସବୁ ଅସ୍ତେ ଅସ୍ତେ ଜାହାଜରେ ଲଦା ଯିବାକୁ ଲାଗିଲା ।

ଗୁହାରେ ଜିନିଷପତ୍ର ଭିତରେ କେତୋଟି ରଙ୍ଗର ପାତ୍ର ବି ଦେଖାଗଲା ତତ୍‌କ୍ଷଣାତ ଲଙ୍ଗ୍ରୀର ମଥାରେ ଗୋଟାଏ ନୂଆ ଫନ୍ଦି ପଶିଲା । ଜାହାଜଟିକୁ ରଙ୍ଗେଇଦେବା ପାଇଁ ସେ ହୁକୁମ ଦେଲା । ଜାହାଜଟିର ନାମ ବଦଳାଇ ଦେବାକୁ ସେ ସ୍ଥିର କଲା । ତା'ର ନୂଆ ନାମ ହଅ ହେଲା 'ସାରସାନ୍ତେ' ।

ଫେବ୍ରୁଆରୀ ଚଉଦ ତାରିଖ ଦିନ ଭର୍ତ୍ତି ଜୁଆର ବେଳେ ସାରସାନ୍ତେକୁ ଚଡ଼ାରୁ ଖାଲ ଭିତରକୁ ପୁରୁଣା ଜାଗାକୁ ନିଆ ହେଲା । ତା'ପରେ ପୂର୍ବ ଦମରେ ମାଲପତ୍ର ସବୁ ଲଦା ହେବାକୁ ଲାଗିଲା । ନୂଆ ଉତ୍ସାହରେ ମାତି ସମସ୍ତେ ତୋଟାଇ କାମରେ ଲାଗିଗଲେ । କେତେ ଦିନ ପରେ ସେମାନଙ୍କ ସ୍ୱପ୍ନ ସଫଳ ହେବାକୁ ଯାଉଛି । ସେମାନେ ଏଖଣି ଗୋଟିଏ ଜାହାଜର ମାଲିକ । [illegible]

ବର୍ତ୍ତିମାନ ନୀଳ ସମୁଦ୍ରରେ ଯାତ୍ରା କରିବ । ସେମାନଙ୍କ ମନରେ ଗୋଟାଏ ନୂଆ ଉଦ୍ଦୀପନାର ଭାବ ଜାତ ହେଲା ।

ମାଲପତ୍ର ବୋଝାଇର କାମ ପୁରା ଦମରେ ଚାଲିଲା ।

ଆଉ କିଛିଦିନ ଭିତରେ ସାରସାନ୍ତୋ ନଙ୍ଗର ଉଠାଇବ ଏବଂ ତା' ପରେ ଇଟୋ ଉପସାଗର ପାର ହୋଇ ଲେମାୟୁ ପ୍ରଣାଳୀ ବାଟେ ଯାଇ ବିଶାଳ ସମୁଦ୍ରରେ ପଶି ପ୍ରଶାନ୍ତ ମହାସାଗରର ଜଳୋଚ୍ଛ୍ୱାସ ଆଡ଼କୁ ସେ ପୂର୍ଣ୍ଣ ବେଗରେ ଗତି କରିବ ।

ଆଉ କେତୋଟା ଦିନ ମାତ୍ର । ତା ପରେ ବର୍ଣ୍ଣୀର କେତେ-ଦିନର ସ୍ୱପ୍ନ ସଫଳ ହେବ ।

# ନଅ

ସ୍କୁନାରଟି ଷ୍ଟେନ ଦ୍ୱୀପରେ ଲାଗିବା ଦିନରୁ ଭିସକୁଏଣ୍ଟ ସାଁ-ଜୁଅଁ ଅନ୍ତରୀପର କୂଳରେ ବାସ କରୁଛନ୍ତି । ସେ ଏଠାରୁ ଦ୍ୱୀପର ଖୁବ୍ ଭିତରକୁ ଯାଇ ପାରିଥାନ୍ତା । କିନ୍ତୁ ସେ ତାହା କଲା ନାହିଁ । ତା'ର ମନ ଭିତରେ କ୍ଷୀଣ ଆଶାର ଆଲୋକ ଉଙ୍କି ମାରୁଥିଲା ଯଦି କୌଣସି ଜାହାଜ ଏହି ବାଟେ ଦେଇ ଯାଏ, ତାହାହେଲେ ସେ ତାକୁ ସଙ୍କେତ ଦେଇ ଅଟକିବାକୁ କହିବ । ତାପରେ ଜାହାଜରେ ଚଢିଯାଇ ସେ କପ୍ତାନଙ୍କୁ ଖୋଲି ଖୋଲି ଭାବରେ କହିବ, କି ଭୟାନକ ଘଟଣା ସେଠାରେ ଘଟି ଯାଇଛି । ଏହାପରେ ବଦମାସଗୁଡ଼ାକୁ ଠିକ କରି ଦେବାକୁ ହେବ ।

କିନ୍ତୁ କୌଣସି ଜାହାଜ ସେହି ବାଟେ ଦେଇ ଯିବ କି ନା, ତାର କୌଣସି ଠିକ୍ ଠିକଣା ନ ଥିଲା । ଝଡ଼ର କବଳରେ ନ ପଡ଼ିଲେ କୌଣସି ଜାହାଜ ଯେ ଏ ଆଡ଼କୁ ଆସିବ; ଭିସକୁଏଣ୍ଟର ସେ ଭରସା ନ ଥିଲା ।

ନିଜର ନିରାପତ୍ତା ପାଇଁ ସେ ମଥା ଖେଳାଇଲା ନାହିଁ । ତା'ର ମନ ଭିତରେ ଏକ୍ଷଣି ଖାଲି ସେହି ଜଳଦସ୍ୟୁମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଗୋଟାଏ ତୀବ୍ର ଆକାଂକ୍ଷାର ନିଆଁ ଦାଉ ଦାଉ ହୋଇ ଜଳୁଥିଲା । ଦସ୍ୟୁମାନଙ୍କ ଗୁହାରୁ ନିଜର ଇଚ୍ଛା ମୁତାବକ ରସଦ ନେଇଆସି ସେ ନିଜ ସମ୍ବନ୍ଧରେ ଏକ ପ୍ରକାର ନିଶ୍ଚିନ୍ତ ହୋଇ ବସି ରହିଲା ।

ସେ ଜାଣିଥିଲା, ସ୍କୁନାରଟିର ମରାମତି କାମ ଶେଷ ହେବାକୁ କେତେ ସପ୍ତାହ ଲାଗିଯିବ । ଶାନ୍ତା-ଫିର ପୁନରାଗମନ ପର୍ଯ୍ୟନ୍ତ ସ୍କୁନାରଟି ଦ୍ୱୀପରେ ରହିଥିବ କି ନା ତାହା ଅବଶ୍ୟ ସେ ବୁଝି ପାରିଲା ନାହିଁ ।

ଶାନ୍ତ-ଫେ ଏଠାରେ ଆସି ପହଞ୍ଚିବାକୁ ଆଉ ମାସେ କି ଦି' ମାସ ବାକି ଅଛି । ସେତେବେଳକୁ ଦସ୍ୟୁମାନେ ନିଶ୍ଚୟ ପ୍ରଶାନ୍ତ-ମହାସାଗରୀୟ ଦ୍ୱୀପପୁଞ୍ଜ ଅଭିମୁଖରେ ଚାଲି ଯାଇଥିବେ । ଯଦିଓ ସେ ମନେ ମନେ ଏହା ଭାବିଲା, କିନ୍ତୁ କରିପାରିବା ଭଳି କ୍ଷମତା ସେତେବେଳେ ତାର ନ ଥିଲା ।

ଏଖଣି ତାର ସବୁଠାରୁ ବଡ଼ ଜରୁରୀ କାମ ଅଉ ଖଣ୍ଡିଏ ଆଶ୍ରୟ ଖୋଜି ବାହାର କରିବା । ବର୍ତ୍ତମାନ ଗୁହାଟା ଦସ୍ୟୁମାନଙ୍କ ଗୁହାର ଅତି ନିକଟରେ । ତେଣୁ କିଛି ଦୂରରେ ଗୋଟାଏ ନିରାପଦ ଆଶ୍ରୟ ଖୋଜି ବାହାର କରିବା ବିଶେଷ ପ୍ରୟୋଜନ ।

ପ୍ରାୟ ପାଞ୍ଚ ଶହ ଗଜ ଦୂରରେ ପ୍ରଣାଳୀ ନିକଟରେ ସେ ଆଉ ଗୋଟାଏ ଗୁହା ଦେଖିବାକୁ ପାଇଲା । ତାର ମୁହଁଟା ଦୁଇଟା ବଡ଼ ପଥରରେ ଢଙ୍କା ଯାଇଥିଲା । ଭଲ ଭାବରେ ସେଆଡ଼କୁ ଅନାଇ ସେ ଦେଖିଲା, ବାହାରୁ ଏହାର ମୁହଁଟା ଖୋଜି ବାହାର କରିବା ଖୁବ୍ ସହଜ ନୁହେଁ । ଏହାର ଅବସ୍ଥିତି ନ ଜାଣି ହଜାରେ ଥର ଏହି ବାଟ ଦେଇ ଯାତାୟାତ କଲେ ସୁଦ୍ଧା, ନିହାତି ଦେବାନୁଗ୍ରହ ନ ହେଲେ ଏହି ଗୁହାଟି ଆବିଷ୍କାର କରିବା ସମ୍ଭବପର ନୁହେଁ ।

କେତେ ଦିନ ଭିତରେ ସେ ଦେଖିବାରୁ ଏହି ଗୁହାଟି ଆବିଷ୍କାର କଲା ଏବଂ ତାର ଜିନିଷପତ୍ର ସବୁ ନେଇ ସେ ଏଠାକୁ ଚାଲି ଆସିଲା ।

କଙ୍ଗ୍ରୀ ବା ଗା ଦଳର ଲୋକମାନେ କ୍ୱଚିତ ଏଠାକୁ ଆସିଥିଲେ । କଙ୍ଗ୍ରୀ ଓ ସାରସାନ୍ତେ ଦ୍ୱିତୀୟଥର ଗୁହାକୁ ଆସିଲା-ବେଳେ ଥରେ ମାତ୍ର ଏ ଆଡକୁ ଆସିଥିଲେ. କିନ୍ତୁ ତାହା ପ୍ରଥମ ଓ ଶେଷ । ଏହାପରେ ସେମାନେ କେବେ ହେଲେ ଏ ଅଡ଼କୁ ଆସି ନ ଥିଲେ ।

ଦସ୍ୟୁମାନଙ୍କର ହାଲଚାଲ ଜାଣିବା ପାଇଁ ସେ ଖୁବ୍ ସତର୍କ ହୋଇ ସନ୍ଧ୍ୟାବେଳେ ବାହାରୁଥିଲା । ତାକୁ ଏହି ନିଃସଙ୍ଗ ଜୀବନର ଦୀର୍ଘ ମୁହୂର୍ତ୍ତ ଗୁଡ଼ିକ ଠିକ୍ ଯେମିତି ଗୋଟାଏ ଗୋଟାଏ ଦିନ ପରି ଜଣା ଯାଉଥିଲା । ଗୋଟାଏ ତୀବ୍ର ଅସ୍ୱସ୍ତିକର ଭାବନା ତାର ମଥାକୁ ଯେମିତି ଜୋର ପକାଉଥିଲା । ସେହି ନୃଶଂସ ହତ୍ୟାକାଣ୍ଡର ଦୃଶ୍ୟ ବାରମ୍ବାର ତା' ଆଖି ଆଗରେ ଭାସି ଯାଉଥିଲା । ଏହି ଚିନ୍ତାର ହାତରୁ ତାର ମୁକ୍ତି ନ ଥିଲା । କ୍ରମେ କ୍ରମେ ତା' ମନ ଭିତରେ ଗୋଟାଏ ପ୍ରତିଶୋଧର ବାସନା ଜାଗି ଉଠିଲା । ଥରେ ସାମନା ସାମନି ହୋଇ ଦସ୍ୟୁ-ସର୍ଦ୍ଦାର ସାଙ୍ଗରେ ବୁଝାମଣା କରିବା ଲାଗି ତା' ମନ ଭିତରେ ଗୋଟାଏ ତୀବ୍ର ବାସନା ଜାଗି ଉଠିଲା । ସେ ଭାବିବାକୁ ଲାଗିଲା, ଦିନେ ନା ଦିନେ ନିଷ୍ଠୁର ଜଳ-ଦସ୍ୟୁ-ମାନେ ଅପରାଧର ଶାସ୍ତି ପାଇବେ ।'

କିନ୍ତୁ ସତରେ କ'ଣ ସେମାନେ ଶାସ୍ତି ପାଇବେ ?

ଶାନ୍ତା-ଫି ଏଠାକୁ ଆସିବାକୁ ଆଉ ତିନି ସପ୍ତାହ ବାକିଅଛି । ବନ୍ଦୀଘରର କାଗଜପତ୍ରରୁ ଦସ୍ୟୁମାନେ ନିଶ୍ଚୟ ସେହି ବିଷୟ ଜାଣି ପାରିଛନ୍ତି । ତାହା ପୂର୍ବରୁ କାମ ହାସଲ କରି ସେମାନେ ଯେ ଜାହାଜ ଛାଡ଼ିଦେବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଫେବୃୟାରୀ ଷୋଳ ତାରିଖ । ଅଧୈର୍ଯ୍ୟ ଓ ଉଦ୍‌ବିଗ୍ନ ହୋଇ ଭ୍ରସକ୍‌ଏଲ କିଂକର୍ତ୍ତବ୍ୟ ବିମୂଢ଼ ହୋଇଗଲା । କ'ଣ କରିବ ସେ ? ଏକ୍ଷଣି କ'ଣ କରିବା ସମ୍ଭବ ?

ସୂର୍ଯ୍ୟାସ୍ତ ହେବା ମାତ୍ରେ ସେ ଉପସାଗରର ପ୍ରବେଶ ମୁହଁ ଆଡ଼କୁ ଗଲା ଏବଂ ଉତ୍ତର କୂଳ ବାଟେ ବନ୍ଦୀଘର ଅଭିମୁଖରେ ଯିବାକୁ ଲାଗିଲା । ଯଦିଓ ଚାରିଆଡ଼େ ଅନ୍ଧକାର ଘୋଟି ଯାଇଥିଲା, ତଥାପି ତା'ର କାହାରି ସାମନା ସାମ୍ନା ହେବାର ଭୟ ନ ଥିଲା । ତେଣୁ ସେ ସତର୍କ ପାଦରେ କାନଡ଼େରି ଚାଲିବାକୁ ଲାଗିଲା । ଉପସାଗରର ମହାନଦୀ ସ୍ଥାନରେ ପହଞ୍ଚିବାକୁ ହେଲେ ତାକୁ ଆଉ ତିନି ମାଇଲ ଚାଲିବାକୁ ପଡ଼ିବ । ଏ ଯାଏ ତାକୁ କେହି ଦେଖି ପାରି ନ ଥିଲେ । ସେଥିପାଇଁ ସେ ଏହାକୁ ତାର ବଡ଼ ଭାଗ୍ୟ ବୋଲି ମନେ କଲା ।

ରାତି ନଅଟା । ବନ୍ଦୀଘର ଠାରୁ କେତେ ଶହ ଗଜ ଦୂରରେ ସେ ଆସି ଠିଆ ହେଲା । ବନ୍ଦୀଘରର ଝରକା ବାଟେ ଆଲୁଅ ଆସି ବାହାରର ଘନ ଅନ୍ଧକାର ଉପରେ ପଡ଼ିଥିଲା । ତାର ମନପ୍ରାଣ ଅସହ୍ୟ କୋପରେ ଜଳିଗଲା ।

ସ୍କୁନାରଟି ଅନ୍ଧକାରରେ ଆତ୍ମଗୋପନ କରିଥିଲା । ତେଣୁ ଭାସକୁଏଜ ଏଠାରୁ ତାକୁ ଦେଖି ପାଇଲା ନାହିଁ । ସେ ଅଳ୍ପ ଶବ୍ଦେ ଗଳି ଆଗେଇ ଗଲା । ଦସ୍ୟୁମାନେ ନିଜ ନିଜ ଘର ଭିତରେ ଶୋଇ ପଡ଼ିଥିଲେ । ଦୁଆର ବନ୍ଦ ହୋଇଥିଲା । କାହାରି ବାହାରକୁ ଆସିବାର ସମ୍ଭାବନା ନ ଥିଲା । ଭାସକୁଏଜ ଧୀରେ ଧୀରେ ଆଗକୁ ଗୁଞ୍ଚିଲା । ଦେଖାଗଲା, ସ୍କୁନାରଟି ଜଳରେ ଭାସୁଛି । ସେ ଭାବିଲା, ଯଦି ଜାହାଜଟାରେ ଥରେ ନିଆଁ ଲଗାଇ ଦିଆଯାନ୍ତା ।

ତାହାହେଲେ ସ୍କୁନାରଟି ମରାମତ ହୋଇ ଯାଇଛି ! ତାର ଭଲ ଭାବରେ ଖିଆଲ ହେବାରୁ ସେ ବୁଝି ପାରିଲା, ଏଯାଏଁ ଜାହଜାରେ ମାଲପତ୍ରସବୁ ଲଦା ହୋଇ ନାହିଁ । ତାହାହେଲେ ଜାହାଜଟା ଆଉ କିଛି ଦିନ ରହିବ ! କିନ୍ତୁ ସେ ଆଉ କେତେ ଦିନ ? ହୁଏତ ତିନିଟା ଦିନ ଭିତରେ ମଙ୍ଗଳ ଦକ୍ଷିଣ ଦିଗକୁ ଚାଲିଯିବ ।

ତା' ପରଦିନ । ସେତେବେଳକୁ ଦିନର ଆଲୁଅ ଭଲ ଭାବରେ ପ୍ରକଟିତ ହୋଇ ନ ଥିଲା । ରସଦ ନିଅଣ୍ଟ ହେବାର ଦେଖି, କିଛି ଖାଦ୍ୟ ପଦାର୍ଥ ଯୋଗାଡ଼ କରିବା ପାଇଁ ଭାସକୁଏଜ ଦସ୍ୟୁମାନଙ୍କ ଗୁହାକୁ ଗଲା । ଦସ୍ୟୁମାନେ ନିଶ୍ଚୟ ମାଲପତ୍ର ନେବା ପାଇଁ ଗୁହାକୁ ଆସିବେ । ତେଣୁ କାମଟା ଶୀଘ୍ର ସାରିଦେବା ତା'ର ଦରକାର । ଗୁହାଟି ମାଲପତ୍ରରେ ଭରପୁର ହୋଇଥିଲା । କିନ୍ତୁ ଖାଦ୍ୟ ସାମଗ୍ରୀ ଖୋଜି ଖୋଜି ସେ ଅଥୟ ହୋଇ ପଡ଼ିଲା । କୌଣସି ପ୍ରକାର ଖାଦ୍ୟ ସାମଗ୍ରୀ ସେଠାରେ ନ ଥିଲା । ସେମାନେ ସେ ସବୁ ସେଠାରୁ ନେଇ ଯାଇଥିଲେ । ତାହାହେଲେ ତ ଆଉ ତିନିଟା ଦିନ ପରେ ସେ ଖାଇବାକୁ କିଛି ପାଇବ ନାହିଁ !

କିନ୍ତୁ ତାର ଭାବିବାକୁ ସମୟ ନ ଥିଲା । ବାହାରେ ଗୋଟାଏ କ'ଣ ଶବ୍ଦ ହେଲା । ତତ୍‌କ୍ଷଣାତ୍ ସେ ଗୁହାରୁ ମୁହଁ ବାହାର କରି ଦେଖି ପାରିଲା, ତିନୋଟି ଲୋକ କୂଳରେ ନୌକା ଲଗାଇ ଓହ୍ଲାଉଛନ୍ତି ।

ଏ ବିପଦ ଦେଖି ସେ ଗୁହା ଭିତରକୁ ପଶି ଆସିଲା ଏବଂ ତୁରନ୍ତ ଗୋଟାଏ ଅନ୍ଧକାରମୟ କୋଣରେ ଗଦାଏ କାଗଜ ପଛରେ ଲୁଚି ରହିଲା ସେ ନିଜ ମନେ ମନେ ସ୍ଥିର କଲା; ଯଦି ଧରା ପଡ଼ିଯାଏ, ତାହାହେଲେ ନିଜ ଜୀବନକୁ ମୁଁ ବିନା ମୂଲ୍ୟରେ ହରାଇବି ନାହିଁ । କମରରେ ଥରେ ହାତବୁଲାଇ ଆଣି ବେଲ୍‌ଟରେ ରିଭଲଭରଟା ନିଶ୍ଚୟ ଅଛି ବୋଲି ଜାଣି ପାରି ସେ ଟିକିଏ ଦୃଢ଼ ହୋଇଗଲା । କିନ୍ତୁ ସେ ଯେ ଏକା, ଆଉ ସେମାନେ ତିନି ଜଣ ।

ସାରସାନ୍ତେ ଓ ଭାର୍ଗାସ ଦୁହେଁ କେବଳ ଗୁହାରେ ପ୍ରବେଶ କଲେ । ସାରସାନ୍ତେର ହାତରେ ଗୋଟାଏ ଲଣ୍ଠନ ଜଳୁଥାଏ, ଆଉ ତା ପଛରେ ଭାର୍ଗାସ । ନାନା ଦରକାରୀ କାଗଜପତ୍ର ସଂଗ୍ରହ କରୁଥିବା ବେଳେ ସେମାନେ ନିମ୍ନ ପ୍ରକାରରେ କଥାବାର୍ତ୍ତା ହେଉଥିଲେ ।

ଭାର୍ଗାସ କହିଲା—ଆଜି ଫେବୃୟାରି ସତର ତାରିଖ । ଏଥର ଆମର ଖସିଯିବା ଉଚିତ ।

ସାରସାନ୍ତେ କହିଲା– କିଛି ଚିନ୍ତା କର ନାହିଁ । ଅତେମ ଶୀଘ୍ର ଖିଲିଯିବା ।

କେବେ ?

—ଭାଲ୍ । ଯଦି ମାଲପତ୍ରଗୁଡ଼ାକ ଅବଶ୍ୟ ତା ଆଗରୁ ଲଦି-ଦେବା ସମ୍ଭବ ହୁଏ ।

ଯଦି ପାଗଟା ଭଲ ରହେ, ତାହାହେଲେ ନିଶ୍ଚୟ ତାହା ସମ୍ଭବ ହେବ ।

—ତାହା ସତ । ଆଜି ସକାଳେ ଆକାଶ ଆଡ଼କୁ ଚାହିଁ ଦେଖୁଛ କି ? ଖଣ୍ଡେ ଖଣ୍ଡେ ବାଦଲ ଦିଶୁଥିଲା । ମାତ୍ର ସେଗୁଡ଼ିକ ଚଞ୍ଚଳ ଚାଲିଯିବ ବୋଲି ମୋର ମନେ ହେଉଛି ।

—ଯଦି ଆଉ ସପ୍ତାହେ ଖଣ୍ଡେ କିମ୍ବା ଦିନ ଦଶଟା ରହିବାକୁ ପଡ଼େ ?

—ତାହାହେଲେ ଗୋଟାଏ ବିପଦର ସମ୍ଭାବନା ଅଛି । ସେତେବେଳେ ଶାନ୍ତା-ଫି ଜାହାଜ ଆସିଯାଇ ପାରେ । ତଥାପି କାଲି ଚାଲିଯିବା ବୋଲି ମୋତେ ବୋଧ ହେଉଛି ।

ଭାସ୍କୁଏଜ ରୁଦ୍ଧଶ୍ୱାସ ହୋଇ ବସିଯାଇ ସେମାନଙ୍କର କଥାବାର୍ତ୍ତା ଶୁଣୁଥିଲା । ସାରସାନ୍ତେ ଓ ଭାର୍ଗାସ ହାତରେ ଲଣ୍ଠନ ଧରି ଏପାଖ ସେପାଖ ଘୁରି ବୁଲିବାକୁ ଲାଗିଲେ । ସେମାନେ ଅଉ କିଛି ଖୁବ୍ ଦରକାରୀ ଜିନିଷ ଦେଖିବାକୁ ପାଇଲେ ନାହିଁ । ପ୍ରାୟ ଦରକାରୀ ଜିନିଷ ସବୁ ଆଗରୁ ନିଆ ହୋଇ ଯାଇଥିଲା ବୋଲି ଅଉ ସେମିତି କିଛି ନ ଥିଲା । ଇତସ୍ତତଃ ଜିନିଷପତ୍ର ଖୋଜୁଁ ଖୋଜୁଁ ସେମାନେ କେତେ ଥର ଭାସ୍କୁଏଜର ଦେହ ଘଷି ଚାଲିଗଲେ । ଭାସ୍କୁଏଜର ଇଚ୍ଛା ହେଉଥିଲା, ରିଭଲଭରଟାର ଗୁଳିରେ ସେମାନଙ୍କୁ ଖତମ କରି ଦିଅନ୍ତା । କିନ୍ତୁ ସବୁ କଥା ଭାବି ଚିନ୍ତି ସେ ଶାନ୍ତ ହୋଇ ରହିଗଲା ।

ଅଧ ଘଣ୍ଟାଏ ପରେ ସାରଜେଣ୍ଟ ନୌକାରେ ଅପେକ୍ଷା କରିଥିବା ଲୋକଟିକୁ ଡାକି ଆଣିଲା । ଲୋକଟି ଲଣ୍ଠନଶାଳାରୁ ସେଠାକୁ ଆସି ମାଲପତ୍ର ବହି ନେବାରେ ସେମାନଙ୍କୁ ସାହାଯ୍ୟ କଲା । ଚାଲିଯିବା ଆଗରୁ ସାରଜେଣ୍ଟ ବାକି ଜିନିଷପତ୍ର ଉପରେ ଥରେ ଆଖି ବୁଲାଇ ନେଲା ।

ଭାର୍ଗିସ କହିଲା—ଏ ଗୁଡ଼ାକ ଏଠାରେ ଛାଡ଼ି ଯିବାକୁ ମୋତେ କଷ୍ଟ ହେଉଛି ।

ସାରଜେଣ୍ଟ କହିଲା—କିନ୍ତୁ ଆମକୁ ଛାଡ଼ି ଯିବାକୁହିଁ ପଡ଼ିବ । ଉପାୟ ନାହିଁ । ଯଦି ସ୍କୁନାରଟି ଆଉ କେତେ ଶହ ଟନ ମାଲ ବହି ନେଇ ପାରନ୍ତା, ତାହାହେଲେ ଥରେ ଚେଷ୍ଟା କରି ଦେଖନ୍ତେ । କିନ୍ତୁ ଆମକୁ ଏଣି ଖାଲି ବଛା ବଛା ଜିନିଷ ଗୁଡ଼ାକ ନେଇ ଯିବାକୁ ହେବ ।

କଥାବାର୍ତ୍ତା ହୋଇ ହୋଇ ସେମାନେ ଗୁହାରୁ ବାହାରିଗଲେ ।

ଦସ୍ୟୁମାନଙ୍କ ଡେରାରୁ ବାହାରି ଆସି ଭାସକ୍ୱେଜ ନିଜ ଗୁହାକୁ ଫେରିଗଲା । ସେତେବେଳେ ତା ମନ ଭିତରେ ଗୋଟିଏ ମାତ୍ର ଚିନ୍ତା ଖେଳୁଥିଲା—ଅଢ଼ଚାଳିଶ ଘଣ୍ଟା ପରେ ତା ପାଇଁ ଟିକିଏ ହେଲେ ଖାଦ୍ୟ ଦ୍ରବ୍ୟ ନ ଥିବ । ଏହା ଭିତରେ ଦସ୍ୟୁମାନେ ବତଘରର ଖାଦ୍ୟ ସାମଗ୍ରୀ ସବୁ ନିଶ୍ଚୟ ଖତମ କରି ଦେଇଥିବେ । ଶେଷ କରି ନ ଥିଲେ ସୁଦ୍ଧା ସେମାନେ କଦାପି ସେଥିରୁ କିଛି ଛାଡ଼ିଦେଇ ଯିବେ ନାହିଁ । କିନ୍ତୁ ଏବେ କ'ଣ କରାଯିବ ? ଶାନ୍ତା-ଫି

ଆସି ପହଞ୍ଚିବାକୁ ଏଖଣି ପ୍ରାୟ ପନ୍ଦର ଦିନ ବାକି ଅଛି । ସେତେଦିନ ଯାଏ କିପରି ବା ସେ ଚଳିବ ? ପରିସ୍ଥିତି ଅତ୍ୟନ୍ତ ସଙ୍କଟଜନକ । ଏହି ବ୍ୟାପାରରେ ତାର ସାହାସ କିମ୍ବା ପରିଶ୍ରମ କୌଣସି କାମରେ ଲାଗିବ ନାହିଁ । ଗୋଟିଏ ଉପାୟ ଅଛି—ମାଛ ଧରି ଉଦର ପୂରଣ କରିବା ଅବଶ୍ୟ ସମ୍ଭବ । କିନ୍ତୁ ଯେତେବେଳେ ଯାଏ ମଙ୍ଗଲ ଜାହାଜ ଦ୍ୱୀପ ପରିତ୍ୟାଗ ନ କରୁଛି, ସେ ଆଶାର ସଫଳ ହୋଇ ପାରିବ ନାହିଁ । ତାହାହେଲେ କ'ଣ ଶେଷକୁ ନ ଖାଇ ମରିବାକୁ ହେବ ?

କରୁଣ କ୍ରନ୍ଦନ ପରି ଦିନଟା ବିଷାଦାଚ୍ଛନ୍ନ ହୋଇ ରହିଲା । ଆକାଶରେ ମେଘ ଘୋଟି ଯିବାକୁ ଲାଗିଲା । ପବନର ବେଗ ଖରତର ହେବାକୁ ଲାଗିଲା । କ୍ରମେ କ୍ରମେ ସାଗର-ତରଙ୍ଗର ଗର୍ଜନ ବଢିବାକୁ ଲାଗିଲା । ବାୟୁମଣ୍ଡଳରେ ଝଡର ପୂର୍ବାଭାସ ଦେଖାଗଲା । ତାହା-ହେଲେ ପରଦିନ ସକାଳେ ଏ ଜାହାଜ ଛାଡ଼ି ପାରିବ ନାହିଁ !

ସନ୍ଧ୍ୟାବେଳକୁ ପାଗଟା ଅଧିକ ଖରାପ ହୋଇଗଲା । ଝଡ଼ ଆସୁଛି । ଆକାଶରେ ମେଘ ଆଖି ମିଟି ମିଟି କରୁଛି, ଆଉ ପବନ ବେଗରେ ଗର୍ଜି ଯାଉଛି । ଭ୍ରସକ୍ରୁଏଜର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ଝଡ଼ ଚଞ୍ଚଳ ଆସୁଛି ।

ତଥାପି ସେ ଗୁହାରେ ବସି ରହି ପାରିଲା ନାହିଁ । ବେଳା-ଭୂମିରେ ଠିଆ ହୋଇ ଘନ ଅନ୍ଧକାରରେ ଆଚ୍ଛନ୍ନ ହୋଇ ଯାଉଥିବା ଦିକ୍-ଚକ୍ରବାଳ ଆଡ଼କୁ ସେ ଥରେ ଅନାଇଲା । ସୂର୍ଯ୍ୟଙ୍କର ଶେଷ ରଶ୍ମି-ରେଖା ସବୁ ଧୀରେ ଧୀରେ ମିଳାଇ ଯାଉଥିଲା । ହଠାତ୍ ମନେ ହେଲା, ସମୁଦ୍ର ଭିତରେ କଳା ହୋଇ କ'ଣ ଗୋଟାଏ ଦୋହଲୁଛି ।

ହଠାତ୍ ସେ ଆନନ୍ଦରେ ପାଟିକଲା—ଜାହାଜ ! ଗୋଟାଏ ଜାହାଜ ! ଜାହାଜ ! ଗୋଟାଏ ଜାହାଜ ଏହି ଦ୍ୱୀପ ଆଡ଼କୁ ଆସୁଛି ।

ସତରେ ପୂର୍ବ ଦିଗରୁ ଗୋଟାଏ ଜାହାଜ ଦ୍ୱୀପ ଆଡ଼କୁ ଆସୁଥିଲା ।

ଇତି ମଧ୍ୟରେ ଭୟଙ୍କର ହୁଂସ୍ରତାର ଝଡ଼ ଆରମ୍ଭ ହୋଇଗଲା ! ସାଧାରଣ ଝଡ଼ ନୁହେଁ, ଭୟଙ୍କର ଝଞ୍ଜା !

ଝଞ୍ଜା ? କି ସର୍ବନାଶ ! ତଥାପି ସୟତାନଗୁଡ଼ାକ ବଡ଼ଘରଟାକୁ ଅନ୍ଧକାର କରି ରଖିଛନ୍ତି । ଜାହାଜଟା ନିଶ୍ଚୟ ବଡ଼ଘରର ଆଲୁଅ ଖୋଜୁଛି । ଜାହାଜର ଲୋକମାନେ ବି ଜାଣି ପାରିବେ ନାହିଁ ଯେ କେତେ ମାଇଲ ଭିତରେ ଏହି ଦ୍ୱୀପଟି ଅଛି । ପବନର କବଳରେ ପଡ଼ି ଜାହାଜଟା ଏଆଡ଼କୁ ଆସୁଛି ଏବଂ ଆଉ ଟିକିଏ ପରେ ହୁଏତ ସେ ଉପକୂଳର ପଥର ଦେହରେ ଧକ୍କା ଖାଇବ ।

ପ୍ରକୃତରେ ସେୟା ହେବାକୁ ବସିଲା । ଆଲୋକସ୍ତମ୍ଭରୁ ଲଣ୍ଠନ-ଘରୁ ଦସ୍ୟୁଗୁଡ଼ାକ ନିଶ୍ଚୟ ଜାହାଜଟିକୁ ଦେଖି ପାରିଛନ୍ତି । ତେବେ ସୁଦ୍ଧା ଆଲୁଅ ତ ଜଳୁ ନାହିଁ । ଏମାନେ କି ନିଷ୍ଠୁର ସୟତାନ । ଅଧ ଘଣ୍ଟାକ ଭିତରେ ଜାହାଜଟି କୂଳରେ ଆସି ବାଜିବ ଏବଂ ଗୁହୁଁ ଗୁହୁଁ ଖଣ୍ଡ ବିଖଣ୍ଡ ହୋଇଯିବ ।

ସେତେବେଳକୁ ଝଡ଼ ଭୟାବହ ଆକାର ଧାରଣ କଲାଣି । ପରଦିନ ଯେ ତାହା କମିଯିବ ନାହିଁ, ତାର ସ୍ପଷ୍ଟ ସୂଚନା ମିଳିଲା ।

କିନ୍ତୁ ତାର ଦେଶକୁ ଫେରିଯିବା ପାଇଁ ଭ୍ରୁସକୁଏଙ୍କର ମନ ଡାକିଲା ନାହିଁ । ସେ ଅପଲକ ଚକ୍ଷୁରେ ସମୁଦ୍ର ଆଡ଼କୁ ଅନାଇ ରହିଲ । ଯଦିଓ ନୀରନ୍ଧ୍ର ଅନ୍ଧକାରରେ ଜାହାଜଟି ସ୍ପଷ୍ଟଭାବରେ ଦୃଶ୍ୟ ନ ଥିଲା, ତଥାପି ସେ ସେହି ଆଡ଼କୁ ଅନାଇ ରହିଲା । ମଝିରେ ମଝିରେ ଜାହାଜର କ୍ଷୀଣ ଆଲୁଅ ଆଖିରେ ପଡୁଥିଲା । ଗୋଟାଏ ଧ୍ୱଂସ ଆନନ୍ଦରେ ସମୁଦ୍ର ଜାହାଜଟାକୁ ଧରି ଗଡ଼ା ଗଡ଼ି ଖେଳ ଖେଳୁଥିଲା ! ଆଜି ଜାହାଜଟିର ଆଉ କୌଣସି ମତେ ନିସ୍ତାର ନାହିଁ ।

ଅକ୍ଷମ ଭ୍ରୁସକୁଏଙ୍କ ଉତ୍ତେଜନାରେ ବେଳାଭୂମିରେ ଦୌଡ଼ିବାକୁ ଲଗିଲା । ଯଦି ଥରେ ବନ୍ଦଘରର ଆଲୁଅଟା ଜଳି ଉଠନ୍ତା ! ମୁଷ୍ଟିବଦ୍ଧ ହାତ ଉଠାଇ ସେ ଦସ୍ୟୁଗୁଡ଼ାକୁ ଅଭିଶାପ ଦେବାକୁ ଲଗିଲା । ଗୋଟାଏ ଶପଥ ବି ସେ ଗ୍ରହଣ କଲା । କ୍ରମେ କ୍ରମେ ଜାହାଜ ନିଶ୍ଚିତ ମୃତ୍ୟୁର ଅତଳ କନ୍ଦରାର ଆଡ଼କୁ ଆଗେଇ ଆସିବାକୁ ଲଗିଲା ।

ଭ୍ରୁସକୁଏଙ୍କର ମଥାରେ ଗୋଟାଏ ବୁଦ୍ଧି ପଶିଗଲା । ଯଦି ଜାହାଜଟି ଜାଣିପାରେ ଯେ ଏଠାରେ ସ୍ଥଳ ଅଛି, ତାହାହେଲେ ସେ ନିଶ୍ଚୟ ତାର ଗତି ପରିବର୍ତ୍ତନ କରିବାକୁ ଚେଷ୍ଟା କରିବ । ସ୍ତୁପ ପାଖରେ ଆଖି ବୁଲାଇ ନେବା କ୍ଷଣି ସେ କିଛି କୁଟାକାଠି ଦେଖି ପାରିଲା । ଏହି କୁଟାକାଠିଗୁଡ଼ାକ ଜଳାଇ ଜାହାଜର ଦୃଷ୍ଟି ଆକର୍ଷଣ କରାଯାଇ ପାରିବ ନାହିଁ ? ଯଦି ଏହି ଅସ୍ଥିର ପବନରେ କୌଣସି ମତେ ନିଆଁ ଜଳାଇ ହୁଅନ୍ତା, ତାହାହେଲେ ଜାହାଜଟା କ'ଣ ତାହା ଦେଖି ପାରନ୍ତା ନାହିଁ ? ଯଦି ଅଧ ମାଇଲିଏ ଦୂରରୁ ଜାହାଜ

ନିଆଁଟା ଦେଖି ପାରିବ, ତାହାହେଲେ ଏହି ଅନିବାର୍ଯ୍ୟ ଧ୍ୱଂସ ହାତରୁ ରକ୍ଷା ପାଇବା ପାଇଁ ସେ ଚେଷ୍ଟା କରି ପାରିବ ।

ତତ୍‌କ୍ଷଣାତ ସେ କାମରେ ଲାଗିଗଲା । କିଛି କୁଟାକାଠି ସଂଗ୍ରହ କରି ସେ ଅନ୍ତରୀପ ଆଡ଼କୁ ଦୌଡ଼ିଗଲା । ସେଠାରେ ବି କିଛି ଶୁଖିଲା କୁଟାକାଠି ମିଳିଲା । ଯଦିଓ ତୁମୁଳ ଝଡ଼ ଏତେବେଳ ଯାଏ ପ୍ରଳୟର ପୂର୍ବାଭାସ ଦେବାକୁ ଚେଷ୍ଟା କରୁଥିଲା; ତଥାପି ଟୋପାଏ ହେଲେ ବର୍ଷା ପଡ଼ି ନ ଥିଲା । ତେଣୁ ସେ କୁଟାକାଠିସବୁ ଠୁଳେଇ ଦେଇ ନିଆଁ ଲଗାଇବାକୁ ଚେଷ୍ଟା କଲା ।

କିନ୍ତୁ ସେତେବେଳକୁ ଡେରି ହୋଇ ଯାଇଥିଲା—ଯଥେଷ୍ଟ ଡେରି ହୋଇ ଯାଇଥିଲା । ଆଉ କିଛି କରି କୌଣସି ଫଳ ହେଲା ନାହିଁ । ଅନ୍ଧକାର ଭିତରେ ଗୋଟାଏ ବିରାଟକାୟ ବସ୍ତୁ ଆଖିରେ ପଡ଼ିଲା । ଉନ୍ମାଦ ତରଙ୍ଗ ଭିତରେ ସେଇଟା ତୀବ୍ର ବେଗରେ ଘୂରୁଥିଲା । ତାପରେ ଗୋଟାଏ ପ୍ରବଳ ଜଳୋଚ୍ଛ୍ୱାସ ସହିତ ଜାହାଜଟା କୂଳର କଠିନ ପଥର ଉପରେ ଯାଇ ପିଟି ହୋଇଗଲା ।

ଗୋଟାଏ ଭୟଙ୍କର ସଂଘର୍ଷର ଶବ୍ଦ ଶୁଣାଗଲା । ଅନେକ ଲୋକଙ୍କ ଆର୍ତ୍ତ ଚିତ୍କାର ପବନରେ ସ୍ପନ୍ଦନ ଜଗାଇଲା । ତାପରେ ସବୁ ଚୁପ୍‌ଚାପ । କେବଳ କ୍ରୁଦ୍ଧ ପବନର ଭେଁା-ଭେଁା ଶବ୍ଦ ଓ ଉନ୍ମାଦ ସମୁଦ୍ର ତରଙ୍ଗର କୂଳରେ ପିଟି-ହୋଇଥିବା ଶବ୍ଦ ଛଡ଼ା ଆଉ କିଛି ଶୁଣାଗଲା ନାହିଁ । ଖାଲି ଝଡ଼ର ଧ୍ୱଂସ ଗର୍ଜନ ପୂର୍ବ ପରି ନିବିଡ଼ ଅନ୍ଧକାରକୁ ଛୁଣ୍ଡାଇ ଟିକି ଟିକି କରି ଦେବାକୁ ଲାଗିଲା ।

# ଦଶ

ରାତ୍ରି ପର ଦିନ ସୂର୍ଯ୍ୟୋଦୟ ବେଳକୁ ଝଡ଼ ଭୟଙ୍କର କ୍ରୋଧରେ ଫାଟି ପଡୁଥିଲା । ସମୁଦ୍ରରେ ବି ଉନ୍ମାଦ ଢେଉ ଭୀଷଣ ଗର୍ଜନ କରିବାରେ ମାତି ଯାଇଥିଲା । କି ଘୋର ଭୀଷଣ ଗର୍ଜନ ଓ ହିଂସ୍ର ଉଚ୍ଛ୍ୱାସ !

ତେଣୁ ପରିଷ୍କାର ଭାବରେ ଜଣା ପଡିଲା ଯେ ସକାଳେ ସ୍କୁନାରଟି ଯାତ୍ରା କରି ପାରିବ ନାହିଁ ।

ଗୁମ୍ଫାରୁ ବାହାରି ଆସି ଭାସ୍କୁଏଜ ଚାରିଆଡେ ଦୃଷ୍ଟି ନିକ୍ଷେପ କଲା । ସେ ଦେଖି ପାରିଲା, ଅନ୍ତରୀପର ଉତ୍ତର ଦିଗରେ ପ୍ରାୟ ଦୁଇ ଶହ ଗଜ ଦୂରରେ ଜାହାଜଟି ଭଗ୍ନ ଅବସ୍ଥାରେ ପଡ଼ି ରହିଛି । ପ୍ରାୟ ପାଞ୍ଚ ଶହ ଟନ ଓଜନର ବୋଝ ବହିବାକୁ ସକ୍ଷମ ସେହି ବ୍ରିଗଟାଇପ୍ ଜାହାଜଟି ପ୍ରାୟ ଖଣ୍ଡ ବିଖଣ୍ଡ ହୋଇ ଯାଇଥିଲା । ଦସ୍ୟୁଗୁଡାକ ଏହି ଜାହାଜ ଡୁବି ବିଷୟ ଜାଣି ପାରିଛନ୍ତି କି ନା, ତାହା ଭାସ୍କୁଏଜ ବୁଝି ପାରିଲା ନାହିଁ । ଯଦି ସେମାନେ ଘଟଣା-ସ୍ଥଳରେ ଯାଇ ନିଶ୍ଚୟ ହାଜର ହୋଇ ଯିବେଣି କିମ୍ବା ଯିବା ପାଇଁ ପ୍ରସ୍ତୁତ ହେଉଥିବେ ।

ଭାସ୍କୁଏଜ ସତର୍କ ନୟନରେ ଭଲ ଭାବରେ ଟିକିଏ ଚାହିଁଲା । ଯେତେବେଳ ଯାଏ ସେ ସେମାନଙ୍କ ଅନୁପସ୍ଥିତ

ସମ୍ପନ୍ନରେ ନିଶ୍ଚିତ ହୋଇ ନ ଥିଲା, ସେତେବେଳ ଯାଏ ସେ ଜଳେମାନ ସେ ସ୍ଥାନରୁ ଘୁଞ୍ଚିଲ ନାହିଁ । କେତେ ମିନିଟ ଭିତରେ ସେ ଧ୍ୱଂସ କାଣ୍ଡ ନିକଟରେ ଆସି ପହଞ୍ଚିଗଲା । ଠିକଏ ଲକ୍ଷ୍ୟ କଲାରୁ ସେ ଜାହାଜଟାର ନାମଟା ପଢି ପାରିଲା—'ସେଣ୍ଟ୍ ଗ୍ରୀ' ।

ତାହାହେଲେ ଏଇଟା ଗୋଟାଏ ଆମେରିକାର ଜାହାଜ । 'ସେଣ୍ଟ୍ ଗ୍ରୀ'ଟା ନିଶ୍ଚୟ ଆମେରିକାର ଆଲ୍‌ବାମା ପ୍ରଦେଶର ରାଜଧାନୀର ଜାହାଜ ହେବ ।

ସେଣ୍ଟ୍ ଗ୍ରୀ ଏକବାରେ ଠିକ୍ ଠିକ୍ ହୋଇ ଯାଇଥିଲା । କୌଣସି ଜନ-ମାନବ ଦେଖାଗଲେ ନାହିଁ । ବୋଧହୁଏ କେହି ବଞ୍ଚି ନ ଥିଲେ । ଜାହାଜର କୌଣସି ଅଂଶ ତ ଠିକ୍ ଆକାରରେ ନ ଥିଲା । ସବୁ ଭାଙ୍ଗି ଚୁର ଖଣ୍ଡ ବିଖଣ୍ଡ ହୋଇ ଯାଇଥିଲା ।

ଜାହାଜଟି ଏପରି ଅବସ୍ଥାରେ ପଡ଼ିଥିଲା ଯେ ତା' ଉପରକୁ ଚଢିଯିବା ପାଇଁ ଭ୍ରସକ୍ରଏଜକୁ ଜଳେହେଲେ କଷ୍ଟ ହେଲ ନାହିଁ । ଧ୍ୱଂସ ଜାହାଜ ଭିତରେ ଭ୍ରସକ୍ରଏଜ ଏଥର ଭଲଭାବରେ ବୁଲି ପାରିଲା । ଜଳର ସୁଅରେ ଭିତର ଭାଗର ସବୁ ଜିନିଷ ଭାସି ଯାଇ-ଥିଲା । ସେ ଗୁରିପଟେ ବୁଲି ସବୁ ଦେଖିଲା । ଗୋଟିଏ ହେଲେ ମୃତ ଦେହ ମିଳିଲା ନାହିଁ । ହୁଏତ ସୁଅର ତୋଡ଼ରେ ଦୁର୍ଭାଗା ଲୋକଗୁଡ଼ାକ ସମୁଦ୍ରରେ ଭାସି ଯାଇଥିବେ କିମ୍ବା ସଂଘର୍ଷ ବେଳେ ବୁଡ଼ି ଯାଇଥିବେ ।

କୂଳକୁ ଫେରି ଆସି ଭ୍ରସକ୍ରଏଜ ପୁଣି ଗୁରି ଆଡ଼କୁ ଅନାଇଲା । ସେତେବେଳକୁ ଦସ୍ୟୁଗୁଡ଼ାକ ଘଟଣା ସ୍ଥଳକୁ ଆସି ନ ଥିଲେ ।

ପବନ ଖୁବ ଭୟଙ୍କର ବେଗରେ ବହୁଥିଲା । ତଥାପି ସେ ଜାହାଜକୁ ଓଁହ୍ଲାର ଅନ୍ତରୀପର ଦୂର ଦିଗ, ସମ୍ମୁଖରେ ଘୁଲିଲା ।

ସେ ଭାବିଲା—ଯଦି ସେଣ୍ଟ୍ ଗ୍ରି ଜାହାଜର କୌଣସି ଲୋକକୁ ହଠାତ୍ ସେ ଏପରି ଜୀବିତ ଥିବାର ଦେଖି ପାରିବ, ତାହାହେଲେ ତାକୁ ବଞ୍ଚାଇବା ପାଇଁ ସେ ଯଥାସାଧ୍ୟ ଚେଷ୍ଟା କରିବ ।

କିନ୍ତୁ ସେ କାହାରିକୁ ପାଇଲା ନାହିଁ । ପୁଣି ସେ ସେଣ୍ଟ୍ ଗ୍ରି ପାଖକୁ ଫେରିଆସି ତୀକ୍ଷ୍ଣ ଦୃଷ୍ଟିରେ ସବୁ କିଛି ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲା । ତା'ର ଦୃଢ଼ ଆଶା ଥିଲା ଯେ ନିଶ୍ଚୟ କିଛି ଖାଦ୍ୟଦ୍ରବ୍ୟ ଏଠାରୁ ପାଇ ପାରିବ । ପ୍ରକୃତରେ ଏଥର ତାକୁ ନିରାଶ ହେବାକୁ ପଡ଼ିଲା ନାହିଁ । କିଛି ସମୟ ଭିତରେ ସମୁଦ୍ର କୂଳରୁ ଗୋଟାଏ ବିସ୍କୁଟ ବାକ୍ସ ଓ ଗୋଟାଏ ଶୁଖିଲା-ମାଂସ ବାକ୍ସର ସନ୍ଧାନ ମିଳିଗଲା । ଏଥିରେ ଲୁସକୁଏଙ୍କର ଦୁଇଟା ମାସ ଅନାୟାସରେ ଚଳି ଯାଇପାରେ । ରାଜା ସଲେମନଙ୍କ ରତ୍ନ-ଭଣ୍ଡାର ଭଳି ମୂଲ୍ୟବାନ ସେହି ଅହାର ସାମଗ୍ରୀକୁ ସେ ଗୁହାରେ ରଖି ଦେଇ ଆସିଲା ଏବଂ ତାପରେ ଅନ୍ତରୀପର ଗୋଟିଏ ଶେଷ ସୀମାରେ ଠିଆ ହୋଇ ଉପସାଗର ଆଡ଼କୁ ଅନାଇଲା ।

ଲୁସକୁଏଙ୍କର ଧାରଣା ଥିଲା, କର୍ଣ୍ଣେଲ ଏହି ଜାହାଜ-ଡୁବି ବିଷୟ ଜାଣି ପାରିଛନ୍ତି । ଗତ ରାତିରେ ସେ ନିଶ୍ଚୟ ସେଣ୍ଟ୍ ଗ୍ରିକୁ କୂଳ ଆଡ଼କୁ ଆସିବାର ଦେଖିଛନ୍ତି । ଯାହା ପାଇଁ ପ୍ରସ୍ତୁତ ହୋଇ ରହିଥିଲେ ମଧ୍ୟ ପାଗଟା ଖରାପ ଥିବା ଯୋଗୁଁ ମଙ୍ଗଲ ଜାହାଜ କୂଳ ଲଗି ପାରୁ ନ ଥିଲା । ସେଥିପାଇଁ ଜଣା ଯାଉଥିଲା, ଜାହାଜ-ଡୁବିର

ଜନପଦର ସବୁ ପାଇବା ଆଶାରେ ସେହି ଦସ୍ୟୁମାନେ ନିଶ୍ଚୟ ଘଟଣା ସ୍ଥଳରେ ଆସି ପହଁଚିବେ ମାତ୍ରେ ।

ଗୋଟାଏ ମୁଣ୍ଡିଆ ଉପରେ ଉଠିବା ବେଳେ ସେ ଭାବୁଥିଲା, ପବନରେ ଗନ୍ଧକ ଦୁର୍ଗନ୍ଧ ! ଏପରି ସମୟରେ ସେ ଏକ ଅଜ୍ଞାତ କଣ୍ଠର ଚିତ୍କାର ଶୁଣି ଚମକି ପଡ଼ିଲା । ସେହି ଶବ୍ଦକୁ ଲକ୍ଷ୍ୟକରି ସେ ଦ୍ରୁତ ବେଗରେ ସେହି ଆଡ଼କୁ ଧାଇଁଗଲା । ଭାସକୁଏଜ ପ୍ରଥମେ ଯେଉଁଠି ଆଶ୍ରୟ ନେଇଥିଲା, ଶବ୍ଦଟା ସେହିଆଡ଼ୁ ଆସୁଥିଲା ।

ପର୍ବତ ଗଳି ପାର ନ ହୋଇଣୁ ଖଣ୍ଡିଏ ପଥର କଡ଼ରେ ଜଣେ ଲୋକକୁ ପଡ଼ିଥିବାର ସେ ଦେଖି ପାରିଲା । ସାହାଯ୍ୟ ପ୍ରାର୍ଥନା କରି ସେହି ଲୋକଟିର ହାତ ଶୂନ୍ୟରେ ଆନ୍ଦୋଳିତ ହେଉଥିଲା । ମୁହୂର୍ତ୍ତକ ଭିତରେ ଯାଇ ଭାସକୁଏଜ ତା କଡ଼ରେ ପହଞ୍ଚିଗଲା ।

ଲୋକଟିକୁ ଦେଖି ମନେହେଲା ଯେ ତାର ବୟସ ପ୍ରାୟ ତିରିଶ ପଇଁତିରିଶ ହେବ । ଶକ୍ତ-ସମର୍ଥ ନାବିକୋଚିତ ତାର ବ୍ୟବହାର ଏବଂ ପରିଧାନରେ ନାବିକର ପୋଷାକ । ଲୋକଟି ଚିତ୍ ହୋଇ ପଡ଼ିଥିଲା । ତାର ପୋଷାକରେ କୌଣସି ରକ୍ତର ଦାଗ ଦେଖାଗଲା ନାହିଁ । ସେ ଆହତ ହୋଇ ନାହିଁ ବୋଲି ମନେ ହେଲା । ଲୋକଟି ବୋଧହୁଏ ସେଣ୍ଟ ଶିପ ଏକମାତ୍ର ଜୀବିତ ବ୍ୟକ୍ତି । ସେ ଭାସକୁଏଜର ପଦ ଶବ୍ଦ ଶୁଣି ପାରିଲା ନାହିଁ । ଭାସକୁଏଜ ବସିପଡ଼ି ଲୋକଟିର କାନ୍ଧରେ ହାତ ରଖିଲା ମାତ୍ରେ ସେ ଉଠି ବସିବାକୁ ଚେଷ୍ଟାକଲା, କିନ୍ତୁ ପାରିଲା ନାହିଁ । ପୁଣି ସେ ବାଲି ଶଯ୍ୟା ଉପରେ ପଡ଼ିଗଲା । ଲୋକଟିର ଓଠ ଦୁଇଟା କମ୍ପୁଥିଲା ଏବଂ

ତା ଭିତରୁ ଅସ୍ପଷ୍ଟ ସ୍ୱର ଶୁଣା ଯାଉଥିଲା—ବଞ୍ଚାଅ, ମୋତେ ବଞ୍ଚାଅ ।

ଭାସ୍କୁଏଜ ଅଣ୍ଟୁ ମାଡ଼ି ବସି ପଡ଼ିଲା । ଲୋକଟିକୁ ପଥର ଉପରେ ଆଉଜାଇ ବସାଇ ଦେଲା । ତାପରେ ସେ ତାକୁ କହିଲା—ଭୟ କରିବାର କିଛି କାରଣ ନାହିଁ । ମୁଁ ତୁମକୁ ଉଦ୍ଧାର କରିବାକୁ ଆସିଛି ।

ହତଭାଗ୍ୟ ଲୋକଟିର ହାତ ଖାଲି ଶୂନ୍ୟରେ ଆନ୍ଦୋଳିତ ହେଲା । ତାପରେ ସେ ଜ୍ଞାନ ହରାଇ ପଡ଼ିଗଲା । ଲୋକଟି ଅତିଶୟ ଦୁର୍ବଳ ହୋଇ ଯାଇଥିଲା । ଭାସ୍କୁଏଜ ଭଲ ଭାବରେ ପରୀକ୍ଷା କରି ଦେଖିଲା, ଏଖଣି ତାର ହୃତପିଣ୍ଡରେ ଜୀବନର ସ୍ପନ୍ଦନ ଅଛି । ସେ ଛାତି ପାଖରେ କାନ ପାରି ଏହା ଶୁଣିବାକୁ ପାଇଲା ।

ବର୍ତ୍ତମାନ ତାର ପ୍ରଧାନ କର୍ତ୍ତବ୍ୟ ହେଲା, ଲୋକଟିକୁ କୌଣସି ଏକ ନିରାପଦ ସ୍ଥାନକୁ ନେଇଯିବା । ଦସ୍ୟୁମାନେ ଯେ କୌଣସି ମୁହୂର୍ତ୍ତରେ ଏଠାରେ ଆସି ପହଞ୍ଚି ଯାଇ ପାରନ୍ତି । ଲୋକଟିକୁ ଛୋଟ ଗୁହାକୁ ବୋହି ନେବା ଛଡ଼ା ଭାସ୍କୁଏଜର ଅନ୍ୟ ଗତି ନ ଥିଲା । ପ୍ରାୟ ପନ୍ଦର ମିନିଟ ଭିତରେ ସେ ଅଚୈତନ୍ୟ ଲୋକଟିକୁ କାନ୍ଧରେ ପକାଇ ନେଇ ଛୋଟ ଗୁହାଟି ଭିତରେ ଯାଇ ପ୍ରବେଶ କଲା । ତା'ପରେ ଅତି ସାବଧାନରେ ସେ ତାକୁ ଶୁଆଇ ଦେଲା ।

ଲୋକଟିର ଦେହରେ ବାହାରୁ କୌଣସି ଆଘାତର ଚିହ୍ନ ଦେଖାଯାଉ ନ ଥିଲା । ଭାସ୍କୁଏଜର ଭୟ ହେଉଥିଲା, ହୁଏତ

କୂଳରେ ଛିଟିକି ପଡ଼ି ଥିବାହେତୁ ତା ଦେହର ହାଡ କେଉଁଠି ଭାଙ୍ଗି ଯାଇଛି । ସେଥିପାଇଁ ସେ ଲୋକଟିର ଅଙ୍ଗ ପ୍ରତ୍ୟଙ୍ଗ ଭଲ ଭାବରେ ପରୀକ୍ଷା କରି ଦେଖିବାକୁ ଲାଗିଲା । କିଛି ସମୟ ପରେ ତା'ର ମନେ ହେଲା, ତା'ର କୌଣସି ହାଡ଼ ଭାଙ୍ଗି ଯାଇ ନାହିଁ ।

କିଛି ସମୟ ପରେ ଲୋକଟି ଆଖି ଖୋଲିଲା । ଦେହର ସବୁ ଶକ୍ତି ଠୁଳ କରି ସେ କ୍ଷୀଣ କଣ୍ଠରେ କହିଲା—ଜଳ, ଟିକିଏ ଜଳ !

ଭାସ୍କୁଏଜ ତୁରନ୍ତ ଧାଇଁ ଯାଇ ତାକୁ ପାଣି ଆଣି ପିଆଇ ଦେଲା । ତାପରେ ସେ ତାକୁ ପଚାରିଲା— ଏଖଣି ଟିକିଏ ଭଲ ମାଲୁମ ହେଉଛି ତ ?

ଲୋକଟି ଭଙ୍ଗା ସ୍ୱରରେ କହିଲା—ହଁ, ଟିକିଏ ଭଲ । ତା'ପରେ ମନେ ମନେ ଯେମିତି ସବୁ ଘଟଣା ବିଶ୍ଳେଷଣ କରିବା ପାଇଁ ଗୋଟାଏ ବ୍ୟର୍ଥ ପ୍ରୟାସ କରି ସେ କହିଲା—ମୁଁ କେଉଁଠି ? ତୁମେ ? ଏଠି ? କେଉଁଠି ? ମୁଁ କିଛି ବୁଝି ପାରୁ ନାହିଁ ।

ଭାସ୍କୁଏଜ ତାକୁ ବୁଝାଇଦେଲା—ଏଖଣି ତୁମେ ନିରାପଦ ସ୍ଥାନରେ ଅଛ । ସେଣ୍ଟ ଗ୍ରୀ ଜାହାଜ ପାହାଡ଼ରେ ବାଜି ଭାଙ୍ଗିଯିବା ପରେ ମୁଁ ତୁମକୁ ସମୁଦ୍ର କୂଳରେ ପଡ଼ିଥିବାର ଦେଖିଲି ।

—ସେଣ୍ଟ ଗ୍ରୀ ? ହଁ, ମନେ ପଡ଼ୁଛି ।

—ତୁମ ନାମ କଣ ?

—ଜନ ଡେଭିସ ।

—ଜାହାଜର କପ୍ତାନ ?

—ନା, ପ୍ରଥମ ମେଟ୍ । ଜାହାଜର ଅନ୍ୟମାନେ କେଉଁଠି ?

ଭାସକୁଏଜଙ୍କ କାନ୍ଧ ହଲାଇ ବ୍ୟଥିତ କଣ୍ଠରେ କହିଲା—କେହି ନାହାନ୍ତି, ଆଉ କେହି ନାହାନ୍ତି । ଏଖଣି କେବଳ ତୁମେହିଁ ଏକମାତ୍ର ବଞ୍ଚି ରହିଛ ।

ଡେଭିସ ପଚାରିଲା—ସମସ୍ତେ ମାରି ପଡ଼ିଲେ ?

—ହଁ, ସମସ୍ତେ ।

ଖବରଟା ଶୁଣି ଜନ ଡେଭିସ ଯେମିତି ମଉଳି ପଡ଼ିଲା । ସେହିଁ ଏକମାତ୍ର ଜୀବିତ ବ୍ୟକ୍ତି । କପରେ ବା ସେ ବଞ୍ଚିଲା ? ସେ ବୁଝି ପାରିଲା, ଏହି ଆଗନ୍ତୁକ ଜଣକ ତାର ଉଦ୍ଧାରକର୍ତ୍ତା । ତହୁଁ ଭଗ୍ନ କଣ୍ଠରେ ସେ ତାକୁ କହିଲା—ଧନ୍ୟବାଦ । ଅଜସ୍ର ଧନ୍ୟବାଦ । ତା'ର ଦୁଇ ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଡ଼ି ପଡ଼ିବାକୁ ଲାଗିଲା ।

ତା'ପରେ ଭାସକୁଏଜ ତାକୁ ପଚାରିଲା—କେମିତି ଲାଗୁଛି ? କିଛି ଖାଇବ ଭାଇ ?

,ଡେଭିସର ପାଟିରୁ ବାହାରିଗଲା – ନା, ଅଳ୍ପ ଟିକିଏ ପାଣି ।

ଅଳ୍ପ ପାଣି ସାଙ୍ଗରେ କିଛି ବ୍ରାଣ୍ଡି ମିଶାଇ ଭାସକୁଏଜ ଲୋକଟିର ମୁହଁ ପାଖରେ ଦେଖାଇଲା ।

କିଛିକ୍ଷଣ ପରେ ଡେଭିସ ଟିକିଏ ସୁସ୍ଥ ହୋଇ ସଂକ୍ଷେପରେ ତା'ର ଯାତ୍ରାର ବିବରଣୀ ଭାସକୁଏଜ ଆଗରେ ଧୀରେ ଧୀରେ କହିଯିବାକୁ ଲାଗିଲା—ତିନି ସପ୍ତାହ ତଳେ ସାଢ଼େ ପାଞ୍ଚ ଶହ ଟନ ଧାରବାହୀ ସେଣ୍ଟ ଗ୍ରି ଜାହାଜ କପ୍ତାନ ହେନେରିଙ୍କ ପରିଚାଳନାଧୀନରେ ମବିଲ ବନ୍ଦରରୁ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ଅଭିମୁଖରେ

ଯାତ୍ରା କରୁଥିଲା । ହେନେଷ୍ଟ ଓ ଜନ ଡେଭିସ ଛଡ଼ା ତାହାଙ୍କରେ ଆଉ ବାର ଜଣ ନାବିକ ଥିଲେ । ଯାତ୍ରାର ପ୍ରଥମ ଅଂଶଟି ଶୁଭରେ କଟିଲେ । କିନ୍ତୁ ଷ୍ଟେନ ଦ୍ୱୀପ ନିକଟରେ ଆସି ପହଞ୍ଚିବା ମାତ୍ରେ ତାହାଙ୍କର ପରିଚାଳନା ନାବିକମାନଙ୍କ ଅଜ୍ଞତାରେ ବାହାରକୁ ଚାଲିଗଲା । ଭୟଙ୍କର ଝଡ଼ର କବଳରେ ଘନ ଅନ୍ଧକାରରେ କିଛି ଦେଖା ଯାଉ ନ ଥିଲା । ଅନ୍ତତଃ ଦଶ ମାଇଲ ଦୂରରୁ ବତିଘରର ଆଲୋକ ଦେଖି ପାରିବେ ବୋଲି କପ୍ତାନ ଆଶା କରିଥିଲେ । କିନ୍ତୁ କୌଣସି ଆଲୋକ ଦେଖିବାକୁ ନ ପାଇବାରୁ, ଷ୍ଟେନ ଦ୍ୱୀପ ଠାରୁ ବହୁତ ଦୂରରେ ଅଛନ୍ତି ବୋଲି କପ୍ତାନ ଧରିନେଲେ । ଠିକ୍ ଏତିକିବେଳେ ବଜ୍ରପାତ ଭଳି ଗୋଟାଏ ଭୟଙ୍କର ଶବ୍ଦ କରି ଜାହାଜଟା କୂଳର ପଥର ଉପରେ ପିଟି ହୋଇଗଲା । ତା'ପରେ ତ ସବୁ ଶେଷ !

ତା'ପରେ କିଛିଏ ନୀରବ ରହି ଜନ୍ ଡେଭିସ୍, ଭାସକୁଏଜଙ୍କୁ ପୁଣି ଧନ୍ୟବାଦ ଜଣାଇଲା । କିନ୍ତୁ ସେ ବୁଝିପାରୁ ନ ଥିଲା ଯେ ସେ ଏବେଣି କେଉଁଠି ଅଛି ।

ଡେଭିସ ପୁଣି ଭାସକୁଏଜଙ୍କୁ ପଚାରିଲା—ଆମେ ଏବେଣି କେଉଁଠି ?

ଭାସକୁଏଜ ଜବାବ ଦେଲା—ଷ୍ଟେନ ଦ୍ୱୀପରେ ।

ଡେଭିସ ଅବାକ୍ ହୋଇ ଯାଇ ବିମୂଢ଼ କଣ୍ଠରେ କହି ପକାଇଲା—ଓଁ ଷ୍ଟେନ ଦ୍ୱୀପ !

—ହଁ, ଷ୍ଟେନ ଦ୍ୱୀପ, ଏ ଦ୍ୱୀପଟି ଲେଗୋ ଉପସାଗରର ମୁହଁରେ ଅବସ୍ଥିତ ।

—କିନ୍ତୁ ବତିଘର ?

—ବଡ଼ଘରର ଆଲୁଅ ଜଳି ନ ଥିଲା ।

ଏହା ଶୁଣି ଡେଭିସର ବିସ୍ମୟ ଉତ୍ତରୋତ୍ତର ବଢ଼ିବାକୁ ଲାଗିଲା । କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ସେ ସପ୍ରଶ୍ନ ଦୃଷ୍ଟିରେ ତା ଆଡ଼କୁ ଚାହିଁ ରହିଲା । ତା'ପରେ ଭାସ୍କୁଏଜ ତାକୁ ବିଶଦ ଭାବରେ ବୁଝାଇଦେଲା, ବଡ଼ଘରର ଆଲୁଅ ତାହାଙ୍କ ଆଉ ଜଳୁ ନାହିଁ ଏବଂ ବଡ଼ଘର ଗୁଣ୍ଡ ତାହାଙ୍କ ସେ ବାହାରକୁ ଚାଲି ଆସି ତାର ଚେଷ୍ଟା ପକାଇଛନ୍ତି । ଫିଲିପ ଓ ମରିସର ହତ୍ୟାକାଣ୍ଡ ବିଷୟ ବର୍ଣ୍ଣନା କରୁଁ କରୁଁ ତାର କଣ୍ଠସ୍ୱର ବ୍ୟଥାରେ ଆର୍ଦ୍ର ହୋଇଗଲା ।

ଡେଭିସ ବିସ୍ମିତ କଣ୍ଠରେ କହିଲା—କି ସର୍ବନାଶ ! ତାହାହେଲେ ଏକ୍ଷଣି ସେହି ଦସ୍ୟୁଗୁଡ଼ାକହିଁ ବଡ଼ଘରର ମାଲିକ, ଆଉ ସେମାନେ ବଡ଼ଘରର ଆଲୁଅ ଜଳାଇ ନ ଥିଲେ । ସେଥିପାଇଁ ସେଞ୍ଚୁରୀର ଏ ସର୍ବନାଶ ହେଲା !

ଭାସ୍କୁଏଜ ମୁଣ୍ଡ ହଲାଇ ସମ୍ମତି ଜଣାଇଲା—ହଁ ।

ତା'ପରେ ଏକ୍ଷଣି ଦସ୍ୟୁମାନେ କି ମତଲବ ପାଞ୍ଚିଛନ୍ତି କହି ସାରି, ସେ ଶେଷରେ ଜଣାଇଲା—ମାଲପତ୍ର ସବୁ ଲଦା ହୋଇ ସାରିଲାଣି । ଆଜି ଭୋର ବେଳେ ସେମାନଙ୍କର ଯାତ୍ରା କରିବାର କଥା ଥିଲା ।

—କେଉଁଠାକୁ ଯିବେ ସେମାନେ ? ସେ ବିଷୟରେ ତୁମେ କିଛି ଜାଣିଛ ?

—ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ଆଡ଼କୁ । ସେଠାରେ ନିର୍ଶ୍ଚିନ୍ତ ମନରେ ଏ ସଇତାନଗୁଡ଼ାକ ଲୁଟପାଟ ଚଳାଇ ପାରିବେ ।

—ମାତ୍ର ଏମିତି ଝଡ଼ ଥିବାଯାଏ ତ ସେମାନେ କୌଣସି ମତେ ଯାତ୍ରା କରି ପାରିବେ ନାହିଁ ।

ଭୂସକୁଏଙ୍କ କହିଲା—ନା, ଆଦୌ ପାରିବେ ନାହିଁ । ପାଗଟା ଯେମିତି ଦିଶୁଛି; ସେଥିରୁ ପରିଷ୍କାର ମନେ ହେଉଛି ଯେ ଆଗାମୀ ସପ୍ତାହ ଭିତରେ ଯୁଦ୍ଧଜାହାଜଗୁଡ଼ାକ ଏ ସ୍ଥାନ ଛାଡ଼ି ପାରିବେ ନାହିଁ ।

ହେଭର ପଚାରିଲା—ଯେତେଦିନ ଯାଏ ସେମାନେ ଏଠାରେ ଅଛନ୍ତି, ସେତେଦିନ ଯାଏ ସେମାନେ ନିଶ୍ଚୟ ଆଲୁଅ ଜାଳିବେ ନାହିଁ ?

ଭୂସକୁଏଙ୍କ ଜବାବ ଦେଲା—ସେହିଭଳି ତ ମନେ ହେଉଛି ।

—ତାହାହେଲେ ସେଞ୍ଚୁରୀ ପରି ଅନ୍ୟ ଜାହାଜ ସବୁର ବି ସର୍ବନାଶ ହୋଇପାରେ ?

—ନିଶ୍ଚୟ ହେବ, ଏଥିରେ କିଛି ସନ୍ଦେହ ନାହିଁ ।

—ତାହାହେଲେ ଆଉ ଜାହାଜସବୁକୁ ଏ ଅଡ଼େ ଆସିବାର ଦେଖାଗଲେ, ସତର୍କ କରି ଦେବାକୁ ହେବ ।

—ସେଞ୍ଚୁରୀକୁ ବି ସତର୍କ କରି ଦେବାକୁ ମୁଁ ଚେଷ୍ଟା କରିଥିଲି, ଭାଇ ! କିନ୍ତୁ ପବନ ଏମିତି ଜୋରରେ ବହିବାକୁ ଲାଗିଲା ଯେ କୌଣସି ପ୍ରକାରେ ନିଆଁ ଜଳାଇ ପାରିଲି ନାହିଁ ।

ହେଭର ଦୃଢ଼ କଣ୍ଠରେ କହିଲା—ଆମେ ଦୁହେଁ ମିଶି ନିଶ୍ଚୟ ପାରିବା । ଏଠାରେ ତ କୁଟାକାଠିର ଅଭାବ ହେବ ନାହିଁ ।

ସେଥିପାଇଁ ଭଙ୍ଗା ପଟାକାଠ ଗୁଡ଼ାକ ଅଛି, ଆଉ ଏଣେ ତେଣେ ବି ତାଳପତ୍ର ସବୁ ପଡ଼ି ରହିଛି । ଯେତେଦିନ ଯାଏ ଦସ୍ୟୁମାନେ ଦ୍ୱୀପରେ ଅଛନ୍ତି, ସେତେ ଦିନ ଯାଏ ବତିଘରର ଅଲ୍ପଅ ଜଳିବ ନାହିଁ । କିନ୍ତୁ ସମୁଦ୍ରର ଯାହା ଅବସ୍ଥା, ସେଥିରେ ଅଉ କେତେ ଜାହାଜର ଯେ ସର୍ବନାଶ ନ ହେବ ଏହି କେତେ ଦିନ ଭିତରେ, ତାହା କିଏ କହି ପାରିବ ?

ଭାସକୁଏଜ କହିଲା—ସେ ଯାହା ହେଉ କଙ୍ଗ୍ରୀ ଓ ତା'ର ଦଳବଳ ଏହି ଦ୍ୱୀପରେ ଆଉ ବେଶୀ ଦିନ ରହିପାରୁ ନାହାନ୍ତି । ଯେଉଁ ମୁହୂର୍ତ୍ତରେ ବାୟୁମଣ୍ଡଳଟା ଟିକିଏ ଶାନ୍ତ ହୋଇଯିବ, ଠିକ୍ ସେତିକି ବେଳେ ସେମାନେ ଏଠାରୁ ବାହାରି ଯିବେ । ଆଉ ମୁହୂର୍ତ୍ତେ ବି ସେମାନେ ଏ ଦ୍ୱୀପରେ କଟାଇବେ ନାହିଁ ।

—କାହିଁକି ?

—କାରଣ, ସେମାନେ ଜାଣନ୍ତି, ବତିଘରର ଆଲୋକ-ରକ୍ଷୀ-ମାନଙ୍କୁ ଛୁଟିଦେବା ପାଇଁ ଶାନ୍ତା-ଫି ଜାହାଜ ଶୀଘ୍ର ଆସି ପହଞ୍ଚିଯିବ ।

—ଏଁ ଶାନ୍ତା-ଫି !

—ହଁ, ଶାନ୍ତା-ଫି । ଆମକୁ ଛୁଟି ଦେବା ପାଇଁ ଶାନ୍ତା-ଫି ଜାହାଜ ମାର୍ଚ୍ଚ ମାସର ପ୍ରଥମ ଭାଗରେ ନୂଆ ରକ୍ଷୀମାନଙ୍କୁ ଧରି ଏଠାରେ ଆସି ପହଞ୍ଚିବ । ଆଜି ତ ଫେବ୍ରୁୟାରୀ ଅଠର ତାରିଖ । ତେଣୁ ଆଉ ଖୁବ୍ ବେଶୀ ଡେରି ନାହିଁ ।

—ତାହାହେଲେ, ଗୋଟାଏ ଜାହାଜ ସତରେ ଷ୍ଟେଟେନ ଦ୍ୱୀପକୁ ଆସି ନଙ୍ଗର ପକାଇବ ?

—ହଁ, ବୁୟେନସ-ଏୟାର୍ସରୁ ବାହାର ମାର୍ଚ୍ଚ ଦଶ ତାରିଖ ବେଳକୁ କି ତେର ତାରିଖ ଆଗରୁ ଆସି ଏଠାରେ ପହଞ୍ଚିବ ।

ସେତକ ବେଳେ ଜନ ଡେଭିସ କହିଲା---ଭଗବାନ କରନ୍ତୁ, ପାଗଟା ଯେମିତି ଏହି ଭଳି ଖରାପ ହୋଇ ରହିଥାଉ କିଛିଦିନ । ଆଗ ଶାନ୍ତା-ଫି ଆସି ଏଠାରେ ଲାଗୁ । ତା'ପରେ ଦେଖାଯିବ, ଦସ୍ୟୁମାନେ ରହୁଛନ୍ତି କି ଯାଉଛନ୍ତି ।

ଭାସକୁଏଜ ବି ଆଗରୁ ଠିକ ଏହି କଥା ମନେ ମନେ ଭାବି କରି ରଖିଥିଲା ।

# ଏଗାର

ଦିନକ ଆଗରୁ ଯେତେବେଳେ ସୂର୍ଯ୍ୟ ଦିକ୍‌ଚକ୍ରବାଳ ତଳେ ଅନ୍ତର୍ହିତ ହୋଇ ଯାଇଥିଲେ, ସେତେବେଳେ କାରକାଣ୍ଟେ ଲଣ୍ଠନ ଘରୁ ଦେଖି ପାରିଲା ଯେ ବାହାର-ସମୁଦ୍ରରେ ଝଡ଼ର କବଳରେ ପଡ଼ି ଗୋଟାଏ ଜାହାଜ ବୁଡ଼ୁବୁଡ଼ୁ ହେଉଛି । ତତ୍‌କ୍ଷଣାତ୍ ସେ କଙ୍ଗ୍ରୀକୁ ଡାକି ଆଣି ଦେଖାଇଥିଲା । ଅନ୍ଧକାର ଘନୀଭୂତ ନ ହେବା ଯାଏ ସେମାନେ ଜାହାଜଟି ଆଡ଼କୁ ଅନାଇ ରହିଥିଲେ ଏବଂ ଉଭୟ ବୁଝି ପାରୁଥିଲେ ଯେ ସାଁ-ଜୁଆଁ ଅନ୍ତରୀପ ଓ ପଏଣ୍ଟ ସେଭିରେଲ ଭିତରେ କୌଣସି ଏକ ସ୍ଥାନରେ ଜାହାଜଟି ନିଶ୍ଚୟ ଅତଳ ସମାଧି ଲାଭ କରିବ । ବତିଘରର ଲଣ୍ଠନ ଜଳାଇ ସେମାନେ ଅବଶ୍ୟ ଜାହାଜଟିକୁ ରକ୍ଷା କରି ପାରିଥାନ୍ତେ, କିନ୍ତୁ ତାହା କରିବାରେ ସେମାନଙ୍କର କି ଲାଭ ହେବ ! ବରଂ ଜାହାଜଟି କୂଳରେ ଧକ୍କା ଖାଇ ଚୂରମାର ହୋଇଗଲେ କିଛି ଜିନିଷପତ୍ର ପାଇବାର ସମ୍ଭାବନା ଅଛି ।

କଙ୍ଗ୍ରୀ ଓ ତା ଦଳର ସମସ୍ତେ ଗୋଟାଏ ନୌକାରେ ଚଢ଼ି ଭଙ୍ଗା ଜାହାଜଟିର ସନ୍ଧାନରେ ବାହାରିଗଲେ । ସେମାନେ ଶୀଘ୍ର ଯାଇ ଘଟଣା ସ୍ଥଳରେ ପହଞ୍ଚିଲେ । ସେମାନଙ୍କର ଚିତ୍କାର ଓ ପାଟିଗୋଳ ଜନ ଡେଭିସ୍ ଓ ଭାସକୁଏଜର ଆଲୋଚନାରେ ବ୍ୟାଘାତ ଘଟାଇଲା ।

ଭୁସକୁଏଜ ସତର୍କ ପାଦରେ ଗୁହା ମୁହଁରେ ଆସି ଠିଆ ହେଲା । ଜନ ଡେଭିସ ବି ତା ପଛେ ପଛେ ଆସିଲା । ଗୋଟାଏ ବଡ଼ ପଥରର ଆଢୁଆଳରେ ରହି ଉଭୟ ସାବଧାନ ହୋଇ ଦସ୍ୟୁଗୁଡ଼ାକ ଆଡ଼କୁ ଅନାଇ ଦେଖିଲେ ।

ଜଳଦସ୍ୟୁ ଗୁଡ଼ାକ ଭୁସକୁଏଜର ଛୋଟ ଗୁହା ଠାରୁ ପ୍ରାୟ ଦୁଇ ଶହ ଗଜ ଦୂରରେ ଥିଲେ । ସେମାନେ ସହଜରେ ସେମାନଙ୍କୁ ଦେଖି ପାରୁଥିଲେ । ସେତେବେଳେ ସେମାନେ ଭଙ୍ଗା ଜାହାଜଟି ଉପରେ ନଇଁ ପଡ଼ି ଯେମିତି କ'ଣ ଦେଖୁଥିଲେ । ଦସ୍ୟୁଗୁଡ଼ାକ ଭିତରୁ ଭୁସକୁଏଜ ଯେଉଁମାନଙ୍କୁ ଚିହ୍ନିଥିଲା, ସେ ଜନ ଡେଭିସକୁ ସେମାନଙ୍କର ପରିଚୟ ଦେବାକୁ ଲାଗିଲା । ସେ ଯେ ବଡ଼ଦେହୀ ଲୋକଟା, ଜାହାଜର ସେହି ଭଙ୍ଗା ମାସ୍ତୁଲଟା ପାଖରେ ଠିଆ ହୋଇଛି, ତାର ନାମ କର୍ଣ୍ଣୀ । ସେ ହେଉଛି ଦସ୍ୟୁଗୁଡ଼ାକର ସର୍ଦ୍ଦାର ।

ଡେଭିସ ପଚାରିଲା—ଆଉ ସେ ଯାହା ସାଙ୍ଗରେ କଥା କହୁଛି ?

ଭୁସକୁଏଜ ଜବାବ ଦେଲା---ସେ ହେଉଛି ପାରସାନ୍ସ, କର୍ଣ୍ଣୀର ଡାହାଣ ହାତ । ମୁଁ ଲଣ୍ଡନ-ଘରୁ ପରିଷ୍କାର ଦେଖିଛି, ସେହି ବଦମାସଟା ଫିଲିପ ଓ ମରିସଙ୍କୁ ହତ୍ୟା କରିଛି ।

ଡେଭିସ ଦାନ୍ତ କଡ଼ମଡ଼ କରି କହିଲା—ଯଦି ଥରେ ସେହି ଖୁଣିଗୁଡ଼ାକୁ ମୋ ହାତ ପାଖରେ ପାଆନ୍ତି ।

ପ୍ରାୟ ଘଣ୍ଟାଏ ସମୟ ଗଡ଼ିଗଲା । ଦସ୍ୟୁଗୁଡ଼ାକ ସେଇଠୁ ମାଲପତ୍ରସବୁ ତନ୍ନ ତନ୍ନ କରି ଖୋଜିବାକୁ ଲାଗିଲେ । କର୍ଣ୍ଣୀ

ଯେଉଁ ଜିନିଷସବୁ ଦରକାରୀ ମନେକଲା, ସେ ସବୁକୁ ନୌକାରେ ବୋଝାଇ କରିବାକୁ ଆଦେଶ ଦେଲା ।

ଡେଭିସ କୁଟିଳ ଦୃଷ୍ଟିରେ ସେମାନଙ୍କ ଆଡକୁ ଅନାଇ କହିଲା—ଯଦି ବଦମାସଗୁଡ଼ାକ ସୁନା ରୁପା କିମ୍ବା କୌଣସି ମୂଲ୍ୟବାନ ଜିନିଷ ଖୋଜିବାକୁ ବସନ୍ତି, ତାହାହେଲେ ସେମାନେ ଅଷ୍ଟରମ୍ଭା ଲାଭ କରିବେ ।

ଭାସକୁଏଜ ଟିପ୍‌ପଣି କାଟି କହିଲା—ସେମ୍ପା ତ ସେମାନେ ଚାହାନ୍ତି ।

ଡେଭିସ କହିଲା—ଲୋକଗୁଡ଼ାକର ଢଙ୍ଗଢ଼ାଙ୍ଗ ଦେଖି ମନେ ହେଉଛି, ସେମାନେ କୌଣସି ନିରାପଦ ସ୍ଥାନରେ ଅଟକି ରହିବାକୁ ଚାହାନ୍ତି । କିନ୍ତୁ ହୁଏତ ସେହି ସୁଯୋଗ ସେମାନଙ୍କ କପାଳରେ ଯୁଟି ନ ପାରେ ।

ଭାସକୁଏଜ କହିଲା—ଯଦି ପାଗଟା ଆଉ କିଛିଦିନ ଖରାପ ରହନ୍ତା······

କିନ ଡେଭିସ ତା' କଥା ଶେଷ ନ କରିବାକୁ ଦେଇ କହିଲା, କିମ୍ବା ଯଦି ଆମ୍ଭେ କୌଣସି ଉପାୟ ଖୋଜୁ ପାଉଁ······

କିନ୍ତୁ ଶାନ୍ତା-ଫିର ଆଗମନ ପର୍ଯ୍ୟନ୍ତ କିପରି ଭାବରେ ବା ଦସ୍ୟୁଗୁଡ଼ାକୁ ଦ୍ୱୀପରେ ଅଟକାଇ ରଖିବା ସମ୍ଭବ ହେବ ?

ସେତେବେଳେ ଦସ୍ୟୁଗୁଡ଼ାକ ବୁଲି ବୁଲି ଭଙ୍ଗା ଜାହାଜଟିକୁ ପର୍ଯ୍ୟବେକ୍ଷଣ କରୁଥିଲେ । ପ୍ରାୟ ଦୁଇ ଘଣ୍ଟା ଯାଏ ସେମାନେ କ'ଣ

ଖୋଜିବାକୁ ଲାଗିଲେ । ତା'ପରେ ସାରସାନ୍ତେ ଓ ଆଉ ଜଣେ ଲୋକ ଦୁଇଟି କୁରାଢ଼ି ହାତରେ ଧରି ସେଠାରେ ହାଜର ହେଲେ ଏବଂ ଜାହାଜଟିକୁ ଆହୁରି ଦୁର୍ଦ୍ଦଶାଗ୍ରସ୍ତ କରିବାକୁ ଲାଗିଲେ ।

ଭାସକୁଏଜ ଅବାକ ହୋଇଯାଇ ପଚାରିଲା—କଥା କ'ଣ ? ଜାହାଜଟା କଣ ଆପେ ଆପେ ପ୍ରାୟ ଖଣ୍ଡ ବିଖଣ୍ଡ ହୋଇ ଯାଉନାହିଁ କି ? ତାକୁ ଏପରି ହାଣି ଟିକି ଟିକି କରିଦେଲେ କି ଫଳ ମିଳିବ ।

ଡେଭିସ କହିଲା—ମୁଁ ବୁଝି ପାରୁଛି, ସେମାନେ କଣ କରିବାକୁ ଚାହାନ୍ତି । ସ୍ପେଞ୍ଜୁଗ୍ରୀ ନାମରେ ଗୋଟାଏ ଜାହାଜ ଯେ ଆଟଲାଣ୍ଟିକ ମହାସାଗରରେ ଦିନେ ଭାସି ଭାସି ଚାଲିଥିଲା, ତା'ର କୌଣସି ଚିହ୍ନବର୍ଣ୍ଣ ସେମାନେ ରଖିବାକୁ ଚାହାନ୍ତି ନାହିଁ ।

ଜନ୍ ଡେଭିସ ଠିକ କଥା କହୁଥିଲା । କେତେ ମିନିଟ ଭିତରେ ସାରସାନ୍ତେ କାପ୍ତାନର କୋଠରୀ ଭିତରୁ ଗୋଟାଏ ଆମେରିକାର ଜାତୀୟ ପତାକା ଧରି ପଦାକୁ ବାହାରି ଆସିଲା ଏବଂ ତାକୁ ଟିକି ଟିକି କରି ଚିରି ପକାଇ ପବନରେ ଉଡ଼ାଇ ଦେଲା ।

ଡେଭିସ ଚିତ୍କାର କଲା—ବଦମାସ ! ବଦମାସଗୁଡ଼ାକ ଆମ ଜାତୀୟ ପତାକାକୁ ଚିରି ପକାଇଲେ !

ସେ କ୍ରୋଧରେ ଉନ୍ମାଦ ହୋଇଯାଇ ସେହିଆଡ଼କୁ ଦୌଡ଼ି ଯିବାକୁ ବସିଥିଲା । ଭାସକୁଏଜ ତାକୁ କୌଣସି ମତେ ଟାଣିଟୁଣି ଅଟକାଇ ରଖିଲା ।

ଡେଭସ ଶାନ୍ତ ହେବା ପରେ ସବୁ ବିଷୟ ଭାବିବାକୁ ଲାଗିଲା ଏବଂ ତାପରେ ଭାସକୁଏଜଙ୍କୁ ସମର୍ଥନ କରି କହିଲା—ହଁ, ତୁମେ ଠିକ କରିଛ । କିନ୍ତୁ ଏହି ବଦମାସଗୁଡାଙ୍କୁ ଖୁନ କରି ନ ପାରିଲେ ମୋର ଆଶା ମେଣ୍ଟିବ ନାହିଁ । ସେମାନଙ୍କୁ ଖୁନ କରିବା ପାଇଁ କୁକୁରଙ୍କ ପରି ଗୁଳି କରି ମାରିବା ପାଇଁ ମୋର ହାତ ଦୁଇଟା ଉଠେଇ ଖଟେଇ ହେଉଛନ୍ତି ।

ଭାସକୁଏଜ ଥରେ ଚାରିଆଡ଼କୁ ଚାହିଁ ଦେଇ କହିଲା—ଝଡ ଖୁବ ଶୀଘ୍ର ଥମିଯିବ ବୋଲି ମନେ ହେଉ ନାହିଁ । ଯଦି ବା ପବନର ବେଗଟା ଟିକିଏ କମି ଆସିବ, କିନ୍ତୁ ସମୁଦ୍ର ଆଉ କିଛିଦିନ ଏମିତି ରାଗରେ ଫୁଲିଥିବ । ତେଣୁ ସେମାନେ ଯେ ଆଉ କିଛି ଦିନ ଭିତରେ ଏଠାରୁ ଚାଲି ଯାଇ ପାରୁ ନାହାନ୍ତି, ତାହା ମୁଁ ଦୃଢ ଭାବରେ କହିପାରେଁ ।

ଡେଭସ କହିଲା—ସେ କଥା ଠିକ । କିନ୍ତୁ ତୁମେ ପରା କହୁଥିଲ, ଆସନ୍ତା ମାସ ଶେଷ ଆଡ଼କୁ ଶାନ୍ତା-ଫି ଏଠାରେ ଆସି ପହଞ୍ଚି ଯାଇ ପାରିବ ।

ଭାସକୁଏଜ ଜଣାଇଲା—ସେ ଯେ ଆହୁରି ଆଗରୁ ଚାଲି ନ ଆସିବ, ସେକଥା କିଏ କହି ପାରିବ ?

ଡେଭସ ସନ୍ତୁଷ୍ଟ ଚିତ୍ତରେ କହିଲା—ଭଗବାନ କରନ୍ତୁ, ସେୟାହିଁ ହେଉ ।

ଚାରିଟା ବେଳେ କର୍ଣ୍ଣି ତାର ଦଳବଳ ଧରି ନୌକା ବୋଝାଇ ମାଲ ସହିତ ବଡଘର ଆଡ଼କୁ ଫେରିଗଲା । ସନ୍ଧ୍ୟା

ବେଳକୁ ଝଡ଼ ଅହୁରି ଭୟଙ୍କର ହୋଇଗଲା । ତା ଛଡ଼ା ଠିକିଏ ଠିକିଏ ମେଘ ବି ବର୍ଷିବାକୁ ଲାଗିଲା ।

ଭାସକୁଏଜ ଓ ଡେଭିସ ଗୁହାରୁ ବାହାରି ପାରିଲେ ନାହିଁ । ଅସହ୍ୟ ଥଣ୍ଡା ପଡ଼ୁଥିଲା । ତେଣୁ ସେମାନେ ଗୁହାରେ ନିଆଁ ଜାଳିକି ଗୋଡ଼ ହାତ ସେକିବାକୁ ଲାଗିଲେ । ଗୁହାର ଶେଷ ଅଂଶରେ ନିଆଁ ଜଳା ହୋଇଥିଲା ବୋଲି ତାର ଆଲୁଅ ବାହାରକୁ ଦିଶି ଯିବାର ସମ୍ଭାବନା ନ ଥିଲା । ସେଥିପାଇଁ ସେମାନଙ୍କର ଭୟ କରିବାର କିଛି ନ ଥିଲା ।

ରାତିଟା ଅତି ଭୟଙ୍କର ହୋଇଗଲା । ସମୁଦ୍ର ଉନ୍ମାଦ ହୋଇ ଯାଇ ଅନେକ ଦୂର ଯାଏ କୂଳ ଉପରେ ପିଟି ହେବାକୁ ଲାଗିଲା । ସମୁଦ୍ର ସାଧାରଣତଃ କେବେ ଏପରି ଭୟଙ୍କର ରୂପ ଧାରଣ କରେ ନାହିଁ ।

ଡେଭିସ କ୍ଷୁବ୍ଧ ସ୍ୱରରେ କହିଲା---ଭଗବାନ କରନ୍ତୁ, ଦସ୍ୟୁଙ୍କ ଜାହାଜଟା ଏହି ଝଡ଼ରେ ଯେମିତି ଖଣ୍ଡ ଖଣ୍ଡ ହୋଇ ଯାଉ ।

ରାତି ସାରା ଅଶାନ୍ତ ସମୁଦ୍ରରେ ପାଗଳା ତୋଫାନର ଆକ୍ରମଣ ଅବିରାମ ଚାଲିଲା । ସମୁଦ୍ର ଭୀଷଣ କ୍ରୋଧରେ ଗର୍ଜିବାକୁ ଲାଗିଲା, ଏବଂ ତାର ପ୍ରବଳ ଉଚ୍ଛ୍ୱାସରେ ସେଞ୍ଚୁରିରେ ଭଙ୍ଗା ଅଂଶଗୁଡ଼ାକ ଯେ କୁଆଡେ ଭାସିଗଲା କେହି ଜାଣି ପାରିଲେ ନାହିଁ । ତା’ ପରଦିନ ବି ସମୁଦ୍ର ସେମିତି ଭୟଙ୍କର ହୋଇ ରହିଲା । ଦୈବ ଯୋଗକୁ ଭାସକୁଏଜର ଖାଦ୍ୟ ସାମଗ୍ରୀ ଉଣା ନ ଥିଲା । ସେଥିପାଇଁ ସେ ରକ୍ଷା ପାଇଗଲା । ସେଞ୍ଚୁରି ଜାହାଜରୁ ସଂଗୃହୀତ ଖାଦ୍ୟ ସାମଗ୍ରୀରେ ସେହି

ଦୁଇ ଜଣଙ୍କର ପ୍ରାୟ ମାସେ ଖଣ୍ଡେ ନିର୍ଭାବନାରେ କଟିଯିବ । ଇତି ମଧ୍ୟରେ ଶାନ୍ତ୍ରା-ଫି ନିଃସନ୍ଦେହରେ ହ୍ୟୁଟେନ ଦ୍ୱୀପରେ ଆସି ନଙ୍ଗର ପକାଇବ ।

ଭୁସକୁଏକା କହିଲା—ଭଗବାନ କରନ୍ତୁ, ଝଡ ଏମିତି ଭାବରେ ଗର୍ଜନ କରୁ ଯାହା ଦ୍ୱାରା ଦସ୍ୟୁମାନେ ଗୃଳିଯାଇ ନ ପାରନ୍ତୁ ଏବଂ ଶାନ୍ତ୍ରା-ଫି ଅସ୍ପି କୂଳରେ ଭଲରେ ଲାଗିଯାଇ ପାରୁ ।

ଡେଭିସ କହିଲା---ଯଦି ପରେ ଆମ କଥା ଶୁଣୁଥାଆନ୍ତା, ତାହାହେଲେ ତାହା ଅନାୟାସରେ କରାଯାଇ ପାରନ୍ତା ।

ଭୁସକୁସକା କହିଲା---ଦୁର୍ଭାଗ୍ୟ ବଶତଃ ଭଗବାନଙ୍କ ଛଡ଼ା ଆଉ କାହାର ସେ କ୍ଷମତା ନାହିଁ ।

ଡେଭିସ ଦୃଢ଼ କଣ୍ଠରେ କହିଲା—ଭଗବାନ ନିଶ୍ଚୟ ପାପୀକୁ ଦଣ୍ଡ ଦେବେ ।

ଦୁହିଁଙ୍କ ମନ ଭିତରେ ପ୍ରତିହିଂସାର ନିଆଁ ଦାଉ ଦାଉ ହୋଇ ଜଳୁଥିଲା ।

ଫେବୃୟାରୀ ଏକୋଇଶ ଓ ବାଇଶ ତାରିଖରେ ପାଗଟା ପୂର୍ବ ପରି ଭୟଙ୍କର ହୋଇ ରହିଲା । ପୂର୍ବପରି ଆକାଶରେ କଳା ମେଘର ଗୁରୁଗର୍ଜନ ଶୁଣାଗଲା ଏବଂ ବର୍ଷାକୁ ନୀଳ ସମୁଦ୍ରରେ ଢେଉ ଉତ୍ତାଳ ହୋଇ ଉଠିଲା । ତୀବ୍ର କ୍ରୋଧରେ ଉନ୍ମତ୍ତ ହୋଇ ପବନ ସାଏଁ ସାଏଁ ରଡ଼ି ଛାଡ଼ିବାକୁ ଲାଗିଲା ।

ଫେବୃୟାରୀ ତେଇଶ ତାରିଖରେ ସାମାନ୍ୟ ଉନ୍ନତି ଦେଖାଗଲା । କିନ୍ତୁ ହଠକଥା କହିବାକୁ ଗଲେ, ତାକୁ ଉନ୍ନତି ବୋଲି କହି

ହେବ ନାହିଁ । ପୂର୍ବ ପରି ସମୁଦ୍ର ଫୁଲି ଉଠିବାକୁ ଲାଗିଲା । ମେଘ ତା'ର ଭୟଙ୍କର ରଙ୍ଗୀନ ଆଖି ମିଟିମିଟି କରିବାକୁ ଲାଗିଲା । ପବନ ବି ପୂର୍ବ ପରି ପ୍ରାୟ ଉନ୍ମାଦ ଅବସ୍ଥାରେ ରହିଲା । ମେଘଟା ଖାଲି ଟିକିଏ କମିଗଲା ।

ଏହି ତିନି ଦିନ କାଳ ଭୁସୁକୁଏଙ୍କ ଓ ଡେଭିସ ମୁହୂର୍ତ୍ତିକ ପାଇଁ ଗୁହାରୁ ବାହାରି ପାରିଲେ ନାହିଁ । ଫେବୃୟାରୀ ତେଇଶ ତାରିଖ ଦିନ ଭୋର ହେଲେ ପାଗଟା ବାହାରେ କିପରି ଅଛି ଦେଖିବା ପାଇଁ ଦୁହେଁ ଗୁହାରୁ ପଦାକୁ ଚାଲି ଆସିଲେ । କିଛି ଦୂର ଆସିବା ପରେ ହଠାତ୍ ମାଟିରେ ଦରପୋତା ହୋଇ ରହିଥିବା ଗୋଟାଏ ଜିନିଷକୁ ଝୁଣ୍ଟି ପଡ଼ି ଡେଭିସ ତଳେ ପଡ଼ିଗଲେ । ଉଠିପଡ଼ି ସେ ଦେଖିଲା, ଗୋଟାଏ ଧାତୁର ବାକ୍ସ । ବାକ୍ସଟି ଉପରେ ସେଞ୍ଚୁରର ନାମ ଖୋଦିତ ହୋଇଥିଲା । ବାକ୍ସଟି ଗୋଳା ବାରୁଦରେ ପୂରି ରହିଥିଲା ।

ତାକୁ ଦେଖି ଡେଭିସ କହିଲା—ଆମକୁ ଏଗୁଡ଼ିକର ସଦ୍-ବ୍ୟବହାର କରିବାକୁ ହେବ । ଯଦି ଥରେ ଏହାର ସାହାଯ୍ୟରେ ଦସ୍ୟୁ-ଜାହାଜରେ ବିସ୍ଫୋରଣ ଘଟାଇ ହୁଅନ୍ତା, ତାହାହେଲେ··· ।

ଭୁସୁକୁଏଙ୍କ କହିଲା—ସେ କଥା ଭାବି କିଛି ଲାଭ ନାହିଁ । ଫେରିବା ବେଳେ ଏଟାକୁ ଗୁହାକୁ ନେଇଯିବା ।

ସେମାନେ ବୁଲିଲେ ବୁଲିଲେ ଆଗକୁ ଯିବାକୁ ଲାଗିଲେ । କିଛି ଦୂର ଅଗ୍ରସର ହୋଇ ସେମାନେ ଫେରି ଆସିବାକୁ ଉପକ୍ରମ କରୁଛନ୍ତି, ଭୁସୁକୁଏଙ୍କ ହଠାତ୍ କ'ଣ ଗୋଟାଏ ଦେଖିପାରି ଚିତ୍କାର କଲା— ସେଟା କ'ଣ ?

ଦୂରରେ କଳା କଳା ଗୋଟାଏ କ'ଣ ଦିଶୁଥିଲା । ଉଭୟେ ତା ପାଖକୁ ଦୌଡ଼ିଗଲେ । ଦେଖିଲେ, ଗୋଟାଏ କମାଣ । ତା' ଉପରେ ସେଣ୍ଟୁପିର ନାମ ଖୋଦିତ ହୋଇଛି ।

ଭାସ୍କୁଏଜ କହିଲା—ଏଃ ! ତୁମର ସମ୍ପତ୍ତି ଡେଭିସ !

ଡେଭିସ୍ ଜବାବ ଦେଲା—ହଁ, ଏହି କମାଣ ଫୁଟାଇ ଆମେ ସଙ୍କେତ ଦେଉଥିଲୁ । ଏଠା କ'ଣ ଆମର କିଛି କାମରେ ଆସିବ ?

ଭାସ୍କୁଏଜ କହିଲା--କିଏ ଜାଣେ । ତଥାପି କିଛି ଗୋଳା ବାରୁଦ ଯେତେବେଳେ ମିଳିଛି, କମାଣଟାକୁ ବି କାମରେ ଲଗାଇବା ପାଇଁ ନିଶ୍ଚୟ ସୁଯୋଗ ମିଳିବ ।

---କିନ୍ତୁ ମୋର ତ ସେମିତି ମନେ ହେଉ ନାହିଁ ।

—କାହିଁକି ? ଆଉ କିଛି ନ ହେଉ ପଛକେ, ରାତି ବେଳେ କମାଣ ଦାଗି ବିପନ୍ନ ଜାହାଜକୁ ତ ସତର୍କ କରି ଦିଆଯାଇ ପାରିବ ।

କିନ୍ତୁ ଡେଭିସର ମନରେ ଗୋଟାଏ ବିପରୀତ ଭାବନା ଆନ୍ଦୋଳିତ ହେଉଥିଲା । ସେଥିପାଇଁ ସେ ତାକୁ ପଚାରିଲା---ଏଇଟା କ'ଣ ଖାଲି ତୁମର ଇଚ୍ଛା ?

ଭାସ୍କୁଏଜ କହିଲା—ହଁ, ଡେଭିସ ମୋର ଏହି ଇଚ୍ଛାଟା ତ ଖରାପ ବୋଲି ମନେ ହେଉ ନାହିଁ । ଅବଶ୍ୟ କମାଣର ଆବାଜ ଶୁଣିଲେ ଦସ୍ୟୁଗୁଡାକ ନିଶ୍ଚୟ ଆମକୁ ଖୋଜିବାକୁ ଲାଗିବେ । ସେମାନଙ୍କ ହାତରେ ବି ଆମର ମୃତ୍ୟୁ ହୋଇପାରେ । ତଥାପି ଆମେ ଆମ କର୍ତ୍ତବ୍ୟ ପାଳନ କରିବା ।

ଡେଭିସ କହିଲା ମୋର ମନେ ହେଉଛି, କର୍ତ୍ତବ୍ୟ ସମ୍ପାଦନର ଆଉ ଗୋଟିଏ ବାଟ ଅଛି । ମାତ୍ର ବାଟଟା କଣ, ସେ ତାହା ଖୋଲି କରି କହିଲା ନାହିଁ ।

ଆଉ କିଛି କଥାବାର୍ତ୍ତା ନ ହୋଇ, କମାଣଟିକୁ ଗୁହା ଆଡ଼କୁ ନେଇଯିବା ଲାଗି ଦୁହେଁ ଖୁବ୍ ଚେଷ୍ଟା କଲେ । କଠିନ କାମ ହେଲେ ସୁଦ୍ଧା ଅନେକ ବେଳ ଯାଏ ପରିଶ୍ରମ କରି ସେମାନେ ସେଠାକୁ ବୋହିନେଇ ଯାଇ ପାରିଲେ । ଅବଶେଷରେ ଗୋଳା-ବାରୁଦର ବାକ୍ସଟି ବି ସେମାନେ ଗୁହାକୁ ନେଇଗଲେ । ଏଥି କାମରେ ଅନେକ ସମୟ କଟିଗଲା । ସେମାନେ ପରିଶ୍ରମରେ ଝାଳନାଳ ହୋଇଗଲେ । ଟିକିଏ ଥକା ମାରି ସେମାନେ ଖାଇବାକୁ ବସିଲା ବେଳକୁ ଦପହର ହୋଇ ଗଲାଣି ।

ସେମାନେ ଖାଇ ବସିଛନ୍ତି କି ନାହିଁ, ସାରସାନ୍ତେ ଓ ଭାର୍ଗାସ ପାଣିପାଗର ଅବସ୍ଥା ଲକ୍ଷ୍ୟ କରିବାପାଇଁ ସେଠାରୁ ମୁଣ୍ଡିଆ ପାଖକୁ ଆସିଲେ । ଆକାଶ ଓ ସମୁଦ୍ର ଆଡ଼କୁ ଭଲ ଭାବରେ ଚାହିଁ ସେମାନେ ବୁଝି ପାରିଲେ ଯେ ସାରସାନ୍ତେ ଜାହାଜର ନଙ୍ଗର ଉଠାଇବା ସେତେବେଳେ ବିପଦଜନକ । ସେମାନେ ମଧ୍ୟ ଘଣ୍ଟାଏ ପରେ ଫେରିଗଲେ ।

ଭାଏକୁଏଜ କହିଲା—ସେମାନେ ଫେରି ଗଲେଣି । କିଛିଦିନ ପରେ ଯଦି ସେମାନେ ପୁଣି ପାଣିପାଗର ହାଲଚାଲ ଜାଣିବାକୁ ଏଠାକୁ ଆସନ୍ତି; ମୁଁ ସେମାନଙ୍କୁ ତାହାହେଲେ ସଲୋମନଙ୍କ ରତ୍ନଖଣି ଦାନ କରିଦେବି ।

କିନ୍ତୁ ଡେଭିସ ଜୋରରେ ମଥା ହଲାଇଲା । ତାର ଖାଲି ମନେ ହେଉଥିଲା ଯେ ଦିନ ଦୁଇଟା ଭିତରେ ଝଡ଼ କମିଯିବ ।

ସମୁଦ୍ର ପୂର୍ବପୁରି ଶାନ୍ତ ନ ହେଉ ପଛକେ, ତାକୁ ଜଣା ଯାଉଥିଲା ଯେ ଯାତ୍ରା ପାଇଁ ତାହା ଉପଯୁକ୍ତ ହୋଇ ଉଠିବ ।

ସନ୍ଧ୍ୟା ପରେ ଗୁହାକୁ ଫେରିଆସି ସାମାନ୍ୟ କିଛି ବିସ୍କୁଟ ଗିଳି ପକାଇ ସେମାନେ କ୍ଷୁଧା ନିବାରଣ କଲେ । ତାପରେ ଭାସକୁଏଜ ଶୋଇବା ପାଇଁ ବ୍ୟବସ୍ଥା କରିବାକୁ ଲାଗିଲା ।

ହଠାତ ଡେଭିସ ତାକୁ କହିଲା—ଶୋଇବା ଆଗରୁ ମୋର ଗୋଟାଏ ପ୍ରସ୍ତାବ ଶୁଣ ।

ଭାସକୁଏଜ କହିଲା—କୁହ, କ'ଣ କହିବାକୁ ଚାହଁ ।

ଡେଭିସ କହିଲା—ତୁମେ ମୋ ଜୀବନ ରକ୍ଷିଛ ; ତେଣୁ ତୁମେ ଯାହା ଅନୁମୋଦନ ନ କରିବ; ମୁଁ ତାହା କଦାପି କରିବି ନାହିଁ । ମୁଁ ଗୋଟାଏ ଉପାୟ ଚିନ୍ତା କରୁଛି । ବିବେଚନା କରି ଦେଖି ସେ ବିଷୟରେ ତୁମର ମତ କଣ ଜଣାଅ । ମାତ୍ର ଏହା ଭାବନାହିଁ ଯେ ତୁମର ଅମତରେ ମୁଁ କ୍ଷୁଣ୍ଣ ହେବ ।

ଭାସକୁଏଜ କହିଲା—ତୁମର ଏ ଭୂମିକା ରଖ । କଣ କହିବାକୁ ଚାହୁଁଛ, ଖୋଲି କରି କୁହ ।

ଡେଭିସ ପୁଣି କହିଲା—ପାଣିପାଗ ତ ଶୀଘ୍ର ବଦଳି ଯାଉଛି । ଝଡ଼ ବନ୍ଦ ହୋଇଯିବ ଏବଂ ସମୁଦ୍ର ବି ଶାନ୍ତ ହୋଇଯିବ । ମନେ ଅଛି ତ, ଦିନ ଦୁଇଟା ଭିତରେ ଦସ୍ୟୁଗୁଡ଼ାକ ସମୁଦ୍ର ଯାତ୍ରା ପାଇଁ ନଙ୍ଗର ପଠାଇବେ ।

ଭାସକୁଏଜ କ୍ଷୁବ୍ଧ କଣ୍ଠରେ କହିଲା—ସେୟା ତ ମନେ ହେଉଛି । କିନ୍ତୁ ଆମେ ନିରୁପାୟ ।

ଡେଭିସ କହିଲା—ହଁ, ଆଉ ଦିନ ଦୁଇଟା ଭିତରେ ସ୍କୁନାରଟି ଯାଇ ବାହାର ସମୁଦ୍ରରେ ପଡ଼ିବ । ଆଉ ତାପରେ ଦ୍ରୁତ ବେଗରେ ପଶ୍ଚିମ ଦିଗକୁ ଅଦୃଶ୍ୟ ହୋଇଯିବ । ତାର ଚିହ୍ନ ବର୍ତ୍ତ୍ତି ବି ଆଉ କେବେହେଲେ ଦେଖିବାକୁ ମିଳିବ ନାହିଁ । ତାହାହେଲେ ତୁମର ଓ ମୋର ସଙ୍ଗୀମାନଙ୍କ ମୃତ୍ୟୁର ଓ ସେଞ୍ଚୁରୀର ଏହି ଦୁର୍ଦ୍ଦଶାର କୌଣସି ପ୍ରତିଶୋଧ ନେଇ ହେବ ନାହିଁ ।

ତାପରେ ସେ କହିବାକୁ ଲାଗିଲା—ଆମ ଆଗରେ ଗୋଟାଏ ମାତ୍ର ବାଟ ଖୋଲିଅଛି । ଦସ୍ୟୁମାନଙ୍କର ଦ୍ୱୀପରୁ ପ୍ରସ୍ଥାନରେ ବାଧା ଦେବାର ଏକ ମାତ୍ର ଉପାୟ ହେଲା ସ୍କୁନାରଟିକୁ କୌଣସି ପ୍ରକାରେ ଭାଙ୍ଗିଚୁରି ଖଣ୍ଡ ଖଣ୍ଡ କରିଦେବା । ତାହା ସମ୍ଭବ ନ ହେଲେ ନିହାତି ପକ୍ଷେ ତାର ଏମିତି ଭାବରେ କାଞ୍ଛି କ୍ଷତି କରିବା ଦରକାର; ଯେଉଁଥିଯୋଗୁଁ ସେମାନଙ୍କର ପ୍ରସ୍ଥାନ ଶାନ୍ତା-ଦିଦ୍ଧ ଆଗମନ ଯାଏ ବିଳମ୍ବ ହୋଇଯିବ ।

ଏହା କହିସାରି ଟିକିଏ ରହିଯାଇ ସେ ପୁଣି କହିଲା—ଆମର କମାଣ ଅଛି, ଗୋଳା ବାରୁଦ ଅଛି । ଏହି କମାଣ ଓ ଗୋଳାବାରୁଦ କଣ ବୃଥା ଯିବ ? କମାଣଟାକୁ ସେହି ମୁଣ୍ଡିଆ ଉପରକୁ ଯେ କୌଣସି ପ୍ରକାରେ ନେଇଯାଇ ସେଥିରେ ବାରୁଦ ଭର୍ତ୍ତିକରି ରଖି-ବାକୁ ହେବ । ତାପରେ ଯେତେବେଳେ ଦସ୍ୟୁ-ଜାହାଜଟା ମୁଣ୍ଡିଆ ପାଖ ଦେଇ ଯିବ, ତାକୁ ଲକ୍ଷ୍ୟକରି କମାଣ ଦାଗିବା । ହୁଏତ ଜାହାଜଟା ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହେବ ନାହିଁ ସତ, କିନ୍ତୁ ଦୀର୍ଘ ଯାତ୍ରାରେ ରତ ହେବା ଭଳି ଅବସ୍ଥା କି ନିଶ୍ଚୟ ତାର ଆଉ ରହିବ ନାହିଁ । ପୁଣି ତାକୁ ମରାମତି କରି ନ ପାରିଲେ, ସେମାନେ ଫେରେ ଯାତ୍ରା କରି ପାରିବେ ନାହିଁ । ପୁଣି ତାଙ୍କୁ ଏହି ଦ୍ୱୀପରେ ନଙ୍ଗର

ପକାଇବାକୁ ହେବ, ମାଲପତ୍ର ସବୁ ଓହ୍ଲାଇବାକୁ ପଡ଼ିବ ଏବଂ ତା ପରେ ମରାମତି କରିବାକୁ ହେବ । ନିହାତି କମରେ ବି ଦୁଇଟା ସପ୍ତାହ ଏଥିରେ କଟିଯିବ । ଇତି ମଧ୍ୟରେ ଶାନ୍ତା-ଫି ଜାହାଜ ଆସି ଷ୍ଟେନ ଦ୍ୱୀପରେ ନଙ୍ଗର ପକାଇବ ।

ଡେଭିସ ରହିଯିବାରୁ, ଭ୍ରସକୁଏଜ ତାର ଗୋଟିଏ ହାତ ନିଜ ହାତରେ ଧରି ପକାଇଲା ଏବଂ ତାପରେ ଥରେ ତା ହାତକୁ ଜୋରରେ ଚିପି ଦେଲା ।

ଦାନ୍ତରେ ଦାନ୍ତ ଚାମୁଡ଼ି ଭ୍ରସକୁଏଜ କଠିନ ସ୍ୱରରେ କହିଲା, ଯେ କୌଣସି ପ୍ରକାରେ ହେଉ ପଛକେ, ଆମକୁ ତାହା କରିବାକୁ ହେବ ।

ସେତେବେଳେ ବାହାରେ ପବନ ସଁ ସଁ ଗର୍ଜନ କରୁଥାଏ । ଗର୍ଜନ କରି ତରଙ୍ଗ ସବୁ ଆସି ସମୁଦ୍ର କୂଳରେ ପିଟି ହେଉ ଥାନ୍ତି ।

# ବାର

**ଫେ**ବୃୟାରୀ ପଚିଶ ତାରିଖ । ସକାଳେ ହେଉ ନ ହେଉଣୁ ପାଗଟା ଟିକିଏ ଶାନ୍ତ ହୋଇଗଲା । କଙ୍ଗ୍ରୀ ସେହି ଦିନ ଯାତ୍ରା କରିବ ବୋଲି ସ୍ଥିର କଲା । ଦିପହରେ ଲଙ୍ଗର ଉଠା ହେବ । ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା ହେବାକୁ ଲାଗିଲା । ସନ୍ଧ୍ୟା ଛଅଟା ବେଳକୁ ଜୁଆର ଆସିବ । ଜୁଆର ବେଳେ ଯାତ୍ରା କରିବା ଅବଶ୍ୟ ସୁବିଧାଜନକ ।

ସକାଳ ବେଳେ ଭଙ୍ଗ୍ରୀ ଜାହାଜ ଛାଡ଼ି ଦେଇଥାନ୍ତା କିନ୍ତୁ ଘନ କୁହୁଡ଼ି ଯୋଗୁଁ ତାର ସେହି ଆଶା ସଫଳ ହେଲା ନାହିଁ । ଜାହାଜରେ ଏତେ ମାଲପତ୍ର ବୋଝାଇ ହୋଇଥିଲା ଯେ ଜାହାଜଟି ସାଧାରଣ ଅବସ୍ଥାରେ ପାଣିରେ ଯେତେ ବୁଡ଼ି ରହିବାର କଥା, ତାହା ଠାରୁ କେତେ ଇଞ୍ଚ ବେଶୀ ବୁଡ଼ି ଯାଇଥିଲା ।

ଦ'ପହରେ ବଡ଼ଘର ଅଞ୍ଚଳରେ ବୁଲିଁ ବୁଲିଁ ସାରସାନ୍ତେ କଙ୍ଗ୍ରୀଙ୍କୁ କହିଲା—କୁହୁଡ଼ି ଧୀରେ ଧୀରେ ଛାଡ଼ି ଯାଉଛି । ଟିକିଏ ପରେ ସମୁଦ୍ର ପରିଷ୍କାର ହୋଇଯିବ । ଏହି ଭଳି କୁହୁଡ଼ି ଥିଲେ ପବନ ସାଧାରଣତଃ ଶାନ୍ତ ଥାଏ ଏବଂ ଜୁଆର ବି ଟିକିଏ ଶୀଘ୍ର ଆରମ୍ଭ ହୋଇଯାଏ ।

କଙ୍ଗ୍ରୀ ଉତ୍‌ଫୁଲ୍ଲ କଣ୍ଠରେ ପଚାରିଲା—ଏତିକି ବେଳେ କ'ଣ ଆମେ ବାହାରି ପଡ଼ିବା ? ଏବେ ବାହାରି ପଡ଼ିଲେ ଆମକୁ ଆଉ କିଏ ଅଟକାଇ ପାରିବ ?

ସାରସାନ୍ତ୍ରେ କହିଲା—ସେ କଥା ଠିକ୍ । କିନ୍ତୁ ସଭଟା ତ ଗାଢ଼ ଅନ୍ଧକାରରେ ଆବୃତ ହୋଇ ରହିଥିବ । ଆଜି ଯେ'ଟେ ପ୍ରତିପଦ ହେଲା । ତେଣୁ ଭୋର ବେଳକୁ ଯାଇ ଜହ୍ନ ଉଠିବ ।

କଙ୍ଗ୍ରୀ ପୁଣି କହିଲା—ସାରଯାନ୍ତ୍ରେ, ସେଥିରେ କିଛି ଯାଏ ଆସେ ନାହିଁ । ମୁଁ ଜହ୍ନ କି ତାଙ୍କୁ ଭଲେ ହେଲେ ଖାତିର କରେ ନାହିଁ । ଏ ଅଞ୍ଚଳଟା ତ ମୋ ନଖ ଅଗରେ ଜଳ ଜଳ ହୋଇ ରହିଛି ।

—କାଲି ଭିତରେ ଅମକୁ ଅନେକ ଦୂର ଯାତ୍ରା କରିବାକୁ ପଡ଼ିବ ।

---କାଲି ଆମେ ସେଣ୍ଟ ବାର୍ଥୋଲେମିଉକୁ ପଛକୁ ପକାଇ ଦେଇ ଦୂର ସମୁଦ୍ରରେ ଯାଇ ପଡ଼ିବା । ମୋର ଆଶା ହେଉଛି, ସନ୍ଧ୍ୟା ବେଳକୁ ଆମେ ପ୍ରାୟ କୋଡ଼ିଏ ମାଇଲ ଆଗେଇ ଯାଇ ପାରିଥିବା ।

--କିନ୍ତୁ ଏଠାରେ ଅନେକ ବିଳମ୍ବ ହୋଇଗଲା ।

--ସେଥିପାଇଁ କ'ଣ ତୁମର ଅବଶୋଷ ହେଉଛି ?

—ଅବଶୋଷ କାହିଁକି ହେବ ? ଏଠାରେ ଆମର ଯଥେଷ୍ଟ ଲାଭ ହୋଇଛି । ଆଚ୍ଛା, ସେହି ତୃତୀୟ ଆଲୋକ-ରଶ୍ମିଟି ଯେ କୁଆଡେ ଅନ୍ତର୍ଦ୍ଧାନ ହୋଇଗଲା, ଆଉ ତାର କୌଣସି ପତ୍ତା ମିଳିଲା ନାହିଁ !

ଏହି ଦୁଇ ମାସ ଭିତରେ ବଟର୍ ଖାଇବାକୁ ନ ପାଇ ନିଶ୍ଚୟ ଜୀବନ ସାଙ୍ଗ କରିବଣି ।

—ଶାନ୍ତା-ମି ଜାହାଜ ଆସିବା ଆଗରୁ ଯେ ଆମେ ବାହାରି ଯାଇ ପାରୁଛୁ, ଏହା ଆମର ଏକ ବଡ଼ ସୌଭାଗ୍ୟ ।

ସାରସାହେବ ଜବାବ ଦେଲ—ବନ୍ଦରର କାଗଜପତ୍ର ଅନୁସାରେ, ଆଉ ସପ୍ତାହକ ଭିତରେ ତାର ଏଠାରେ ଆସି ହାଜର ହୋଇଯିବା କଥା ।

କଙ୍ଗ୍ରୀ ଜବାବ ଦେଲ—ଆଉ ସପ୍ତାହକ ଭିତରେ ଆମେ ଏଠାରୁ ଢେର ଦୂରକୁ ଚାଲି ଯାଇଥିବା ।

—ଯାହା କହିଲ, ଦୋସ୍ତ ଖାସା କଥାଟାଏ ଏକା । ଶେଷଥର ପାଇଁ ଥରେ ଲଣ୍ଠନ-ଘରୁ ଯାଇ ସମୁଦ୍ର ଅବସ୍ଥାଟା ଦେଖି ନେଉଛି । ଯଦି କୌଣସି ଜାହାଜ ଆଖିରେ ପଡେ ।

କାନ୍ଧ ହଲାଇ କଙ୍ଗ୍ରୀ କହିଲ—ଯଦି ଆଖିରେ ପଡ଼େ, ତାହାହେଲେ ଆମର କିଛି ଆସିବ ନାହିଁ କି ଯିବ ନାହିଁ । ସାରସାହେବ ଜାହାଜର ସବୁ କାଗଜପତ୍ର ଠିକ ଅଛି । ତେଣୁ ଆମର ଡରି ଯିବାର କିଛି କଥା ନାହିଁ । ସେହି ଜାହାଜକୁ ନିର୍ଭୟରେ କଟାଇ ଦେଇ ଆମେ ଚାଲିଯାଇ ପାରିବା ।

ତାର ଫନ୍ଦିଟା ଯେ ସାଫଲ୍ୟର ଆଲୋକରେ ଉଦ୍‌ଭାସିତ ହୋଇ ଉଠିବ, ସେଥିରେ କଙ୍ଗ୍ରୀର ତିଳେମାତ୍ର ସନ୍ଦେହ ନାହିଁ । ପ୍ରକୃତରେ ସେତେବେଳେ ଯାଏ ସବୁ କିଛି ତାକୁ ସୌଭାଗ୍ୟସୂଚକ ବୋଲି ବୋଧ ହେଉଥିଲା ।

ସାରସାନ୍ତ୍ରେ ଆଲୋକ-ସ୍ତମ୍ଭର ଲଣ୍ଠନ-ଘରେ ଯାଇଁ ହାଜର ହେଲା । ସେ ଭଲ କରି ଚାରିଆଡ଼କୁ ଦୃଷ୍ଟି ନିକ୍ଷେପ କଲା । ସେଠାରେ ସେ ଘଣ୍ଟାଏ ଯାଏ ରହିଲା ।

ଇତି ମଧ୍ୟରେ କୁହୁଡ଼ି ଅପସରି ଗଲା । ଯେଉଁଠି ନିର୍ମଳ ଆକାଶ ଆସି ସୁନୀଳ ସମୁଦ୍ରରେ ମିଶିଛି, ସାରସାନ୍ତ୍ରେ ସେହି ଅନାବିଳ ଦିକ-ଚକ୍ରବାଳ ଆଡ଼କୁ କେତେଥର ଚାହିଁଲା । ଯଦିଓ ସେତେବେଳେ ସମୁଦ୍ର ଶିଶୁ ପରି ନୃତ୍ୟ-ଚଞ୍ଚଳ ଥିଲା, ତଥାପି ଭୟର କୌଣସି ଆଶଙ୍କା ନ ଥିଲା । ସମୁଦ୍ରର ଦୂର ସୀମାନ୍ତରେ ସାରସାନ୍ତ୍ରେ ଗୋଟିଏ ଜାହାଜ ଦେଖି ପାରିଲା । ସେତେବେଳକୁ ଦୁଇଟା ବାଜିଲାଣି । ଜାହାଜଟି ଖାଲି ଆଖିରେ ଦେଖା ଯାଉଥିଲା । ପ୍ରଶାନ୍ତ ମହାସାଗର ଅଭିମୁଖରେ ଜାହାଜଟି ଧାଇଁ ଚାଲିଥିଲା । କ୍ରମେ କ୍ରମେ ସେଟା ଦୃଷ୍ଟିର ଅନ୍ତରାଳକୁ ଚାଲିଗଲା ।

କିନ୍ତୁ ପ୍ରାୟ ଘଣ୍ଟାଏ ପରେ ଉତ୍ତର-ପୂର୍ବ ଦିଗରେ କ'ଣ ଗୋଟାଏ ଦେଖି ସେ ଉଦ୍‌ବିଗ୍ନ ହୋଇ ପଡ଼ିଲା । ଅନେକ ଦୂରରେ ସେ ଗୋଟାଏ ଷ୍ଟିମାରର କଳା ଧୂଆଁ ଦେଖିବାକୁ ପାଇଲା । ଜଣା-ଗଲା, ଷ୍ଟିମାରଟି ଯେମିତି ଷ୍ଟାଟେନ ଦ୍ୱୀପ ଆଡ଼େ ଆସୁଛି । ସାରସାନ୍ତ୍ରେ ଟିକିଏ ଅସ୍ୱସ୍ତି ବୋଧକଲା । ଶାନ୍ତା କି ନୁହେଁ ତ ? ନା, ତାହା ବା କିପରି ହେବ ? ଆଜି ଫେବୃୟାରୀ ପଚିଶ ତାରିଖ ମାତ୍ର । ଶାନ୍ତା-ଫିର ଆସିବାର କଥା ତ ସେହି ମାର୍ଚ୍ଚର ପ୍ରଥମ ସପ୍ତାହରେ । ନିର୍ଦ୍ଦିଷ୍ଟ ସମୟ ଆଗରୁ କ'ଣ ସେ ତାହାହେଲେ ବାହାରି ପଡ଼ିଛି ? ଯଦି ତାହାହିଁ ହୋଇଥାଏ, ତାହାହେଲେ ତ ମହା ଭାବନାର କଥା । ଶେଷରେ କ'ଣ କୂଳକୁ ଆସି ନୌକା ଉବୁଡ଼ି ଯିବ ?

ତହୁଁ ସେ ଲଣ୍ଠନ-ଘରୁ ତଳକୁ ଅନାଇଲା । ସାରଡାନ୍ସେ ଜାହାଜଟି ନଙ୍ଗରରେ ବନ୍ଧା ହୋଇ ନିର୍ଦ୍ଦିଷ୍ଟରେ ଠିଆ ହୋଇଥିଲା । ଯାତ୍ରା କରିବା ପାଇଁ ସେ ପ୍ରସ୍ତୁତ ହୋଇ ରହିଥାଏ । ଖାଲି ନଙ୍ଗର ଉଠାଇବାକୁ ତାହାର ଯାହା ଅପେକ୍ଷା ଥାଏ । କିନ୍ତୁ ଜୁଆର ଆସିବା ଆଗରୁ ପ୍ରତିକୂଳ ପବନ ସହିତ ଲଢ଼ାଇ କରି ସେ ତ ଚାଲି ପାରିବ ନାହିଁ ।

ସାରସାନ୍ସେ ଚିନ୍ତିତ ହୋଇ ପଡ଼ିଲା । କାନ୍ତୁ ବଙ୍ଗାଳିକୁ ବିରକ୍ତ କରିବାକୁ ନ ଯାଇ ଏକାକୀ ଲଣ୍ଠନ-ଘରେ ବସି ସେହି ଆଡ଼କୁ ଅନାଇ ରହିଲା । ଜାହାଜଟି କ୍ରମେ କ୍ରମେ ଦ୍ରୁତ ବେଗରେ ଆଗେଇ ଆସୁଥିଲା । ଯେଉଁ ବେଗରେ ସେ ଆଗେଇ ଆସୁଥିଲା, ସେଥିରୁ ଜଣା ଯାଉଥିଲା ଯେ ସାଁ-ଜୁଆ ଆନ୍ତରୀପରେ ପହଞ୍ଚିବାକୁ ତାର ଆଉ ବେଶି ଡେରି ହେବ ନାହିଁ ।

ସେ ଆଉ ଦୂରବୀକ୍ଷଣ ଯନ୍ତ୍ର ଉପରୁ ତାର ଆଖି ଉଠାଇ ନେଲା ନାହିଁ । କ୍ରମେ କ୍ରମେ ଷ୍ଟିମାରଟି ଯେତେ ନିକଟରେ ହେବାକୁ ଲାଗିଲା, ତାର ଉଦ୍‌ବେଗ ସେତେ ବଢ଼ିବାକୁ ଲାଗିଲା ।

ଯେତେବେଳେ ସେ ଜାହାଜଟିକୁ ପରିଷ୍କାର ଭାବରେ ଦେଖି ପାରିଲା ସେତେବେଳେ ଯାଇଁ ତାର ଭୟ କଟିଗଲା । ଛୋଟ ଷ୍ଟିମାରଟିଏ । ସେ କୌଣସି ମତେ ଶାନ୍ତା-ଫି ହୋଇ ନ ପାରେ । ଯେତେବେଳେ ଶାନ୍ତା-ଫି ଷ୍ଟେଟସନ ଦ୍ୱୀପରେ ଥିଲା, ସେତେବେଳେ ସେ ତାକୁ ଭଲ ଭାବରେ ଦେଖିଥିଲା ।

ବର୍ତ୍ତମାନ ସେ ନିର୍ଦ୍ଦିଷ୍ଟରେ ନିଶ୍ୱାସ ଛାଡ଼ିଲା । ସେ ଆଉ ଘଣ୍ଟାଏ ଲଣ୍ଠନ-ଘରେ ରହିଲା । ସେ ଦେଖିଲା, ଜାହାଜଟି ଷ୍ଟେଟସନ ଦ୍ୱୀପର

ଉତ୍ତରରେ ତିନି ଚାରି ମାଇଲ ଦୂର ଦେଇ ଚାଲିଗଲା । ଏତେ ଦୂରକୁ ଜାହାଜଟିର ନାମ ଭଲ ଭାବରେ ବୁଝାଗଲା ନାହିଁ । କ୍ରମେ କ୍ରମେ ଜାହାଜଟି କନ୍‌ନେଠ ଅନ୍ତରୀପର ଅନ୍ତରାଳରେ ଅଦୃଶ୍ୟ ହୋଇଗଲା । ସମୁଦ୍ର ବକ୍ଷରେ ଆଉ କୌଣସି କଣ୍ଟୁର ଚିହ୍ନବର୍ଣ୍ଣ ବି ଦେଖାଗଲା ନାହିଁ । ସେଥିପାଇଁ ସାରସାନ୍ତେ ସନ୍ତୁଷ୍ଟ ଚିତ୍ତରେ ଲଣ୍ଠନ-ଘରୁ ଓହ୍ଲାଇ ଆସିଲା ।

କ୍ରମେ ଜୁଆରର ସମୟ ହୋଇ ଆସିଲା । ସାରସାନ୍ତେ ଜାହାଜର ଯାତ୍ରା ସମୟ ପାଖେଇ ଆସିଲା । ଆୟୋଜନ ସବୁ ବି ଖୁବ୍ ଭଲ ଭାବରେ ହୋଇ ଯାଇଥିଲା । ଏଥର ଖାଲି ନଙ୍ଗର ଉଠାଇବା ଯାହା ବାକି ରହିଲା ।

ଦୁଇଟା ବେଳେ କଙ୍ଗ୍ରୀ ସଦଳ ବଳେ ଜାହାଜରେ ଚଢିଲା । ଜୁଆରର ଢେଉ ଆସି କୂଳରେ ଲାଗିଲା । କଙ୍ଗ୍ରୀ ଜାହାଜ ଚଳାଇବା ପାଇଁ ପ୍ରସ୍ତୁତ ହେବାକୁ ସେମାନଙ୍କୁ ହୁକୁମ ଦେଲା । ଘଡଘଡ କରି ନଙ୍ଗର ଉଠା ହେଲା । ତା'ପରେ ପାଲ ଟେକି ଦିଆଗଲା । ପବନରେ ପାଲ ଫୁଲି ଉଠିଲା । ସାରସାନ୍ତେ ଜାହାଜ ଚଳିବାକୁ ଆରମ୍ଭ କଲା । ତା'ପରେ ସମୁଦ୍ର ଅଭିମୁଖରେ ସେ ଚାଲିବାକୁ ଲାଗିଲା । ଦକ୍ଷିଣ-ପୂର୍ବ ଦିଗରୁ ପବନ ବହୁଥିଲା । ଏହି ଅଞ୍ଚଳଟା ପ୍ରାୟ କଙ୍ଗ୍ରୀର ନଖ ଦର୍ପଣରେ ଥିଲା । ତେଣୁ ସାଢେ ଛଅଟା ବେଳେ ଦେଖାଗଲା ଯେ ସାରସାନ୍ତେ ଜାହାଜ ଅନ୍ତରୀପର ଶେଷ ବିନ୍ଦୁ ନିକଟରେ ଆସି ପ୍ରାୟ ପହଞ୍ଚି ଯାଇଥିଲା । ଜାହାଜ ଆଗରେ ଦିଗନ୍ତ ବିସ୍ତୃତ ସମୁଦ୍ର ପଡ଼ି ରହିଥିଲା । ସୂର୍ଯ୍ୟ ସେତେବେଳେ ଅସ୍ତ ଯାଉଥିଲେ ।

ଏତିକିବେଳେ ସାରସାନ୍ତେ କଙ୍ଗ୍ରୀ ପାଖକୁ ଦୌଡ଼ି ଆସି ଆନନ୍ଦରେ କହି ପକାଇଲା—ଯାହାହେଉ ଶେଷରେ ଉପସାଗରଟା ପ୍ରାୟ ଟପି ଆସିଲୁ ।

କର୍ଣ୍ଣୀ କହିଲା—ହଁ, ଆଉ କୋଡ଼ିଏ ମିନିଟ ଭିତରେ ସାଁ-ଜୁଅ ଅନ୍ତରୀପ ଆମ ପଛରେ ପଡ଼ି ରହିବ ।

ଏହି ସମୟରେ ଜଣେ ଖଲାସି ଧାଇଁ ଆସି କହିଲା—ସାମନାକୁ ଅନାଇଁ ଦେଖନ୍ତୁ ତ, ଓସ୍ତାଦ୍ ।

କର୍ଣ୍ଣୀ ପଚାରିଲା—କଥା କ'ଣ ?

ସାରସାନ୍ତେ ଲୋକଟି ପାଖକୁ ଦୌଡ଼ିଗଲା ଏବଂ ରେଲିଂ ଧରି ଜଳ ଆଡ଼କୁ ଝୁଙ୍କି ପଡ଼ିଲା । ସେତେବେଳେ ଜାହାଜ ଦସ୍ୟୁ-ଗୁହା ନିକଟରେ ଯାଉଥିଲା । ସାରସାନ୍ତେ ଦେଖି ପାରିଲା ସେ ବାମକୁ ଜାହାଜ ମଉଳର ଅନେକ ଗୁଡ଼ିଏ ଭଙ୍ଗା ଅଂଶ ସମୁଦ୍ର ଜଳରେ ଭାସୁଛି । ସେ ବୁଝି ପାରିଲା, ସେ ଗୁଡ଼ାକ ସହିତ ସଂଘର୍ଷ ଘଟିଲେ ଜାହାଜର ଯଥେଷ୍ଟ କ୍ଷତି ହେବାର ସମ୍ଭାବନା ଅଛି । କିନ୍ତୁ ସେତେ-ବେଳେ ସେହି ଭାସମାନ ଜିନିଷ ଗୁଡ଼ାକୁ ଘୁଞ୍ଚାଇ ଦେବା ପାଇଁ ଆଉ ସମୟ ନ ଥିଲା । ତତ୍କ୍ଷଣାତ୍ ସେ କର୍ଣ୍ଣୀକୁ ଡାକି ସେ ସବୁ ଦେଖାଇ ଦେଲା ।

ସଙ୍ଗେ ସଙ୍ଗେ କର୍ଣ୍ଣୀ ଜାହାଜଟାକୁ ଏକବାରେ କୂଳ ପାଖକୁ ନେଇଗଲା । ଭଙ୍ଗାଭଙ୍ଗି ଲୁହା, କାଠ ପଟା ଇତ୍ୟାଦି ଜାହାଜର ପାଖ ଦେଇ ଭାସି ଭାସି ଚାଲିଗଲା । ତା'ପରେ ସାରସାନ୍ତକୁ ପୁଣି ସମୁଦ୍ର ମଝିକୁ ନେଇଗଲା । ଆଉ ପଚାଶ ଗଜ ଚାଲିଗଲେ ଅନ୍ତରୀପର ପାହାଡ଼ର କୋଣଟା ଟପି ଜାହାଜ ଆଗକୁ ଚାଲିଯିବ ।

ଠିକ ଏତିକି ବେଳେ ପବନରେ ଗୋଟାଏ ସାଁ-ସାଁ ଶବ୍ଦ ଶୁଣା-ଗଲା । ସଙ୍ଗେ ସଙ୍ଗେ ଗୋଟାଏ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣି ଦସ୍ୟୁ-ମାନେ ଚମକି ପଡ଼ିଲେ । କ'ଣ ଗୋଟାଏ ପ୍ରଚଣ୍ଡ ଆଘାତରେ

ଜାହାଜଟା କମ୍ପି ଉଠିଲା । ଦେଖାଗଲା, କୂଳରେ ଗୋଟାଏ ସ୍ଥାନରୁ ଧୂଆଁ ଉଠୁଛି ।

କଙ୍ଗ୍ରୀ ଚିତ୍କାର କରି କହିଲା—ସାରସାନ୍ତେ ଏ କି ବ୍ୟାପାର ?

ଯେଉଁଠି ଗୋଳା ପଡ଼ିଥିଲା, କଙ୍ଗ୍ରୀ ତୁରନ୍ତ ସେଠାକୁ ଦୌଡ଼ିଗଲା । ଜଳରେଖାଠାରୁ ଦୁଇ ଫୁଟ ଉପରକୁ ଜାହାଜର ଦେହ ବିଦୀର୍ଣ୍ଣ ହୋଇ ଗୋଟାଏ ଫାଟ ହୋଇ ଯାଇଥିଲା ।

ସାରସାନ୍ତ ଜାହାଜ ଉପସାଗର ଛାଡ଼ିବାକୁ ବସିଛି, ଠିକ ସେତକବେଳକୁ ଦ୍ୱୀପ ଆଡୁ ଗୋଟାଏ ଗୋଳା ଆସି ତା ଉପରେ ପଡ଼ିଲା । ଆଉ ଟିକିଏ ତଳେ ଆସି ପଡ଼ିଥିଲେ ସର୍ବନାଶ ହୋଇଥାନ୍ତା ।

କଙ୍ଗ୍ରୀ ଏକ୍ଷଣି କଣ କରିବ, ତାକୁ କିଛି ବୁଦ୍ଧି ବାଟ ଦିଶିଲା ନାହିଁ । ଡିଙ୍ଗିରେ ଯାଇ ଦ୍ୱୀପରେ ଓହ୍ଲାଇ ସେହି ବଦମାସ ଗୁଡ଼ାକୁ ସେ ଉଚିତ ଶିକ୍ଷା ଦେଇ ଦିଅନ୍ତା । କିନ୍ତୁ ସେମାନଙ୍କର ସଂଖ୍ୟା ଯଦି ଢେର୍ ବେଶି ହୋଇଥାଏ । ତା ଅପେକ୍ଷା କମାଣର ପରିସୀମା ବାହାରକୁ ଯାଇ ଜାହାଜଟିକୁ ମରାମତି କରିବା ପାଇଁ ଚେଷ୍ଟା କଲେ ବରଂ ଭଲ ହେବ ।

ଆଉ ଥରେ କମାଣ ଗର୍ଜନର ଶବ୍ଦରେ କଙ୍ଗ୍ରୀର ଭାବନା ଚୁରମାର ହୋଇଗଲା । ମ୍ୟୁନାରଟି ପୁଣି ଥରଥର ହୋଇ କମ୍ପି ଉଠିଲା । ଏଥର ଗୋଳାଟା ଆଗ ଗୋଳା ଠାରୁ କେତେ ଇଞ୍ଚ ତଳେ ଆସି ପଡ଼ିଲା ।

କଙ୍ଗ୍ରୀ ତତ୍କ୍ଷଣାତ୍ ଜାହାଜଟିକୁ କମାଣର ପରିସୀମା ବାହାରକୁ ନେଇଯିବା ପାଇଁ ପ୍ରାଣପଣେ ଯତ୍ନ କରିବାକୁ ଲାଗିଲା । ତାର ମନେ ହେଲା, କୌଣସି ପ୍ରକାରେ ଥରେ ଉପସାଗର ମୁହଁରୁ

ବାହାର ଗୃଲ୍‌ଯାଇ ପାରିଲେ ଆଉ କୌଣସି ଭୟ ରହିବ ନାହିଁ ।

ଦୈବ୍ୟ ଯୋଗକୁ ଆଉ କୌଣସି ଆବାଜ ଶୁଣାଗଲା ନାହିଁ । ଟିକିଏ ପରେ ସେମାନେ ଦ୍ୱୀପର ଶେଷ ପାହାଡ଼ଟି ପାରି ଗୃଲିଗଲେ । କଙ୍ଗ୍ରୀ ଭାବିଲା, ଏକ୍ଷଣି ଆଉ କିଛି ଭୟ ନାହିଁ । ଜାହାଜ ଏକ୍ଷଣି ପାହାଡ଼ର ଆଡୁଆଳରେ ଆସି ପହଞ୍ଚି ଗଲାଣି ।

କ୍ଷତର ପରିମାଣ କେତେ ହେଲା, ଏକ୍ଷଣି ତାହା ପରୀକ୍ଷା କରି ଦେଖିବା ଦରକାର । କିନ୍ତୁ ମାଲ୍‌ପତ୍ର ସବୁ ଓହ୍ଲାଇ ନ ଦେଲେ, ଜାହାଜର ଭିତର ପଟୁ ତାହା ବୁଝିବାର ଉପାୟ ନ ଥିଲା । ଗୋଟାଏ ଡଙ୍ଗି ଜାହାଜରୁ ତଳକୁ ଓହ୍ଲାଇ ଦିଆଗଲା । କଙ୍ଗ୍ରୀ ଓ ଭାର୍ଗସ ଡଙ୍ଗିରେ ଚଢି ଗୃରିପଟେ ବୁଲି କ୍ଷତର ପରିମାଣ ଦେଖିବାକୁ ଲାଗିଲେ ।

ସେମିତ କିଛି ଗୁରୁତର କ୍ଷତ ହୋଇ ନ ଥିଲା । କିନ୍ତୁ ଯାହା ହୋଇଥିଲା, ସେଥିରେ ସମୁଦ୍ରରେ ଯାତ୍ରା କରିବା ଆଉ ସମ୍ଭବ ନୁହେଁ । ଠିକ ଜଳରେଖା ପାଖରେ ଗୋଟାଏ ଗାତ ହୋଇ ଯାଇଥିଲା । ଯଦି ତାର ଭିତର ଦେଇ କୌଣସି ପ୍ରକାରେ ଥରେ ପାଣି ପଶେ, ତାହାହେଲେ ଆଉ ରକ୍ଷା ନାହିଁ । ଏକବାର ଅତଳ ସମାଧି । ଯାତ୍ରା ପୂର୍ବରୁ ଯେ କୌଣସି ମତେ ତାକୁ ମରାମତ କରି ନେବାକୁ ହେବ ।

ଦାନ୍ତ କଡ଼ମଡ କରି ସାରସାଜେନ୍ତ କହିଲା—କିନ୍ତୁ ସେହି କୁକୁର ଗୁଡ଼ାକ କାହାନ୍ତି ? ଯଦି ଥରେ ସେମାନଙ୍କୁ ହାତ ପାଖରେ ପାଆନ୍ତି, ତାହାହେଲେ ସେମାନଙ୍କ ମୁଣ୍ଡ ଚୋବାଇ ଖାଇ ଦିଅନ୍ତି ।

ଭାର୍ଗୀସ କହିଲା—ବୋଧହୁଏ ସେହି ଭୂତୀୟ ଆଲୋକ ରକ୍ଷୀଟି, କାମ୍ପା ଏହା ବି ହୋଇପାରେ ଯେ ସେଅମୁଁ କାହାଜର କୌଣସି ଲୋକକୁ ସେହି ଆଲୋକ-ରକ୍ଷୀଟି ଉଦ୍ଧାର କରିଛନ୍ତି ଏବଂ ଉଭୟ ମିଳି ଆମ ଉପରେ ଏହି ଆକ୍ରମଣ ଚଳାଇଛନ୍ତି ।

ସାରସାନ୍ତେ କହିଲା—ମୋର ବି ସେୟା ମନେ ହେଉଛି । ଏହି କମାଣଟି ନିଶ୍ଚୟ ସେଅମୁଁ କାହାଜର କିନ୍ତୁ ଭଙ୍ଗା କାହାଜର ଅଖ ପାଖରେ ତ ଆମେ ଏହା ଦେଖି ପାରି ନ ଥିଲୁ ।

କଙ୍ଗ୍ରୀ ବାଧା ଦେଇ କହିଲା—ସେ ବିଷୟରେ ତୁମ୍ଭମାନଙ୍କର ଏକ୍ଷଣି ମଥା ଖେଳାଇ କିଛି ଲାଭ ନାହିଁ । ଏକ୍ଷଣି ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ଜାହାଜର ମରାମତି କାମରେ-ଲାଗି ଯିବା ।

ସାରସାନ୍ତେ କହିଲା—ନିଶ୍ଚୟ ! ପ୍ରୟୋଜନୀୟ ମରାମତି କାମରେ ଲାଗିଯିବା ଏକ୍ଷଣି ଆମର ସବୁ ଠାରୁ ବେଶୀ ଦରକାର । କିନ୍ତୁ ତାହା ଠାରୁ ଅଧିକ ଜରୁରୀ ହେଉଛି ପର୍ଯ୍ୟନ୍ତ—ଦରୋର ଅପର ତୀରରେ ଜାହାଜ ଲଗାଇବା । କାରଣ ତାହା ନ ହେଲେ ସ୍କୁନାରଟି ସମୁଦ୍ରର ପ୍ରଚଣ୍ଡ ପବନର କବଳରେ ପଡ଼ିଯିବ । ସେଥିରେ ବିପଦର ଆଶଙ୍କା ଅଛି । ଯଦି ପାଗଟା ଟିକିଏ ଖରାପ ହୋଇଯାଏ, ତାହାହେଲେ ସାରସାନ୍ତେ ' ଜାହାଜ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯିବ । ନା!, ପୁରୁଣା ସ୍ଥାନକୁ ଫେରିଗଲେ ବରଂ ତାହା ଠାରୁ ଭଲ ହେବ ।

କଙ୍ଗ୍ରୀ ସ୍ଥିର କଲା, ସନ୍ଧ୍ୟା ହେବା ଆଗରୁ ଇଗୋ ଉପସାଗରକୁ ଫେରିଯିବେ । ସେଠାରେ ନିରାପଦରେ କାମଟା ସାରିହେବ ।

କିନ୍ତୁ ବର୍ତ୍ତମାନ ଯେ ଜୁଆର ! ସ୍ରୋତରେ ବିପରୀତ ଦିଗରେ ଜାହାଜ ଚଳାଇବା ଏକ୍ଷଣି ଅସମ୍ଭବ । ଆଉ କ'ଣ କରାଯିବ ? ଏଠାରେ ଅପେକ୍ଷା କରିବା ଛଡ଼ା ଆଉ କୌଣସି ଉପାୟ ନାହିଁ ।

କିନ୍ତୁ ସାରସାନ୍ତେ ଜାହାଜ ସମୁଦ୍ର ତରଙ୍ଗରେ ଯେପରି ଭାବରେ ଦୋହଲୁଥିଲା, ତାହା ସର୍ବନାଶର ଲକ୍ଷଣ । ଯେ କୌଣସି ମୁହୂର୍ତ୍ତରେ ଫାଟଦେଇ ଜଳ ପଶି ଯାଇ ପାରେ । ସେଥିପାଇଁ କଙ୍ଗ୍ରୀ ପଏଣ୍ଟ-ଦଗୋ ନିକଟରେ ନଙ୍ଗର ପକାଇବାକୁ ବାଧ୍ୟ ହେଲା ।

ରାତି ମାଡ଼ି ଆସୁଥିଲା । ଅଉ ଟିକିଏ ପରେ ଗାଢ଼ କଳା ଅନ୍ଧାର ଗୁଣ୍ଠଆଡେ ଘୋଟିଯିବ । ସେହି ଅନ୍ଧକାରରେ ସାରସାନ୍ତେ ଯେ କୌଣସି ମୁହୂର୍ତ୍ତରେ କୂଳରେ ପିଟିହୋଇ ଯାଇ ପାରେ ।

ଅବଶେଷରେ ରାତି ପ୍ରାୟ ଦଶଟା ବେଳେ ଟିକିଏ ସୁବିଧା ମିଳିଲା । ସାରସାନ୍ତେ ନଙ୍ଗର ଉଠାଇଲା । ମଧ୍ୟ ରାତି ଆଗରୁ ବହୁ ବିପଦ ଅପଦ କଟାଇ ସେ ଜଟେ ଉପସାଗରେ ପୁରୁଣା ସ୍ଥାନକୁ ଫେରି ଆସିଲା ।

# ତେର

ଜଳଦସ୍ୟୁମାନଙ୍କର ମନୋଭାବ ସହଜରେ ଅନୁମାନ କରି ଯାଇପାରେ । ଯେତେବେଳେ ସେମାନଙ୍କର ଏତେ ଧନର ସ୍ୱପ୍ନ ସଫଳ ହେବାକୁ ବସିଥିଲା, ଠିକ ସେତିକିବେଳେ ଆକ୍ରମଣ ଆରମ୍ଭ ହୋଇଗଲା । ଏଥିରେ କାହାର ହାତ ନ ହେବ । ଏଣେ ଆଉ ଚାରି ପାଞ୍ଚଦିନ ଭିତରେ ଗାନ୍ତ୍ରା-ଫି ଜାହାଜ ଉଟୋ ଉପସାଗରରେ ଆସି ପହଞ୍ଚିବ । ତେଣୁ ଭୟାନକ ବିପଦର ସମ୍ଭାବନା ଉପସ୍ଥିତ ।

କର୍ଣ୍ଣୀ ରାଗରେ ଦାନ୍ତ କଡ଼ମଡ଼ କରିବାକୁ ଲାଗିଲା । ଯାହାକୁ ତା ଆଗରେ ପାଇଲା, ସେ ମାରେ କି ମରେ ହେବାକୁ ଲାଗିଲା ।

ଯଦି ସ୍କୁନାରର କ୍ଷତିଟା କମ ହୋଇ ନ ଥାନ୍ତା, ତା'ହେଲେ କର୍ଣ୍ଣୀ ଜାହାଜର ନଙ୍ଗରଟା ଆଉ କୌଣସି ସ୍ଥାନରେ ପକାଇ ଥାନ୍ତା । କିନ୍ତୁ କ୍ଷତିର ପରିମାଣ ଗୁରୁତର ହୋଇଥିବାରୁ ତାର ମଥା ଠିକ ନ ଥିଲା । କାରଣ ଏ ସ୍ଥାନଟା ଛାଡ଼ିଦେଲେ ନିକଟରେ ଆଉ ସେମିତି କୌଣସି ଭଲ ସ୍ଥାନ ନାହିଁ, ଯେଉଁଠି ଜାହାଜକୁ ନିରାପଦରେ ରଖିହେବ । ତେଣୁ ପୁନର୍ମୂଷିକ ହେବା ଛଡ଼ା ଅନ୍ୟ ଗତି ନ ଥିଲା ।

ସାରସାନ୍ତ୍ରେ ତ ରାଗରେ ଜଳୁଥିଲା । ସେ ଏମିତି ହେଉଥିଲା ଯେ ନିଜ ହାତକୁ ବି ଚୋବାଇ ଖାଇ ଦିଅନ୍ତା । ସେ ଅବଶ୍ୟ

କଙ୍ଗୀକୁ କହୁଥିଲା, ଦ୍ୱୀପରୁ କାଏ କମାଣ ଦାଗିଲା ପରେ ତନ୍ନ ତନ୍ନ କରି ଖୋଜିବା ଦରକାର । କିନ୍ତୁ କଙ୍ଗୀ ତାକୁ ବାରଣ କରି କହିଲା—ସେମାନେ କେତେ ଜଣ ଅଛନ୍ତି ଏବଂ ସେମାନଙ୍କ ପାଖରେ କି ଧରଣର ଅସ୍ତ୍ରଶସ୍ତ୍ର ଅଛି ସେ ବିଷୟ ଯେ ପର୍ଯ୍ୟନ୍ତ ଜଣା ନାହିଁ, ସେତେବେଳେ ଏମିତି ଏକ ଦୁଃସାହାସ ନ କରିବା ବରଂ ଭଲ ।

ସାରସାନ୍ତେ କି ଭ୍ରବଚନ୍ତି କଥାଟିର ମର୍ମ ବୁଝି ପାରିଲା । ସେଥିପାଇଁ ସେ କହିଲା—ସେ କଥା ଅବଶ୍ୟ ଠିକ । ଲୋକଗୁଡାଙ୍କୁ କି କୁକୁର ଭଳି ଗୁଳିକରି ମାରିଦେଲେ ସୁଦ୍ଧା ଆମର ବିଶେଷ କୌଣସି ଲାଭ ହେବ ନାହିଁ । ଏକ୍ଷଣି ଆମର ପ୍ରଧାନ କର୍ତ୍ତବ୍ୟ ହେଲା ଯେତେ ଶୀଘ୍ର ସମ୍ଭବ ଏହି ଲକ୍ଷ୍ମୀଛଡା ଦ୍ୱୀପରୁ ତୁରନ୍ତ ଚାଲିଯିବା ।

କଙ୍ଗୀ କହିଲା—ଯେ କୌଣସି ପ୍ରକାରରେ ହେଉ ପଛକେ ପହର ଦିନ ଦୁପହର ସୁଦ୍ଧା ଆମକୁ ଏ ସ୍ଥାନ ଛାଡିବାକୁ ପଡ଼ିବ ।

ଏଠାରେ ଗୋଟିଏ କଥା କହିଲେ ଅବଶ୍ୟ ଅପ୍ରାସଙ୍ଗିକ ହେବ ନାହିଁ । ଯଦି ଜଳଦସ୍ୟୁମାନେ ଭ୍ରସକୁଏଲ ଓ ଡେଭସଙ୍କୁ ଖୋଜିବା ଲାଗି ସାଁ-ଜୁଆଁ ଅନ୍ତରୀପକୁ ଯାଇଥାନ୍ତେ; ତାହାହେଲେ ସେମାନଙ୍କର କୌଣସି ପତ୍ତା ପାଇ ନ ଥାନ୍ତେ ।

ଆର ଦିନ ଦୁପହରେ ସେମାନଙ୍କ ଫନ୍ଦି ଅନୁଯାୟୀ ଦୁହେଁ ଉତ୍ସୁକ ମନରେ ଗୋଟିଏ ମୁଣ୍ଡିଆ ଉପରେ କିଛି ସମୟ କଟାଇ ଥିଲେ । ଗୋଟାଏ ପଥର ଉପରେ କମାଣ ବସାଇବାକୁ ସେମିତି କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ି ନ ଥିଲା । କିନ୍ତୁ

କମାଣ୍ଡଟା ବୋହି ନେଇ ସେଠାରେ ପହଞ୍ଚିଲା ବେଳକୁ ସେମାନେ ଏକବାର ଝାଳନାଳ ହୋଇ ଯାଇଥିଲେ । ସେତେବେଳକୁ ପ୍ରାୟ ସନ୍ଧ୍ୟା ଛଅଟା ହେବ । ସେମାନେ କମାଣ ନେଇ ଅତି କଷ୍ଟରେ ସେଠାରେ ସ୍ଥାପନ କଲେ । ତାର ନଳଟା ସେମାନେ ଉପସାଗର ଆଡକୁ ମୁହାଁ କରି ରଖିଲେ । ତାପରେ ସେମାନେ ତାର ନଳରେ ବାରୁଦ ଠେସିଲେ । ଟିକିଏ ପରେ ସେମାନେ ତିଆରି ହୋଇଗଲେ ଏବଂ ଉତ୍ସୁକ ନୟନରେ ଓ ଉଦଗ୍ରୀବ ହୃଦୟରେ ସମୁଦ୍ର ଆଡକୁ ଚାହିଁ ରହିଲେ । ଏଥର ସେମାନେ ପ୍ରକୃତ ସୁଯୋଗକୁ ଅପେକ୍ଷା କରିବାକୁ ଲାଗିଲେ ।

ହେଉଭସ୍, ଭାସକୁଏଜକୁ କହିଲା—ଅନେକ ଭାବିଚିନ୍ତି ଶେଷରେ ଆମର କଣ କରିବା ଉଚିତ ମୁଁ ସ୍ଥିର କରିଛି । ଜଳଦସ୍ୟୁମାନଙ୍କ ଜାହାଜଟା ବୁଡାଇ ଦେଲେ ଠିକ କାମ ହେବ ନାହିଁ । ତାହାହେଲେ ବଦମାସଗୁଡାକ ପହଁରି ପହଁରି କୂଳରେ ଆସି ଲାଗିବେ ଏବଂ ଆମ ଉପରେ ଚଢ଼ାଉ କରିବେ । ସେତେବେଳେ ଆମ୍ଭେମାନେ ସଇତାନ-ଗୁଡ଼ାଙ୍କ ହାତରୁ ଆତ୍ମରକ୍ଷା କରି ପାରିବା ନାହିଁ । ତାହା ନ କରି ବରଂ ଆମକୁ ଏମିତି ଭାବରେ ସେମାନଙ୍କ ଉପରକୁ ଗୋଳା ପକାଇବାକୁ ହେବ, ଯାହା ଦ୍ୱାରା ସେମାନଙ୍କର ସମୁଦ୍ର ଯାତ୍ରାର କଳ୍ପନା ବ୍ୟର୍ଥ ହୋଇଯିବ । ଅଥଚ ଜାହାଜଟା ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହେବ ନାହିଁ ।

ଭାସକୁଏଜ କହିଲା—ହେଉ, ତୁମରି କଥା ହେଲା । କିନ୍ତୁ କ୍ଷତିର ପରିମାଣ ସାମାନ୍ୟ ହେଲେ ତ ସେମାନେ ସହଜରେ ମରାମତି କରିଦେଇ ପାରିବେ ।

ଡେଭିସ୍ ଦୃଢ଼ ସ୍ୱରରେ ପ୍ରତିବାଦ କଲା—ନା, ସେମାନେ ତାହା କରି ପାରିବେ ନାହିଁ । ଆମେ ଏମିତି ଭାବରେ ଗୋଳା ପକାଇବା, ଯାହାଦ୍ୱାରା ସେମାନେ ଜାହାଜପଦ ନ ଉଠାଇଲେ ଆଦୌ ମରାମତି କରି ପାରିବେ ନାହିଁ । ତାହାଦ୍ୱାରା ନିହାତି କମରେ ସେମାନଙ୍କୁ ଦୁଇ ତିନି ଦିନ ଲାଗିଯିବ ।

ଭାସ୍କୁଏଜ କହିଲା—କିନ୍ତୁ ଧର, ଯଦି ଶାନ୍ତା-ଫେ ଜାହାଜ ପନ୍ଦର ଦିନ ଭିତରେ ଆସି ନ ପହଞ୍ଚେ, ମୋ ମତରେ । ଏମିତି ଭାବରେ ଆମକୁ ଗୋଳା ପକାଇବାକୁ ହେବ, ଯାହାଦ୍ୱାରା କ୍ଷତିର ପରିମାଣ ଅବଶ୍ୟ ଗୁରୁତର ହେବ, ମାତ୍ର ଜାହାଜଟା ପୁରାପୁରି ଯେମିତି ବୁଡ଼ି ନ ଯିବ ।

ଡେଭିସ ଭାସ୍କୁଏଜର ଯୁକ୍ତିର ଯଥାର୍ଥ ଉପଲବ୍‌ଧି କରି କହିଲା—ଅଚ୍ଛା, ତାହାହେଲେ ସେୟା କରିବାକୁ ହେବ ।

ଯେତେବେଳେ ଏମିତି ଭାବରେ ସବୁକଥା ଠିକଠାକ ହୋଇଗଲା, ସେତେବେଳେ ଖାଲି ବସି ବସି ଉଦଗ୍ରୀବ ହୃଦୟରେ ପ୍ରତୀକ୍ଷା କରିବା ଛଡ଼ା ସେମାନଙ୍କର ଆଉ କିଛି ଉପାୟ ନ ଥିଲା । କମାଣ ନିକଟରେ ଠିଆ ହୋଇ ରହି ସେମାନେ ଜଳଦସ୍ୟୁମାନଙ୍କର ଜାହାଜ ପ୍ରତୀକ୍ଷା କରିବାକୁ ଲାଗିଲେ ।

ଜଳଦସ୍ୟୁମାନଙ୍କ ଜାହାଜ ଷ୍ଟେଟେନ ଦ୍ୱୀପ ଆଡ଼କୁ ପୁଣି ନ ଚାଲିବା ଯାଏ, ଦୁହେଁ ଅପଲକ ଦୃଷ୍ଟିରେ ସେହି ଆଡ଼କୁ ଚାହିଁ ବସି ରହିଲେ । ତାହା ଛଡ଼ା ଦୁହେଁ ଦ୍ୱୀପର ଆଉ କୌଣସି ସ୍ଥାନରେ ଗୋଟିଏ ଡେରା ପକାଇ ପାରିବେ ତାହା ଖୋଜିବାରେ ଲାଗି ପଡ଼ିଲେ । ଯଦି ସେହି ବଦମାସ ଗୁଡ଼ାକ ସେମାନଙ୍କୁ ଖୋଜିଖୋଜି

ଏ ଅଢ଼କୁ ଅସନ୍ତ୍ର, ତାହାହେଲେ ସେମାନେ କୌଣସି ମତେ ରକ୍ଷା ପାଇ ପାରିବେ ନାହିଁ । ତେଣୁ ଏକ୍ଷଣି କ'ଣ କରିବା କର୍ତ୍ତବ୍ୟ, ଉଭୟ ତାହା ଶୀଘ୍ର ଠିକ କରି ପକାଇଲେ ।

ସେହି ଛୋଟ ଗୁହାଟି ଛାଡ଼ିଦେଇ ଉତ୍ତର ଦିଗରେ ମାଇଲ୍‌ଏ କି ଦି ମାଇଲ ଦୂରରେ ଗୋଟାଏ ନୂଆ ସ୍ଥାନ ସେମାନଙ୍କୁ ଏକ୍ଷଣି ବାହାର କରିବାକୁ ହେବ । ତାହା ଦ୍ୱାରା ସେମାନଙ୍କୁ ଦସ୍ୟୁମାନଙ୍କ ହାତରୁ ରକ୍ଷା ପାଇବା ପାଇଁ ଗୋଟାଏ ଭରସା ମିଳିବ, ଏବଂ ତାହା ଛଡ଼ା ସେହି ଦିଗରୁ କୌଣସି ଜାହାଜ ଦ୍ୱୀପ ଆଡ଼କୁ ଆସୁଛି କି ନା, ତାହା ଲକ୍ଷ୍ୟ କରିବାକୁ ସେମାନଙ୍କ ପକ୍ଷରେ କୌଣସି ଅସୁବିଧା ରହିବ ନାହିଁ ।

ଖାଦ୍ୟ ସାମଗ୍ରୀ, ଅସ୍ତ୍ରଶସ୍ତ୍ର, ଗୋଲା ବାରୁଦ ଓ ସବୁ ରସଦ ଧରି ଦୁହେଁ ରାତି ଅଧରେ ସେହି ନୂଆ ଡେରା ଖୋଜିବା ପାଇଁ ବାହାରି ଗଲେ ।

ପ୍ରାୟ ଛଅ ମାଇଲ ବୁଲି ବୁଲି ଢେର୍ ଖୋଜାଖୋଜି କରିବା ପରେ, ଶେଷରେ ସେମାନେ ସମୁଦ୍ର କୂଳରେ ଗୋଟାଏ ଡେରା ବାହାର କଲେ । ଏହି ନୂଆ ଆଶ୍ରୟ ସ୍ଥଳୀରୁ ସେମାନେ ଅନାୟାସରେ ସମୁଦ୍ର ଉପରେ ନଜର ରଖି ପାରିବେ ଏବଂ ଯାତ୍ରୀ-ଜାହାଜ ଆସୁଛି କି ନା ତାହା ବି ପରିଷ୍କାର ଭାବରେ ଦେଖି ପାରିବେ ।

ମାର୍ଟିନ ପହିଲି ଦିନଟା ଯାକ ସେହି ଦୁହେଁ ଜଳଦସ୍ୟୁ ମାନଙ୍କ ଉପରେ ଅତୁଆଳରୁ ନଜର ରଖିଲେ । ତାହା ଛଡ଼ା ଜଳଦସ୍ୟୁ-ବାହିନୀ ସେମାନଙ୍କ ଉପରେ ଚଢ଼ାଉ କରିବା ଉଦ୍ଦେଶ୍ୟରେ ବାହାରୁଛି

କି ନା, ସେଥିପ୍ରତି ବି ସେମାନେ କଡ଼ା ନଜର ଦେବାକୁ ଲାଗିଲେ ।

କର୍ଣ୍ଣୀ ସେମାନଙ୍କ ଉପରେ ଚଢ଼ାଉ କରିବାକୁ କୌଣସି ମତଲବ ନ ପାଇଁ, ତୁରନ୍ତ ଜାହାଜର ମରାମତି କାମ ଶେଷ କରିବାକୁ ଲାଗି ପଡ଼ିଲା । ଯେତେ ଶୀଘ୍ର ମରାମତି ଶେଷ ହୁଏ, ତା ପକ୍ଷରେ ସେତେ ଭଲ । ସେଥିପାଇଁ ସେ ଭାର୍ଗାସ ଉପରେ ଜୋର ଦେବାକୁ ଲାଗିଲା । ଭାର୍ଗାସ ଜଣାଇଲା ଯେ ଅବିରାମ ପରିଶ୍ରମ କଲେ ସେ ଦିପହର ସୁଦ୍ଧା ମରାମତି ଶେଷ କରିଦେଇ ପାରେ । ଅବଶ୍ୟ ସବୁ କାମ ଭଲ ଭାବରେ ଦେଖିଶୁଣି ଶେଷ କରିବାକୁ ହେଲେ ଦିନକ ଭିତରେ ସାରି ହେବ ନାହିଁ । ସେଥିପାଇଁ ଆଉ ଦିନେ ଲାଗିଯାଇ ପାରେ ।

ସୁତରାଂ ଡେଭିସ ଓ ଭାସକୁଏଜ ମାତ୍ର ପହିଲା ଦିନଟା ନିଃଶଙ୍କ ଚିତ୍ତରେ କଟାଇଲେ । କିନ୍ତୁ ସମୟ ଯେ କେତେ ଦୀର୍ଘ ହୋଇପାରେ ଏଥର ସେମାନେ ଭଲ ଭାବରେ ଉପଲବ୍ଧି କରି ପାରିଲେ । ସନ୍ଧ୍ୟାବେଳେ ସେମାନେ ବୁଝି ପାରିଲେ ଯେ ସେଦିନ ଦସ୍ୟୁ-ମାନଙ୍କର ଆଉ ଗୁଳି ଚଳିବାର କୌଣସି ସମ୍ଭାବନା ନାହିଁ । ତେଣୁ ସେମାନେ ନିଜ ଡେରାକୁ ଫେରିଯାଇ ଅନେକ ଦିନ ପରେ ଟିକିଏ ନିଶ୍ଚିନ୍ତ ମନରେ ଶୋଇ ପାରିଲେ ।

ତହିଁ ପରଦିନ ଭୋର ବେଳେ ପୁଣି ସେମାନେ ଆସି ବେଳା ଭୂମିରେ ଠିଆ ହେଲେ ଏବଂ ଦେଖିବାକୁ ଲାଗିଲେ । ଦିଗନ୍ତରେ କୌଣସି ଜାହାଜର ଚିହ୍ନବର୍ତ୍ତି ଦିଶୁଛି କି ନା । କିନ୍ତୁ କୌଣସି ଜାହାଜର ଚିହ୍ନ ସେମାନଙ୍କ ଦୃଷ୍ଟିରେ ପଡ଼ିଲା ନାହିଁ । ଶାନ୍ତା-ଫି

ଜାହାଜର କୌଣସି ପତ୍ତା ନ ଥିଲା କି ଦିଗନ୍ତରେ ଟିକିଏ ହେଲେ ଚିହ୍ନ ବି ଦିଶୁ ନ ଥିଲା ।

କିଏ ଜାଣେ, ଦସ୍ୟୁମାନେ ଆଜି ଚାଲିଯିବେ କି ନା ! ହୁଏତ ଚାଲିଯାଇ ବି ପାରନ୍ତି । କିନ୍ତୁ ଶାନ୍ତା-ମି ଜାହାଜ ଏ ଯାଏ ଅସୁନାହିଁ କାହିଁକି ? ନିଜ ନିଜ ହାତ କାମୁଡ଼ି ପକାଇବାକୁ ସେମାନଙ୍କର ଇଚ୍ଛା ହେଲା । ଯଦି ଏଥର ଦସ୍ୟୁମାନେ ଚାଲି ଯାଆନ୍ତି, ତାହେଲେ ସେମାନେ ଖୁବ୍ ସାବଧାନରେ ନିଶ୍ଚୟ ଜାହାଜ ଚଳାଇବେ । ତେଣୁ ପୁଣି କମାଣ ଯୋଗେ ସେମାନଙ୍କୁ ଆକ୍ରମଣ କରିବା ବିଶେଷ ସୁବିଧାଜନକ ହେବ ନାହିଁ ।

ସେମାନଙ୍କ ସମୟ ଅଶାନ୍ତ ଉଦ୍‌ବେଗରେ କଟିବାକୁ ଲାଗିଲା । ସକାଳ ବେଳେ ଜୁଆର ଆସି ଛୁଞ୍ଜିବା ପରେ ସେମାନେ ମନେ ମନେ ଟିକିଏ ଭରସା ପାଇଲେ । ତାହାହେଲେ ସେଦିନ ସନ୍ଧ୍ୟା ହେଲେ ଜୁଆର ସମୟଟା ଗଡ଼ିଗଲେ ସେମାନେ ଆଉ ଜାହାଜ ଛାଡ଼ି ପାରିବେ ନାହିଁ ।

ବାୟୁମଣ୍ଡଳ ପ୍ରଶାନ୍ତ ହୋଇଗଲା । କିଛି ସମୟ ଆଗରୁ ଯେ ଗୋଟାଏ ଭୟଙ୍କର ଝଡ଼ ହୋଇ ଯାଇଛି; ସମୁଦ୍ରର ବର୍ତ୍ତମାନ ଚେହେରା ଦେଖି ତାହା କେହି କଳ୍ପନା ବି କରି ପାରିବ ନାହିଁ । ସୂର୍ଯ୍ୟଙ୍କର ମଧୁର ସୁନେଲି କିରଣ ଚାରିଆଡ଼େ ବିଛେଇ ହୋଇ ଯାଇଥିଲା । ସମୁଦ୍ରର ନୀଳ ଜଳ ଉପରେ ସୁନେଲି କିରଣ ଝଲମଲ କରୁଥିଲା ।

ଭାସକୁଏଜ ଓ ଡେଭିସ ମାର୍ଚ୍ଚ ଦୁଇ ତାରିଖଟା ମଧ୍ୟ ନିଃଶଙ୍କ ଚିତ୍ତରେ କଟାଇଲେ । ଦସ୍ୟୁମାନେ ଦିନ ସାରା ଜାହାଜର କାମରେ ବ୍ୟସ୍ତ ରହିଲେ ।

ଭାସକୁଏଜ କହିଲା—ବଦମାସଗୁଡ଼ାକ ଅଧା ଲୁଣ ଖାଇ ମସ୍ତମତ କାମରେ ଲାଗି ଯାଇଛନ୍ତି ।

ଡେଭିସ କହିଲା—ହଁ, ଖୁବ ଶୀଘ୍ର କାମ ଶେଷ କରିଦେବା ପାଇଁ ସେମାନେ ଲାଗି ପଡ଼ିଛନ୍ତି । ମସ୍ତମତ ଶେଷ ହୋଇଗଲେ ସେମାନଙ୍କୁ ଆଉ ଅଟକାଇ ରଖି ହେବ ନାହିଁ । ଆଉ କ'ଣ କରା ଯିବ ? ଆମର ଯାହା ସାଧ୍ୟ ଥିଲା, ଆମେ ତାହା କରି ସାରିଛନ୍ତି । ଏକ୍ଷଣି ବାକି କଥା ଭଗବାନଙ୍କ ହାତରେ ଅଛି ।

ଦାନ୍ତରେ ଦାନ୍ତ ଚାପି ଭାସକୁଏଜ କହିଲା—ଭଗବାନ ନିଶ୍ଚୟ ପାପୀକୁ ଉପଯୁକ୍ତ ଶାସ୍ତି ଦେବେ ।

ସମୁଦ୍ର ଆଡ଼କୁ ଅନାଇ ଡେଭିସ ପଦଚାରଣା କରିବାକୁ ଲାଗିଲା । ତାକୁ ଦେଖିଲେ ଜଣା ଯାଉଥିଲା, ଚିନ୍ତାର ଅତଳ ସାଗରରେ ଯେମିତ ତାର ସମାଧି ହୋଇଛି । ଦିଗନ୍ତରେ କୌଣସି ଚିହ୍ନବର୍ଣ୍ଣ ନ ଥିଲା । ତଥାପି ଡେଭିସକୁ ଉତ୍ତେଜିତ ପଦକ୍ଷେପରେ ପଦଚାରଣ କରୁ ଥିବାର ଦେଖା ଯାଉଥିଲା ।

ହଠାତ ସେ ଅଟକି ଗଲା ଏବଂ ତା ସାଙ୍ଗୀ ପାଖକୁ ଚାଲି ଆସି କହିଲା—ମନେକର, ଆମେ ଯାଇ ଦେଖିଲେ ସେମାନେ କ'ଣ କରୁଛନ୍ତି । ତାହାହେଲେ ଆମେ କଣ କରି ପାରିବା ?

ଭାସକୁଏଜ କହିଲା—ତୁମେ କଣ ଦସ୍ୟୁମାନଙ୍କ ପାଖକୁ ଯିବା କଥା କହୁଛ ?

—ହଁ, ସେଠାକୁ ଗଲେ ସେମାନଙ୍କ କାମ ଶେଷ ହେଲା କି ନା ଦେଖି ପାରିବା ତ । ତାହାହେଲେ ଆମେ ଜାଣି ପାରିବା, ଆଜି ଜୁଆରରେ ସେମାନେ ଚାଲି ଯାଉଛନ୍ତି କି ନା ।

କିନ୍ତୁ ସେଥିରେ ଆମର ବା କି ଲାଭ ହେବ ?

ଡେଭିସ ଉତ୍ତେଜନାରେ ଫାଟି ଯାଇ କହିଲା—ନିଶ୍ଚୟ ଲାଭ ହେବ । ନା, ଆଉ ମୁଁ ପାରୁ ନାହିଁ । ଏମିତି ଅଧୈର୍ଯ୍ୟ ଭାବରେ ଆଉ କେତେ ସମୟ କଟାଇ ହେବ ? ଅସମ୍ଭବ । ଗୋଟାଏ କିଛି ଏପାଖ ସେପାଖ ହୋଇ ନ ଗଲେ, ମୋର ମନ ଆଉ ଶାନ୍ତ ହେବ ନାହିଁ ।

ପ୍ରକୃତରେ ଡେଭିସ ଅତିଶୟ ଅଧୈର୍ଯ୍ୟ ଓ ଉତ୍ତେଜିତ ହୋଇ ପଡ଼ିଥିଲା । ସେଥିପାଇଁ ସେ ପଚାରି ଦେଲା—ଏଠାରୁ ବିଡଘର କେତେ ଦୂର ହେବ ?

ଭାନକ୍ରୁଏଜ ଜବାବ ଦେଲା—ଯଦି ସେହି ପାହାଡ଼ଟାର ମଝି ଦେଇ ଯାଅ, ତାହାହେଲେ ବାଟ ପ୍ରାୟ ତିନି ମାଇଲ ହେବ ।

ଡେଭିସ କହିଲା—ହଁ, ଭାନକ୍ରୁଏଜ, ମୋତେ ଯିବାକୁ ହେବ । ଗୁରଣ୍ଟା ବେଳେ ବାହାରିଲେ ସନ୍ଧ୍ୟା ଛଅଟା ଭିତରେ ସେଠାରେ ଯାଇ ପହଞ୍ଚି ପାରିବି । ସେତେବେଳେ ଅବଶ୍ୟ ଦିନର ଆଲୁଅ ଟିକିଏ ଥିବ । ତଥାପି ମୋତେ କେହି ଦେଖି ପାରିବେ ନାହିଁ । ସେ ବିଷୟରେ ତୁମେ ନିଶ୍ଚିନ୍ତ ରହିପାର । ସେମାନଙ୍କ ଉପରେ ନଜର ରଖି ପାରିବି ବୋଲି ମୋର ଖୁବ ଆଶା ହେଉଛି ।

ଭାନକ୍ରୁଏଜ ଡେଭିସକୁ ତା ଉଦ୍ୟମରୁ ବିରତ ହେବାକୁ ଚେଷ୍ଟା କଲା ନାହିଁ । ସେ ବୁଝି ପାରିଥିଲା ଯେ ତାକୁ ବାଧାଦେଲେ କୌଣସି ଲାଭ ହେବ ନାହିଁ ।

ଡେଭିସ କହିଯିବାକୁ ଲାଗିଲା—ତୁମେ ଏଠାରେ ରହିଯାଅ । ତୁମକୁ ସମୁଦ୍ର ଉପରେ ନଜର ରଖିବାକୁ ହେବ । ମୁଁ ସନ୍ଧ୍ୟା ଭିତରେ ନିଶ୍ଚୟ ଫେରି ଆସିବି ।

ତା'ର କଥା ଶେଷ କରିବାକୁ ନ ଦେଇ ଭାସ୍କୁଏଜ କହି ପକାଇଲା—ମୁଁ ବି ତୁମ ସାଙ୍ଗରେ ଯିବି, ଡେଭିସ !

ତା'ପରେ ଦୁହେଁ ଏକା ସାଙ୍ଗରେ ସେଠାକୁ ଯିବେ ବୋଲି ସ୍ଥିର ହେଲା ।

ସେତେବେଳେ ଗୁରହା ବାଜିବାକୁ ପ୍ରାୟ ଘଣ୍ଟାଏ ଖଣ୍ଡେ ବାକି ଥିଲା । ଡେଭିସକୁ ବେଳାଭୂମିରେ ରହିବାକୁ କହି ଭାସ୍କୁଏଜ ନୂଆ ଡେରା ଆଡେ ଚାଲିଗଲା । ସେଠାକୁ ଯାଇ ଖଣ୍ଡିଏ କାମିଜକୁ ଟିକି ଟିକି କରି ଚିରିଦେଇ ତାକୁ ଯୋଡ଼ି ଯାଡ଼ି ଖଣ୍ଡିଏ ଦଉଡ଼ି ତିଆରି କଲା ଏବଂ ତା କମର-ବେଲ୍ଟରେ ଖଣ୍ଡିଏ ଦାଆ ଝୁଲାଇଲା । ତା'ପରେ ଦୁଇଟା ରିଭଲଭର ଓ କିଛି ଖାଦ୍ୟ-ସାମଗ୍ରୀ ଧରି ସେ ଡେଭିସ ପାଖକୁ ଫେରି ଆସିଲା । ସେଥିରୁ ଗୋଟାଏ ରିଭଲଭର ଓ କିଛି କାଢ଼ି କି ସେ ଡେଭିସକୁ ଦେଲା । ତା'ପରେ ଦୁହେଁ କିଛି ଖାଦ୍ୟ ଖାଇ ବସିଲେ । ଖାଉଁ ଖାଉଁ ଡେଭିସ ଭାସ୍କୁ-ଏଜକୁ ସେହି ଦଉଡ଼ିଟା ବିଷୟ ପଚାରିଲା । ଭାସ୍କୁଏଜ ସଂକ୍ଷେପରେ ଜବାବ ଦେଇ ତାକୁ କହିଲା ଯେ ସନ୍ଧ୍ୟା ବେଳେ ସେ ତାକୁ ସବୁ କଥା ଭଲ ଭାବରେ ବୁଝାଇଦେବ ।

ଭୋଜନ ଶେଷ କରିସାରି ରିଭଲଭର ଦୁଇଟି ପରୀକ୍ଷା କରି ଦୁହେଁ ବାହାରି ପଡ଼ିଲେ । ସେମାନେ କଥାବାର୍ତ୍ତା ହୋଇ ହୋଇ

ପାହାଡ଼ ଭିତର ଦେଇ ଚାଲିବାକୁ ଲାଗିଲେ । ମାଇଲ ଖଣ୍ଡେ ଚାଲିବା ପରେ ବଉଘରର ଚୂଡ଼ା ଦେଖିବାକୁ ମିଳିଲା ।

ତରଯଷ୍ଟୀର ଦୁହେଁ ନୂତନ ଉତ୍ସାହରେ ଦ୍ରୁତ ପାଦରେ ଚାଲିବାକୁ ଲାଗିଲେ । ଏକାଦମରେ ସେମାନେ ଅଧଘଣ୍ଟାରୁ ବେଶି ବେଳ ଯାଏ ଚାଲିଗଲେ । ଆଉ ଅଧ ମାଇଲଏ ବାଟ ବାକି ଥିଲା । ଏଠାରୁ ସେମାନେ ସାବଧାନ ହୋଇ ସତର୍କ ପାଦରେ ଚାଲିବାକୁ ଲାଗିଲେ । ଯଦି ଆଲୋକ-ସ୍ତମ୍ଭର ଲଣ୍ଠନ-ଘରୁ କେହି ଏଆଡ଼କୁ ଅନାଇବ, ତାହାହେଲେ ସେ ସେମାନଙ୍କୁ ସ୍ପଷ୍ଟ ଭାବରେ ଦେଖି ପାରିବ ।

ଲଣ୍ଠନ-ଘରଟା ସ୍ପଷ୍ଟ ଭାବରେ ଦେଖା ଯାଉଥିଲା । ସେତେବେଳେ ଅବଶ୍ୟ ସେଠାରେ କେହି ନ ଥିଲେ । ତଥାପି ଯଦି କେହି ହଠାତ୍ ତା ଉପରକୁ ଚଢ଼ି ଯାଇ ଚାରି ଦଗକୁ ଦୃଷ୍ଟି ନିକ୍ଷେପ କରିବ, ତାହାହେଲେ ସର୍ବନାଶ ହେବ ।

ଟେଡଭସ ଓ ଭ୍ରସକୁଏଙ୍କ ପଥରର ଆଢୁଆଳରେ ଚାଲିବାକୁ ଲାଗିଲେ । ଫାଙ୍କା ଜାଗା ପଡ଼ିଲେ, ସେମାନେ ହାମୁଡ଼େଇ ହାମୁଡେଇ ସେହି ଜାଗାଟା ପାର ହୋଇ ଯାଉଥିଲେ । ସେତେବେଳେ ପ୍ରାୟ ଛଅଟା ବେଳ; ସେମାନେ ପାହାଡର ଏକ ପ୍ରାନ୍ତରେ ଆସି ପହଞ୍ଚିଲେ । ସେମାନଙ୍କ ଆଗରେ ବଉଘର । ସେମାନେ କୂଳ ନିକଟରେ ଦସ୍ୟୁମାନଙ୍କ ଭିତରେ ଗୋଟାଏ ଦ୍ରୁତ କର୍ମ ଚଞ୍ଚଳ ବ୍ୟସ୍ତତା ଲକ୍ଷ୍ୟ କଲେ । ସେତେବେଳକୁ ମରାମତି କାମ ପ୍ରାୟ ଶେଷ ହୋଇ ଆସିଲାଣି । ସେଥିପାଇଁ ଦସ୍ୟୁମାନେ ମାଲପତ୍ର ବୋଝାଇ କରିବାକୁ ଉଦ୍ୟମ କରୁଥିଲେ ।

ଦାନ୍ତରେ ଦାନ୍ତ ଘଷ ଡେଭିସ କହିଲା—ସଇତାନ ଗୁଡାକ ଖୁଲିଯିବା ପାଇଁ ତଆର ହେଉଛନ୍ତି ବୋଲି ଜଣା ଯାଉଛି । କିଛିଏ ରହିଯାଇ ସେ ପୁଣି କହିଲେ । ସେମାନେ ଶୀଘ୍ର ଜାହାଜ ଛାଡ଼ିବେ ବୋଲି ମନେ ହେଉଛି, ଅଥଚ ଆମର କିଛି କରିବାର କ୍ଷମତା ନାହିଁ ।

ଭାର୍ଗାସ ତାର ପ୍ରତିଶ୍ରୁତି ରକ୍ଷା କରିଥିଲା । ସେ ଖୁବ ଭଲ ଭାବରେ ଜାହାଜଟାକୁ ମରାମତି କରିଦେଲା । ଜାହାଜର ଦେହରେ ଆଘାତର କୌଣସି ଚିହ୍ନ ଆଉ ରହିଲା ନାହିଁ । ଜିନିଷପତ୍ର ସବୁ ବୋଝାଇ ହୋଇଗଲେ ସାରସାନ୍ତେ ଜାହାଜ ପୁଣି ସମୁଦ୍ର-ଯାତ୍ରା ଆରମ୍ଭ କରିବ ।

ସମୟ କେବେ କାହାରି ପାଇଁ ଅପେକ୍ଷା କରେ ନାହିଁ । ମହାକାଳର ଗତି ବିରାମହୀନ ।

ସମୟ ଗଡ଼ି ଯାଉଥିଲା । ଦିଗନ୍ତରେ ସମୁଦ୍ର ତଳେ ସୂର୍ଯ୍ୟ ବୁଡ଼ିଗଲେ । ରାତିର ଅନ୍ଧକାର ଘନ ହୋଇ ଆସିଲା । ଦସ୍ୟୁ-ଜାହାଜ ଯେ ଶୀଘ୍ର ଯାତ୍ରା କରିବ, ତାର କୌଣସି ଲକ୍ଷଣ ଦେଖାଗଲା ନାହିଁ । ଯଦିଚ ପଥରର ଅନ୍ତରାଳରେ ରହି ଭାସକୁଏଜ ଓ ଡେଭିସ ମୁଣ୍ଡିଆ ଉପରୁ କିଛି ଦେଖି ପାରୁ ନ ଥିଲେ, ସେମାନେ ସବୁ କିଛି ଶୁଣି ପାରୁଥିଲେ । ସେମାନେ ଦସ୍ୟୁମାନଙ୍କର ହୈ ଚୈ, ପାଟିଗୋଳ, ହାସ୍ୟ-ଚିତ୍କାର ଓ ଭାରି ଜିନିଷପତ୍ର ଟାଣି ନେବାର ଶବ୍ଦ ଶୁଣି ପାରୁ-ଥିଲେ । ରାତି ଦଶଟା ପରେ ସେ ସବୁ ଆଉ ଶୁଣାଗଲା ନାହିଁ । ସବୁ ଚୁପଚାପ ହୋଇଗଲା ।

ତହୁଁ ଭୁସକୁଏଜ ଓ ଟେଡଭସର ମନେ ହେଲା ଯେ ମାଲ-ପତ୍ରସବୁ ଉଠା ସରିଗଲଣି । ତାହାହେଲେ ଯାବାର ସମୟ ଆସିଗଲା !

କିନ୍ତୁ ନା, ସେତେବେଳେ ନଙ୍ଗର ଉଠାଗଲା ନାହିଁ ଏବଂ ପାଲ ଟଙ୍ଗା ହେଲା ନାହିଁ । ସାରସାନ୍ତେ ଜାହାଜ ସ୍ଥିର ଭାବରେ ଠିଆ ହୋଇ ରହିଥିଲା ।

କ୍ରମେ କ୍ରମେ ଆଉ ଗୋଟିଏ ଘଣ୍ଟା ଗଡ଼ିଗଲା । ହଠାତ୍ ଟେଡଭସ ଭୁସକୁଏଜର ହାତକୁ ଜୋରରେ ଚିପି ଦେଇ କହିଲା, କୁଆର ଆରମ୍ଭ ହେଲା, ତାର ଶବ୍ଦ ଶୁଣ ।

ଭୁସକୁଏଜ କହିଲା—ସେମାନେ ଏଷଣି ଯିବେ ନାହିଁ ।

—ଆଜି ନ ଯାଆନ୍ତୁ, କାଲି ତ ଯିବେ !

କାଲି ବି ସେମାନେ ଯାଇ ପାରିବେ ନାହିଁ । ଆଉ କେବେ ସମ୍ଭବ ନୁହେଁ—ଏହା କହି ସେ ପଥରର ଆଡୁଆଳରୁ ବାହାରି ଆସି ଠିଆ ହେଲା ।

ଟେଡଭସ ବୋକା ପାଲଟି ଯାଇ ନୀରବରେ ତାକୁ ଅନୁସରଣ କରିବାକୁ ଲାଗିଲା । ସେମାନେ ବନ୍ଧଘର ଆଡ଼େ ଚାଲିଥିଲେ । କିଛି ସମୟ ପରେ ଦୁହେଁ ଆସି ଆଲୋକସ୍ତମ୍ଭ ନିକଟରେ ଠିଆ ହେଲେ । ଭୁସକୁଏଜ ମାଟିରେ ଅଣ୍ଡାଳି ଅଣ୍ଡାଳି କଣ ଖୋଜିବାକୁ ଲାଗିଲା ଏବଂ ତା'ପରେ ଗୋଟାଏ ଜାଗାରୁ ଖଣ୍ଡିଏ ପଥର ଉଠାଇ ଦେବାରୁ ମାଟିରେ ଗୋଟାଏ ଗାତ ହୋଇଗଲା । ଦୁଇ ଜଣ ମଣିଷ ଅତି କଷ୍ଟରେ ସେହି ଗାତ ଭିତରେ ପଶିଯାଇ ପାରିବେ ।

ଭୂସକୁଏଜ ଅସ୍ପଷ୍ଟ ସ୍ୱରରେ ଡେଭସଙ୍କୁ ତା ଭିତରେ ପଶିବାକୁ ପରାମର୍ଶ ଦେଇ କହିଲା—ବଡଘରେ ଥିବାବେଳେ ଦୈବାତ ମୁଁ ଏହି ଗାତଟା ଆବିଷ୍କାର କରିଥିଲି । ସେତେବେଳେ ମୁଁ ମନେ ମନେ ସ୍ଥିର କରିଥିଲି, ଏ ଜାଗାଟା ନିଶ୍ଚୟ କେବେ ନା କେବେ ମୋର କାମରେ ଆସିବ ।

ଡେଭସ ନୀରବରେ ନିର୍ଦ୍ଦେଶ ଅନୁଯାୟୀ ଗାତ ଭିତରେ ପଶିଗଲା । ଟିକିଏ ପରେ ଭୂସକୁଏଜ ବି ତା ଭିତରକୁ ପଶିଗଲା । ଦେହକୁ ଦେହ ଲଗାଲଗି ହୋଇ ଦୁଇଜଣ ଲୋକ କୌଣସିମତେ ସେଠାରେ ରହି ପାରନ୍ତି । ଭୂସକୁଏଜ ଖୁବ ଆସ୍ତେ କହିଲା, ତୁମେ ଏଠାରେ ମୋ ପାଇଁ ଅପେକ୍ଷା କରିଥିବ । ମୁଁ ଶୀଘ୍ର କାମଟା ସାରିଦେଇ ଫେରି ଆସିବି ।

ଡେଭସ ବିସ୍ମିତ ସ୍ୱରରେ ପଚାରିଲା—ଏଁ; ଅପେକ୍ଷା କରି ରହିଥିବି ! କାମ ସାରିଦେଇ ଆସିବ ?

ଭୂସକୁଏଜ କହିଲା—ହଁ, ମୋ ପାଇଁ ଅପେକ୍ଷା କରିଥିବ । ମୁଁ ଦସ୍ୟୁ-ଜାହାଜକୁ ଯାଉଛି ।

ପୁଣି ଡେଭସର ବିସ୍ମିତ କଣ୍ଠ-ସ୍ୱର ଶୁଣାଗଲା—ଦସ୍ୟୁ-ଜାହାଜକୁ ଯାଉଛ !

ଭୂସକୁଏଜ ଦୃଢ଼ କଣ୍ଠରେ କହିଲା—ହଁ, ବଦମାସଗୁଡାକ ଯେମିତି ଦ୍ୱୀପ ଛାଡ଼ି ଚାଲି ନ ଯାଆନ୍ତି, ସେହି ବ୍ୟବସ୍ଥା ମୋତେ କରିବାକୁ ହେବ ।

ସେ ପକେଟରୁ ଦୁଇଟା ପୁଡ଼ୁଲା କାଢ଼ିଲା । ତାପରେ ସେ କମର-ବେଲ୍ଟରୁ ଛୁରୀଟା ଖୋଲି ନେଲା । ପୁଡ଼ୁଲା ଦୁଇଟା ଡେଭିସଙ୍କୁ ଦେଖାଇ ସେ କହିଲା--ମୁଁ ବାରୁଦ ଦେଇ ଡିନାମାଇଟ ଭଳି ବିସ୍ଫୋରକ ତିଆରି କରିଛି । ଅବଶ୍ୟ ତାହା ଡିନାମାଇଟ ଭଳି ଶକ୍ତିଶାଳୀ ନୁହେଁ । ତଥାପି ତାହା ନିହାତି ସାଧାରଣ ବିସ୍ଫୋରକ ନୁହେଁ । ଆଉ କାମିଜ ଚିରି ଯେଉଁଟା ଦଉଡ଼ି ପରି ତିଆରି କରିଛି ସେଇଟା ହେଲା ସଳିତା । ପୁଡ଼ୁଲା ଦୁଇଟାକୁ ମଥା ଉପରେ ଥୋଇ ପହଁରି ପହଁରି ମୁଁ ଜାହାଜ ପାଖକୁ ଯିବି । ମାସ୍ତୁଲ କଡ଼ରେ ଏହି ବିସ୍ଫୋରକଟା ରଖି ଦେଇ ସଳିତାରେ ନିଆଁ ଲଗାଇ ଦେଇ ଚାଲି ଆସିବି । ଯେ କୌଣସି ପ୍ରକାରେ ହେଉ ପଛକେ, ଏ କାମ ମୋତେ କରିବାକୁ ହେବ ।

ଅତ୍ୟନ୍ତ ଉଲ୍ଲସିତ ହୋଇ ଡେଭିସ କହିଲା—ବାଃ ଚମତ୍କାର ବୁଦ୍ଧି ତ ତୁମର ! କିନ୍ତୁ ମୁଁ ବୁଝିପାରୁ ନାହିଁ, ତୁମେ ଏହି ବିସ୍ଫୋରକ କିପରି ଓ କେତେବେଳେ ତିଆରି କଲ ।

ଭାସ୍କୁଏଜ ଜବାବ ଦେଲା—ତୁମକୁ ସମୁଦ୍ର କୂଳରେ ଛାଡ଼ି ଦେଇ ମୁଁ ଆମ ଡେରାକୁ ଦ'ପହରେ ଚାଲି ଯାଇଥିଲି । ସେତିକି-ବେଳେ ଏହାକୁ ତିଆରି କରି ପକାଇଲି ।

—କିନ୍ତୁ ଏହି ବିପଦଜନକ କାମରେ ତ ମୁଁ ତୁମକୁ ଏକା ଛାଡ଼ି ଦେଇ ପାରିବି ନାହିଁ, ଭାଇ । ମୁଁ ବି ତମ ସଙ୍ଗରେ ଯିବି ।

—ତୁମର ସେଥିରେ କଣ ଦରକାର ? ମୁଁ ଏକା ଚଳାଇ ପାରିବି । ମୁଁ ଯେଉଁ କାମ କରିବାକୁ ଯାଉଛି, ସେଥିରେ ଜଣେ ହିଁ ଯଥେଷ୍ଟ ।

ଡେଭିସ ଭାସ୍କୁଏଜର ଦୃଢ ସ୍ୱର ଶୁଣି ବୁଝି ପାରିଲା ଯେ ସେହି ଚେଷ୍ଟା କରି କିଛି ଲାଭ ନାହିଁ । କୌଣସିମତେ ଭାସ୍କୁଏଜ ତାକୁ ତା ସଙ୍ଗରେ ନେଇଯିବ ନାହିଁ । ତେଣୁ ତାର ଇଚ୍ଛା ଥିଲେ ସୁଦ୍ଧା ସେ ଭାସ୍କୁଏଜର ପ୍ରସ୍ତାବରେ ରାଜି ହୋଇଗଲା ।

କ୍ରମେ କ୍ରମେ ଅନ୍ଧକାର ଖୁବ୍ ଗାଢ ହୋଇ ଯିବାରୁ ଭାସ୍କୁଏଜ ଖାଲି ଦେହରେ ପ୍ରୟୋଜନୀୟ ଜିନିଷପତ୍ର ସବୁ ଧରି ଗାତରୁ ବାହାରି ସମୁଦ୍ର ଆଡକୁ ଅଦୃଶ୍ୟ ହୋଇଗଲା । ତା'ପରେ ସମୁଦ୍ର କୂଳରେ ପହଞ୍ଚି ନିଃଶବ୍ଦରେ ପହଁରି ପହଁରି ସେ ଜାହାଜ ଆଡକୁ ଯିବାକୁ ଲାଗିଲା ।

ଜାହାଜଟା ନିବିଡ ଅନ୍ଧକାର ଭିତରେ ଠିଆ ହୋଇଥିଲା । ପ୍ରଥମେ ଜାହାଜ ଉପରେ କାହାରିକୁ ଦେଖାଗଲା ନାହିଁ । କାହାକୁ ଦେଖି ନ ପାରି ଭାସ୍କୁଏଜ ଯେମିତି ଜାହାଜ ଉପରକୁ ଚଢିବାକୁ ଚେଷ୍ଟା କରୁଛି, ସେମିତି ହଠାତ୍ ତା ଆଖିରେ ପଡିଗଲା ଯେ ଜଣେ ଲୋକ ଜାହାଜ ରେଲିଂ ପାଖରେ ବସି ପହରା ଦେଉଛି । ତତ୍କ୍ଷଣାତ୍ ଭାସ୍କୁଏଜ ହତବକେଇ ଗଲା । ସେ କ'ଣ କରିବ ଭାବୁଛି, ଏମିତି ସମୟରେ ଗୋଟାଏ କର୍କଶ କଣ୍ଠରୁ ଗୀତର ଶବ୍ଦ ଶୁଣି ସେ ଚମକି ପଡିଲା । ପହରା ବାଲାଟି ଅତି ଆନନ୍ଦରେ ଗୀତ ଗାଉଥିଲା ।

ଭାସ୍କୁଏଜ ନଙ୍ଗର ଧରି ଉପରକୁ ଉଠିବାକୁ ଚେଷ୍ଟା କଲା । ପ୍ରଥମେ ଝାଙ୍କୁଣି ଖାଇ ଝଞ୍ଜିରଟା ହଲିବାରୁ ଗୋଟାଏ ଶବ୍ଦ ହେଲା । ଭାସ୍କୁଏଜ ତତ୍କ୍ଷଣାତ୍ ଜାହାଜ ଦେହରେ ନିଜ ଦେହକୁ ଲଗାଇ ଅନ୍ଧକାରରେ ମିଶିଗଲା । ମାତ୍ର ସେହି ଶବ୍ଦରେ ପହରାବାଲାଟିର ରସଭଙ୍ଗ ହେଲା ନାହିଁ । ସେ ସେମିତି ପାଟିକରି ଗାଉଥିଲା ।

ଏଥର ଭାସକୁଏଜ ନିଃଶବ୍ଦରେ ଧୀରେ ଧୀରେ ଉପରକୁ ଉଠିବାକୁ ଚେଷ୍ଟା କଲା । ଢେର ପରିଶ୍ରମ ପରେ ସେ ରେଲିଂ ଧାର ପାଖରେ ଯାଇ ପହଞ୍ଚିଲା । ପହରାବାଲାଟି ସେତେବେଳେ ଜାହାଜର ଅପର ପାଖରେ ରେଲିଂ ଧାରରେ ବସି ପରମ ଆନନ୍ଦରେ ଗୀତ ଗାଇବାରେ ଲାଗିଥିଲା ।

ଭାସକୁଏଜ ଅତି ସନ୍ତର୍ପଣରେ ବିସ୍ଫୋରକ ବଣ୍ଡିଲଟା ମାସ୍ତୁଲ ନିକଟରେ ଡେକ ଉପରେ ରଖିଲା । ତା'ପରେ ସେଥିରେ ସଳିତା ଲଗାଇ ସେ ପୁଟୁଳିରୁ ଦିଆସିଲିଟା ବାହାର କଲା । ଦେଖିଲା, ଦିଆସିଲିଟା ଜଳରେ ଭିଜି ଯାଇ ନାହିଁ ।

ସବୁ ଠିକ୍‌ଠାକ୍ କରି ସାରି ସେ ଅତି ସନ୍ତର୍ପଣରେ ନିଃଶବ୍ଦରେ ଖୁବ ଧୀରେ ଧୀରେ ଦିଆସିଲିମାରି ସଳିତାଟା ଜଳାଇ ଦେଲା । ତା' ପରେ ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ସେ ନଙ୍ଗର ଜଞ୍ଜିର ଧରି ତଳକୁ ଓହ୍ଲାଇ ପଡ଼ିଲା ।

ହଠାତ୍ ଗୋଟାଏ ଶବ୍ଦ ହେଲା । ହାତ ଖସି ଯିବାରୁ ଭାସକୁଏଜ ଜଳରେ ପଡ଼ିଗଲା ।

ସଙ୍ଗେ ସଙ୍ଗେ ପହରାବାଲାଟିର ସଙ୍ଗୀତ ବନ୍ଦ ହୋଇଗଲା । ଭାସକୁଏଜ ଜଳରେ ପଡ଼ିରହି ଲକ୍ଷ୍ୟ କଲା, ଲୋକଟି ରେଲିଂ ଧରି ନଇଁ ପଡ଼ି କଣ ଶବ୍ଦ ହେଲା ବୋଲି, ଦେଖିବାକୁ ଚେଷ୍ଟା କଲା । କିନ୍ତୁ ଭାସକୁଏଜ ନିଃଶବ୍ଦରେ ବୁଡ଼ା ପହଁରି ଦେଇ କୂଳ ଆଡ଼କୁ ଫେରିଗଲା ।

କିଛି ସମୟ ଜଳ ଆଡକୁ ଅନାଇ କିଛି ଦେଖି ନ ପାରି ପହରାବାଲାଟି ଫେରି ତାର ସ୍ଥାନକୁ ଯାଇ ବସି ପଡ଼ିଲା ।

ଏଣେ ଗାତ ଭିତରେ ବସି ବସି ଡେଭିସ ଭାବୁଥିଲା, ଯେମିତି ସୀମାହୀନ ଅନନ୍ତକାଳ ହେଲା ସେ ସେଠାରେ ବସି ରହିଛି । ଅଧ-ଘଣ୍ଟେ-ଧୀରେ ଧୀରେ ଘଣ୍ଟାଏ କଟିଗଲା । ସେ ଆଉ ରହି ପାରିଲା ନାହି । ଗାତରୁ ବାହାରି ଆସି ସେ ଉଦ୍‌ଗ୍ରୀବ ଉଦ୍‌ବିଗ୍ନ ମନରେ ସମୁଦ୍ର ଆଡ଼କୁ ଅନାଇଲା । ସେ ଭାବିଲା, ଭାସ୍କୁଏଜର କଣ କିଛି ହେଲାକି ? ତାହାହେଲେ ସେ କଣ କରିବ ? ତାର ଚେଷ୍ଟା କଣ ବ୍ୟର୍ଥ ହୋଇଛି ? ସେ କିଛି ବୁଝି ପାରୁ ନ ଥିଲା ।

ହଠାତ୍ ଗୋଟାଏ ଭୟଙ୍କର ବିସ୍ଫୋରଣର ଶବ୍ଦରେ ନିସ୍ତବ୍ଧ ରାତିର ନିରନ୍ଧ୍ର ଅନ୍ଧକାର ଛିଣ୍ଡ଼ି ଟିକି ଟିକି ହୋଇଗଲା । ସଙ୍ଗେ ସଙ୍ଗେ ହୈଚୈ, ପାଟିଗୋଳ ଡାକହାକ ଓ ଆର୍ତ୍ତ ଚିତ୍କାର ଶବ୍ଦ ପବନରେ ଭାସି ଆସିବାକୁ ଲାଗିଲା ।

ଠିକ ଏତିକି ବେଳେ ଜଣେ ଲୋକ ଜଳରୁ ଉଠି ଆସିଲା । ସେ ଦ୍ରୁତ ପଦରେ ଡେଭିସ ଆଡ଼କୁ ଚାଲିଆସି, ତାର ହାତ ଧରି ସେହି ଗାତ ଭିତରେ ପଶିଗଲା । ଗାତ ଭିତରେ ପଶିଯିବା ଆଗରୁ ସେହି ପଥରଟାକୁ ଏମିତ ଭାବରେ ଥୋଇଦେଲା ଯେ ବାହାରୁ କେହି ସେହି ଗାତଟାର ସନ୍ଧାନ ପାଇ ପାରିବ ନାହିଁ ।

ଟିକିଏ ପରେ ସେମାନେ କାହାର କ୍ରୁଦ୍ଧ କଣ୍ଠସ୍ୱର ଶୁଣିବାକୁ ପାଇଲେ ।

—ଶୀଘ୍ର ଚାଲ । ଲୋକଟାକୁ ଏଇଠି ଦେଖିଥିଲି ।

—ଠିକ୍ ତୋତେ ଯେମିତି ଦେଖି ପାରୁଛି, ସେହି ଲୋକଟାକୁ ବି ସେମିତି ଦେଖି ପାରିଥିଲି । ଆଉ ଗୋଟିଏ କଣ୍ଠର ସ୍ୱର ଭାସି ଆସିଲା—ଲୋକଟା ଏକଲା ଥିଲା; ଏକବାରେ ଏକଲା ।

—ଲୋକଟା ଏକ୍ଷଣି ଶଢେ ଗଜ ବି ଯାଇ ପାରି ନ ଥିବ ।

—ଯେ କୌଣସି ଉପାୟରେ ହେଉ ପଛେ, ତାର ମୁଣ୍ଡଟା ମୋର ନିହାତି ଦରକାର ।

କ୍ରମେ କ୍ରମେ ପାଟିଗୋଳ ଦୂରେଇ ଯାଇ ଯାଇ ଶେଷରେ ମିଳାଇ ଗଲା ।

ଡେଭିସ ଅସ୍ପଷ୍ଟ ସ୍ୱରରେ କହିଲା—କାମ ହାସଲ ହୋଇଛି ବୋଲି କ'ଣ ତୁମର ମନେ ହେଉଛି ?

ଭାସକୁଏଜ ଜବାବ ଦେଲା--ମୋର ତ ସେୟା ଧାରଣା ହେଉଛି । ମାତ୍ର ମୁଁ ଠିକ ବୁଝି ପାରୁ ନାହିଁ, ସେମାନଙ୍କର କେତେ କ୍ଷତି ହେଲା ।

ବିସ୍ଫୋରଣର ଭୟଙ୍କର ଗର୍ଜନରେ କ୍ଷତିର ପରିମାଣ ଗୁରୁତର ବୋଲି ଦୁହିଁଙ୍କର ମନେ ହେଉଥିଲା । କିନ୍ତୁ ତାର ପରିମାଣ ନିର୍ଦ୍ଧାରଣ କରିବା ସେତେବେଳେ ସେମାନଙ୍କ ପକ୍ଷରେ ସମ୍ଭବ ନ ଥିଲା ।

ଡେଭିସ କହିଲା—ଭଗବାନ କରନ୍ତୁ, ଏହି ବଦମାସଗୁଡାଙ୍କୁ ଯେମିତି ଏହି ଦ୍ୱୀପରେ ଆଉ ମାସେ ରହିବାକୁ ପଡୁ ।

ଭାସକୁଏଜ ଜୋରରେ ଡେଭିସର ହାତ ଚିପି ଦେଇ କହିଲା, ଚୁପ୍ !

କେତେଜଣ ଲୋକଙ୍କର ପାଦ ଶବ୍ଦ ଶୁଣାଗଲା । ସେମାନେ ଏଆଡ଼େ ଆସୁଥିଲେ ।

ସ୍ୱତନ୍ତ୍ରସାର୍ ଓ ସକାଳ ଭର ଦସ୍ୟୁମାନେ ଭୂସକୁଏଳ ଓ ଡେଭିସ୍‌କୁ ଖୋଜି ଖୋଜି ହାଲିଆ ହୋଇ ପଡ଼ିଲେ । କ୍ରମେ କ୍ରମେ ଅନ୍ୱେଷଣ ମାନ୍ଦା ହୋଇଗଲା । କେତେ ଆଉ ସେମାନେ ଅନ୍ଧକାରରେ ଘୂରି ବୁଲିବେ ? ଭୂସକୁଏଳ ଓ ଡେଭିସ ସେହି ଗାତଟା ଭିତରେ ଥାଇ ଲୋକମାନଙ୍କର ପାଦଶବ୍ଦ ଓ କଥାବାର୍ତ୍ତା ଶୁଣି ବ୍ୟାପରଟା ଠଉରାଇ ନେଉଥିଲେ ।

ଅନେକ ବେଳ ଯାଏ ଗାତର ଆଖ ପାଖରେ ନୀରବତା ବିରାଜ କରିବାକୁ ଲାଗିଲା । ସେତେବେଳେ ସେମାନେ ବୁଝି ପାରିଲେ ଯେ ଲୋକମାନେ ସେମାନଙ୍କ ଆଶା ଛାଡ଼ି ଦେଇ ପଳାଇ ଗଲେଣି ।

ସେମାନଙ୍କ ମନରେ ଏହି ଧାରଣା ଜାତ ହେବାରୁ ସେମାନେ ଗାତରୁ ବାହାରି ଆସିବାକୁ ଚେଷ୍ଟା କଲେ । ଧୀରେ ଧୀରେ ପଥର ଟାକୁ ଘୁଞ୍ଚାଇବାକୁ ଚେଷ୍ଟା କଲା ମାତ୍ରେ ହଠାତ୍ ସେମାନେ ପୁଣି କାହାର କଣ୍ଠସ୍ୱର ଶୁଣି ପାରିଲେ ।

ଜଣେ ଲୋକ କହିଲା—ନା, ପ୍ରକୃତରେ ସେହି ଲୋକଟାକୁ ଖୋଜି ଖୋଜି ପାଇଲି ନାହିଁ । ଅଜବ କଥା ! ଲୋକଟା ଯେମିତି ପବନରେ ମିଶିଗଲା ।

ଆଉ ଜଣକର କଣ୍ଠସ୍ୱର ଶୁଣାଗଲା—ଛାଡ ସେ ସବୁ । ସମସ୍ତେ ଯାଇ ଜାହାଜରେ ଉଠିଲେଣି । ଏଥର ଚାଲ, ଆମେ ଚାଲିଯିବା ।

—ହଁ, ଏକ୍ଷଣି ଆମର ଜାହାଜକୁ ଚାଲିଯିବା ଉଚିତ। ସମୁଦ୍ରତାନଟା ତାର ଲକ୍ଷ୍ୟ ଭୁଲ-କରିଛି ବୋଲି ଆମେ ବଞ୍ଚିଗଲେ। ନଚେତ ଜାହାଜଟା ଏକବାରେ ଖଣ୍ଡ ବିଖଣ୍ଡ ହୋଇ ଯାଇଥାନ୍ତା।

ତାହାହେଲେ ଜାହାଜର କୌଣସି ଗୁରୁତର କ୍ଷତି ହୋଇ ନାହିଁ। ଦସ୍ୟୁମାନେ ଦ୍ଵୀପ ଛାଡ଼ି ଚାଲିଯିବେ !

ଭାସକୁଏଜ ଓ ଡ଼େଭିସ କାନଡେରି ସେମାନଙ୍କର ଆଉ କଥା-ବାର୍ତ୍ତା ଶୁଣିବାକୁ ଲାଗିଲେ।

—ପ୍ରକୃତରେ ଆମ ଭାଗ୍ୟ ବଳରୁ ଜାହାଜଟା ବଞ୍ଚିଗଲା। ବରାତ ଭଲ ଥିଲା ବୋଲି ସମୁଦ୍ରତାନଟାର ଉଦ୍ଦେଶ୍ୟ ସଫଳ ହୋଇ ପାରିଲା ନାହିଁ। ସମୁଦ୍ରତାନଟା ଜାହାଜର ମାସ୍ତୁଲଟା ଉଡାଇ ଦେବାକୁ ଚେଷ୍ଟା କରୁଥିଲା।

—ଆମ ବରାତ ଖୁବ୍ ଭଲ ଥିଲା ବୋଲି ଆମେ ଏ ଯାତ୍ରାରେ ବଞ୍ଚିଗଲେ।

—ହଁ, ବିସ୍ଫୋରଣଟା ହାବେଲି ପରି ଜାହାଜରୁ ବାହାରିଗଲା ବୋଲି ଆମେ ଏଥର ରକ୍ଷା ପାଇଗଲେ। ଖାଲି ଡେକ୍‌ର କିଛି ଅଂଶ ଉଡ଼ି ଯାଇଛି। ସେଥିରେ ସେମିତି କିଛି ବିଶେଷ କ୍ଷତି ହୋଇ ନାହିଁ।

—ଆଜି ଆଉ କିଛି ଗଣ୍ଡଗୋଳ ହେବ ନାହିଁ ବୋଲି ମନେ ହେଉଛି।

ହଠାତ୍ ଆଉ ଜଣକର କର୍କଶ କଣ୍ଠସ୍ୱର ଶୁଣାଗଲା—କଣ କଲ ତୁମେ ସବୁ ? ସେଠାରେ ବସି ବସି ଖାଲି ଲମ୍ବା ଗପରେ ମାତିଲେ କିଛି ଫଳ ହେବ ନାହିଁ । ଶୀଘ୍ର ଚାଲି ଆସ ।

ସେତେବେଳେ ଗାତ ଭିତରେ ଭାସକୁଏଜ ଓ ଡେଭିସ ପରସ୍ପରର ମୁହଁକୁ ଚାହିଁ ଥିଲେ । କଣ କହିଗଲେ ବଦମାସ୍ ଗୁଡାକ ? ଭାସକୁଏଜର ଆଖି ଦୁଇଟି ଲୋତକରେ ଭରିଗଲା । ହତାଶ ହୋଇ ଯାଇ ସେ କହିଲା—ସବୁ ଆଶା ନଷ୍ଟ ହୋଇଗଲା, ଭାଇ !

ଏହି ନିଦାରୁଣ ହତାଶ ଭିତରେ ଡେଭିସ ଆଉ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲା ନାହିଁ । କଣ ହେବ ତାକୁ ସାନ୍ତ୍ୱନା ଦେଇ ! କି ସାନ୍ତ୍ୱନା ବା ସେ ଦେଇପାରେ ?

ଏହି ଅସୀମ ସାହାସିକ ପ୍ରୟାସରେ କଣ ଲାଭ ହେଲା ? ନିଜର ଜୀବନକୁ ତୁଚ୍ଛ କରି ଭାସକୁଏଜ ଯେଉଁଥିପାଇଁ ଆଗେଇ ଯାଇଥିଲା, ତାହା ଦ୍ୱାରା ଜଳଦସ୍ୟୁମାନଙ୍କର କେତେ କ୍ଷତି ହେଲା ? ଖାଲି କେତେ ଘଣ୍ଟା ସେମାନଙ୍କର ଡେରି ହୋଇଯିବ । ତାହାହେଲେ ସେମାନେ ବାହାରି ଯିବେ !

ଗାତରୁ ବାହାରିବାକୁ ସେମାନେ ସୁଯୋଗ ପାଇଲେ ନାହିଁ । ଟିକିଏ ପରେ ଆକାଶ ପରିଷ୍କାର ହୋଇଗଲା । ସକାଳ ହେବାକୁ ଆଉ ବିଳମ୍ବ ନ ଥାଏ ।

ଭାସକୁଏଜର ମନେ ହେଲା, ଦସ୍ୟୁମାନେ ରାତିରେ ଅନ୍ଧ-କାରରେ ସେମାନଙ୍କୁ ଦେଖି ନ ପାରିଥିଲେ ମଧ୍ୟ ଦିନର ଆଲୋକରେ

ନିଶ୍ଚୟ ଦେଖି ପାରିବେ । ତେଣୁ ସେ ଡେଭିସର ସାହାଯ୍ୟରେ ପଥର ଖଣ୍ଡ଼କୁ ଅଧିକ ଭଲ ଭାବରେ ଗାତର ମୁହଁଆଡକୁ ଟାଣିଦେଲା । ଭିତରୁ ପଥରଟାକୁ ଗାତ ମୁହଁରେ ଚାପା ଦେବାପାଇଁ ସେମାନଙ୍କୁ ଖୁବ୍ କଷ୍ଟ ହେଲା । ଅବଶେଷରେ ଅନେକ ଚେଷ୍ଟା ଫଳରେ ସେମାନେ ପଥରଟାକୁ ଠିକ ଜାଗାକୁ ଆଣି ପାରିଲେ ।

ନିଶ୍ୱାସ ପ୍ରଶ୍ୱାସ ଲାଗି ସାମାନ୍ୟ ଟିକିଏ ଫାଙ୍କ ରଖି ସେମାନେ ପଥରଟାକୁ ଗାତ ମୁହଁରେ ଚାପା ଦେଇଦେଲେ ।

କ୍ରମେ ଦିନ ବଢ଼ିବାକୁ ଲାଗିଲା । ସେମାନେ ବୁଝି ପାରିଲେ ଯେ ଦସ୍ୟୁମାନେ ଚାଲିଯିବା ପାଇଁ ଏଥର ଖୁବ୍ ତରାତର ବ୍ୟବସ୍ଥା କରୁଛନ୍ତି । ସନ୍ଧ୍ୟା ପରେ ଜୁଆର ଆସିଲେହିଁ ସେମାନେ ବାହାରି ଯିବେ ।

ବେଳ ଗଡ଼ି ଯିବାକୁ ଲାଗିଲା ।

ହଠାତ୍ ଗୋଟାଏ ଘଡ଼ ଘଡ ଶବ୍ଦ ଶୁଣାଗଲା । ତାହାହେଲେ ଏକ୍ଷଣି ନଙ୍ଗର ଉଠା ଯାଉଛି ! ଟିକିଏ ପରେ ଦସ୍ୟୁମାନେ ବାହାରି ପଡିବେ ।

ଭାସକୁଏଜ ଆଉ ନିଜକୁ ସମ୍ଭାଳି ରଖି ପାରିଲା ନାହିଁ । ପଥରଟାକୁ ଟିକିଏ ଘୁଞ୍ଚାଇ ଦେଇ ସେହି ଆଡ଼କୁ ଉଙ୍କି ମାରିଲା ।

ସେତେବେଳକୁ ଅସ୍ତଗାମୀ ସୂର୍ଯ୍ୟ ପାହାଡ଼ର ଚୂଡାର ଅନ୍ତରାଳରେ ମୁହଁ ଲୁଚାଇ ଦେଲେଣି ! ଘଣ୍ଟାକ ଭିତରେ ସନ୍ଧ୍ୟା ହୋଇଯିବ । ଅନ୍ଧକାର ଅଧିକ ଘନୀଭୂତ ହୋଇଯିବ ।

ଜାହାଜର ନଙ୍ଗର ଏ ଯାଏ ଉଠା ହୋଇ ନ ଥିଲା । ମାତ୍ର ଉଠାଇବା ପାଇଁ ଯୋଗାଡ ହେଉଥିଲା । ବିସ୍ଫୋରଣ ହେତୁ କୌଣସି

ସ୍ଥାନ ଭାଙ୍ଗି ଯାଇଛି କି ନା, ତାହା ବୁଝି ହେଉ ନ ଥିଲା ! ଲୋକମାନେ ସତ କଥା କହୁଛନ୍ତି, ବିସ୍ଫୋରଣରେ କିଛି କ୍ଷତି ହୋଇ ନାହିଁ । ଦେଖାଗଲା, ସବୁ ଠିକ୍ ଠାକ୍ ଅଛି । ଏହିଣି ଆଉ ବିପଦର ଆଶଙ୍କା କରି କି ଫଳ ? କପାଳରେ ଯାହା ଥିବ, ତାହାହିଁ ଘଟିବ । ଏହା ଭାବି ଭାସକୁଏଜ ଗାତରୁ ବାହାରି ଆସିଲା । ପଥରଟା ଅନ୍ତରାଳରେ ଯଥା ସମ୍ଭବ ନିଜର ଦେହ ଲୁଚାଇ ରଖିଲା । ତା' ପଛରେ ଠିଆ ହୋଇ ଡେଭିସ ତା କାନ୍ଧର ଉପର ବାଟେ ଦୃଷ୍ଟି ନିକ୍ଷେପ କଲା । ତାର ମନଟା ଦୁଃଶ୍ଚିନ୍ତାର ଉତ୍ତେଜନାରେ ପୂର୍ଣ୍ଣ ହୋଇ ରହିଥିଲା ।

ଦସ୍ୟୁମାନଙ୍କ ଭିତରୁ ପ୍ରାୟ ସମସ୍ତେ ଜାହାଜରେ ଚଢ଼ି ଯାଇଥିଲେ । କେତେ ଜଣ ମାତ୍ର କୂଳରେ ଥିଲେ । ଯେଉଁମାନେ କୂଳରେ ଥିଲେ, ଭାସକୁଏଜ ସେମାନଙ୍କ ଭିତରୁ କଙ୍ଗ୍ରୀ ଓ ସାରସାନ୍ତେଙ୍କୁ ଚିହ୍ନି ପାରିଲା । ସେତେବେଳେ କଙ୍ଗ୍ରୀ ଓ ସାରସାନ୍ତେ ବଉଘର ଆଡ଼କୁ ଆସୁଥିଲେ ।

ଭାସକୁଏଜ ଧୀର ସ୍ୱରରେ ଡେଭିସକୁ ଉତ୍ତରଦେଲା, ସାବଧାନ, ସେମାନେ ବଉଘର ଆଡ଼କୁ ଆସୁଛନ୍ତି ।

ଉଭୟଙ୍କାଲି ଦୁହେଁ ଗାତ ଭିତରେ ପଶିଗଲେ ।

ସାରସାନ୍ତେ ଶେଷ ଥର ପାଇଁ ଗୃହଆଡ ଦେଖି ନେବାକୁ ବଉଘରକୁ ଆସୁଥିଲା । ଯାତ୍ରା ପାଇଁ ଜାହାଜ ପ୍ରସ୍ତୁତ ହୋଇ ରହିଛି । ଏକ୍ଷଣି ସେମାନେ ବାହାରି ପଡ଼ିବେ । ଯାତ୍ରା କରିବା ଆଗରୁ ଆଉ ଥରେ ଦ୍ୱୀପକୂଳକୁ ଦୃଷ୍ଟିନିକ୍ଷେପ କରି ସେ ଦେଖି ନେବାକୁ ଚାହେଁ, ହୁଏତ କୌଣସି ଜାହାଜ ନଜରରେ ପଡ଼ୁଛି କି ନା ।

ସ୍ୱଚ୍ଛ ଜଳରେ ଭଟିଯିବ ବୋଲି ମନେ ହେଉଥିଲା । ପବନର ଭୟଙ୍କରତା ନ ଥିଲା ଏବଂ ସମୁଦ୍ର ଶାନ୍ତ ଥିଲା ।

ସାରସାନ୍ତେ ଯେମିତି ଆଲୋକ-ସ୍ତମ୍ଭର କକ୍ଷରେ ପ୍ରବେଶ କଲେ, ତେଭେସ ଓ ଭ୍ରସକୁ ଏକ ତାବୁ ଭଲ ଭାବରେ ଦେଖି ପାରିଲେ । ସାରସାନ୍ତେ ଲଣ୍ଠନ-ଘରର ପ୍ରତି ଝରକା ପାଖକୁ ଯାଇ ଠିଆ ହେଉଥିଲା । ସେ ଆଖିରେ ଦୂରବୀକ୍ଷଣ ଯନ୍ତ୍ର ଲଗାଇ ସବୁ କିଛି ଭଲ ଭାବରେ ଦେଖି ପାରୁଥିଲା ।

ସମୁଦ୍ର ଦିଗନ୍ତ-ରେଖାରେ ଯାଇ ବିଲୀନ ହୋଇଥିଲା । ତମାଲ-ତାଳୀ ବନରାଜି ଆଉ ନଜରରେ ପଡ଼ୁ ନ ଥିଲା । ଯେଉଁଠି ଗୋଟାଏ କଳା ରେଖା ଆସି ସମୁଦ୍ର ସାଙ୍ଗରେ ମିଶିଥିଲା, ସେଇଟା ଖାଲି ଟିକିଏ ନଜରରେ ପଡ଼ୁଥିଲା । ସୂର୍ଯ୍ୟ ପୃଥିବୀକୁ ଦିବସର ଶେଷ ଭାଷାରେ ଅଭିନନ୍ଦନ ଜଣାଉଥିଲେ । ବଳାକାର ଡେଣା ଭଳି ଟିକି ଲଘୁ ମେଘ କ୍ରମେ କ୍ରମେ ଲାଲ ରଙ୍ଗ ଧାରଣ କରୁଥିଲା । ସମୁଦ୍ରର ନୀଳ ଜଳ ଉପରେ ଯେମିତି ଅବିରର ଗୁଣ୍ଡ ଝଞ୍ଜା ପଡ଼ୁଥିଲା । ଦିବସର ଶେଷ ଆଲୋକ କ୍ରମେ କ୍ରମେ ପଲାତକ ନୀଳିମାର ପ୍ରାନ୍ତରେ ଲିଭି ଯାଉଥିଲା । ମାତ୍ର ଲିଭିଗଲେ ସୁଦ୍ଧା ତାହା ଲିଭି ଯାଇ ପାରୁ ନ ଥିଲା । ତେଣୁ ଅଗ୍ରଗାମୀ ସୂର୍ଯ୍ୟର ସୁନେଲି ଆଲୋକରେ ସବୁ କିଛି ସ୍ପଷ୍ଟ ଭାବରେ ଦେଖା ଯାଉଥିଲା ।

ଶାନ୍ତ ନୀଳ ସମୁଦ୍ରର ଦିଗନ୍ତ ଅପରୂପ ଦିଶୁଥିଲା ।

କିନ୍ତୁ ସାରସାନ୍ତେର ସେହି ଦୃଶ୍ୟ ଦେଖିବା ପାଇଁ ଅବସର ନ ଥିଲା ।

ଅକସ୍ମାତ୍ ସେ ତୀବ୍ର ସ୍ୱରରେ ଚିତ୍କାର କରି ଉଠିଲା । ବଙ୍ଗୀ ଓ ଅନ୍ୟମାନେ ଚମକି ତା ଆଡ଼କୁ ଅନାଇଲେ ଏବଂ ପଚାରିଲେ, ଘଟଣା କଣ ?

ସର୍ବଜନବୋଧ ଭାଷାରେ ସୁସ୍ପଷ୍ଟ କଣ୍ଠରେ ସାରସାନ୍ତେ ଯାହା ଘୋଷଣା କଲା, ସମସ୍ତେ ତାହା ପରିଷ୍କାର ଭାବରେ ଶୁଣି ପାରିଲେ ।

ସାରସାନ୍ତେ କହିଲା—ଶାନ୍ତା-ଫି ! ଶାନ୍ତା-ଫି ଜାହାଜ ଏଆଡ଼େ ଆସୁଛି ।

ବିନା ମେଘରେ ସେମାନଙ୍କ ଉପରେ ଯେମିତି ବଜ୍ରପାତ ହେଲା ।

## ଚଉଦ

ମଣିଷର କଣ୍ଠ-ସ୍ୱରରେ ବଜ୍ରପାତର ଭୟଙ୍କରତା ଯେମିତି ଗୋଟିଏ ମାତ୍ର କଥା ଖେଳିଗଲା । ଗୋଟିଏ ଛୋଟ ଶବ୍ଦ ଭିତରେ ଯେ କେତେଦୂର ଭୟଙ୍କରତା ଲୁଚି ରହିଥାଇ ପାରେ, ଦସ୍ୟୁମାନେ ତାହା ଏଥର ମର୍ମେ ମର୍ମେ ଅନୁଭବ କରି ପାରିଲେ । ସେମାନଙ୍କ କାନ ପାଖରେ ରୁଦ୍ର କରତାଳରେ ଗୋଟିଏ ମାତ୍ର ଶବ୍ଦ ଧ୍ୱନିତ ହେବାକୁ ଲାଗିଲା—'ଶାନ୍ତା-ଫି' !

ଶାନ୍ତା ଫି କାହାକୁ ଆସୁଛି । କ୍ରମେ କ୍ରମେ ତା'ର ଶବ୍ଦ ଯେମିତି ବଢିବାକୁ ଲାଗିଲା । ସେହି ବଜ୍ରଗର୍ଭ ଶବ୍ଦ ଯେମିତି ତୀବ୍ରରୁ ତୀବ୍ରତର ହେବାକୁ ଲାଗିଲା । ସେହି ଶବ୍ଦର ଧାରୁଆ ଫଳକ କି ସୁତୀକ୍ଷ୍ଣ ! କି ତୀକ୍ଷ୍ଣ ଧାର ସେହି ଶବ୍ଦ !

କଙ୍କାଳିର ହୃତ୍‌ପିଣ୍ଡରେ ଆସି ସେହି ଶବ୍ଦ ଯେମିତି ସହସା ପଶିଗଲା । ଦୀର୍ଘ ବିଳମ୍ବିତ ଲୟରେ ବଜ୍ରବହ ଶବ୍ଦର ଧ୍ୱନି ! ଆଖି ଆଗରେ ଏତେ ଅନ୍ଧକାର କାହିଁକି ? ସମଗ୍ର ଆକାଶଟା କଣ ମଥା ଉପରେ ଭାଙ୍ଗି ପଡୁଛି ?

ମୁହୂର୍ତ୍ତିକ ଭିତରେ କଙ୍କାଳିର ମୁଖ ପାଣ୍ଡୁର ହୋଇଗଲା । ଦସ୍ୟୁମାନେ ସ୍ତମ୍ଭୀଭୂତ ହୋଇ ଠିଆ ହୋଇ ରହିଲେ । ମନେ

ହେବାକୁ ଲାଗିଲା, ଭୂମିକମ୍ପରେ ସମଗ୍ର ପୃଥିବୀଟା ଯେମିତି ଦୋହ-ଲୁଛି ।

ଶାନ୍ତା-ଫି ! ଶାନ୍ତା-ଫି ଜାହାଜ ଏକ୍ଷଣି ଆସି ପହଞ୍ଚି ଯିବ ।

କିନ୍ତୁ ସାରସାନ୍ତେର ଭୁଲ ହୋଇ ନାହିଁ ତ ? ସତରେ କଣ ଶାନ୍ତା-ଫି ଜାହାଜ ଆସି ପହଞ୍ଚି ଯାଉଛି ? ଯେଉଁ ଜାହାଜଟି ଆସୁଛି, ସତରେ କଣ ସେଟା ଆର୍ଜେଣ୍ଟିନ ପ୍ରଜାତନ୍ତ୍ରର ଶାନ୍ତା-ଫି ? ସେଟା କଣ ଏଆଡକୁ ଆସୁଛି ?

ଚେତନା ଫେରି ଆସିବା ମାତ୍ରେ କଙ୍ଗ୍ରୀ ଲଣ୍ଠନ-ଘରକୁ ଚାଲି ଆସିଲା ଏବଂ ପଚାରିଲା—କାହିଁ, ଜାହାଜ କାହିଁ ?

—ଜବାବ ମିଳିଲା—ସେହି ଯେ ଉତ୍ତର-ପୂର୍ବ ଦିଗରେ ।

—କେତେ ଦୂରରେ ଅଛି ବୋଲି ମନେ ହେଉଛି ?

—ପ୍ରାୟ ଦଶ ମାଇଲ ଦୂରରେ, କିଛି କମ ବେଶୀ ବି ହୋଇ ପାରେ ।

ତାହାହେଲେ ଅନ୍ଧକାର ହେବା ଆଗରୁ ଜାହାଜଟା ତ ଏଠାରେ ଆସି ପହଞ୍ଚି ପାରୁ ନାହିଁ ?

—ନା, ଏଠାରେ ପହଞ୍ଚୁ ପହଞ୍ଚୁ ଅନ୍ଧକାର ହୋଇଯିବ ।

ସାରସାନ୍ତେ ହାତରୁ ଦୂରବୀକ୍ଷଣ ଯନ୍ତ୍ରଟା ନେଇ କଙ୍ଗ୍ରୀ ତାର ନିର୍ଦ୍ଦେଶିତ ଦିଗକୁ ଦୃଷ୍ଟିପାତ କଲା ।

ଚିମିଣି ବାଟେ ଧୂଆଁ ଛାଡି ଛାଡି ଗୋଟାଏ ଜାହାଜ ଦ୍ରୁତ ଗତିରେ ଦ୍ୱୀପ ଅଭିମୁଖରେ ଆଗେଇ ଆସୁଥିଲା ।

ହଁ, ଶାନ୍ତା-ଫି ଜାହାଜ । ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ ।

ଇଞ୍ଜିନ ଭଗ୍ନ କଣ୍ଠରେ ସ୍ୱୀକାର କଲା—ହଁ, ଶାନ୍ତା-ଫି ଜାହାଜ ଏଥିରେ ଅଦୌ ସନ୍ଦେହ ନାହିଁ ।

କ୍ଷୁବ୍ଧ କଣ୍ଠରେ ସାରସାନ୍ତେ କହିଲା—କି ଅଭିଶପ୍ତ ଭାଗ୍ୟ ଆମର ! ସେହି ଜୀଅନ୍ତା ସମ୍ମୁଖୀନଗୁଡ଼ାକ ଯଦି ଦୁଇଥର ବାଂଘାତ ଘଟାଇ ନ ଥାନ୍ତେ, ତାହାହେଲେ ଏତେ ବେଳକୁ ଆମେ ପ୍ରଶାନ୍ତ ମହାସାଗର ନିକଟରେ ପହଞ୍ଚି ସାରନ୍ତୁଣି ।

—ଏକ୍ଷଣି ଆଉ ସେ କଥା କହି କିଛି ଲାଭ ନାହିଁ । ଆମର ଏକ୍ଷଣି ଗୋଟାଏ କିଛି କରିବା ଦରକାର ।

—କିନ୍ତୁ ଏକ୍ଷଣି କଣ କରାଯିବ ?

—ଏକ୍ଷଣି ଆମକୁ ତୁରନ୍ତ ଚାଲି ଯିବାକୁ ହେବ ।

—ଏକ୍ଷଣି ?

—ହଁ, ଏକ୍ଷଣି ।

—କିନ୍ତୁ ଆମେ ବେଶୀବାଟ ନ ଯାଉଣୁ ଯେ ଶାନ୍ତା-ଫି ଆସି ଏଠାରେ ପହଞ୍ଚି ଯିବ ।

—ନା, ତାହା ପାରିବ ନାହିଁ ।

—ତା'ର ଅର୍ଥ ?

ଏହାର କୌଣସି ଅର୍ଥ ନାହିଁ । ବଡ଼ଘରର ଆଲୁଅ ତ ଜଳିବ ନାହିଁ । ତେଣୁ ଏହି ଅନ୍ଧକାରରେ କପ୍ତାନ ଏଠାରେ ଜାହାଜ ଲଗାଇ-ବାକୁ ସାହାସ କରିବ ନାହିଁ ।

ଅନ୍ଧକାରରେ କପ୍ତାନ ଲଙ୍କାସ୍ୱେତ ଏଠାରେ ଜାହାଜ ଲଗାଇବାକୁ କୌଣସିମତେ ସାହାସ କରିବ ନାହିଁ, ଏହି କଥା ଡେଭିସ ଓ ଭାସ୍କୁଏଜର ମନରେ ଆଲୋଡ଼ନ ସୃଷ୍ଟି କଲା । ସୂର୍ଯ୍ୟ ସେତେବେଳକୁ ଦିଗ୍‌ବଳୟରେ ବୁଡ଼ି ଗଲେଣି । ନିୟମ ଅନୁଯାୟୀ ଏକ୍ଷଣି ବଡଘରର ଲଣ୍ଠନ ଜଳିବାର କଥା । ଆଲୁଅ ନ ଦେଖିପାରି ଦ୍ୱୀପରେ ଜାହାଜ ଲଗାଇବାକୁ କପ୍ତାନ ଲଙ୍କାପୃତ ନିଶ୍ଚୟ ଇତସ୍ତତଃ କରିବ । କାହିଁକି ଆଲୁଅ ଜଳଲା ନାହିଁ ତାହା ବୁଝି ନ ପାରି ସେ ଉନ୍ମୁକ୍ତ ସାଗରରେ ରାତି କଟାଇବାକୁ ବାଧ୍ୟ ହେବ । ଯଦିଓ ସେ ଅନେକ ଥର ଏହି ଦ୍ୱୀପକୁ ଆସିଛନ୍ତି, ତାହା କେବଳ ଦିନ ବେଳେ—ଅର୍ଥାତ୍ ପ୍ରଖର ଆଲୋକରେ । ଅନ୍ଧକାରରେ କିପରି ବା ସେ ଏଠାକୁ ଆସି ପାରିବ ? ତାହାଛଡ଼ା ସେ ଏହି କଥା ବି ମନରେ ଧାରଣା କରିପାରେ ଯେ ଏହି ଦ୍ୱୀପରେ ନିଶ୍ଚୟ କୌଣସି ବିୟୋଗାନ୍ତ ନାଟକ ଅଭିନୀତ ହୋଇଛି । ସେଥିପାଇଁ ବଡଘରର ରକ୍ଷୀମାନେ ଆଲୁଅ ଜଳାଇ ପାରି ନାହାନ୍ତି । ସେହି ବିୟୋଗାନ୍ତ ନାଟକର ଧରଣ, ପ୍ରକରଣ; ଆଙ୍ଗିକ, ରୀତି—ଏସବୁ ବିଷୟ ଭଲ ଭାବରେ ନ ଜାଣି ଅନ୍ଧକାରରେ ଏହି ଦ୍ୱୀପରେ ଜାହାଜ ଲଗାଇବା ତା ପକ୍ଷରେ ଯୁକ୍ତିଯୁକ୍ତ ବୋଲି ମନେ ହୋଇ ନ ପାରେ ।

ଭାସ୍କୁଏଜ କହିଲା—କିନ୍ତୁ ସେଞ୍ଚୁରୀ ଜାହାଜର ଭାଗ୍ୟରେ ଯାହା ଘଟିଲା, ଶାନ୍ତା-ଫେର କପାଳରେ ବି ତାହା ଘଟିପାରେ । ଆମର ଏକ୍ଷଣି ଅନ୍ତରୀପର ବେଳାଭୂମିକୁ ଯାଇ ସେମାନଙ୍କୁ ସତର୍କ କରିଦେବା ପାଇଁ ଚେଷ୍ଟା କରିବା ଉଚିତ ।

ଡେଭିସ ତାର କାନ୍ଧଟା ଥରେ ଟିକିଏ ହଲେଇ ଦେଲା । ସେ ମଧ୍ୟ ମନେ ମନେ ସ୍ୱୀକାର କଲା ଯେ ବେଲାଭୂମିର ପଥରରେ ଧକ୍କା ଲାଗି ଶାନ୍ତା-ଫି ଜାହାଜ ଖଣ୍ଡ ବିଖଣ୍ଡ ହୋଇଯାଇ ପାରେ ।

କିନ୍ତୁ ଭାସକୁଏଜ କହିବାକୁ ଲାଗିଲେ—ଚାଲ, ବେଲାଭୂମି ଆଡ଼କୁ ଧାଇଁ ଯିବା । କେତେ ଘଣ୍ଟା ଭିତରେ ଆମେ ଅନ୍ତରୀପର ପ୍ରାନ୍ତରେ ପହଞ୍ଚି ଯାଇ ପାରିବା । ସେତେବେଳେ ଆଲୁଅ ଜଳାଇ ଦ୍ୱୀପର ଅବସ୍ଥିତି ଜଣାଇ ଦେବା ପାଇଁ ନିଶ୍ଚୟ ସମୟ ଥିବ ବୋଲି ମୋର ମନେ ହେଉଛି ।

ଡେଭିସ ଜବାବ ଦେଲା—ନା, ସେଥିରେ ବିଳମ୍ବ ହୋଇଯିବ । ପ୍ରାୟ ଘଣ୍ଟାକ ଭିତରେ ଶାନ୍ତା-ଫି ଜାହାଜ ଉପସାଗରର ପ୍ରବେଶ-ମୁଖରେ ପହଞ୍ଚି ଯିବ ।

ଭାସକୁଏଜ ପଚାରିଲେ—ତାହାହେଲେ ବର୍ତ୍ତମାନ ଆମର କର୍ତ୍ତବ୍ୟ କଣ ?

ଡେଭିସ ଅବିଚଳିତ ଭାବରେ ଉତ୍ତର ଦେଲା—କେବଳ ପ୍ରତୀକ୍ଷା କରି ରହିବା ଛଡ଼ା ଆମର ଆଉ କିଛି ଦରକାର ନାହିଁ ।

ଧୀରେ ଧୀରେ ସନ୍ଧ୍ୟାର ଅନ୍ଧକାର ଘନାଇ ଆସିଲା ।

ଏଣେ ଦସ୍ୟୁମାନେ ଜାହାଜ ଛାଡ଼ିବା ଲାଗି ଆବଶ୍ୟକୀୟ ଆୟୋଜନ କରିବାରେ ବ୍ୟସ୍ତ ଥିଲେ । ସକାଳ ଯାଏ କୌଣସି

ମତେ ଆଉ ଏଠାରେ ରହି ହେବ ନାହିଁ । ଯେ କୌଣସି ଉପା-ୟରେ ହେଉ ପଛେ, ଏକ୍ଷଣି ଏଠାରୁ ପଳାଇଯିବା ଉଚିତ ।

ସେତେବେଳେ ଉତ୍ତର ଦିଗରୁ ସେମାନଙ୍କର ଅନୁକୂଳ ପବନ ବହୁଥିଲା । ଏହି ଅନୁକୂଳ ପବନରେ ଜାହାଜ ଭସାଇ ଦେଇ ଅନ୍ଧକାରର ସୁଯୋଗରେ ସମୁଦ୍ରରେ ଯାଇ ପଡ଼ିବାକୁ ହେବ । ତା'ପରେ ଆଗରେ ରହିଥିବ ଉନ୍ମୁକ୍ତ ସମୁଦ୍ର । ଶାନ୍ତା-ଫି ଜାହାଜ ତା' ପଛରେ ଗୋଡ଼ାଇଲେ ବି ଆତ୍ମରକ୍ଷା ପାଇଁ କିଛି ସୁଯୋଗ ରହିଥିବ । ତୁରନ୍ତ ଯାତ୍ରାର ପ୍ରସ୍ତୁତ ସମାପନ କରିବା ପାଇଁ କର୍ତ୍ତା ସେମାନଙ୍କ ଉପରେ ଗୃଫ ପକାଇଲା ।

ଡେଭିସ ଓ ଭାସ୍କୁଏଜ ଜଳଦସ୍ୟୁମାନଙ୍କର ମତଲବ ବୁଝି ପାରିଥିଲେ । ସେମାନେ ପରିଷ୍କାର ଭାବରେ ବୁଝି ପାରିଥିଲେ ଯେ ବର୍ତ୍ତମାନ ଦସ୍ୟୁ-ଜାହାଜଟି ନିଶ୍ଚୟ ସମୁଦ୍ରରେ ଯାତ୍ରା କରିବ । କିନ୍ତୁ ସେମାନେ କ'ଣ କରି ପାରିବେ ? କେଉଁ ଉପାୟରେ ବଦମାସଗୁଡ଼ାଙ୍କ ଯାତ୍ରା-ପଥରେ ବାଧା ଦିଆଯାଇ ପାରିବ ? ସେମାନଙ୍କ ମନ ହତା-ଶରେ ଭରିଗଲା ।

ଠିକଏ ପରେ ଜଳ-ଦସ୍ୟୁ ଦଳଟା ଯାକ ଜାହାଜରେ ଚଢ଼ି ଗଲେ । ସମସ୍ତେ ଚଢ଼ିଯିବା ପରେ କର୍ତ୍ତା ନଙ୍ଗର ଉଠାଇବାକୁ ଆଦେଶ ଦେଲା । ସେତେବେଳେ ରାତି ସାଢ଼େ ସାତଟା ।

ଡେଭିସ ଓ ଭାସ୍କୁଏଜ ବସି ବସି ନଙ୍ଗର ଉଠାଇବାର ଶବ୍ଦ ଶୁଣି ପାରିଲେ ।

ପାଞ୍ଚ ମିନିଟ ଭିତରେ ନଙ୍ଗର ଉଠା ହୋଇଗଲା । ତରଙ୍ଗଶୀର ସାରସାନ୍ତ୍ରେ ଜାହାଜ ହଲଚଲ ହେବାକୁ ଆରମ୍ଭ କଲା । ଜାହାଜର

ପାଲଗୁଡ଼ାକ ଖଞ୍ଜି ଦିଆ ହୋଇଥିଲା । ପବନର ଆଘାତରେ ପାଲ-ଗୁଡ଼ାକ ଫୁଲି ଉଠିବାକୁ ଲାଗିଲା । ଜାହାଜଟା ଖୁବ୍ ଧୀରେ ଧୀରେ ଯାଇ ମହାସାଗରର ଭିତରେ ପହଞ୍ଚିଲା । ତା'ପରେ ପବନର ବେଗ କମି ଆସିବାକୁ ଲାଗିଲା ।

ଠିକ୍‌ଏ ପରେ ଜାହାଜ ଚଳାଇବା କଷ୍ଟକର ହୋଇ ପଡ଼ିଲା । ନିସ୍ତରଙ୍ଗ ନୀଳ ଜଳରେ ସ୍ରୋତର ସାମାନ୍ୟ ସ୍ପର୍ଶ ବି ନ ଥିଲା । ତେଣୁ ଏହି ଅବସ୍ଥାରେ ଜାହାଜ ଚଳାଇବା ଏକବାରେ ଅସମ୍ଭବ । ମଧ୍ୟ ରାତି ଆଗରୁ କୌଣସି ମତେ ସାଁ-ଜୁଆଁ ଅନ୍ତରୀପ ବି ଟପିଯାଇ ହେବ ନାହିଁ । ଆଉ କେତେ ଘଣ୍ଟା ଭିତରେ ଜୁଆର ମାଡ଼ି ଆସିବ । ଜୁଆର ପାଇଁ ପ୍ରତୀକ୍ଷା କରିବା ଛଡ଼ା ସେମାନଙ୍କ ହାତରେ ଆଉ କୌଣସି ଉପାୟ ନ ଥିଲା ।

ଯଦି ଅନାଗତ ଜୁଆରକୁ ଠିକ୍ ଭାବରେ କାମରେ ଲଗାଇ ହେବ, ତାହାହେଲେ ଅବଶ୍ୟ କୌଣସି ଭାବନା ନାହିଁ । ତାହା-ହେଲେ ସକାଳ ହେବା ଆଗରୁ ସାଁ-ଜୁଆଁ ଅନ୍ତରୀପ ପାର ହୋଇ ନିଶ୍ଚୟ ଉନ୍ମୁକ୍ତ ସାଗରରେ ସେମାନେ ପହଞ୍ଚି ଯାଇ ପାରିବେ ।

କିନ୍ତୁ ସେତେବେଳେ ଜାହାଜ ଇଗୋ ଉପସାଗରର ଦକ୍ଷିଣ ଉପକୂଳ ଅଭିମୁଖରେ ଚାଲିଥିଲା । ଏହି ଅଞ୍ଚଳର ଉପକୂଳ ଭାଗର ଖବର କଙ୍ଗ୍ରେ ଭଲ ଭାବରେ ଜଣା ନ ଥିଲା । ତଥାପି ସେ ଜାଣିଲା ଯେ ଏ ଅଞ୍ଚଳର ଉପକୂଳ 'ଜାହାଜ-ମରା ଉପକୂଳ' ନାମରେ ଖ୍ୟାତ ଥିଲା ।

ଏଣେ ରାତି ଯେତିକି ବଢୁଥିଲା, ପବନର ବେଗ ସେତିକି କମି ଯାଉଥିଲା । ଏପରି ଅବସ୍ଥାରେ ଅନ୍ୟ ଦିଗକୁ ଜାହାଜ ଚଳାଇ-ନେବା କୌଣସି ମତେ ସମ୍ଭବ ନୁହେଁ ।

ଯାହା କରିବାକୁ ହେବ, ଏକ୍ଷଣି କରିବା ଦରକାର । କିନ୍ତୁ ବିପଦର ଗୁରୁତ୍ୱ ଉପଲବ୍ଧି କରି ପାରିଲା । ସେତେବେଳେ ତା ପାଇଁ ଗୋଟାଏ ମାତ୍ର ବାଟ ଖୋଲା ଥିଲା । ସେ ସେହି ବାଟଟା ବ୍ୟବହାର କଲା । ଜାହାଜରୁ ଗୋଟାଏ ଡିଙ୍ଗି ତଳକୁ ଓହ୍ଲାଇ ଦିଆଗଲା । ପ୍ରାୟ ସାତଜଣ ଲୋକ ସେହି ଡ଼ିଙ୍ଗିରେ ଚଢ଼ିଲେ । ତା' ପରେ ବହୁ ଚେଷ୍ଟାରେ ପ୍ରଭୂତ ପରିଶ୍ରମ ପରେ ଜାହାଜଟାକୁ କୌଣସି ମତେ ମଝି ଦରିଆକୁ ଠେଲି ନିଆଗଲା ।

ଘର୍ମାକ୍ତ କଳେବରରେ ମଝି ଦରିଆରେ ପହଞ୍ଚି ସେମାନେ ଦେଖି ପାରିଲେ ଯେ ଆଉ ପବନ ନାହିଁ । ପବନ ନ ଥିଲା ବୋଲି ପାଲ ଗୁଡାକ କୁଞ୍ଚିତ ହୋଇ ଯାଇଥିଲା । ଡିଙ୍ଗି ସାହାଯ୍ୟରେ ଜାହାଜଟିକୁ ଟାଣି ଟାଣି ଉପସାଗରର ମୁହଁକୁ ନେଇଯିବା ଲାଗି କଳ୍ପନା କରିବା ଏକ୍ଷଣି ବାତୁଳତା ଛଡା ଅନ୍ୟ କିଛି ନ ଥିଲା । ସୁତରାଂ ଜୁଆର ପାଇଁ ବସି ରହିବା ଛଡା ଆଉ କୌଣସି ଉପାୟ ନ ଥିଲା । ଇତି ମଧ୍ୟରେ ଜୁଆରର ପ୍ରଭାବ ଅନୁଭୂତ ହେବାକୁ ଆରମ୍ଭ କଲା । କିନ୍ତୁ ସେହି ଜୁଆରକୁ କାମରେ ଲଗାଇବା ସମ୍ଭବ ନୁହେଁ । ଜାହାଜ ଏକ୍ଷଣି ଯେଉଁଠି ଠିଆ ହୋଇଥିଲା, ସେଠାରୁ ଜୁଆରର ସାହାଯ୍ୟ ମିଳି ପାରିବ ନାହିଁ । ତାହା ଛଡା ଜୁଆରର ପ୍ରତିକୂଳରେ ଜାହାଜ ଚଳାଇବା ମଧ୍ୟ ବାତୁଳର କଳ୍ପନା । ତାହାହେଲେ କ'ଣ ମାତ୍ର ଦୁଇ ମାଇଲ ଆସି ଜାହାଜର ନଙ୍ଗର ପକାଇ ଭାଗ୍ୟର ହାତରେ ଆତ୍ମସମର୍ପଣ କରିବାକୁ ହେବ ?

ଦସ୍ୟୁ-ଜାହାଜ ନଙ୍ଗର ପକାଇବା ପରେ ଡେଭିସ ଓ ଭ୍ରସ-କୁଏକ ସେମାନଙ୍କ ଗୁପ୍ତ ଜାଗାରୁ ବାହାରି ଆସି ସମୁଦ୍ର କୂଳରେ

ଠିଆ ହେଲେ । ସେମାନେ ଜାହାଜର ଗତିବିଧି ଲକ୍ଷ୍ୟ କରିବାକୁ ଲାଗିଲେ । ପବନର ଅବସ୍ଥା ଦେଖି ସେମାନେ ବୁଝି ପାରିଲେ ଯେ କଙ୍ଗ୍ରୀଙ୍କୁ କିଛିକ୍ଷଣ ସେଠାରେ ଅଟକି ରହିବାକୁ ପଡ଼ିବ । ଭଟ୍ଟା ନ ପଡ଼ିଲେ ସେ କୌଣସି ମତେ ଜାହାଜକୁ ଚଳାଇ ନେଇ ପାରିବ ନାହିଁ । ତଥାପି ସକାଳ ହେବା ଆଗରୁ ସେମାନଙ୍କର ଜାହାଜ ମୁକ୍ତ ସମୁଦ୍ରରେ ଯାଇ ପହଞ୍ଚିବାର ଯଥେଷ୍ଟ ସମ୍ଭାବନା ଅଛି ।

ହାଠତ୍ ଭାସକୁଏଜ ପାଟି କରି କହିଲା—ଏଥର ଠିକ କବଳରେ ପଡ଼ିଛନ୍ତି ।

—ବିସ୍ମିତ କଣ୍ଠରେ ଡେଭିସ ପଚାରିଲା—କିପରି ?

—ଭାସକୁଏଜ ଜବାବ ଦେଲା—କିପରି ତାହା ତୁମେ ଏକ୍ଷଣି ଦେଖି ପାରିବ ।

ଏହା କହି ଭାସକୁଏଜ ଡେଭିସର ହାତ ଧରି ତାକୁ ଟାଣି ଟାଣି ଦ୍ରୁତ ପାଦରେ ବଡ଼ଘର ଆଡ଼କୁ ନେଇଗଲା ।

ସେତେବେଳେ ଶାନ୍ତା-ଫି ଜାହାଜ ଉପସାଗରର ପ୍ରବେଶ ମୁଖରେ ଠିଆ ହୋଇ ସୂର୍ଯ୍ୟୋଦୟ ପାଇଁ ଅପେକ୍ଷା କରୁଥିଲା । ରାତିର ଅନ୍ଧକାରରେ ମଧ୍ୟ କପ୍ତାନ ଲକାସ୍ୱତଙ୍କର ମଥାରୁ ଜାହାଜ ଚଳାଇବାର ନିଶା ଖସି ଯାଇ ନ ଥିଲା ।

କଙ୍ଗ୍ରୀ ବି ସେକଥା ବୁଝି ପାରିଥିଲା । କିନ୍ତୁ ସେତେବେଳେ ବି ତା ମନରେ ଆଶାର କ୍ଷୀଣ ରେଖା ଉଙ୍କି ମାରୁଥିଲା । ଥରେ ସମୁଦ୍ର-ମୁଖୀ ଭଟ୍ଟା ଆରମ୍ଭ ହୋଇଗଲେ, ତାକୁ ଅଉ କିଏ ପାରିବ ?

ଘଣ୍ଟାଏ ଭିତରେ ସେମାନଙ୍କ ଜାହାଜ ସୁନୀଳ ଅସୀମ ସମୁଦ୍ରରେ ବାହାର କରି ପାରିବ ।

ଯେତେବେଳେ ଝଡ଼ ନଥିବା ବାଜୁଛି । ଜୁଆରର ଗତି ପ୍ରତିରୋଧ କରିବା ପାଇଁ ଦସ୍ୟୁ-ଜାହାଜ ସାରସାନ୍ତୋ ନଙ୍ଗର ପକାଇ ଠିଆ ହୋଇଥାଏ ଏବଂ ଭଟ୍ଟା ପାଇଁ ପ୍ରତୀକ୍ଷା କରୁଥାଏ । ଝଡ଼ ଉଠିବା ଆଗରୁ ସେ ଆଶା ନ ଥାଏ । ତେଣୁ ସମୁଦ୍ର ଆଡ଼କୁ ମୁହଁ ବୁଲାଇ ଜାହାଜ ଠିଆ ହୋଇଥାଏ ।

ଆଗରୁ ଡିଙ୍ଗି ଦୁଇଟାକୁ ଉଠାଇ ନେଇ ଯାଉଛନ୍ତି, କାରଣ ଭଟ୍ଟା ଆରମ୍ଭ ହୋଇଗଲେ ମୁହୂର୍ତ୍ତେ ମାତ୍ର ସମୟ ବି ନଷ୍ଟ କରିବାକୁ ତାର ଇଚ୍ଛା ନୁହଁ ।

ହଠାତ୍ ସେମାନଙ୍କ ଭିତରୁ ଜଣେ ଚିତ୍କାର କଲା—ଏଁ ଆଲୁଅ । ବତିଘରେ ଆଲୁଅ ଜଳିଲାଣି ।

ସତରେ ତା, ବତିଘରୁ ଗୋଟାଏ ତୀବ୍ର ଆଲୋକ-ରଶ୍ମି ଆସି ଅନ୍ଧକାରକୁ ଛିନ୍ନଭିନ୍ନ କରି ପକାଉଛି । ଆଲୁଅରେ ଗୁରଦଗ ଉଜ୍ଜ୍ୱଳ ହୋଇ ଯାଉଛି । ବତିଘରର ମିନାରରୁ ତୀବ୍ର ଆଲୋକ ରେଖା ଆସି ଦ୍ୱୀପ, ସମୁଦ୍ର ଓ ଆକାଶକୁ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରି ଦେଉଛି ।

ସାରସାନ୍ତୋ ଉତ୍ତେଜିତ ପାଟିକଲା—ଓଃ, ବଦମାସ । ବଦମାସଗୁଡ଼ାକ ବତିଘରକୁ ଯାଇ ଆଲୁଅ ଜାଳି ଦେଇଛନ୍ତି ।

ତହୁଁ କର୍ତ୍ତା ଗର୍ଜନ କଲା—ଶୀଘ୍ର କୂଳକୁ ଚାଲ । ଏକ୍ଷଣି ତୁରନ୍ତ କୂଳକୁ ଫିରିବାକୁ ହେବ । ସେଠାକୁ ଯାଇ ବତିଘରର

ମିନାର ଉପରକୁ ଚଢିଯିବାକୁ ହେବ; ଲଣ୍ଠନ-ଘରେ ପ୍ରବେଶ କରିବାକୁ ହେବ ଏବଂ ତା'ପରେ ଝୁଙ୍ଗି ଅଜଗର ଭଳି ଆଲୋକ-ରକ୍ଷୀ ଓ ତା ସଙ୍ଗୀମାନଙ୍କ ଉପରେ ଚ୍ରେଞ୍ଚ ମାରିବାକୁ ହେବ । ଆଉ ତା'ପରେ ଆଲୁଅ ଲିଭାଇ ଦେବାକୁ ପଡିବ ।

ସାରସାନ୍ତେ ପଚାରିଲେ ମାନି ଶାନ୍ତା-ଫି ଯଦି ଇତି ମଧ୍ୟରେ ଚାଲି ଯିବାକୁ ଆରମ୍ଭ କରେ ?

ସାରସାଟନ୍ତ କଥାରେ କଙ୍ଗ୍ରୀ ଟିକିଏ ଦବି ଗଲା । ସତରେ ଯଦି ଶାନ୍ତା-ଫି ଚାଲିବାକୁ ଆରମ୍ଭ କରେ ? କିନ୍ତୁ ନା, ଗୋଟାଏ ବ୍ୟବସ୍ଥା କରିବାକୁ ହେବ । ସୁତରାଂ କଙ୍ଗ୍ରୀ ଡିଙ୍ଗି ଓହ୍ଲାଇବାକୁ ହୁକୁମ ଦେଲା ।

କେତେ ମିନିଟ ଭିତରେ ଡିଙ୍ଗି ସମୁଦ୍ର ବକ୍ଷରେ ଭାସିବାକୁ ଲାଗିଲା । ସଙ୍ଗେ ସଙ୍ଗେ ଜଳଦସ୍ୟୁମାନେ ଡିଙ୍ଗି ଉପରକୁ କୁଦି ପଡିଲେ । ସମସ୍ତେ ଅସ୍ତ୍ରରେ ସଜ୍ଜିତ ଥିଲେ । କାହାର ହାତରେ ବନ୍ଧୁକ ତ କାହାର ହାତରେ ଚରଭାର, ଆଉ କାହାର ହାତରେ କୁଠାର । କେତେ ମିନିଟ ଭିତରେ ସେମାନେ କୂଳରେ ପହଞ୍ଚି ଗଲେ ଏବଂ ଦ୍ରୁତ ପଦରେ ବଡଘର ଆଡ଼କୁ ଧାଇଁବାକୁ ଲାଗିଲେ । ସେଠାରୁ ବଡଘର ଦେଢ଼ ମାଇଲ ଦୂରରେ । ସେମାନେ ପ୍ରାୟ ପନ୍ଦର ମିନିଟ ମଧ୍ୟରେ ସେତିକି ବାଟ ଅତିକ୍ରମ କରିଗଲେ ।

ମାତ୍ର ଦୁଇ ଜଣ ଲୋକଙ୍କୁ ଜାହାଜର ପହରାରେ ରଖି ସେମାନେ ହିଂସ୍ର ଆବେଗରେ ତୀବ୍ର ଗତିରେ ଧାଇଁ ଆସୁଥିଲେ ।

ସେତେବେଳେ ତେଜଭସ ଓ ଭୀଷକୁଏଜ ଲଣ୍ଠନ-ଘରେ ରହି ଥିଲେ । ମୂଳରୁ ଭୀଷକୁଏଜ ଡ଼ରି ଯାଇଥିଲା । କଙ୍ଗ୍ରୀ ଲଣ୍ଠନର ଆତସବାଜି ଓ ଯନ୍ତ୍ରପାତି ନଷ୍ଟ କରିଦେଇ ନାହିଁ ତ ? କିନ୍ତୁ ଲଣ୍ଠନ ଘରେ ପ୍ରବେଶ କଲାକ୍ଷଣି ସେମାନଙ୍କର ସେହି ଭୟ ଦୂର ହେଲା । ନା, ଲଣ୍ଠନ ଠିକ ଅଛି । କଙ୍ଗ୍ରୀ କୌଣସି ଯନ୍ତ୍ରପାତି ନଷ୍ଟ କରିଦେଇ ନ ଥିଲା । ସେଥିପାଇଁ ବଡଘରର ଲଣ୍ଠନ ଅକସ୍ମାତ ଜଳି ଉଠିଲା ଏବଂ ଆତସବାଜି ବାଟେ ଆଲୋକର ବନ୍ୟା ବିଚ୍ଛୁରିତ ହୋଇଥିଲା ।

ଦସ୍ୟୁମାନେ ଭୀମ ବେଗରେ ବଡଘର ଆଡକୁ ଦୌଡ଼ି ଆସିଲେ । ମାତ୍ର ସେମାନେ ଆସି ଦେଖନ୍ତି ତ ସିଢ଼ି ଘରର ଦୁଆର ବନ୍ଦ । କଙ୍ଗ୍ରୀ ହୁକୁମ ଦେଲା—ଏକ୍ଷଣି ଦୁଆର ଭାଙ୍ଗି ଉପରକୁ ଉଠି ନ ପାରିଲେ ଆଉ ଆମର ରକ୍ଷା ନାହିଁ ।

କିନ୍ତୁ ସିଢ଼ି-ଘରର ଦୁଆର ଇସ୍ପାତ ଦ୍ୱାରରେ ତିଆରି ଏବଂ ଖୁବ ଶକ୍ତ । କୌଣସିମତେ ସେମାନେ ଦୁଆରଟା ଭାଙ୍ଗି ପାରିଲେ ନାହିଁ । ସେମାନଙ୍କ ଦେହରୁ ଗମଗମ ହୋଇ ଝାଳ ବହିବାକୁ ଲାଗିଲା । କୁରାଢ଼ି ଦ୍ୱାରା ସେମାନେ ସେହି ଇସ୍ପାତ ଦୁଆରକୁ ଭାଙ୍ଗିବାକୁ ଚେଷ୍ଟା କରି ବ୍ୟର୍ଥ ହେଲେ । ସାରସାନ୍ତେ ଦୁଆରର ବୋଲ୍ଟ ଖୋଲି ପକାଇବା ପାଇଁ ପରୀକ୍ଷା କଲା । ମାତ୍ର ସେ ଚେଷ୍ଟା ବି ବ୍ୟର୍ଥ ହେଲା । ଦୁଆରର ବୋଲ୍ଟଗୁଡ଼ାକ ଭିତରୁ ଅଣ୍ଟା ଯାଇଥିଲା । ସେଥିପାଇଁ ତାକୁ ବାହାରୁ ଖୋଲିବା ସମ୍ଭବ ନୁହେଁ ।

ତାହାହେଲେ ଏକ୍ଷଣି କ'ଣ କରାଯିବ ? ମିନାରକୁ ଉଠିବା ପଇଁ ଆଉ କେଉଁ ବାଟ ଅଛି କି ? ଯଦି ନ ଥାଏ, ତାହାହେଲେ ଦ୍ୱୀପ ଭିତରେ ଲୁଚି ରହି ଆତ୍ମରକ୍ଷା କରିବା ଛଡ଼ା ସେମାନଙ୍କର ଆଉ କିଛି ବାଟ ନାହିଁ । ମାତ୍ର ଫେରିଗଲେ ସେମାନଙ୍କର କି ଲାଭ ହେବ ? ତାହା ଛଡ଼ା, ସେମାନଙ୍କ ହାତରେ ଠିକଏ ହେଲେ ସମୟ ନାହିଁ । ନିଃସନ୍ଦେହରେ ଶାନ୍ତା-ଫି ଜାହାଜ ଏକ୍ଷଣି ଦ୍ରୁତଗତିରେ କୂଳ ଆଡ଼କୁ ଧାଇଁ ଆସୁଛି । ଯଦି କୌଣସି ଉପାୟରେ ଏକ୍ଷଣି ଆଲୁଅ ଲିଭାଇ ଦିଆଯାଇ ପାରେ, ତାହାହେଲେ ହୁଏତ ବଞ୍ଚିବା ପାଇଁ ଗୋଟାଏ ଉପାୟ ମିଳିଯାଇ ପାରେ ।

କିନ୍ତୁ ସେ ଆଶା ସୁଦୂର ପରାହତ । ମିନାରକୁ ଉଠିବା ପାଇଁ ଗୋଟିଏ ମାତ୍ର ବାଟ ଅଛି । ତାହା ହେଲେ କ'ଣ କରାଯିବ ?

ହଠାତ୍ ସାରସାନ୍ତେ ଚିତ୍କାର କଲା—ଏଣେ ତ ଗୋଟାଏ ଲୁହା ସିଡ଼ି ଅଛି ।

କଙ୍ଗ୍ରୀ ତତ୍କ୍ଷଣାତ୍ ହୁକୁମ ଦେଲା—ଜଲ୍ଦି ନେଇଆସ ।

ଅନେକ କଷ୍ଟରେ ସିଡ଼ିଟା କାନ୍ଥରେ ଲଗା ହେଲା ପରେ ଦେଖାଗଲା ଯେ ସେଟା ମିନାରର ଅଧକୁ ବି ପାଉ ନାହିଁ ।

କଙ୍ଗ୍ରୀ ରାଗ ଓ କ୍ଷୋଭରେ ଉନ୍ମାଦଙ୍କ ପରି ହୋଇଗଲା । ନିରୁପାୟ ହୋଇ ସେ ଆକ୍ରୋଶରେ ମୁଣ୍ଡର ବାଳ ଛିଣ୍ଡାଇ ପକାଇବାକୁ ଲାଗିଲା ।

ଏହି ସମୟରେ ସେ ଦେଖି ପାରିଲା ଯେ ଗୋଟାଏ ଲୁହା ପାଇପ ମିନାରର ଚୂଡ଼ା ଯାଏ ଉଠି ଯାଇଛି । ଉହୁଁ ଶେଷ ଚେଷ୍ଟା କର

ଦେଖିବା ପାଇଁ ସେ ଉତ୍ସୁକ ହୋଇ ଉଠିଲା । ସେତେବେଳକୁ ସାର-ସାନ୍ତେ ଓ ଭାର୍ଗସ ପାଇପ ଧରି ଉପରକୁ ଉଠିବାକୁ ବସିଲେଣି ।

ସେମାନେ ଡେକ୍ ଉପରକୁ ଚଢିଗଲେ । ପହଞ୍ଚିବାକୁ ଆଉ ଟିକିଏ ବାକି ଥାଏ ।

ଏପରି ସମୟରେ ରିଭଲଭରର ଘନ ଘନ ଶବ୍ଦ ଶୁଣାଗଲା । ଡେଭିସ ଓ ଭାସକୁଏଜ ଏଥର ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରିଥିଲେ ।

ସାରସାନ୍ତେ ଓ ଭାର୍ଗାସର ଦେହ ଗୁଳିବିଦ୍ଧ ଅବସ୍ଥାରେ ତଳେ ଖସି ପଡ଼ିଲା ।

ଏଣେ ଶାନ୍ତା-ଫି ଜାହାଜର ସିଟି ସେତେବେଳକୁ ତୀବ୍ର ଶବ୍ଦରେ ବାଜିବାକୁ ଲାଗିଲାଣି । ଶାନ୍ତା-ଫି ପ୍ରାୟ କୂଳରେ ଆସି ପହଞ୍ଚି ଗଲାଣି ।

ପଳାଇବା ପାଇଁ ବି ଆଉ ସମୟ ନାହିଁ । ଦୁଇ ତିନି ମିନିଟ ଭିତରେ ଶାନ୍ତା-ଫି ଲଙ୍ଗର ପକାଇବ ।

ଏଥର ତାହାହେଲେ ସୁନିଶ୍ଚିତ ମୃତ୍ୟୁ ! ଆଉ ନିସ୍ତାର ନାହିଁ । ତାର ଆଖି ଆଗରେ ଘନ ଅନ୍ଧକାର ଘୋଟିଗଲା ।

ତାହାହେଲେ ଏଥର ସୁନିଶ୍ଚିତ ମୃତ୍ୟୁ ! ତାର ଆଉ କିଛି କରି ପାରିବାର ନାହିଁ । ଆଦୌ ନାହିଁ । କଙ୍ଗ୍ରୀ ଓ ତା ଦଳର ଲୋକମାନେ ସମସ୍ତେ ପ୍ରାଣ ଭୟରେ ପଳାଇ ଯାଇ ଅନ୍ଧାରରେ କୁଆଡେ ଲୁଚିଗଲେ ।

ଘଣ୍ଟାକ ପରେ ଶାନ୍ତା-ଫି ଜାହାଜର ନଙ୍ଗର ପକାଇବା ଶବ୍ଦରେ ନିର୍ଜନ ନିଶବ୍ଦ ଦ୍ୱୀପ ମୁଖର ହୋଇ ଉଠିଲା ।

ଆଉ କିଛି କ୍ଷଣ ପରେ ଭାସକୁଏଜ ଓ ଡେଭିସଙ୍କୁ ଶାନ୍ତା-ଫି ଜାହାଜର ଡେକ୍ ଉପରେ ବିଚରଣ କରିବାର ଦେଖାଗଲା ।

# ପନ୍ଦର

କାପ୍ତାନ ଲାକାପ୍ୟେତ ତୁରନ୍ତ ଭାସକୁଏଜ ଓ ଡେଭିସଙ୍କୁ ଡ଼ାକି ପଠାଇଲା ଏବଂ ପଚ୍ଚାରିଲା—ଭାସକୁଏଜ, ଏତେ ଡ଼େରିରେ ଆଲୁଅ ଜଳିଲା କାହିଁକି ?

ଭାସକୁଏଜ ଜବାବ ଦେଲା—ନଅ ସପ୍ତାହରୁ ଅଧିକ ହୋଇଗଲା, ଆଲୁଅ ଜଳି ପାରି ନାହିଁ । ଏତେ ଦିନ ପରେ ଆଜି ଆଲୁଅ ଜଳିଲା ।

—ନଅ ସପ୍ତାହ ? କ'ଣ କହୁଛ ତୁମେ ? ଫିଲିପ ଓ ମରିସ କୁଆଡେ ଗଲେ ?

—ଫିଲିପ ଓ ମରିସ ନିହତ ହୋଇଛନ୍ତି । ଶାନ୍ତା-ଫି ଜାହାଜ ଏଠାରୁ ଚାଲି ଯିବାର ତିନି ସପ୍ତାହ ପର ଠାରୁ ବତିଘରର କଣ୍ଠେଇମାନ ଆଲୋକ-ରଶ୍ମୀ ଦେଇ ରହିଛନ୍ତି ।

ତାପରେ ଡ଼େଭିସ ଓ ଭାସକୁଏଜ କପ୍ତାନ ଲାକପ୍ୟେତ ପାଖରେ ସବୁ କଥା ଗୋଟି ଗୋଟି କରି ଖୋଲି କହିଗଲେ—କିପରି ଭାବରେ ଦସ୍ୟୁଗୁଡାକ ଫିଲିପ ଓ ମରିସଙ୍କୁ ମାରି ପକାଇଛନ୍ତି, ଭାସକୁଏଜ କିପରି ଭାବରେ ପଳାଇ ଯାଇ ଆତ୍ମରକ୍ଷା କରିଛନ୍ତି, କିପରି ଭାବରେ ସେଞ୍ଚୁରୀ ଜାହାଜ ଧ୍ୱଂସ ହୋଇଛନ୍ତି ଏବଂ ଡେଭିସ ରକ୍ଷା ପାଇ ଯାଇଛନ୍ତି

କପଟ ଭାବରେ କମାଣ୍ଡ ଫୁଟାଇ ସେମାନେ ଦସ୍ୟୁମାନଙ୍କ ଯାତ୍ରାପଥରେ ବିଘ୍ନ ଘଟାଇଛନ୍ତି ଏବଂ ଶେଷରେ କପଟ ଭାବରେ ଗତ ରାତିରେ ନିଜ ଜୀବନକୁ ତୁଚ୍ଛ କରି ଭାସକୁଏଜ ଦସ୍ୟୁଙ୍କ ଯାତ୍ରାରେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଛନ୍ତି ।

ଡେଭିସ କହିଲା—ଆଜି ରାତିରେ ବଡଘରେ ଲଣ୍ଠନ ଜଳାଇବା ପାଇଁ ଭାସକୁଏଜର ମଥାରେ ଗୋଟାଏ ବୁଦ୍ଧି ପଶିଲା । ଏହି କିଂକର୍ତ୍ତବ୍ୟବିମୂଢ଼ ସମୟରେ ଯଦି ସେ ମଥା ଥଣ୍ଡା କରି ଲଣ୍ଠନ ଜଳାଇବାକୁ ବୁଦ୍ଧି ଖଟାଇ ନ ଥାନ୍ତା, ତାହାହେଲେ ଦସ୍ୟୁମାନେ ଇତି ମଧ୍ୟରେ ପଳାଇ ଯାଇଥାନ୍ତେ ।

ସବୁ ଶୁଣିସାରି କପ୍ତାନ ଲକାୟେତ ସେମାନଙ୍କ ସହିତ କର-ମର୍ଦ୍ଦନ କରି କହିଲା -- ଯଦି ତୁମ୍ଭେମାନେ ସାହସ କରି ଦସ୍ୟୁଗୁଡାଙ୍କୁ ବାଧା ଦେବାକୁ ଚେଷ୍ଟା କରି ନ ଥାଆନ୍ତି, ତାହାହେଲେ ସେମାନଙ୍କର ଆଜି କୌଣସି ସନ୍ଧାନ ମିଳି ନ ଥାଆନ୍ତା । ଭାଗ୍ୟକୁ ଭାସକୁଏଜ ବୁଦ୍ଧି ଖଟାଇ ଲଣ୍ଠନଟା ଜଳାଇ ଦେଇଛନ୍ତି, ନ ହେଲେ ଦସ୍ୟୁ ଦଳଟା ଏତେ ବେଳକୁ ମଝି ଦରିଆ ଟପି ଯାଇ ସାରନ୍ତାଣି । ଯାହାହଉ, ଏତେ ଦିନେ ସଇତାନଗୁଡାକୁ କବଳରେ ପାଇଛନ୍ତି । ସେମାନଙ୍କୁ ଆଉ କେବେ ଲୁଟ ତରାଜ କରିବାକୁ ପଡ଼ିବ ନାହିଁ । ଭାସକୁଏଜ, ତୁମେ ସାହସ କରି ଆଲୁଅ ଜଳାଇ ପାରିଛ, ସେଥିପାଇଁ ତୁମକୁ ମୋର ଅଜସ୍ର ଧନ୍ୟବାଦ ।

କିଛି ସମୟ ଭିତରେ ଶାନ୍ତା-ଫି ଜାହାଜର ନାବିକମାନେ ସବୁ କଥା ଶୁଣି ପାରିଲେ ଏବଂ ଆନନ୍ଦରେ ଅଧୀର ହୋଇଯାଇ ଭାସକୁଏଜ ଓ ଡେଭିସଙ୍କୁ ଆଉ ଥରେ ଅଭିନନ୍ଦନ ଜଣାଇଲେ ।

କଥାବାର୍ତ୍ତା ହେଉଁ ହେଉଁ ରାତିଟା ପ୍ରାୟ କଟିଗଲା । ନୂତନ ପ୍ରଭାତର ପ୍ରଥମ ଆଲୋକ ରେଖା ଆସି ପ୍ରସନ୍ନ ଆଶୀର୍ବାଦ ପରି ସମୁଦ୍ର ବକ୍ଷରେ ନିପତିତ ହେଲା । ଆକାଶର ରଙ୍ଗ ଫିକା ନୀଳ ଦିଶୁଥିଲା । ପ୍ରଭାତୀ ଆଲୋକରେ ରଞ୍ଜିତ ଶିଶିରରେ ଚତୁର୍ଦ୍ଦିଗର ବନ ଓ ଆକାଶ ଉଦ୍ଭାସିତ ହୋଇଗଲା । ଦିଗନ୍ତରେ ସମୁଦ୍ରର ଜଳରାଶି ଫୁଲର ପାଖୁଡ଼ା ଭଳି ରକ୍ତ ବର୍ଣ୍ଣ ଧାରଣ କଲା ।

ଇତି ମଧ୍ୟରେ ଭାସକୁଏଜ ନୂତନ ଆଲୋକ-ରକ୍ଷୀ ତିନି ଜଣଙ୍କ ସାଙ୍ଗରେ ଆଳାପ ଜମାଇ ଦେଇଥିଲା ।

ରାତି ଥାଉଣୁ ଦଳେ ସଶସ୍ତ୍ର ନାବିକ ଦସ୍ୟୁମାନଙ୍କ ଜାହାଜ ଦଖଲ କରିବାକୁ ବାହାରି ପଡ଼ିଥିଲେ, କାରଣ ଥରେ ଯଦି କଙ୍ଗ୍ରୀ ଅସ୍ତବ୍ୟସ୍ତ ହୋଇ ତାର ଦଳବଳ ଧରି ସେହି ଜାହାଜରେ ଚଢ଼ିଯାଇ ପାରେ, ତାହାହେଲେ ଭଟ୍ଟାର ତୋଡ଼ରେ ଜାହାଜଟା ଛାଡ଼ି ଦେଲେ ସେମାନେ ଅନାୟାସରେ ଯାଇ ଅସୀମ ସାଗରରେ ପଡ଼ି ଯାଇ ପାରିବେ ।

ନୂଆ ଆଲୋକ-ରକ୍ଷୀମାନଙ୍କର ନିରାପତ୍ତା ପାଇଁ ଏବଂ ବିଶେଷତଃ ଫିଲିପ ଓ ମରିସର ହତ୍ୟାର ପ୍ରତିଶୋଧ ନେବା ପାଇଁ, କପ୍ତାନ ଲାଫାୟେତ ଦସ୍ୟୁମାନଙ୍କ ଉପରେ ଅତର୍କିତ ଭାବରେ ଚଢ଼ାଉ କରିବା ଲାଗି ମନେ ମନେ ଉପାୟ ଚିନ୍ତା କରୁଥିଲା ।

ସାରସାନ୍ତେ ଓ ଭାର୍ଗାସ ଅବଶ୍ୟ ଗତ ରାତିରେ ନିହତ ହୋଇ-ଥିଲେ । ତଥାପି ସେହି ନିର୍ଜନ ଦ୍ୱୀପର ଗହନ ଅନ୍ତଃପୁରରେ ଏବେ ବି ଦଶ ଜଣ ଯାଏ ଦସ୍ୟୁ ଲୁଚି ଛପି ରହିଥିଲେ ।

ଦ୍ୱୀପର ଆୟତନଟା ଟିକିଏ ବଡ଼ ଓ ଅରଣ୍ୟମୟ ହୋଇ ଥିବାରୁ ଦସ୍ୟୁମାନଙ୍କୁ ଖୋଜି ବାହାର କରିବା ଅବଶ୍ୟ ଶ୍ରମସାଧ୍ୟ ବ୍ୟାପାର ।

ତାହା ଛଡ଼ା ଦ୍ୱୀପର ଅନ୍ଧସନ୍ଧି ବୁଲି ଖୋଜିବାଟା ଏଡ଼େ ସହଜ କଥା ନୁହେଁ । ଏତେ ବଡ ଗୋଟାଏ ଦ୍ୱୀପରେ କେଉଁଠି କେଉଁ ପାହାଡ଼ରେ ନିଭୃତ ଗୁହାରେ ଯେ ବଦମାସଗୁଡ଼ାକ ଲୁଚି ରହିଛନ୍ତି, ତାକୁ ଠଉରାଇବା ଏତେ ସହଜ କଥା ନୁହେଁ । ତଥାପି କପ୍ତାନ ଲାଙ୍ଗୋୟେଡ୍ କୌଣସି ମତେ ସେମାନଙ୍କୁ ଛାଡ଼ିଦେବ ନାହିଁ ବୋଲି ମନେ ମନେ ସ୍ଥିର କଲା । ଯେତେ ଦିନ ଯାଏ ଆଲୋକ-ରକ୍ଷୀମାନଙ୍କର ନିରାପତ୍ତା ବିଷୟରେ ସେ ନିଃସନ୍ଦେହ ହୋଇ ନ ପାରନ୍ତି ଏବଂ ବଉଘରର କାମ ନିୟମିତଭାବରେ ଖୁବ୍ ସୁରୁଖୁରୁରେ ନ ଚାଲନ୍ତି, ସେତେ ଦିନ ଯାଏ ସେ ଷ୍ଟାଟେନ ଦ୍ୱୀପରେ ରହିଥିବ ବୋଲି ସ୍ଥିର କଲା ।

ଦସ୍ୟୁମାନଙ୍କ ପାଖରେ କୌଣସି ଖାଦ୍ୟ ସାମଗ୍ରୀ ନ ଥିଲା । ସେଣ୍ଟ ବାର୍ଥୋଲେମିଉ ଅନ୍ତରୀପର ଡ଼େରାଟର କି ଇଗୋ ଉପସାଗର କୂଳରେ ଦସ୍ୟୁ-ଗୁହାରେ ବି କିଛି ଖାଦ୍ୟ ପଦାର୍ଥ ନ ଥିଲା । ତେଣୁ ସେମାନେ ଆଉ କେତେ ଦିନ ଉପବାସ ରହି ଦିନ କଟାଇ ପାରିବେ ?

ଠିକ୍ ଭୋର ହେବା ମାତ୍ରେ କପ୍ତାନ ଲାଙ୍ଗୋୟେଡ୍ ସାଙ୍ଗରେ ଭେଭସ ଓ ଭାସକୁଏଜକୁ ଧରି ଦସ୍ୟୁ-ଗୁହା ଅଭିମୁଖରେ ଅଗ୍ରସର ହେଲା । ତା ସାଙ୍ଗରେ ବି ଦଳେ ସଶସ୍ତ୍ର ନାବିକ ଗଲେ । ମାତ୍ର ସେମାନେ ଯାଇ ଦେଖିଲେ, ଗୁହାଟା ଏକବାରେ ଶୂନ୍‌ଶାନ ଏବଂ କିଛି ଶସ୍ତା ଜିନିଷପତ୍ର ଛଡ଼ା ଆଉ କିଛି ସେଠାରେ ନ ଥିଲା ।

ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ଦାମିକା ଜିନିଷପତ୍ର ଯାଏ ସବୁ କଙ୍ଗ୍ରେର ଲୋକମାନେ ଆଗରୁ ଜାହାଜକୁ ବୋହି ନେଇ ଯାଇଥିଲେ । ଯଦି ରାତିରେ କଙ୍ଗ୍ରେ ତାର ଦଳବଳ ଧରି ଗୁହାକୁ ଆସିଥାନ୍ତି, ତାହାହେଲେ ସେଠାକାର ଏ ଦୁର୍ଦ୍ଦଶା ଦେଖି ସେମାନେ

ନିଶ୍ଚୟ ନିରାଶ ହୋଇ ଫେରି ଯାଇଥିବେ । ସାରସାନ୍ତେ ଜାହାଜର ଭଣ୍ଡାରରୁ ଯେଉଁ ପରିମାଣ ଅସ୍ତ୍ରଶସ୍ତ୍ର ମିଳିଲା, ସେଥିରୁ ମନେ ହେଲା ଯେ ସେମାନଙ୍କ ନିକଟରେ ବିଶେଷ କୌଣସି ଅସ୍ତ୍ରଶସ୍ତ୍ର ମଧ୍ୟ ନାହିଁ ।

ସୁତରାଂ ଏପରି ପରିସ୍ଥିତିରେ ଦସ୍ୟୁମାନଙ୍କର ଆତ୍ମସମର୍ପଣ କରିବା ଛଡ଼ା ଅନ୍ୟ କୌଣସି ଗତି ନ ଥିଲା । ଉପବାସରେ ରହି ମୃତ୍ୟୁ ବରଣ କରିବା ଅପେକ୍ଷା ବରଂ ଆତ୍ମସମର୍ପଣଟା ହିଁ ଭଲ ବୋଲି ସେମାନେ ନିଶ୍ଚୟ ମନେ କରିବେ । ଏଥିରେ କୌଣସି ପ୍ରକାର ମତଦ୍ୱୈଧ ନ ଥାଇ ପାରେ ।

କିନ୍ତୁ ସେଟା ତ ପଛ କଥା । ଯେତେବେଳେ ସେମାନେ ଆତ୍ମସମର୍ପଣ କରିବେ, ସେତେବେଳେ ସେ କଥାଟା ଭାବିବାକୁ ହେବ । ବର୍ତ୍ତମାନ ପୁରିଆଡ଼େ ଭଲ ଅନୁସନ୍ଧାନ ଚଳାଇବା ଏକାନ୍ତ ବିଧେୟ ।

ପୁରା ଦମରେ ଅନ୍ୱେଷଣ ଚାଲିଲା । କପ୍ତାନ ଲାକାଯେତ ସେଣ୍ଟ ବାର୍ଥୋଲେମିଉ ଅନ୍ତରୀପ ଯାଏ ତନ୍ନ ତନ୍ନ କରି ତଲାସ କରି ପକାଇଲା । କିନ୍ତୁ ଦସ୍ୟୁମାନଙ୍କର କୌଣସି ପତ୍ତା ମିଳିଲା ନାହିଁ । ସେମାନେ ଯେମିତି କପୂର ଭଳି ଉଭେଇ ଯାଇଥିଲେ ।

କେତେ ଦିନ ନିଷ୍ଫଳ ଅନୁସନ୍ଧାନରେ କଟିଗଲା । କିନ୍ତୁ ଦସ୍ୟୁମାନଙ୍କର ତଲେ ମାନ ଚିହ୍ନବର୍ତ୍ତ ବି କେଉଁଠି ଦେଖିବାକୁ ମିଳିଲା ନାହିଁ ।

ଅବଶେଷରେ ମାର୍ଚ୍ଚ ଦଶ ତାରିଖ ଦିନ ହେଉ ବେଳେ କେତେ ଜଣ ଫୁଜିୟାନ ଟଳିଟଳି ଆସି ବନ୍ଦଘରର ଫାଟକ ଭିତରେ ପ୍ରବେଶ କଲେ । ଶେଷରେ ଦର୍ଶାଗସ୍ତ ଷ୍ଟ ଥାକିଷ୍ଟ ଲୋକଗାଡ଼ିଙ୍କ

ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ । ସେମାନଙ୍କୁ କିଛି ଖାଇବା ପିଇବାକୁ ଦେବାରୁ ସେମାନେ ଟିକିଏ ତାଜା ହୋଇଗଲେ ଏବଂ ତା'ପରେ ସେମାନଙ୍କୁ ଶାନ୍ତା-ଫି ଜାହାଜର ଗାର-ଦାଣ୍ଡରେ ହାତକଡ଼ି ପିନ୍ଧାଇ ବନ୍ଦୀ କରି ରଖା ହେଲା ।

ଆଉ କିଛି ଦିନ ପରେ । ଦିନେ ଲେଫ୍‌ଟେନାଣ୍ଟ ଗୋଲ ଓ ଯେବଷ୍ଟାର ଅନୁଚରଙ୍କୁ ଅନ୍ୱେଷଣ କରିବାକୁ ଯାଇ ପାଞ୍ଚଟି ମୃତ ଦେହ ଦେଖିବାକୁ ପାଇଲେ ! ଏମାନଙ୍କ ଭିତରେ ବ କଙ୍ଗ୍ରୀ ର କୌଣସି ଖୋଜ ଖବର ମିଳିଲା ନାହିଁ । ପରୀକ୍ଷା କରିବାରୁ ଜଣା ପଡ଼ିଲା ଯେ ଅନାହାରରେ, ଆତଙ୍କରେ ଓ ଦୁଶ୍ଚିନ୍ତାରେ ସେହି ଲୋକ ଗୁଡ଼ାକର ମୃତ୍ୟୁ ହୋଇଛି ।

ଏହାର କିଛି ଦିନ ପରେ ଦିନେ ସନ୍ଧ୍ୟା ବେଳେ ଦେଖାଗଲା ଯେ ବଡଘର ଠାରୁ ପ୍ରାୟ ପାଞ୍ଚ ଶହ ଗଜ ଦୂରରେ ଜଣେ ଲୋକ ଝୁଲି ଝୁଲି ବଡଘର ଆଡ଼କୁ ଅଗ୍ରସର ହେବାକୁ ଚେଷ୍ଟା କରୁଛି, ମାତ୍ର ପାରୁ ନାହିଁ ।

ବଡଘର ନିକଟରେ ଭ୍ରସକୁ ଏକ ନୂଆ ଆଲୋକ-ରକ୍ଷୀମାନଙ୍କ ସାଙ୍ଗରେ ଗପ କରି କରି ପଦଚାରଣ କରୁଥାଏ । ସେହି ଲୋକଟିକୁ ଚିହ୍ନି ପାରି ସେ ପାଟିକଲା—କଙ୍ଗ୍ରୀ ! କଙ୍ଗ୍ରୀ ! ଏଁ, କଙ୍ଗ୍ରୀ କେ ଏଠି ।

ତାର କଣ୍ଠ-ସ୍ୱର ଶୁଣିପାରି କପ୍ତାନ ଲିକାଯେତ ଓ ଲେଫ୍‌ଟେନାଣ୍ଟ ଗୋଲ ଦ୍ରୁତ ପଦରେ ଆସି ସେଠାରେ ଉପସ୍ଥିତ ହୋଇଗଲେ ।

ଜନ ଉଡେନ୍ସ ଓ କେତେ ଜଣ ନାବିକ ଭଙ୍ଗୀ ଆଡକୁ ତୁରନ୍ତ ଦୌଡ଼ିଗଲେ ।

ମାତ୍ର ମୁହୂର୍ତ୍ତିକ ଭିତରେ ହଠାତ୍ ଗୋଟାଏ ରିଭଲଭରର ଶବ୍ଦରେ ସାନ୍ଧ୍ୟ ବାୟୁମଣ୍ଡଳଟା ମୁଖରିତ ହୋଇଗଲା । ଦେଖାଗଲା, କମର-ବେଲ୍ଟରୁ ରିଭଲଭରଟା ଖୋଲିଆଣି ଭଙ୍ଗୀ ନିଜ କପାଳରେ ଲଗାଇ ଗୁଳି ଫୁଟାଇ ଦେଲା ।

ସେ ଭାଙ୍ଗି ପଡ଼ିଲା, ମାତ୍ର ମୁଣ୍ଡ ନୁଆଁଇଲା ନାହିଁ । ସମସ୍ତଙ୍କୁ ଦେଖାଇ ସେ ଫାଶିକାଠକୁ ଏମିତି ଭାବରେ ଫାଙ୍କି ଦେଇ ଚାଲିଗଲା ।

ଷ୍ଟେନ ଦ୍ୱୀପର ବକ୍ଷରେ ତିନି ମାସ ହେଲା ଯେଉଁ ଘଟଣା-ସଂଘାତପୂର୍ଣ୍ଣ ନାଟକ ଅଭିନୀତ ହେଉଥିଲା, ଦସ୍ୟୁ-ନାୟକ ଭଙ୍ଗୀର ଆତ୍ମହତ୍ୟା ଫଳରେ ସହସା ତାହାର ଯବନିକା ପଡ଼ିଗଲା ।

ମାର୍ଚ୍ଚ ତିନି ତାରିଖ ସନ୍ଧ୍ୟାରୁ ବନ୍ଦଘରର ଲଣ୍ଠନ ଠିକ ସମୟରେ ଜଳୁଛି । ଜାସକୁଏଜ ନୂଆ ଆଲୋକ-ରକ୍ଷୀମାନଙ୍କୁ ସବୁ କାମ ବୁଝାଇ ଦେଉଛି । ଲଣ୍ଠନର ଅତସ କାଚରୁ ତୀବ୍ର ଆଲୋକ ରଶ୍ମି ନିୟମିତ ଭାବରେ ବିଚ୍ଛୁରିତ ହେଉଛି ।

ଦସ୍ୟୁମାନଙ୍କ ଭିତରୁ ସାତ ଜଣଙ୍କ ଛଡ଼ା ଆଉ କେହି ଜୀବିତ ନାହାନ୍ତି । ଯେଉଁ ସାତ ଜଣ ବଞ୍ଚି ରହିଛନ୍ତି, ସେମାନେ ସାନ୍ତା-ଫି ଜାହାଜର ଅନ୍ଧକାର ଗାରଦ ଭିତରେ ବସି ବସି ଆସନ୍ନ ମୃତ୍ୟୁ ପାଇଁ ଦିନ ଗଣୁଛନ୍ତି । ବୁଏନୋସ ଆୟାର୍ସର ଅଦାଲତରେ ଯେଉଁ ବିଚାର ଶୀଘ୍ର ଆରମ୍ଭ ହେବ, ତାର ରାୟ କଣ ଦିଆଯିବ ସେମାନେ ଆଗରୁ ତାହା ଅନୁମାନ କରି ପାରିଛନ୍ତି ।

ଜନ ଡ଼େଭସ ଓ ଭ୍ରସକୁଏଜ ଶାନ୍ତା-ଫି ଜାହାଜରେ ବୁଏନୋ-ନସ ଆୟାର୍ସକୁ ଫେରି ଯିବା ପାଇଁ ପ୍ରସ୍ତୁତ ହୋଇଗଲେ । ଡ଼େଭସ ସେଠାରୁ ମବିଲକୁ ଯିବ । ସେଠାରେ ତାର ଉପଯୁକ୍ତ କାମ ଖୋଜି-ନେବା ପାଇଁ ସେ ନିଶ୍ଚୟ ସକ୍ଷମ ହେବ । ଭ୍ରସକୁଏଜ ଏଥର ଦେଶକୁ ଫେରିଯାଇ ବିଶ୍ରାମ ନେବ । ସାରା ଜୀବନ ତ କଠୋର ସଂଗ୍ରାମ ଓ ଦୁଃସାହସିକ କାମରେ ତାର କଟିଗଲା । ପ୍ରୌଢ଼ ବୟସରେ ଆଉ ତାର କାମ କରିବାର ନାହିଁ, ଏଥର ସମ୍ପୂର୍ଣ୍ଣ ଅବସର, ଖାଲି ବିଶ୍ରାମ । କିନ୍ତୁ ତାକୁ ସମ୍ପୂର୍ଣ୍ଣ ଏକାକୀ ଦେଶକୁ ଫେରିଯିବାକୁ ହେବ । ତାର ହତଭାଗ୍ୟ ବନ୍ଧୁ ଦୁଇ ଜଣ ଆଉ ତା ସାଙ୍ଗରେ ଫେରି ପାରିଲେ ନାହିଁ ।

ମାର୍ଚ୍ଚ ଅଠର ତାରିଖ । ଶାନ୍ତା-ଫି ଜାହାଜ ବଡ଼ଘରର ମିନାରକୁ ବିଦାୟ ଅଭିନନ୍ଦନ ଜଣାଇଲା ।

ଶାନ୍ତା-ଫି ଯାତ୍ରା ଆରମ୍ଭ କଲା ବେଳକୁ ସୂର୍ଯ୍ୟ ଅସ୍ତ ଯାଉଥିଲେ ।

ଯେତେବେଳେ ଗୋଟାଏ ତୀବ୍ର ଆଲୋକର ବନ୍ୟା ଘନ୍ୟାନ୍ଧ-କାରକୁ ଧୋଇଦେଲା । ସେହି ଅଲୋକ ଶାନ୍ତା ଫି ସାମନାରେ ଅସୀମ ସମୁଦ୍ର-ତରଙ୍ଗରେ ନୃତ୍ୟ-ଚଞ୍ଚଳ ହୋଇ ଉଠିଲା । କ୍ରମେ କ୍ରମେ ଅନ୍ଧକାର ଯେତେ ଘନ ହେବାକୁ ଲାଗିଲା, ଆଲୋକର ଔଜ୍ଜ୍ୱଲ୍ୟ ସେତେ ବେଶୀ ବଢ଼ିବାକୁ ଲାଗିଲା, ଏବଂ ଶାନ୍ତା-ଫି ଦୂରରୁ ଦୂରତମକୁ ଯାଇ ମିଳାଇ ଯିବାକୁ ଲାଗିଲା ।

ଯେତେବେଳେ ଦିକ୍-ଚକ୍ରବାଳରେ ଶାନ୍ତା-ଫିର ସବୁଜ ଆଲୁଅଟି ଛୋଟ ବିନ୍ଦୁଟିଏ ଭଳି ଜଳିବାକୁ ଲାଗିଲା, ସେତେବେଳେ

ମନେ ହେଲା ସେହି ଆଲୋକର ଔଜଲ୍ୟ ଯେମିତି ପୃଥିବୀର ଶେଷ ସୀମାରେ ଅବସ୍ଥିତ ବଡ଼ଘରର ଲଣ୍ଠନ-ଆଲୁଅରେ ଅବଗାହନ କରୁଛି । ଧୀରେ ଧୀରେ ଶାନ୍ତା-ଫେର ସବୁଜ ଆଲୋକ-ବିନ୍ଦୁ ଦିଗନ୍ତରେ ମିଳାଇଗଲା ।

ସେତେବେଳେ ଲଣ୍ଠନର ଆତସ-କାଚ ଅନ୍ଧକାର ଉପରେ ଏକ ବିରାଟ ତିନିକୋଣିଆ ଆଲୁଅ ପକାଇ ଥାଏ । ପୃଥିବୀର ଶେଷ ସୀମାରେ ସ୍ଥିତ ବଡ଼ଘରର ସ୍ପର୍ଶ ନେଇ, ଶାନ୍ତା-ଫେ ସଭ୍ୟତାର ସଂସ୍ପର୍ଶ ପାଇବାକୁ ଅନ୍ଧକାର ଭିତରେ ଫେରି ଯାଉଛି ।

ଲଣ୍ଠନର ଆଲୁଅରେ ସାଗରର ଢେଉର ଫେଣଗୁଡ଼ାକ ଗୋଲାପୀ ହୋଇ ଚକ୍‌ଚକ୍ କରିବାକୁ ଲାଗିଲା । କୁଆରର ଜଳ କ୍ରମେ କ୍ରମେ ଫୁଲିଉଠି ବାଲିକୁଦ ଗୁଡ଼ାକୁ ଢାଙ୍କି ଦେଲା । ସମୁଦ୍ରର ରୁପା କଣ୍ଠ-ସ୍ୱର ଆହୁରି ଗମ୍ଭୀର, ଆହୁରି ରହସ୍ୟମୟ ହୋଇ ଉଠିଲା—ପବନର ଏକ-ସ୍ୱର ମର୍ମର ଧ୍ୱନି ।

ପୃଥିବୀର ଶେଷ ସୀମାରେ ସ୍ଥାପିତ ବଡ଼ଘରର ଲଣ୍ଠନ ଅନ୍ଧକାରକୁ ଖଣ୍ଡ ବିଖଣ୍ଡ କରି ଜଳିବାକୁ ଲାଗିଲା ।

**ଶେଷ**

ନଂ ୦/133
ତା 13/3/57

ମୁଦ୍ରାକର ଶ୍ରୀ ଖାଦ୍ରମଣି ଦାସ, ପ୍ରଗତି ପ୍ରେସ—କଟକ—୧